ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବି

**Odisha State Op**

**Sambalp**

# ସ୍ନାତକ କାର୍ଯ୍ୟକ୍ରମ

## ଓଡ଼ିଆ (ସମ୍ମାନ)

## *BAOD (HONOURS)*

### ଓଡ଼ିଆ ଭାଷା ଓ ଲିପିର ଐତିହାସିକ ବିକାଶକ୍ରମ

# ପ୍ରଥମ ଏକକ
# ଭାରତୀୟ ଭାଷା ପରିବାର

**ବିଷୟ ଗଠନ:**

୧.୧ ପଠନର ଉଦ୍ଦେଶ୍ୟ
୧.୨ ଶିକ୍ଷଣୀୟ ବିଷୟ
୧.୩ ବିଷୟ ପ୍ରବେଶ
୧.୪ ପୃଥିବୀର ଭାଷା ପରିବାର
୧.୫ ଭାରତର ଭାଷା ପରିବାର
୧.୬ ଆଧୁନିକ ଭାରତୀୟ ଆର୍ଯ୍ୟଭାଷାଗୁଡ଼ିକର ସଂକ୍ଷିପ୍ତ ପରିଚୟ
୧.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ
୧.୮ ସହାୟକ ଗ୍ରନ୍ଥସୂଚୀ

## ୧.୧ ପଠନର ଉଦ୍ଦେଶ୍ୟ

ଭାଷା ମନୁଷ୍ୟର ଚିନ୍ତାଧାରା ବିନିମୟର ଓ ଭାବ ବିନିମୟର ମାଧ୍ୟମ (System of Human Communication) ଭାଷା ଏକ ସାମାଜିକ ସମ୍ପତ୍ତି । ଭାଷା ଗୋଟିଏ ସାଂସ୍କୃତିକ ପରମ୍ପରାକୁ ପ୍ରତିବମ୍ବିତ ଓ ପ୍ରଭାବିତ କରେ। ସାଂସ୍କୃତିକ ପରମ୍ପରା ଗୋଟିଏ ଭାଷାକୁ ମଧ୍ୟ ପ୍ରଭାବିତ କରେ। ବିଂଶ ଶତାବ୍ଦୀରୁ ଭାଷା ଅଧ୍ୟୟନ ପାଇଁ ବିଶେଷ ଗୁରୁତ୍ୱାରୋପ ପ୍ରଦାନ କରାଯାଇଛି। ଭାଷାର ବିଭାଗୀ-କରଣ କରାଯାଇଛି। ଯେପରି - ପୃଥିବୀର ଭାଷା ପରିବାର ଓ ଭାରତରେ ଭାଷା ପରିବାର ଇତ୍ୟାଦି। ପୃଥିବୀର ଭାଷାମାନଙ୍କୁ ଅଧ୍ୟୟନ କରିଥିବା ପ୍ରମୁଖ ଭାଷାବିତ୍‌ମାନେ ହେଲେ ଜାକବ ଗ୍ରୀମ୍, ଭାଷାବିଜ୍ଞାନୀ ରାସ୍କ, ଫ୍ରନ୍‌ଜ ବପ୍ ଇତ୍ୟାଦି। ଏହି ଭାଷା ବିଜ୍ଞାନୀ ମାନେ ପୃଥିବୀର ଭାଷାମାନଙ୍କୁ ବିଭିନ୍ନ ପରିବାରରେ ବିଭକ୍ତ କରିଛନ୍ତି। ଏହି ଭାଷା ପରିବାରଗୁଡ଼ିକୁ ବିଦ୍ୟାର୍ଥୀମାନେ ଅଧ୍ୟୟନ କଲେ ପୃଥିବୀର ଭାଷାପରିବାର ସମ୍ପର୍କରେ ଅବଗତ ହୋଇପାରିବେ। ପୃଥିବୀର ବିଭିନ୍ନ ଭାଷାର ଭାଷାକ୍ଷେତ୍ର, ସେମାନଙ୍କର ବିକାଶକାଳ, ସେମାନଙ୍କର ଭାଷାର ବୈଶିଷ୍ଟ୍ୟ, ବିଭିନ୍ନ ମୂଳଭାଷାର ଉପଭାଷା - ଏ ସମ୍ପର୍କରେ ମଧ୍ୟ ଅବଗତ ହୋଇ ପାରିବେ। ପୃଥିବୀର ବିଭିନ୍ନ ଭାଷା ପରିବାର ମଧ୍ୟରେ ତୁଳନାତ୍ମକ ଜ୍ଞାନ ମଧ୍ୟ ଲାଭ କରିପାରିବେ।

ସେହିପରି ଭାରତରେ ବିଭିନ୍ନ ଭାଷାଗୋଷ୍ଠୀ, ବିଭିନ୍ନ ଭାଷା ପରିବାର ରହିଛି। ସେଗୁଡ଼ିକର କାଳାନୁକ୍ରମିକ ଅଧ୍ୟୟନ, ସେମାନଙ୍କର ବିକାଶକାଳ, ସେହି ଭାଷାମାନଙ୍କର ବିଶେଷତ୍ୱ, ସେମାନଙ୍କର ବିକାଶକାଳ, ସେହି ଭାଷାମାନଙ୍କର ବିଶେଷତ୍ୱ ଗୁଡ଼ିକୁ ବିଦ୍ୟାର୍ଥୀମାନେ ଅଧ୍ୟୟନ କରିବା ଏବଂ ଉପଯୁକ୍ତ ଭାଷାଗୋଷ୍ଠୀ ସମ୍ପର୍କରେ ଅବଗତ ହେବା ଏକାନ୍ତ ବାଞ୍ଛନୀୟ।

## ୧.୨ ଶିକ୍ଷଣୀୟ ବିଷୟ

ଏହି ଏକକରେ ବିଦ୍ୟାର୍ଥୀମାନେ ନିମ୍ନଲିଖିତ ପ୍ରସଙ୍ଗ ଗୁଡ଼ିକ ଜାଣିପାରିବେ :

- ପୃଥିବୀର ଭାଷା ପରିବାର ସମ୍ପର୍କରେ ଜ୍ଞାନ ଆହରଣ କରିବେ
- ପୃଥିବୀର ବିଭିନ୍ନ ଭାଷାର ଭାଷାକ୍ଷେତ୍ର ସମ୍ପର୍କରେ ଅବଗତ ହେବେ
- ପୃଥିବୀର ବିଭିନ୍ନ ଭାଷାର ବିକାଶ କାଳ ସମ୍ପର୍କରେ ଅବଧାରଣା
- ପୃଥିବୀର ବିଭିନ୍ନ ଭାଷାର ବୈଶିଷ୍ଟ୍ୟ ସମ୍ପର୍କରେ ଜ୍ଞାନ ଆହରଣ
- ଭାରତରେ ବିଭିନ୍ନ ଭାଷାଗୋଷ୍ଠୀ ସମ୍ପର୍କରେ ଅବଧାରଣା

## ୧.୩ ବିଷୟ ପ୍ରବେଶ

ପୃଥିବୀର ଭାଷାମାନଙ୍କୁ ଅଧ୍ୟୟନ କରାଯାଇ ସେମାନଙ୍କୁ ବିଭିନ୍ନ ଶାଖା ଓ ପରିବାରରେ ବିଭକ୍ତି କରାଯାଇଛି । ପୃଥିବୀର ପ୍ରମୁଖଭାଷା ପରିବାର ଗୁଡ଼ିକ ହେଉଛି - (୧) ଇଣ୍ଡୋ-ୟୁରୋପୀୟ, (୨) ଆଫ୍ରିକା ଏସୀୟ (୩) ଚୀନା-ତିବ୍ବତୀୟ (୪) ଫିନୋ-ଉଗ୍ରୀୟ (୫) ଆଲଟାଇକ୍ (୬) ଦ୍ରାବିଡ଼ (୭) ଅଷ୍ଟିକ୍ ପରିବାର (୮) କକେସିଆନ୍ (୯) ଆମେରିକାନ୍ (୧୦) ଅଷ୍ଟ୍ରେଲିଆନ୍ ପରିବାର (୧୧) ଇଣ୍ଡୋନେସିଆ ପରିବାର (୧୨) ମାଲେନେସିଆନ୍ (୧୩) ପାଲେ ନେସିଆନ୍ (୧୪) ପାପୁଆ ପରିବାର । ଇଣ୍ଡୋ-ୟୁରୋପୀୟ ଭାଷାର ପ୍ରମୁଖ ଶାଖାଗୁଡ଼ିକର ନାମ ହେଉଛି - ଭାରତୀୟ ଆର୍ଯ୍ୟ, ଇରାନୀୟ, ଆର୍ଯ୍ୟନୀୟ, ଆଲ୍‌ବେନୀୟ, ବଲେଟ୍ରାସ୍ଲାରୀୟ, ଗ୍ରୀକ୍, ଲାଟିନ୍, କେଲ୍‌ଟିକ୍, ଜର୍ମାନିକ୍, ତୋଖାରିଖାନ ହିଟାଇଟ୍ । ଆଫ୍ରିକା- ଏସିୟା ପରିବାର ମଧ୍ୟ ଶାଖା ରହିଛି ।

ଭାରତୀୟ ଆର୍ଯ୍ୟଭାଷାକୁ ବିକାଶକ୍ରମ ଦୃଷ୍ଟିରୁ ତିନିଗୋଟି ପର୍ଯ୍ୟାୟରେ ବିଭକ୍ତକରାଯାଇଛି । ଯଥା -

(୧) ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷା ବା ସଂସ୍କୃତ

(ଖ୍ରୀ. ପୂ. ୨୦୦୦ - ଖ୍ରୀ.ପୂ. -୫୦୦)

(୨) ମଧ୍ୟ ଭାରତୀୟ ଆର୍ଯ୍ୟଭାଷା -

ପ୍ରଥମସ୍ତର (କ) ପାଲି (ଖ୍ରୀ. ପୂ. ୫୦୦ - ଖ୍ରୀ.ପୂ. -୨୦୦)

ଦ୍ୱିତୀୟ ସ୍ତର (ଖ) ପ୍ରାକୃତ (ଖ୍ରୀ. ପୂ. ୨୦୦ - ଖ୍ରୀ.ପୂ. -୫୦୦)

ତୃତୀୟ ସ୍ତର (ଗ) ଅପଭ୍ରଂଶ (ଖ୍ରୀ. ପୂ. ୫୦୦ - ଖ୍ରୀ.ପୂ. -୧୦୦୦)

ଆଧୁନିକ ଭାରତୟ ଆର୍ଯ୍ୟଭାଷା ଗୁଡ଼ିକ ମଧ୍ୟରେ ଉଲ୍ଲେଖଯୋଗ୍ୟ କେତୋଗୋଟି ହେଉଛି - କାଶ୍ମିରୀ, ପଶ୍ଚିମପଞ୍ଜାବୀ ବା ଲହନ୍ଦା, ପୂର୍ବ-ପଞ୍ଜାବୀ, ପାହାଡ଼ୀ, ସିଂହଳୀ, ବିହାରୀ, ଆସାମୀ, ବଙ୍ଗଳା, ଗୁଜୁରାଟୀ, ରାଜସ୍ଥାନୀ, ଭୀଲା, ସିନ୍ଧୁ, ପୂର୍ବୀ-ହିନ୍ଦୁ ପଶ୍ଚିମୀହିନ୍ଦୀ, ମରାଠୀ, ଓଡ଼ିଆ ଇତ୍ୟାଦି ।

# ୧.୪ ପୃଥିବୀର ଭାଷା ପରିବାର

ପୃଥିବୀର ଭାଷାମାନଙ୍କୁ ଅଧ୍ୟୟନ କରି ଜାକବ୍ ଗୀମ୍, ଭାଷାବିଜ୍ଞାନୀ ରାସ୍କ ଏବଂ ଫ୍ରାନ୍‌ଜ ବପ୍ ପ୍ରଭୃତି ବିଶିଷ୍ଟ ଭାଷାବିତ୍‌ମାନେ ସେମାନଙ୍କୁ ବିଭିନ୍ନ ଶାଖା ଓ ପରିବାରରେ ବିଭକ୍ତ କରିଥିଲେ। ଏହି ପ୍ରକାର ବିଭାଜନକୁ ପାରିବାରିକ ବିଭାଗୀକରଣ କୁହାଯାଏ। ଏହାକୁ ମଧ ଉତ୍ପତ୍ତିମୂଳକ ବିଭାଗୀକରଣ କୁହାଯାଏ। ପାରିବାରିକ ବିଭାଗୀକରଣ ଅନୁସାରେ ଭାଷାମାନଙ୍କୁ ନିମ୍ନ ଭାଗରେ ବିଭକ୍ତ କରାଯାଇଛି -

୧) ଇଣ୍ଡୋ-ୟୁରୋପୀୟ (Indo - European)

୨) ଆଫ୍ରିକା - ଏସୀୟା ବା ଆଫ୍ରୋ - ଏସୀୟ (Afro-Asian)

୩) ଚୀନା - ତିବତ୍ତୀୟ (Tibeto -Chinese)

୪) ଫିନୋଉଗୀୟ (Finno-Ugric)

୫) ଆଲଟାଇକ୍ (Altaic)

୬) ଦ୍ରାବିଡ଼ (Dravidan)

୭) ଅଷ୍ଟ୍ରିକ୍ ପରିବାର (Austric)

୮) କକେସିଆନ୍ (Caucasian)

୯) ଆମେରିକାନ୍ (American)

୧୦) ଅଷ୍ଟ୍ରେଲିଆନ୍ ପରିବାର

୧୧) ଇଣ୍ଡୋନେସିଆନ୍

୧୨) ମାଲେନେସିଆନ୍

୧୩) ପାଲେନେସିଆନ୍

୧୪) ପାପୁଆ ପରିବାର

### (୧) ଇଣ୍ଡୋ- ୟୁରୋପୀୟ :

ଊନବିଂଶ ଶତାବ୍ଦୀରେ ୟୁରୋପରେ ଯେଉଁ ଭାଷା-ଅଧ୍ୟୟନ ଓ ଗବେଷଣା ଚାଲୁ ରହିଥିଲା, ସେହି ମହନୀୟ କାର୍ଯ୍ୟର କର୍ଣ୍ଣଧାର ଥିଲେ ଭାଷାବିତ୍ ରସମୁସ୍ ରାସ୍କ, ଜାକୋବ୍ ଗ୍ରୀମ୍ ଏବଂ ଫ୍ରାନ୍‌ଜ ବପ୍। ବିଶ୍ଳେଷଣରୁ ସେମାନେ ଅବଗତ ହେଲେ ଯେ ଭାରତର କେତେକ ଭାଷା ୟୁରୋପର ଗ୍ରୀକ୍ ଭାଷାଠାରୁ ପ୍ରାଚୀନତର। ସୁତରାଂ ସେମାନେ ଭାରତ ୟୁରୋପ ଭାଷାମାନଙ୍କୁ ଅଧିକତର ଗବେଷଣା କରିବାପାଇଁ ଆଗ୍ରହୀ ହେଲେ। ଯଦ୍ୱାରା କି ଐତିହାସିକ ଭାଷା ବିଜ୍ଞାନର ମୂଳଦୁଆ ପଡ଼ିଲା। ଏହି ଭାଷାବିତ୍‌ମାନଙ୍କ ଦ୍ୱାରା ସ୍ଥିରୀକୃତ ଭାଷା ପରିବାରଗୁଡ଼ିକ ମଧ୍ୟରେ ଇଣ୍ଡୋ-ୟୁରୋପୀୟ ପରିବାର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ବୋଲି ବିଚାର କରାଗଲା।

ପୂର୍ବରୁ ଇଣ୍ଡୋ - ୟୁରୋପୀୟ ପରିବାରର ନାମକରଣ ରଖାଯାଇଥିଲା 'ଇଣ୍ଡୋ-ଜର୍ମାନିକ୍'। ପରବର୍ତ୍ତୀକାଳରେ ଏହି ନାମକରଣକୁ ପରିହାର କରି ରଖାଗଲା କେବଳ 'ଏରିୟାନ୍' ବା 'ଆର୍ଯ୍ୟ'। କିନ୍ତୁ 'ଏରିୟାନ୍' ଶବ୍ଦକୁ ରାଜନୈତିକ ଉଦ୍ଦେଶ୍ୟରେ ବ୍ୟବହାର କରାଯିବାରୁ ଏହି ନାମକରଣକୁ ମଧ୍ୟ ପରିହାର କରାଗଲା। ଏହାପରେ ଏହି ପରିବାରର ଭିନ୍ନ ଭିନ୍ନ ନାମକରଣ କରାଯାଇଥିଲେ ହେଁ କେବଳ 'ଇଣ୍ଡୋ-ୟୁରୋପୀୟ' ଶବ୍ଦଟି ବ୍ୟବହାରରେ ରହିଲା।

ଇଣ୍ଡୋ-ୟୁରୋପୀୟ ପରିବାର ଅନ୍ତର୍ଗତ ପ୍ରମୁଖ ଶାଖାଗୁଡ଼ିକର ନାମ ହେଲା -

| | |
|---|---|
| ଭାରତୀୟ ଆର୍ଯ୍ୟ | ଲାଟିପ୍ |
| ଇରାନୀୟ | କେଲ୍‌ଟିକ୍ |
| ଆର୍ମେନୀୟ | ଜର୍ମାନିକ୍ |
| ଆଲ୍‌ବେନୀୟ | ତୋଖାରିଆନ୍ |
| ବଲ୍‌ଟୋସ୍ଲାଭୀୟ | ହିଟ୍ଟାଇଟ୍ |
| ଗ୍ରୀକ୍ | |

## ଭାରତୀୟ ଆର୍ଯ୍ୟ

ଭାରତୀୟ ଆର୍ଯ୍ୟ ଇଣ୍ଡୋ-ଇରାନିଆନ୍ ଶାଖାର ଉପଶାଖା। ହଜାର ହଜାର ବର୍ଷ ତଳେ ଯେଉଁ ଲୋକମାନେ ଇରାନ୍ ମଧ୍ୟଦେଇ ଭାରତକୁ ଆଗମନ କରିଥିଲେ ସେହିମାନଙ୍କର ଭାଷା ଇଣ୍ଡୋ-ଇରାନିଆନ୍ ଶାଖାର ଅନ୍ତର୍ଭୁକ୍ତ। ଭାରତୀୟ ଆର୍ଯ୍ୟଭାଷାମାନଙ୍କୁ ତିନିଗୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଛି। ଯଥା -

(କ) ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷା

(ଖ) ମଧ୍ୟ ଭାରତୀୟ ଆର୍ଯ୍ୟଭାଷା

(ଗ) ଆଧୁନିକ ଭାରତୀୟ ଆର୍ଯ୍ୟଭାଷା

**(କ) ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷା :** ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷା ହେଉଛି ବୈଦିକ ସଂସ୍କୃତ ଓ ଲୌକିକ ସଂସ୍କୃତ। ଖ୍ରୀ.ପୂ. ୧୨୦୦ ଶତାବ୍ଦୀ ପୂର୍ବରୁ ରଚିତ ଋଗ୍‌ବେଦ ଏହି ଶାଖାର ପ୍ରାଥମିକ ନିଦର୍ଶନ। କାଳକ୍ରମେ ବୈଦିକ ସଂସ୍କୃତ ଯେତେବେଳେ ବିଭିନ୍ନ ସ୍ତର ଓ କ୍ଷେତ୍ର ଦେଇ ବିଭିନ୍ନ ରୂପରେ ବିକଶିତ ହେଲା। ବୈୟାକରଣିକ ପାଣିନି ଏହି ଭାଷାକୁ ବିଶ୍ଳେଷଣ କରି ତାହାର ଏକ ସ୍ଥିର ରୂପ ପ୍ରଦାନ କଲେ। ଏହାର ନାମ ରଖାଗଲା ସଂସ୍କୃତ। ସଂସ୍କୃତକୁ ଇଂରାଜୀରେ 'regulated ', 'cultivated' ଓ 'correct' ଭାବରେ ନିରୂପଣ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ୟୁରୋପରେ ଯେପରି ଲାଟିପ୍, ଓଲ୍ଡ଼ଚର୍ଚ୍ଚ ସ୍ଲାଭନିକ୍ ଏବଂ ପ୍ରାଚୀନ ଆରବିକ୍ ଭାଷା ପ୍ରଚଳିତ, ସେହିପରି ଭାରତବର୍ଷରେ ଦେବଭାଷା ସଂସ୍କୃତର ବ୍ୟବହାର ଥିଲା ଏବଂ ହେଉଛି ମଧ୍ୟ।

**(ଖ) ମଧ୍ୟ ଭାରତୀୟ ଆର୍ଯ୍ୟଭାଷା :** ମଧ୍ୟ ଭାରତୀୟ ଆର୍ଯ୍ୟଭାଷାର ତିନିଗୋଟି ସ୍ତର ରହିଛି - ପାଳି, ପ୍ରାକୃତ ଓ ଅପଭ୍ରଂଶ । ମଧ୍ୟ ଭାରତୀୟ ଆର୍ଯ୍ୟଭାଷାର ପ୍ରଥମ ସ୍ତରଟି ହେଉଛି ପାଳି । ବୁଦ୍ଧଦେବଙ୍କ ଧର୍ମ ଓ ଅଶୋକଙ୍କର ଅନୁଶାସନ ପାଳି ଭାଷାରେ ରଚିତ । ଭାରତବର୍ଷରେ ପାଳିଭାଷା ବେଶ୍ ଜଣାଶୁଣା ଓ ସୁବିଦିତ ଭାଷା ।

ମଧ୍ୟ ଭାରତୀୟ ଆର୍ଯ୍ୟଭାଷାର ଦ୍ୱିତୀୟ ସ୍ତରଟି ହେଉଛି ପ୍ରାକୃତ । ଭାରତବର୍ଷରେ ପ୍ରଚଳିତ ଥିବା ପାଞ୍ଚଗୋଟି ପ୍ରମୁଖ ପ୍ରାକୃତ ଭାଷା ହେଲା - ମହାରାଷ୍ଟ୍ରୀ, ସୌରସେନୀ, ମାଗଧୀ, ପୈଶାଚୀ ଓ ଅର୍ଦ୍ଧମାଗଧୀ । ଏମାନଙ୍କ ସାହିତ୍ୟିକ ପ୍ରାକୃତ କୁହାଯାଏ । ମାହାରାଷ୍ଟ୍ରୀ ପ୍ରାକୃତ ଭାରତର ଦକ୍ଷିଣ-ପଶ୍ଚିମାଂଶରେ, ସୌରସେନୀ ମଧ୍ୟ ଭାରତରେ ପ୍ରଚଳିତ ଥିଲା । ମାଗଧୀ ପ୍ରାକୃତ ପୂର୍ବ ଭାରତରେ, ପୈଶାଚୀ ଉତ୍ତର-ପଶ୍ଚିମ ଭାରତରେ ଏବଂ ଅର୍ଦ୍ଧମାଗଧୀ ମଧ୍ୟ - ପୂର୍ବ ଭାରତରେ ପ୍ରଚଳିତ ଥିଲା । ଏହା ବ୍ୟତୀତ ସାର୍ ଆରେଲ ଷ୍ଟେନ୍ (Sir Aural Stein) 'ନିୟପ୍ରାକୃତ' ଭାଷାର ସନ୍ଧାନ କରିଥିଲେ । ସେ ମଧ୍ୟ - ଏସିଆ ସାନ୍ - ସାନ୍ ରାଜ୍ୟରୁ ଖରୋଷ୍ଠୀ ଲିପିରେ ଲିଖିତ ଯେଉଁସବୁ ପତ୍ରାବଳୀର ସନ୍ଧାନ କଲେ, ତାହାର ନାମ ରଖିଥିଲେ 'ନିୟପ୍ରାକୃତ' । 'ନିୟପ୍ରାକୃତ' ଭାଷା ସହିତ ସମ୍ରାଟ ଅଶୋକଙ୍କର ଶହାବାଜଗଡ଼ ଓ ମାନସେରା ଅଭିଲେଖର ଭାଷା ସହିତ ସାମ୍ୟ ରହିଛି ବୋଲି ଭାଷାବିତ୍‌ମାନଙ୍କର ମତ ।

ମଧ୍ୟ ଭାରତୀୟ ଆର୍ଯ୍ୟଭାଷାର ତୃତୀୟ ସ୍ତରଟି ହେଉଛି 'ଅପଭ୍ରଂଶ' । ସିଦ୍ଧାଚାର୍ଯ୍ୟମାନଙ୍କର ବୌଦ୍ଧଗାନ ଓ ଦୋହା ଏବଂ ତୁଳସୀବଚନ ଏହି ଅପଭ୍ରଂଶ ଭାଷାରେ ଲିଖିତ ।

**(ଗ) ଆଧୁନିକ ଭାରତୀୟ ଆର୍ଯ୍ୟଭାଷା :** ପ୍ରାୟତଃ ଖ୍ରୀଷ୍ଟାବ୍ଦ ୧୦୦୦/ ୧୧୦୦ ବେଳକୁ ବଙ୍ଗଳା, ଓଡ଼ିଆ, ଆସାମୀ, ହିନ୍ଦୀ, ଗୁଜୁରାଟୀ, ମରାଠୀ ପ୍ରଭୃତି ଆଧୁନିକ ଭାରତୀୟ ଆର୍ଯ୍ୟଭାଷାମାନଙ୍କର ଉତ୍ପତ୍ତି ଘଟିଲା । ଅପଭ୍ରଂଶ ଭାଷାରୁ ଆଧୁନିକ ଭାରତୀୟ ଆର୍ଯ୍ୟଭାଷାମାନେ ବିକାଶଲାଭ କଲେ । ଆଧୁନିକ ଭାରତୀୟ ଆର୍ଯ୍ୟମାନଙ୍କ ମଧ୍ୟରେ ଶାସ୍ତ୍ରୀୟ ମାନ୍ୟତା ଲାଭ କରିବାରେ ଓଡ଼ିଆ ଭାଷା ସର୍ବପ୍ରଥମ ।

## ଇରାନୀୟ ଆର୍ଯ୍ୟ

ଭାରତୀୟ ଆର୍ଯ୍ୟଭାଷା ଯେପରି ତିନିଭାଗରେ ବିଭକ୍ତ ଇରାନୀୟ ଭାଷାମାନଙ୍କୁ ସେହିପରି ତିନିଭାଗରେ ବିଭକ୍ତ କରାଯାଇଛି । ଯଥା - ଆଦି, ମଧ୍ୟ ଓ ଆଧୁନିକ । ପ୍ରାଚୀନ ଭାରତୀୟ ଆର୍ଯ୍ୟ ଶାଖାର ବୈଦିକ ସଂସ୍କୃତକୁ ପ୍ରାଚୀନ ଇରାନୀୟ ଶାଖାର ଆଭେସ୍ତା ସହିତ ଏବଂ ସଂସ୍କୃତକୁ ପ୍ରାଚୀନ ପାରସିକ ସହିତ ତୁଳନା କରାଯାଇପାରେ । ବେଦ ଯେପରି ହିନ୍ଦୁମାନଙ୍କର ଧର୍ମଗ୍ରନ୍ଥ, ସେହିପରି ଆଭେସ୍ତା ଜୋରାଷ୍ଟ୍ରିଆନ୍‌ମାନଙ୍କର ଧର୍ମଗ୍ରନ୍ଥ । ବେଦ ଏବଂ ଆଭେସ୍ତାର ଭାଷା ମଧ୍ୟରେ କେତେକ ସାମଞ୍ଜସ୍ୟ ରହିଛି । ଉଦାହରଣ ସ୍ୱରୂପ, ବୈଦିକ, 'ଦେବ', 'ଅସୁର', ଏବଂ 'ସିନ୍ଧୁ' ଆଭେସ୍ତାରେ ଯଥାକ୍ରମେ 'ଦାଏବ', 'ଅହୁର' ଓ 'ହିନ୍ଦୁ' ରୂପରେ ବ୍ୟବହୃତ ।

ପ୍ରାଚୀନ ପାରସିକ ଭାଷା ଭାରତବର୍ଷର ଲୌକିକ ସଂସ୍କୃତର ସମକକ୍ଷ । ଇରାନ୍‌ର ବେହିସ୍ତାନ ନାମକ ସ୍ଥାନରେ ପ୍ରସ୍ତର ଗାତ୍ରରେ ଯେଉଁ ତ୍ରିଭାଷୀ ଅଭିଲେଖ ଅଛି, ତାହା ପ୍ରାଚୀନ ପାରସିକ ଭାଷାର ନମୁନା । ଏହାବ୍ୟତୀତ ଡରାୟସ୍ (୫୨୧-୪୮୬ ଖ୍ରୀ.ପୂ) ଏବଂ ଜକ୍‌ସିଜ୍ (ଖ୍ରୀ.ପୂ. ୪୮୬-୪୬୫) ଙ୍କ ଅଭିଲେଖରେ ପ୍ରାଚୀନ ପାରସିକ ଭାଷାର ନମୁନା ରହିଛି ।

ମଧ୍ୟ ଇରାନୀୟ ଭାଷାର ନାମ ପାହଲ୍‌ବୀ। ଏହାର ବିକାଶ କାଳ ଖ୍ରୀ.ପୂ. ୩୦୦ ରୁ ଖ୍ରୀଷ୍ଟାବ୍ଦ ୯୦୦। ପାହଲ୍‌ବୀ ଭାଷା ମଧ୍ୟ ଭାରତୀୟ ଆର୍ଯ୍ୟଭାଷା ପାଲି ଓ ପ୍ରାକୃତର ସମକକ୍ଷ। ଏହି କାଳରେ ଏହା ପାରସ୍ୟ ସାମ୍ରାଜ୍ୟର ଭାଷାରୂପେ ବ୍ୟବହୃତ ହେଉଥିଲା।

ଆଧୁନିକ ଇରାନୀୟ ଭାଷାଗୁଡ଼ିକ ହେଲେ ବାଲୁଚୀ ଓ ପସ୍ତୋ। ବାଲୁଚୀ ଭାଷାକୁ ପଶ୍ଚିମ ପାକିସ୍ତାନର କେତେକ ଲୋକ ବ୍ୟବହାର କରିଥାନ୍ତି। ସେହିପରି ପସ୍ତୋ ଭାଷା ଆଫଗାନିସ୍ତାନର ରାଷ୍ଟ୍ରଭାଷାରୂପେ ଗୃହୀତ। ଆଉ କେତେଗୋଟି ଆଧୁନିକ ଇରାନୀୟ ଭାଷାଗୁଡ଼ିକର ନାମ ହେଲା ଇରାନର ପର୍ସିଆନ, ପଶ୍ଚିମ ଇରାନ୍‌ର କୁର୍ଦିସ୍ ଏବଂ ଉତ୍ତର କକେସସ୍‌ର ଓସେଟିକ୍।

**ଆର୍ମେନୀୟ ବା ଆର୍ମେନିଆନ୍ (Armenian) :**

ଆର୍ମେନୀୟ ଭାଷାର ଭାଷାକ୍ଷେତ୍ର ପଶ୍ଚିମ ରୁଷ, ପୂର୍ବ ତୁର୍କୀ ଓ କକେସସ୍ ପାର୍ବତ୍ୟ ଅଞ୍ଚଳ। ଖ୍ରୀଷ୍ଟାବ୍ଦ ପଞ୍ଚଦଶ ଶତାବ୍ଦୀ ପର୍ଯ୍ୟନ୍ତ ଏହି ଭାଷାର କୌଣସି ସନ୍ଧାନ ମିଳି ନଥିଲା। ଏହି ଭାଷାକୁ ଏକ ମହତ୍ତ୍ୱପୂର୍ଣ୍ଣ ଭାଷା ଭାବରେ ମାନ୍ୟତା ପ୍ରଦାନ କରିବାର ମୁଖ୍ୟ କାରଣ ଏହି ଯେ ଏହି ଭାଷାରେ ଖ୍ରୀଷ୍ଟଧର୍ମ ସମ୍ବନ୍ଧୀୟ ବହୁ ଲିଖିତ ତଥ୍ୟ ରହିଛି। ଆଧୁନିକ ଆର୍ମେନୀୟ ଭାଷାକୁ ପୂର୍ବ ଓ ପଶ୍ଚିମ ଆର୍ମେନୀୟ ଭାବରେ ବିଭକ୍ତ କରାଯାଇଛି। ପୂର୍ବ ଆର୍ମେନୀୟ ରୁଷ ଅଞ୍ଚଳରେ ଏବଂ ପଶ୍ଚିମ ଆର୍ମେନୀୟ ତୁର୍କୀ ଅଞ୍ଚଳରେ ବ୍ୟବହୃତ ହୁଏ। ଜିପ୍‌ସି ଏହି ଆର୍ମେନୀୟ ପରିବାରର ଏକ ଶାଖା। ଏସିଆ ମାଇନରରେ ଯେଉଁ ଫ୍ରିଜିୟାନ୍ ଭାଷା ବହୁବର୍ଷ ପୂର୍ବେ ପ୍ରଚଳିତ ଥିଲା, ତାହା ଆର୍ମେନୀୟ ଭାଷା ଅନ୍ତର୍ଗତ ବୋଲି ଅନେକ ବିଶ୍ୱାସ କରନ୍ତି।

**ଆଲ୍‌ବେନୀୟ/ ଆଲବେନିୟାନ୍ (Albanian) :**

୧୬୮୫ ସାଲ ପର୍ଯ୍ୟନ୍ତ ଏହି ଭାଷା ବିଷୟରେ ବିଶେଷ କିଛି ଅଧ୍ୟୟନ କରାଯାଇ ନ ଥିଲା। ତେବେ ଲାଟିନ୍ - ଆଲବେନିଆନ୍ ଭାଷାକୋଷ ପ୍ରକାଶିତ ହେବା ପରିପ୍ରେକ୍ଷୀରେ ଏହି ଭାଷା ସ୍ୱତନ୍ତ୍ର ପରିଚିତ ଲାଭକଲା। ଲାଟିନ୍, ଗ୍ରୀକ୍, ତୁର୍କୀ ଓ ସ୍ଲାଭିକ୍ ଭାଷା ପ୍ରଭାବରେ ଏହି ପରିବାରର ଭାଷା ବହୁଭାବରେ ପ୍ରଭାବିତ। ଆଲ୍‌ବେନୀୟ ଭାଷାକୁ କତିପୟ ଭାଷାବିତ୍ ବଲ୍‌କାନ୍ ଅଞ୍ଚଳରେ ବହୁ ପୂର୍ବରୁ ପ୍ରଚଳିତ ଥିବା ଇଲିରିଆନ୍ - ଥ୍ରେସିୟାନ୍ ଭାଷାମାନଙ୍କର ପ୍ରତିନିଧି ବୋଲି ନିର୍ଣ୍ଣୟ କରିଛନ୍ତି। ଏହି ପରିବାରର ଦୁଇଗୋଟି ଉଲ୍ଲେଖଯୋଗ୍ୟ ଉପଭାଷା ହେଉଛି ଗେଗ୍ ଓ ତୋସ୍କ।

**ବଲ୍‌ଟୋସ୍ଲାଭୀୟ (Batto - Slavic) :**

ବଲ୍‌ଟୋସ୍ଲାଭୀୟ ଭାଷାକୁ ଗୋଟିଏ ଶାଖା ବୋଲି ଅନେକ ଭାଷାବିତ୍ ଗ୍ରହଣ କରିବାକୁ କୁଣ୍ଠା ପ୍ରକାଶ କରିଥାନ୍ତି। ସେମାନଙ୍କ ମତରେ ବଲ୍‌ଟିକ୍ ଓ ସ୍ଲାଭିକ୍ ଭାଷା ଦ୍ୱୟ ପ୍ରାୟ ପରସ୍ପର ନିକଟବର୍ତ୍ତୀ। ତେବେ ବଲ୍‌ଟିକ୍ ହେଉଛି ବଲ୍‌ଟିକ୍ ସାଗର ଉପକୂଳ ଅଞ୍ଚଳରେ ଥିବା ଲାଟିଭିୟାନ୍ ଓ ଲିଥୁନିୟାନ୍ ଭାଷାମାନଙ୍କୁ ବୁଝାଇଥାଏ। ସ୍ଲାଭିକ୍ ହେଉଛି ରୁଷ ଓ ପୋଲିଶ ପ୍ରଭୃତି କେତେକ ଭାଷା। ବଲ୍‌ଟିକ୍ ଶାଖାର ଲିଥୁନିୟାନ୍ ଭାଷାର ପ୍ରାଚୀନ ଲେଖା ଷୋଡ଼ଶ ଶତାବ୍ଦୀରୁ ମିଳିଛି। ସ୍ଲାଭିକ୍ ଶାଖାର ପ୍ରାଚୀନ ଲେଖା ନବମ ଶତାବ୍ଦୀରୁ ମିଳୁଛି। ଲିଥୁନିୟାନ୍ ଭାଷାରେ ସଂସ୍କୃତ ଭାଷାର ଶବ୍ଦ ପରି ଶବ୍ଦରୂପ ଦେଖିବାକୁ ମିଳେ।

ସ୍ଲାଭିକ୍ ଦଳର ଭାଷା ପ୍ରଥମେ ପୋଲାଣ୍ଡ ଓ ପଶ୍ଚିମ ରୁଷରେ କଥିତ ହେଉଥିଲା । କିନ୍ତୁ କାଳକ୍ରମେ ଏହାର ଭାଷା କ୍ଷେତ୍ରର ସୀମା ବୁଲ୍‌ଗେରିଆ ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲା । ଆଧୁନିକ ସ୍ଲାଭିକ୍ ଶାଖାର ଭାଷାମାନଙ୍କୁ ତିନିଭାଗରେ ବିଭକ୍ତ କରାଯାଇଛି, ଯଥା - ପୂର୍ବସ୍ଲାଭିକ୍, ପଶ୍ଚିମ ସ୍ଲାଭିକ୍, ଓ ଦକ୍ଷିଣ ସ୍ଲାଭିକ୍ । ପୂର୍ବସ୍ଲାଭିକ୍ ଅନ୍ତର୍ଗତ ଭାଷାଗୁଡ଼ିକ ହେଲା - ଗ୍ରେଟ୍‌ରସିଆନ୍, ହ୍ୱାଇଟ୍ ରସିଆନ୍ ବା ବେଲୋରସିଆନ୍ ଓ ୟୁକ୍ରାନିୟାନ୍ । ପଶ୍ଚିମ - ସ୍ଲାଭିକ୍ ପରିବାରର ଭାଷାଗୁଡ଼ିକ ହେଲେ, ଚେକ୍, ସ୍ଲୋଭାକ୍ ଓ ପୋଲିଶ । ଦକ୍ଷିଣ - ସ୍ଲାଭିକ୍ ଶାଖାର ଭାଷାଗୁଡ଼ିକ ହେଲେ - ବୁଲଗାରିୟାନ୍, ସର୍ବୋକ୍ରୋଟିୟାନ୍ ଓ ସ୍ଲୋଭାନିୟାନ୍ । ରୁଷ ସାମ୍ରାଜ୍ୟ ବିସ୍ତୃତି ଲାଭ କରିବା ଯୋଗୁଁ ଗ୍ରେଟ୍‌ରସିଆନ୍ ଅର୍ଥାତ୍ ରୁଷ୍‌ଭାଷା ଦକ୍ଷିଣରେ କକେସସ୍ ଅଞ୍ଚଳରେ ଓ ପୂର୍ବରେ ସାଇବେରିଆ ଅଞ୍ଚଳରେ ବିସ୍ତୃତି ଲାଭ କଲା ।

**ଗ୍ରୀକ୍ :**

ଗ୍ରୀକ୍ ଏକ ମହତ୍ତ୍ୱପୂର୍ଣ୍ଣ ଭାଷା । ବର୍ତ୍ତମାନ ଯେଉଁଠି ଗ୍ରୀକ୍ ଭାଷା ପ୍ରଚଳିତ ଅଛି ସେଠାରେ ୨୦୦୦ ଖ୍ରୀଷ୍ଟାବ୍ଦ ପୂର୍ବେ କେତେକ ଅଣ - ଇଣ୍ଡୋ-ୟୁରୋପୀୟ ଭାଷା ପ୍ରଚଳିତ ଥିଲା । ଇଲିୟାଡ୍ ଓ ଅଡ଼ିସି ପରି ବିଶ୍ୱବିଖ୍ୟାତ ମହାକାବ୍ୟ ଏହି ଭାଷାରେ ରଚିତ ହୋଇଛି । ଗ୍ରୀକ୍ ଭାଷାକୁ ଚାରିଗୋଟି ଭାଗରେ ବିଭକ୍ତ କରାଯାଇଛି - ପୂର୍ବଗ୍ରୀକ୍, ପଶ୍ଚିମ ଗ୍ରୀକ୍, ଉତ୍ତର ପଶ୍ଚିମ ଗ୍ରୀକ୍, ଓ ଡୋରିକ୍ । ଐତିହାସିକ ଦୃଷ୍ଟିକୋଣରୁ ଏଥେନ୍‌ସର ଭାଷା ଆଟିକ୍‌ଗ୍ରୀକ୍ ବେଶ୍ ମହତ୍ତ୍ୱପୂର୍ଣ୍ଣ । ଏହାକୁ ମଧ୍ୟ ହେଲେନିକ ଗ୍ରୀକ୍ କୁହାଯାଏ । ଆଲେକଜାଣ୍ଡର ଏହି ଭାଷାକୁ ସମଗ୍ର ଗ୍ରୀକ୍ କୁହାଯାଏ । ଆଲେକଜାଣ୍ଡର ଏହି ଭାଷାକୁ ସମଗ୍ର ଗ୍ରୀକ୍ ସାମ୍ରାଜ୍ୟର ଭାଷାରୂପେ ଗୃହୀତ କରାଇଥିଲେ । ବର୍ତ୍ତମାନ ଗ୍ରୀକ୍‌ଭାଷା ପ୍ରାୟତଃ ଗ୍ରୀସ୍ ଦେଶରେ ସୀମିତ ରହିଛି । ତେବେ ଗ୍ରୀସ୍ ବାହାରେ ଭୂମଧ୍ୟସାଗରସ୍ଥ ସାଇପ୍ରସ ଦ୍ୱୀପପୁଞ୍ଜ, ତୁର୍କୀ ଓ ଯୁକ୍ତରାଷ୍ଟ୍ର ଆମେରିକାର କେତେକ ଅଞ୍ଚଳରେ ଏହା କଥିତ ହେଉଅଛି ।

**ଲାଟିନ୍ :**

ଗ୍ରୀକ୍ ପରି ଲାଟିନ୍ ମଧ୍ୟ ଏକ ମହତ୍ତ୍ୱପୂର୍ଣ୍ଣ ଭାଷା । ବର୍ତ୍ତମାନ ଏହି ଭାଷା କଥିତ ଭାଷା ରୂପେ ବ୍ୟବହୃତ ହେଉନାହିଁ । ତେବେ ରୋମାନ୍ କ୍ୟାଥଲିକ୍ ଚର୍ଚ୍ଚର ଭାଷାରୂପେ ଏହା ବ୍ୟବହୃତ ହେଉଛି । ଲାଟିନ୍ ଭାଷାରୁ ବିକଶିତ ହୋଇଥିବା ଭାଷାମାନଙ୍କୁ ରୋମନସ୍ ଭାଷା କୁହାଯାଏ । ରୋମାନ୍‌ସ ଭାଷାମାନଙ୍କ ମଧ୍ୟରେ ପାଞ୍ଚଗୋଟି ଲିଖିତ ଭାଷାକୁ ବେଶ୍ ଗୁରୁତ୍ୱ ପ୍ରଦାନ କରାଯାଇଥାଏ । ଏହି ପାଞ୍ଚଗୋଟି ଭାଷା ହେଉଛି - ସ୍ପାନିଶ୍ , ଫରାସୀ , ଇଟାଲିୟାନ୍, ରୁମାନିଆନ୍ ଓ ପର୍ତ୍ତୁଗୀଜ ।

**କେଲ୍‌ଟିକ୍ :**

କେଲ୍‌ଟିକ୍ ପରିବାରର ଭାଷା କ୍ଷେତ୍ର ହେଉଛି ସ୍ପେନ୍, ଉତ୍ତର - ଇଟାଲୀ, ରୋମର କେତେକ ଅଞ୍ଚଳ ଏବଂ ଏସିଆ ମାଇନରର ଆଙ୍କରା ପ୍ରଭୃତି ଅଞ୍ଚଳ । ବର୍ତ୍ତମାନ କେଲ୍‌ଟିକ୍ ପରିବାରର କେତେଗୋଟି ଭାଷା ପ୍ରାୟ ମୃତବତ୍ ଅବସ୍ଥାରେ ରହିଛନ୍ତି । କେଲ୍‌ଟିକ୍ ପରିବାରର ଏକ ଉଲ୍ଲେଖଯୋଗ୍ୟ ଭାଷା ହେଉଛି ବ୍ରେଟନ୍ । ଆଇରିସ୍, କେଲ୍‌ଟ, ସ୍କଟ୍‌ସ୍, ମାଙ୍କସ କେଲ୍‌ଟ ପ୍ରଭୃତି ଭାଷାକୁ ଗେଲିକ୍ ଭାଷା କୁହାଯାଏ ।

**ଜର୍ମାନିକ୍ :**

ଜର୍ମାନିକ୍ ଭାଷାମାନଙ୍କୁ ତିନିଗୋଟି ଭାଗରେ ବିଭକ୍ତ କରାଯାଇଛି -

(କ) ପ୍ରାଚୀନ

(ଖ) ମଧ୍ୟ

(ଗ) ଆଧୁନିକ

ଚତୁର୍ଥ ଶତାବ୍ଦୀରେ ଉଲ୍‌ଫିଲା ଗଥିକ୍ ଭାଷାରେ ବାଇବେଲକୁ ଅନୁବାଦ କରିଥିଲେ। ଏହାର ଭାଷା ହେଉଛି ପ୍ରାଚୀନ ଜର୍ମାନିକ୍‌ର ନିଦର୍ଶନ। ମଧ୍ୟ ଜର୍ମାନିକ୍ ଭାଷାର ବିକାଶ କାଳକୁ ଦ୍ୱାଦଶ ଶତାବ୍ଦୀରୁ ପଞ୍ଚଦଶ ଶତାବ୍ଦୀ ବୋଲି ଗ୍ରହଣ କରାଯାଇଛି। ଷୋଡ଼ଶ ଶତାବ୍ଦୀରେ ମାର୍ଟିନ ଲୁଥରଙ୍କ ଦ୍ୱାରା ବ୍ୟବହୃତ ଭାଷା ହେଉଛି ମଧ୍ୟ - ଜର୍ମାନିକ୍ ଭାଷା। ଷୋଡ଼ଶ ଶତାବ୍ଦୀ ପରବର୍ତ୍ତୀଠାରୁ ଆଧୁନିକ ଜର୍ମାନିକ୍ ଭାଷାର ବିକାଶ ଘଟିଛି। ଜର୍ମାନିକ୍ ଭାଷା ପ୍ରଥମ ପର୍ଯ୍ୟାୟରେ ଆଇସ୍‌ଲାଣ୍ଡ, ଗ୍ରୀନ୍‌ଲାଣ୍ଡ ଏବଂ ଆମେରିକା ପ୍ରଭୃତି ଅଞ୍ଚଳରେ କଥିତ ହେଉଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଉତ୍ତର - ଆମେରିକା, ଦକ୍ଷିଣ ଆଫ୍ରିକା, ଭାରତ ଓ ଅଷ୍ଟ୍ରେଲିଆ ପ୍ରଭୃତି ଅଞ୍ଚଳକୁ ପ୍ରସାରିତ ହୋଇଥିଲା। ଭାଷାବିତ୍‌ମାନେ ଜର୍ମାନିକ୍ ଭାଷାମାନଙ୍କୁ ତିନିଗୋଟି ମୁଖ୍ୟ ଶାଖାରେ ବିଭକ୍ତ କରିଛନ୍ତି। ଯଥା -

(କ) ଇଂରେଜି - ଫ୍ରିଜିଆନ୍ (ଖ) ଡଚ୍ - ଜର୍ମାନ୍ (ଗ) ସ୍କାଣ୍ଡିନେଭିଆନ୍

ଇଂରେଜୀ - ଫ୍ରିଜିଆନ୍ ଶାଖାର ମୁଖ୍ୟ ଭାଷାଟି ହେଉଛି ଇଂରାଜୀ ଭାଷା। ଏହା ପୃଥିବୀର ସର୍ବାଧିକ ଲୋକଙ୍କ ଦ୍ୱାରା ବ୍ୟବହୃତ ହେଉଥିବା ଭାଷା। ଫ୍ରିଜିଆନ୍ ଭାଷା ହଲାଣ୍ଡ ଓ ଜର୍ମାନୀର ଉପକୂଳ ଅଞ୍ଚଳରେ ଖୁବ୍ କମ୍ ସଂଖ୍ୟକ ଲୋକଙ୍କ ଦ୍ୱାରା ବ୍ୟବହୃତ।

ଡଚ୍ - ଜର୍ମାନ୍ ଶାଖାର ତିନୋଟି ପ୍ରଧାନ ଭାଷା ରହିଛି। ତାହା ହେଲା - ଜର୍ମାନ୍ , ଡଚ୍ ଓ ଫ୍ଲେମିସ୍। ଜର୍ମାନ୍ ପରିବାରର ଦୁଇଗୋଟି ପ୍ରାଚୀନ ଭାଷା ହେଉଛି ଓଲ୍‌ଡ୍ ସାକ୍‌ସନ ଏବଂ ଓଲ୍‌ଡ୍ ହାଇଜର୍ମାନ୍। ୟିଡିସ୍ () ଜର୍ମାନୀର ଏକ ଉପଭାଷା। ଏହା ହିବ୍ରୁ ଅକ୍ଷରରେ ଲେଖାଯାଏ।

ସ୍କାଣ୍ଡିନେଭିଆନ୍ ଶାଖାର ଚାରିଗୋଟି ପ୍ରଧାନ ଲିଖିତ ଭାଷା ରହିଛି। ତାହା ହେଲା - ଡାନିସ୍ ,ସ୍ୱିଡ଼ିସ୍, ରିକ୍‌ସମାଲ ଓ ଲ୍ୟାଣ୍ଡସ୍‌ମାଲ। ଡାନିସ୍ ଡେନ୍‌ମାର୍କର ଭାଷା। ସ୍ୱିଡ଼ିସ୍ ଫିନ୍‌ଲାଣ୍ଡ ଓ ସ୍ୱିଡ଼େନରେ ପ୍ରଚଳିତ ଭାଷା। ରିକ୍‌ସମାଲ ଓ ଲ୍ୟାଣ୍ଡସମାଲ ନରୱେରେ ପ୍ରଚଳିତ ଭାଷା। ଲ୍ୟାଣ୍ଡସ୍‌ମାଲ ଏକ ଆଧୁନିକ ନରୱେଜିଆନ୍ ଭାଷା। ଏହା ନରୱେର କେତେଗୋଟି ଉପଭାଷାର ଏକ ମିଶ୍ରିତ ରୂପ।

**ତୋଖାରିଆନ୍ :**

ତୁର୍କୀ ଦେଶର ପୂର୍ବାଞ୍ଚଳର ଯେଉଁ ସ୍ଥାନରେ ଚୀନା, ଭାରତୀୟ ଓ ଇରାନୀୟମାନେ ବାଣିଜ୍ୟ କାରବାର କରୁଥିଲେ, ତାହାକୁ ଚୀନୀୟ - ତୁର୍କୀସ୍ଥାନ କୁହାଯାଉଥିଲା। ଊନବିଂଶ ଶତାବ୍ଦୀର ଶେଷ ଭାଗକୁ ଏହି ସ୍ଥାନରୁ କେତେକ ବୌଦ୍ଧ ଲେଖା ଉଦ୍ଧାର କରାଗଲା। ଏହି ବୌଦ୍ଧ ଲେଖାଗୁଡ଼ିକର ଆନୁମାନିକ ସମୟ ସପ୍ତମରୁ ଦଶମ ଶତାବ୍ଦୀ ବୋଲି ନିର୍ଣ୍ଣୟ କରାଯାଇଛି। ଭାଷାବିତ୍ F.W.K. Muller ଏହାର ଭାଷାକୁ ତୋଖାରିଆନ୍ ନାମକରଣ କରିଥିଲେ। ତୋଖାରିଆନ୍ ଶାଖାକୁ ଦୁଇଭାଗରେ ବିଭକ୍ତ କରାଯାଇଛି -

(କ) ପୂର୍ବ ତୋଖାରିଆନ୍ ବା ଆଗ୍ନିଆନ୍

(ଖ) ପଶ୍ଚିମ ତୋଖାରିଆନ୍ ବା କୁଚିଆନ୍

**ହିଟାଇଟ୍ :**

ଭାଷାବିତ୍ B.Hrony ୧୯୧୫ ମସିହାରେ ହିଟାଇଟ ଭାଷାକୁ ଇଣ୍ଡୋ-ୟୁରୋପୀୟ ପରିବାର ଅନ୍ତର୍ଭୁକ୍ତ କରିଛନ୍ତି । ତୁର୍କୀର ବୋଗାଜ୍‌କୋଇ (Bogaz Koy) ସ୍ଥାନରୁ ୧୯୦୫-୦୬ ମସିହାରେ ହିଟାଇଟ୍ ସାମ୍ରାଜ୍ୟର ଲେଖା ମିଳିଥିଲା । ହିଟାଇଟ୍ ସାମ୍ରାଜ୍ୟ ଖ୍ରୀ.ପୂ. ୧୭୦୦ ରୁ ଖ୍ରୀ.ପୂ.୧୨୦୦ ମଧ୍ୟରେ ଗଢ଼ି ଉଠିଥିଲା । ଏହି ଲେଖାଗୁଡ଼ିକ ବାଣମୁଖ ବା ତ୍ରିପାର୍ଶ୍ୱିକ (cuneiferm) ଅକ୍ଷରରେ ଲିଖିତ । ସେହିପରି ଏସିଆ ମାଇନରରେ ଯେଉଁସବୁ ଲେଖାଗୁଡ଼ିକ ଉଦ୍ଧାର କରାଗଲା ସେଥିରେ ବାଣମୁଖ ବା ତ୍ରିପାର୍ଶ୍ୱିକ ଲିପିରେ ଲିଖିତ ଥିଲା । ଏଗୁଡ଼ିକୁ ମଧ୍ୟ ହିଟାଇଟ୍ ଶାଖାର ଅନ୍ତର୍ଭୁକ୍ତ କରାଯାଇଛି ।

**(୨) ଆଫ୍ରିକା - ଏସୀୟା ବା ଆଫ୍ରେ - ଏସୀୟ :**

ଇଣ୍ଡୋ - ୟୁରୋପୀୟ ଭାଷା ପରିବାର ପରେ ଦ୍ୱିତୀୟ ସ୍ଥାନଟି ଅଧିକାର କରିଥିବା ପରିବାରଟି ହେଉଛି 'ଆଫ୍ରିକା - ଏସୀୟ' ବା 'ଆଫ୍ରୋ - ଏସୀୟ' । ପୂର୍ବେ ଏହି ପରିବାରର ନାମ ଥିଲା ହାମିଟୋ - ସେମିଟକ୍ । ଭାଷାବିତ୍ ଜେ.ଗ୍ରୀନ୍‌ଗର୍ବ ଏହି ଭାଷା ପରିବାରର ପରିସରକୁ ଆଉ ଟିକିଏ ବଢ଼ାଇଦେଇ ଏହାକୁ ଆଫ୍ରୋ - ଏସୀୟାଟିକ୍ ବା ଆଫ୍ରିକା - ଏସୀୟା ନାମରେ ନାମିତ କରିଥିଲେ । ଏହି ପରିବାରର ଏକ ଉଲ୍ଲେଖଯୋଗ୍ୟ ଭାଷା ହେଉଛି ଇଜିପ୍‌ସିଆନ୍ ବା ଇଜିପ୍‌ସୀୟ । ଇଜିପ୍‌ସିଆନ୍ ଭାଷାର ପ୍ରାଚୀନତମ ଲିଖିତ ରୂପ ଦେଖିବାକୁ ମିଳେ । ଏହି ଶାଖା ଅନ୍ତର୍ଗତ ଆଉ କେତୋଟି ଭାଷା ହେଲା ବେରବେର, କୁଶିଟିକ୍ ଓ ଚାଡ୍ (Chad) ।

ସେମିଟିକ୍ ଭାଷା ଦୁଇ ଭାଗରେ ବିଭକ୍ତ; ପୂର୍ବ ସେମିଟିକ୍ ଓ ପଶ୍ଚିମ ସେମିଟିକ୍ । ଫୋନେସିୟାନ୍ ପଶ୍ଚିମ ସେମିଟିକ୍ ଶାଖାର ଏକ ପ୍ରଧାନ ଭାଷା । ଲେବାନନ ଅଞ୍ଚଳରେ ଏହି ଭାଷା ବ୍ୟବହୃତ । ଏହି ପରିବାରର ଅନ୍ୟତମ ବିଶ୍ୱ ବିଖ୍ୟାତ ଭାଷାଟି ହେଉଛି ହିବ୍ରୁ । ପ୍ରାଚୀନ ବାଇବେଲ ଏହି ଭାଷାରେ ଲିଖିତ । ଏହା ଆଧୁନିକ ଇଜ୍ରାଏଲର ରାଷ୍ଟ୍ରଭାଷା । ଖ୍ରୀ.ପୂ. ଏକାଦା ଶତାବ୍ଦୀରୁ ଏହି ଭାଷାର ଲିଖିତ ରୂପ ଦେଖିବାକୁ ମିଳେ । ୧୯୨୬ ମସିହାରୁ ଏହି ଭାଷା ଆରବିକ୍ ଲିପିକୁ ବିଦାୟ ଦେଇଛି । ଏହି ଭାଷା ରୋମାନ୍ ଲିପିରେ ବ୍ୟବହୃତ ହେଉଛି । ଆଫ୍ରିକୀୟ ଭାଷାମାନଙ୍କ ମଧ୍ୟରେ ସ୍ୱାହାଲି, ବାଣ୍ଟୁ, ଚାରିନାଇଲ୍ ପ୍ରଭୃତି ଉଲ୍ଲେଖଯୋଗ୍ୟ । ସ୍ୱାହାଲି ଏକ ବାଣିଜ୍ୟିକ ଭାଷା । ଆଫ୍ରିକାର ପୂର୍ବାଞ୍ଚଳରେ ଏହା ବଣିକମାନଙ୍କର ଭାଷା ରୂପେ ବ୍ୟବହୃତ । ଆଫ୍ରିକୀୟ ଶାଖାର ଆଉ ଦୁଇଗୋଟି ପ୍ରଧାନ ଭାଷା ହେଉଛି - ବୁସମାନ ଓ ହଟେନ୍‌ଟଟ୍ ।

**ବୁଶ୍‌ମ୍ୟାନ ପରିବାର :**

ଆଫ୍ରିକାନ୍ ଭାଷା ମାନଙ୍କ ମଧ୍ୟରେ ଏହା ଅନ୍ୟତମ । ଦକ୍ଷିଣ ଆଫ୍ରିକାର ଆରେଞ୍ଜ ନଦୀଠାରୁ ନଗାମୀ ହ୍ରଦ ପର୍ଯ୍ୟନ୍ତ ଯେଉଁ ଭୂଖଣ୍ଡ ରହିଛି, ସେହି ଭୂଖଣ୍ଡରେ ବସବାସ କରୁଥିବା ଆଦିବାସୀ ମାନଙ୍କର ଏହା କଥିତ ଭାଷା ।

ଏହି ଭାଷାର ନିମ୍ନ ଲକ୍ଷଣ ଗୁଡ଼ିକ ରହିଛି -

(କ) ଏହି ଭାଷାର କ୍ଲିକ୍ (ଦନ୍ତ୍ୟ, ଓଷ୍ଠ୍ୟ, ତାଲବ୍ୟ, ପାର୍ଶ୍ୱିକ ଓ ମୂର୍ଦ୍ଧନ୍ୟ) ଧ୍ୱନିର ଗୁରୁତ୍ୱ ରହିଛି।

(ଖ) ଯଦିଓ ଏହି ଭାଷା ଅଶ୍ଳିଷ୍ଟ ଅନ୍ତଯୋଗାତ୍ମକ, ତେବେ ଏହାର ମଧ୍ୟ ଅଯୋଗାତ୍ମକ ଲକ୍ଷଣ ରହିଛି।

(ଗ) ଏହି ଭାଷାର ଅନେକ ଉପଭାଷା ରହିଛି।

(ଘ) ଏହି ଭାଷାରେ ଲିଙ୍ଗ ବିଚାର ପୁରୁଷତ୍ୱ ଏବଂ ସ୍ତ୍ରୀ ଉପରେ ଆଧାରିତ ନୁହେଁ। ବରଂ ସଜୀବତ୍ୱ ଏବଂ ନିର୍ଜୀବତ୍ୱକୁ ଭିତ୍ତିକରି ଏହା ନିର୍ଣ୍ଣିତ ହୋଇଥାଏ।

**ସୁଦାନ ପରିବାର :**

ଏହି ଭାଷାର ଭାଷାକ୍ଷେତ୍ର ହେଉଛି ବିଷୁବମଣ୍ଡଳର ଉତ୍ତରାଞ୍ଚଳ। ସୁଦାନ ପରିବାର ମୁଖ୍ୟତଃ ଚାରିଭାଗରେ ବିଭକ୍ତ-

(କ) ସେନେଗଲ୍ (ବୋଲୋଫ୍ ପ୍ରଭୃତି ଭାଷା ଏହାର ଅନ୍ତର୍ଗତ।)

(ଖ) ଇବ୍ (ଇବ୍, ବରୁଆ, ଅଶନୀ ପ୍ରଭୃତି ଭାଷା ଏହାର ଅନ୍ତର୍ଗତ।)

(ଗ) ମଧ୍ୟ - ଆଫ୍ରିକୀୟ (ହୌସା, ସାଘ୍ରାଇ ପ୍ରଭୃତି ଭାଷା ଏହାର ଅନ୍ତର୍ଭୁକ୍ତ।)

(ଘ) ନୀଳୋତ୍ତରୀ (ବାରୀ ପ୍ରଭୃତି ଭାଷା ଏହାର ଅନ୍ତର୍ଭୁକ୍ତ।)

ଏହି ପରିବାରରେ ଚାରିଶହରୁ ଊର୍ଦ୍ଧ୍ୱ ଭାଷା ରହିଛି। ଏହି ଭାଷାର କେତୋଟି ବୈଶିଷ୍ଟ୍ୟ ହେଉଛି -

(କ) ଏଥିରେ ଏକାକ୍ଷରୀୟ ଧାତୁ ରହିଛି।

(ଖ) ଚାଇନା ଭାଷା ପରି ଏଥିରେ ସ୍ୱରର ଭେଦରେ ଅର୍ଥର ପରିବର୍ତ୍ତନ ଘଟେ।

(ଗ) ଚାଇନା ଭାଷା ପରି ଏହା ଅଯୋଗାତ୍ମକ।

(ଘ) ଏଥିରେ କେବେ କେବେ ହ୍ରସ୍ୱସ୍ୱରକୁ ଦୀର୍ଘ କରିଦେଲେ ଶବ୍ଦଟି ବହୁ ବଚନକୁ ବୁଝାଇଥାଏ।

(ଙ) ଏଥିରେ ଗୋଟିଏ ଗୋଟିଏ ଅକ୍ଷରର ଦ୍ୱିତ୍ୱ ଘଟାଇ ବିଶେଷଣ କିମ୍ବା କ୍ରିୟାବିଶେଷଣ ରୂପେ ବ୍ୟବହାର କରାଯାଏ। ଯେପରି -

କକ = ସିଧା    ତ୍ୟତ୍ୟ = ଶୀଘ୍ରଶୀଘ୍ର

**ବାଣ୍ଟୁ ପରିବାର :**

ଏହା ଏକ ଉପସର୍ଗ - ସଂଯୋଜକ (Prefix - Agglutinating) ଭାଷା ପରିବାର। ବାଣ୍ଟୁଭାଷା ଆଫ୍ରିକାର ବିସ୍ତୃତ ଅଞ୍ଚଳରେ କଥିତ ହୁଏ। ଏହି ପରିବାରରେ ପ୍ରାୟତଃ ପାଞ୍ଚଶହ ଭାଷା ଅନ୍ତର୍ଗତ। ଏହା ଦକ୍ଷିଣ ଆଫ୍ରିକାର କାମେରନ ଠାରୁ ପୂର୍ବରେ କେନିୟା ଏବଂ ଦକ୍ଷିଣ ଆଫ୍ରିକାର ବିସ୍ତୃତ ଅଞ୍ଚଳରେ କଥିତ।

ବାଣ୍ଟୁ ପରିବାରକୁ ମୁଖ୍ୟତଃ ତିନି ଭାଗରେ ବିଭକ୍ତ କରାଯାଇଛି -

(କ) ପୂର୍ବାଞ୍ଚଳୀୟ - ଜୁଲୁ, କାଫିର, କିକାବ, କିସୁଅହିଲୀ ପ୍ରଭୃତି ଭାଷା

(ଖ) ମଧ୍ୟ - ସେଚୁନା, ସେରୋଲାଙ୍ଗ, ସେସୁତୋ ପ୍ରଭୃତି ଭାଷା

(ଗ) ପଶ୍ଚିମାଞ୍ଚଳୀୟ - କାଙ୍ଗୋ, ଇସୁବୁ, ବୁନ୍ଦା, ହେରେରୋ ପ୍ରଭୃତି ଭାଷା ।

ବାଣ୍ଟୁ ପରିବାରର ଜୁଲୁଭାଷା ଦକ୍ଷିଣ ଦକ୍ଷିଣ ଆଫ୍ରିକାର ଅନ୍ୟତମ ରାଷ୍ଟ୍ରଭାଷା । ବାଣ୍ଟୁଭାଷା ପରିବାରର ନିମ୍ନ ସାଧାରଣ ଲକ୍ଷଣ ରହିଛି -

(କ) ଏହି ଭାଷାର ଶବ୍ଦଗୁଡ଼ିକ ସ୍ୱରାନ୍ତ ।

(ଖ) ଏହି ଭାଷାରେ ମଧ୍ୟ କେତେକ କ୍ଲିକ୍‌ଧ୍ୱନି ଶୁଣିବାକୁ ମିଳେ ।

(ଗ) ଏହି ପରିବାରର ଜଂଜୀବର ଓ ସ୍ୱାହୀଲୀ ଭାଷାରେ କିଛି ସାହିତ୍ୟ ରହିଛି ।

(ଘ) ଏହି ଭାଷା ବେଶ୍ କୋମଳ ଓ ଶ୍ରୁତିମଧୁର ।

(ଙ) ଏହା ଅଶ୍ଳିଷ୍ଟ ପୂର୍ବ - ଯୋଗାତ୍ମକ ।

(ଚ) ଏହି ଭାଷାରେ ମଧ୍ୟ ସ୍ୱରର ଭେଦ ଯୋଗୁଁ ଅର୍ଥରେ ପରିବର୍ତ୍ତନ ଘଟେ ।

**ହେମିଟିକ୍ ପରିବାର :**

ପରମ୍ପରା ଅନୁସାରେ ନୌହଙ୍କର ଦ୍ୱିତୀୟ ପୁତ୍ର ହେମ ଏହି ଭାଷାର ସୃଷ୍ଟିକର୍ତ୍ତା । ସୁତରାଂ ଭାଷାର ନାମ ରଖାଯାଇଛି ହେମିଟିକ୍ । ଏହି ଭାଷାର କତିପୟ ଲକ୍ଷଣ ହେଲା -

(କ) ଏହା ଶ୍ଳିଷ୍ଟ ଯୋଗାତ୍ମକ ।

(ଖ) କଥିତ ଭାଷାରେ ସ୍ୱରର ପରିବର୍ତ୍ତନ ଘଟିଲେ ଅର୍ଥର ପରିବର୍ତ୍ତନ ଘଟେ ।

(ଗ) ଏହି ଭାଷାରେ ଲିଙ୍ଗ ନିର୍ଣ୍ଣୟ ପୁରୁଷତ୍ୱ ଏବଂ ସ୍ତ୍ରୀତ୍ୱ ଉପରେ ଆଧାରିତ ନୁହେଁ ବରଂ ବିରାଟ ବା ଶକ୍ତିଶାଳୀ ଜୀବ ବା ପଦାର୍ଥକୁ ପୁଂ - ଲିଙ୍ଗ ଭାବରେ ଏବଂ କ୍ଷୁଦ୍ର ତଥା ଦୁର୍ବଳ ଜୀବକୁ ବା ପଦାର୍ଥକୁ ସ୍ତ୍ରୀ - ଲିଙ୍ଗ ଭାବରେ ବିଚାର କରାଯାଏ ।

(ଘ) ଏହି ଭାଷାର ଗୋଟିଏ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ଏହି ଯେ ବିଶେଷ୍ୟର ବଚନ ପରିବର୍ତ୍ତିତ ହେଲେ ଲିଙ୍ଗ ମଧ୍ୟ ବଦଳିଯାଏ ।

(ଙ) ପଦ ଗଠନ ପାଇଁ କ୍ରିୟାମାନଙ୍କରେ ପ୍ରତ୍ୟୟ ଏବଂ ଉପସର୍ଗ ଉଭୟ ଯୋଗ କରାଯିବାର ବିଧି ରହିଛି । ଅବଶ୍ୟ ବିଶେଷ୍ୟ ପଦରେ କେବଳ ପ୍ରତ୍ୟୟ ଯୁକ୍ତ କରାଯାଏ ।

(ଚ) ଏହି ଭାଷାରେ ଗୁରୁତ୍ୱ ଆରୋପ ଲାଗି ପଦମାନଙ୍କର ଦ୍ୱିତ୍ୱ ବ୍ୟବହାର ବିଧି ରହିଛି ।

(ଛ) ଏହି ପରିବାର ଅନ୍ତର୍ଗତ ଭାଷାମାନଙ୍କରେ କ୍ରିୟାର କାଳ ନିରୂପଣ ସଠିକ୍ ଭାବରେ ନିର୍ଣ୍ଣିତ ହୋଇନାହିଁ ; କିନ୍ତୁ କାର୍ଯ୍ୟଟିର ସମାପ୍ତି କିମ୍ବା ଅସମାପ୍ତି ବୁଝିହୁଏ ।

ଏହି ଭାଷା ପରିବାରର ବହୁ ଭାଷା ଲୋପ ପାଇଛି । ଏହି ଭାଷା ପରିବାର ଅନ୍ତର୍ଗତ ଭାଷାମାନଙ୍କର ଅନେକ ଉପଭାଷା ରହିଛି ।

**ସେମିଟିକ୍ ପରିବାର :**

ସେମିଟିକ୍ ଭାଷାଭାଷୀଙ୍କ ସଂଖ୍ୟା ଯଥେଷ୍ଟ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେମିଟିକ୍ ପରିବାର ଅନ୍ତର୍ଗତ ଆରବିକ୍ ଭାଷାଭାଷୀ ସଂଖ୍ୟା ପ୍ରାୟ ତିନିଶହ ମିଲିୟନ, ଆମ୍‌ହାରିକ୍ ସଂଖ୍ୟା ବାଇଶି ମିଲିଅନ୍, ଟିଗ୍ରିନ୍ୟା ଭାଷାଭାଷୀ ସଂଖ୍ୟା ସାତ ମିଲିଅନ, ହିବ୍ରୁ ଭାଷାଭାଷୀ ସଂଖ୍ୟା ପଚଶ ଲକ୍ଷରୁ ଅଧିକ । ଆରାମିକ୍ ଭାଷାଭାଷୀ ସଂଖ୍ୟା କୋଡ଼ିଏ ଲକ୍ଷ, ମଲ୍‌ଟେଜ୍ ଭାଷାଭାଷୀ ସଂଖ୍ୟା ୨୫ ଲକ୍ଷରୁ ଅଧିକ ।

ସେମିଟସକ୍ ଭାଷା ଏକ ମହତ୍ୱପୂର୍ଣ୍ଣ ଭାଷା । ଏହି ପରିବାରର ଅନ୍ତର୍ଗତ ଭାଷାଗୁଡ଼ିକ ହେଲେ ହିବ୍ରୁ, ଆରାମାଇକ୍, ମଲ୍‌ଟେଜ୍, ଆମହେରିକ୍, ଟିଗ୍ରିନ୍ୟା, ଡାଇଗର୍, ବାର୍ବରୀ, ମିଶରୀୟ, ଆକାଡ଼ିଆନ୍, ମୋଆବାଇଟ୍, ଆସିରିଆନ୍, ଆମେଡେପ୍ ଇତ୍ୟାଦି ।

ଏହି ଭାଷା ପରିବାର ବିଶିଷ୍ଟ ଲକ୍ଷଣ ଗୁଡ଼ିକ ହେଉଛି –

(କ) ଏହା ଏକ ଅନ୍ତର୍ମୁଖୀ ଭାଷା ।

(ଖ) ଏହା ଶ୍ଳିଷ୍ଟ ଯୋଗାତ୍ମକ ।

(ଗ) ପଦ ଗଠନ ପାଇଁ ଏଥିରେ ପୂର୍ବ, ମଧ୍ୟ ଓ ପ୍ରାନ୍ତ ସର୍ଗର ବ୍ୟବହାର କରାଯାଏ ।

(ଘ) ବେଳେବେଳେ ସ୍ୱର ପରିବର୍ତ୍ତନ ଘଟିଲେ ଅର୍ଥତତ୍ତ୍ୱ ଓ ସମ୍ବନ୍ଧତତ୍ତ୍ୱ ବଦଳିଯାଏ ।

(ଙ) ଏହି ଭାଷାରେ ସମାସ କେବଳ ଦୁଇ ଶବ୍ଦ ବିଶିଷ୍ଟ । କେବଳ ବିଶେଷ୍ୟ ପଦମାନଙ୍କର ସମାସ ହୋଇଥାଏ ।

(ଚ) ସ୍ତ୍ରୀ – ଲିଙ୍ଗ ଗଠନ ପାଇଁ 'ତ୍' ଏବଂ 'ଅତ୍' ପ୍ରତ୍ୟୟ ଯୁକ୍ତ କରାଯାଏ ।

(ଛ) ଆଫ୍ରିକାନ୍ ଅନ୍ୟାନ୍ୟ କେତେକ ଭାଷା ପରି ଏହି ଭାଷାରେ କ୍ରିୟାର କାଳକୁ ଗୌଣ ସ୍ଥାନ ପ୍ରଦାନ କରାଯାଇଛି ।

(ଜ) ପ୍ରତ୍ୟୟ ଯୁକ୍ତ କରି ଏକ ବଚନକୁ ଦ୍ୱିବଚନ ତଥା ବହୁବଚନରେ ପରିଣତ କରାଯାଏ ।

**(୩) ଚୀନା – ତିବ୍ବତୀୟ :**

ଏସିଆ ମହାଦେଶର ସୁଦୀର୍ଘ ଅଞ୍ଚଳ ହେଉଛି ଏହି ଭାଷାର ଭାଷାକ୍ଷେତ୍ର । ଏହି ପରିବାରରେ ପୃଥିବୀର ବହୁ ମହତ୍ତ୍ୱପୂର୍ଣ୍ଣ ଭାଷା ରହିଛନ୍ତି । ଏହି ପରିବାରକୁ ତିନିଗୋଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି, ଯଥା – ଚୀନା, ଟଇବେଟୋବର୍ମନ ଏବଂ ୟେନେସିଓସ୍ତ୍ୟାକ୍ । ଏହି ପରିବାରରେ ପ୍ରାୟ ନଅଗୋଟି ଉପଭାଷା ରହିଛି । ବହୁ ସ୍ଥାନୀୟ ଭାଷା ମଧ୍ୟ ଏହାର ଅନ୍ତର୍ଭୁକ୍ତ । ଏହି ଶାଖାର ମାଣ୍ଡ୍ରିନ୍ ଭାଷାର କଥକ ସଂଖ୍ୟା ସର୍ବାଧିକ । କାଣ୍ଟୋନିଜ୍, କାନ୍‌ହାକା, ଫୁଚଉ, ଉ, ହିସିଆଙ୍ଗ ପ୍ରଭୃତି ଉପଭାଷାଗୁଡ଼ିକ ଏହାର ଅନ୍ତର୍ଗତ । ଚୀନା ଭାଷାକୁ ତିନିଗୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇପାରେ –

(କ) ପ୍ରାଚୀନ ଚୀନା (ଷଷ୍ଠ ଶତାବ୍ଦୀରୁ ଦଶମ ଶତାବ୍ଦୀ)

(ଖ) ମଧ୍ୟ ଚୀନା (ଦଶମରୁ ତ୍ରୟୋଦଶ ଶତାବ୍ଦୀ)

(ଗ) ଆଧୁନିକ ଚୀନା (ତ୍ରୟୋଦଶ ଶତାବ୍ଦୀରୁ ଏପର୍ଯ୍ୟନ୍ତ)

ଥାଇଲାଣ୍ଡ ଏବଂ ତାହାର ପୂର୍ବାଞ୍ଚଳରେ ଚୀନା ଭାଷା ବ୍ୟବହୃତ ହୁଏ। ଟିବେଟୋବର୍ମନ ଶାଖାରେ ବର୍ମା ଓ ତିବ୍ବତର ଭାଷା ଅନ୍ତର୍ଭୁକ୍ତ। ଉତ୍ତର ସାଇବେରିଆ ଅଞ୍ଚଳରେ ୟେନେସିଓସ୍ଥ୍ୟାକ୍ ଭାଷା ପ୍ରଚଳିତ।

ଏହି ଭାଷାର ସାଧାରଣ ବିଶେଷତ୍ୱ ହେଉଛି -

(କ) ଏହି ପରିବାର ଚୀନା ଭାଷାର ପ୍ରତେଞ୍ଚକ ଶବ୍ଦ ଏକାକ୍ଷର ବିଶିଷ୍ଟ। ଚୀନା ଭାଷାରେ ଏକାକ୍ଷର ଶବ୍ଦ ସଂଖ୍ୟା ପାଞ୍ଚଶହରୁ ଏକହଜାର ମଧ୍ୟରେ ବୋଲି ଅନୁମେୟ।

(ଖ) ଏପରିକି ଚୀନାର ସାହିତ୍ୟିକ ଭାଷା 'ମନ୍ଦାରିନ୍'ରେ ପ୍ରାୟ ଚାରିଶହରୁ ଅଧିକ ଶବ୍ଦ ରହିଛି, ଯାହା ପ୍ରାୟ ୪୨୦୦୦ ପ୍ରକାରର ଅର୍ଥ ପ୍ରକାଶ କରିଥାନ୍ତି।

(ଗ) ଅନେକ ସମୟରେ ଶବ୍ଦର ସ୍ଥାନରୁ ଅର୍ଥ ସ୍ପଷ୍ଟ ହୋଇପାରେ ନାହିଁ। ଏହି କ୍ଷେତ୍ରରେ ସହାୟକ ଶବ୍ଦର ଆବଶ୍ୟକତା ପଡ଼େ। ସୁତରାଂ ଚୀନ ଭାଷାକୁ କେହି କେହି 'ନିପାତ - ପ୍ରଧାନ' ଭାଷା ନାମରେ ଅଭିହିତ କରିଥାନ୍ତି।

(ଘ) ଏହି ଭାଷାରେ ଅନୁନାସିକ ଧ୍ୱନିର ଅଧିକ ଉଚ୍ଚାରଣ ରହିଛି।

(ଙ) ଏହି ଭାଷାରେ ସୀମିତ ଶବ୍ଦରୁ ଅନେକ ଅର୍ଥ ପ୍ରକାଶ ପାଇଁ ସୁର ବା ଟାନର ସହାୟତା ନିଆଯାଏ। ଏହି ପରିବାରର ଅନେକ ଭାଷାରେ ପ୍ରାୟତଃ ଚାରିଗୋଟି ସୁର ରହିଛି। ଏପରିକି ମନ୍ଦାରିନ୍ ଭାଷାରେ ପାଞ୍ଚଗୋଟି ସୁର ଓ ଫୁକିନ୍ ଭାଷାରେ ଆଠଗୋଟି ସୁର ରହିଛି।

### (୪) ଫିନୋଉଗ୍ରୀୟ ବା ଫିନୋଉଗ୍ରିକ୍ :

ଏହି ପରିବାର ପୂର୍ବ ସାଇବେରିଆର ଭାଷା ସାମୟେଡ୍ କଥିତ ଅଞ୍ଚଳ ପର୍ଯ୍ୟନ୍ତ ବିସ୍ତୃତ। ଏହି ପରିବାର ମଧ୍ୟରେ ଫିନ୍ଲାଣ୍ଡୀୟ, ହଙ୍ଗେରୀୟାନ୍, ଇସ୍ଥୋନୀୟାନ୍ ଏବଂ ସ୍କାଣ୍ଡିନେଭିଆର ଯାଯାବର ମାନଙ୍କ ଦ୍ୱାରା କଥିତ ଲାପିସ୍ ଭାଷା ଅନ୍ତର୍ଭୁକ୍ତ। ଏହି ସମସ୍ତ ଭାଷାମାନଙ୍କୁ 'ଇଉରାଲିକ୍' ଭାଷା ନାମରେ ମଧ୍ୟ ନାମିତ କରାଯାଇଛି। ରୁଷ ଭାଷାର ବିକାଶ ଓ ବିସ୍ତୃତି ଯୋଗୁଁ ଏହି ପରିବାରର ଅନେକ କ୍ଷୁଦ୍ରକ୍ଷୁଦ୍ର ଭାଷା ପ୍ରାୟ ଲୋପ ପାଇବାକୁ ବସିଲେଣି।

### (୫) ଆଲ୍‌ଟାଇକ୍ :

ଆଲ୍‌ଟାଇକ୍ ପରିବାରକୁ ଅନେକ ୟୁରାଲ - ଆଲ୍‌ଟାଇକ୍ ନାମରେ ଅଭିହିତ କରିବାକୁ ଆଗ୍ରହୀ। ଏହି ପରିବାରର ଅନ୍ତର୍ଭୁକ୍ତ ଭାଷାଗୁଡ଼ିକ ହେଲେ - ମଙ୍ଗୋଲ, ମାନଚୁଟୁଙ୍ଗ ଏବଂ ତୁର୍କୀ। ଫିନୋଉଗ୍ରିକ୍ ପରିବାରର ହଙ୍ଗେରୀୟାନ୍, ଇସ୍ଥୋନୀୟାନ୍। ସାଇବେରୀୟାନ୍ ଏବଂ ଲାପିସ୍ ପ୍ରଭୃତି ଭାଷାକୁ ଆଲ୍‌ଟାଇକ୍ ପରିବାରର ଅନ୍ତର୍ଭୁକ୍ତ କରି ଏହି ପରିବାରକୁ ୟୁରାଲ - ଆଲ୍‌ଟାଇକ୍ ପରିବାର କୁହାଯାଉଛି।

ୟୁରାଲ୍ ଓ ଆଲଟାଇକ୍ ଭାଷାର ସାଧାରଣ ଲକ୍ଷଣ ହେଉଛି –

(କ) ଉଭୟ ଭାଷା ଅଶ୍ଳିଷ୍ଟ ଓ ଅନ୍ତ – ଯୋଗାତ୍ମକ।

(ଖ) ଏହି ପରିବାର ଅନ୍ତର୍ଗତ ଫିନିଶ୍ ପରି କେତେକ ଭାଷା ଅଶ୍ଳିଷ୍ଟରୁ ଶ୍ଳିଷ୍ଟ ଆଡ଼କୁ ଗତି କରୁଛି।

(ଗ) ଏହି ଭାଷାରେ ଗୋଟିଏ ଗୋଟିଏ ପଦ ଗଠନ ପାଇଁ ଏକାଧିକ ପ୍ରତ୍ୟୟ ଯୋଗ କରାଯାଏ।

(ଘ) ଏହି ଭାଷାରେ ଦୁଇ ପ୍ରକାରର ସ୍ୱର ରହିଛି; ଯଥା – ଗୁରୁ ଓ ଲଘୁ।

(ଙ) ଉଭୟ ଭାଷାରେ ଧାତୁ ଅବ୍ୟୟ ପରି ଅପରିବର୍ତ୍ତନୀୟ ଓ ଅବିକଳ ରହେ।

(ଚ) ସ୍ୱରସଂଗତି (Vowel harmony ) ଉଭୟ ଭାଷାର ସାଧାରଣ ଲକ୍ଷଣ।

## (୬) ଦ୍ରାବିଡ଼ :

ଦକ୍ଷିଣ ଭାରତର ଭାଷାମାନଙ୍କୁ ଦ୍ରାବିଡ଼ ଭାଷା କୁହାଯାଏ। ତାମିଲ, କନ୍ନଡ଼, ମାଲୟାଲାମ, ତେଲୁଗୁ, ତୁଲୁ, ତୋଡ଼, କୋତ, କୋଡ଼ଗୁ, ଗୁଣ୍ଡି, ମାଲତୋ, କୁଇ (Kui), କୋଲାମି, କୁରୁଖ, ବାହୁଇ ଓ ବଡ଼ଗ – ଏହି ୧୫ ଗୋଟି ଭାଷା ଦ୍ରାବିଡ଼ ପରିବାରର ଅନ୍ତର୍ଭୁକ୍ତ। ଦ୍ରାବିଡ଼ ପରିବାରର ଚାରିଗୋଟି ମୁଖ୍ୟ ଭାଷା ହେଲା ତେଲୁଗୁ, ତାମିଲ, କନ୍ନଡ଼ ଓ ମାଲୟାଲମ୍। କଥକ ସଂଖ୍ୟା ଦୃଷ୍ଟିରୁ ତେଲୁଗୁ ସର୍ବବୃହତ୍ ଭାଷା।

ୟୁରୋପୀୟମାନେ ପୂର୍ବେ ଦ୍ରାବିଡ଼ ପରିବାରକୁ ତାମୁଲିକ୍ ବା ତାମୁଲିଆନ୍ ନାମରେ ଅଭିହିତ କରିଥିଲେ। ଦ୍ରାବିଡ଼ ପରିବାରର ତାମିଲ୍ ଏକ ପୁରାତନ ଭାଷା। Dr. A.L Basham ଲେଖିଛନ୍ତି। – 'Four of the tongues : Tamil, Canarese, Telugu and Malayalam – have a distinctive scripts and written litureture of these Tamil is spoken in south from cape comorin to Madres. XXX Tamil is certainly the oldest of these languages with a literature going back to the early centuries A.D.' ତାମିଲ ସାହିତ୍ୟ (ସଙ୍ଗମ ସାହିତ୍ୟ) ଦ୍ରାବିଡ଼ ପରିବାରର ଅନ୍ୟାନ୍ୟ ଭାଷା ସାହିତ୍ୟଠାରୁ ସମୃଦ୍ଧ ତଥା ପ୍ରାଚୀନ। ଐତିହାସିକ ମାନଙ୍କ ମତରେ ସଙ୍ଗମ ସାହିତ୍ୟ ଖ୍ରୀ.ପୂ ୩ୟ ଶତାବ୍ଦୀରୁ ଉପଲବ୍ଧ। Dr. A.L Basham ଲେଖିଛନ୍ତି – Dr. A.L Basham Tamil tradition tells us of three literary academies (Sangam) which met at Madurai. The first of these was attended by gods and legendary sages, and all its works have perished. Of the second, there survives only the early Tamil grammar Tolkappiyam. The poets of the third Sangam, on the other hand, wrote the Eight Anthologies' (Ettutogai) which are the greatest monument of ancient Tamil literature, as well as number of later works.

ମାଲୟାଲାମ୍ କେରଳର ଭାଷା। ଏହା ତାମିଲରୁ ଉଦ୍ଭୁତ। ଭାଷାବିତ୍‌ଙ୍କ ମତରେ ନବମ ଶତାବ୍ଦୀରୁ ଏହା ତାମିଲଠାରୁ ପୃଥକ୍ ହୋଇଛି। କନ୍ନଡ଼ କର୍ଣ୍ଣାଟକର ଭାଷା। ସେହିପରି ତେଲୁଗୁ ଆନ୍ଧ୍ରପ୍ରଦେଶର ଭାଷା। ଏହାର ସାହିତ୍ୟ ଏକାଦଶ ଶତାବ୍ଦୀରୁ ଆରମ୍ଭ ହୋଇଛି ଏବଂ ଏହା ବେଶ୍ ସମୃଦ୍ଧଶାଳୀ। ଏହା ବ୍ୟତୀତ ପୂର୍ବ ବେଲୁଚିସ୍ତାନରେ ବ୍ରାହୁଇ ନାମକ ଗୋଟିଏ ଭାଷା ପ୍ରଚଳିତ। ଏହି ଭାଷାଟି ମଧ୍ୟ ଦ୍ରାବିଡ଼ ପରିବାରର ଅନ୍ତର୍ଭୁକ୍ତ।

## (୭) ଅଷ୍ଟ୍ରିକ ପରିବାର :

ଭାଷାବିଜ୍ଞାନୀମାନଙ୍କ ମତରେ ଅଷ୍ଟ୍ରିକ୍ ଭାଷା ପରିବାରରେ ଦୁଇଗୋଟି ବିଭାଗ ରହିଛି । ପ୍ରଥମଟି ହେଉଛି ଅଷ୍ଟ୍ରୋ-ଏସିଆଟିକ୍ (Austro- Asiatic) ଏବଂ ଦ୍ୱିତୀୟଟି ହେଉଛି ଅଷ୍ଟ୍ରୋ - ନେସିଆନ୍ (Austronesian) । Father W.Schmidt ଆସାମର ଖାସି, ଦକ୍ଷିଣ ବର୍ମାର ମନ୍ ଓ ଇଣ୍ଡୋଚୀନ୍‌ର ଖ୍ମେର ଭାଷାକୁ ଅଷ୍ଟ୍ରୋ - ଏସୀୟ ପରିବାର ନାମରେ ନାମିତ କରିଛନ୍ତି । ପୂର୍ବ ଭାରତ ଏବଂ ତା'ର ପୂର୍ବ ଭାଗରେ ଥିବା ଅଞ୍ଚଳ ଏବଂ ଭାରତର ମଧ୍ୟଭାଗରେ ଅବସ୍ଥିତ ପାର୍ବତ୍ୟାଞ୍ଚଳରେ ବସବାସ କରୁଥିବା ମୁଣ୍ଡା ଓ ସାନ୍ତାଳୀ ଭାଷାଭାଷୀ ଆଦିବାସୀମାନଙ୍କ ଭାଷା ଏହାର ଅନ୍ତର୍ଗତ । ମୁଣ୍ଡାଭାଷା ଦୁଇଭାଗରେ ବିଭକ୍ତ; ଯଥା - ପୂର୍ବ ଶାଖାରେ ରହିଥିବା ଭାଷାଗୁଡ଼ିକ ହେଉଛି - ମୁଣ୍ଡାରୀ, ଭୂମିଜ, ହୋ, କୋରୁଆ ଏବଂ ସାନ୍ତାଳୀ । ସେହିପରି ପଶ୍ଚିମ ଶାଖାରେ ରହିଥିବା ଭାଷାଗୁଡ଼ିକ ହେଉଛି - ଜୁଆଙ୍ଗ, ଶବର, ଖରିଆ, କୁର୍କୁ ଇତ୍ୟାଦି । ତେବେ ମୁଣ୍ଡାଭାଷା ଭାରତରେ ହିଁ ପ୍ରଚଳିତ । ଓଡ଼ିଶା, ବିହାର, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ ପ୍ରଭୃତି ରାଜ୍ୟରେ ମୁଣ୍ଡା ଭାଷାଭାଷୀ ବାସ କରନ୍ତି ।

ଅଷ୍ଟ୍ରୋନେସିଆନ୍ ପରିବାର ଦୁଇ ଭାଗରେ ବିଭକ୍ତ । ଯଥା - ଇଣ୍ଡୋନେସିଆନ୍ ଏବଂ ଓସେନିଆନ୍ । ଇଣ୍ଡୋନେସିଆନ୍‌କୁ ମଧ୍ୟ ମାଲୟାନ୍ କୁହାଯାଏ । ଇଣ୍ଡୋନେସିଆନ୍ ଶାଖା ଚାରିଗୋଟି ପ୍ରଶାଖାରେ ବିଭକ୍ତ, ଯଥା-

(କ) ମାଲାଗାସି ଶାଖା - ଏଥିରେ ମାଫାଲି, ହୋଭା, ପୂର୍ବମାଡାଗାସ୍କର ଭାଷା ଅନ୍ତର୍ଗତ ।

(ଖ) ତଗାଲା ଶାଖା - ଏଥିରେ ଫର୍ମୋସା, ଗୋଲା, ପଲାନ୍ ,ସଙ୍ଗିର, ବେଉଟିକ୍ ଭାଷା ଅନ୍ତର୍ଗତ ।

(ଗ) ମାଳୟଜବ ଶାଖା - ମାଳୟ, ସେଲୋନ୍, ସୁମାତ୍ରା (ବାଲି) ଓ ଜାଭାନିଜ୍ ଭାଷା ।

(ଘ) ପୂର୍ବ - ଇଣ୍ଡୋନେସିଆନ୍ ଶାଖା - ଓସେନିଆନ୍ ଭାଷାର ମଧ୍ୟ ଚାରିଗୋଟି ପ୍ରଶାଖା । ତହିଁରୁ ମେଲାନେସିଆନ୍ ଏବଂ ପଲିନେସିଆନ୍ ପ୍ରଧାନ । ତେବେ ଓସେନିଆନ୍‌ରେ ୧୦/୧୨ ଗୋଟି ଭାଷା ଅନ୍ତର୍ଭୁକ୍ତ ।

## (୮) କକେସିଆନ୍ ପରିବାର (Caucasian) :

କୃଷ୍ଣସାଗର ଏବଂ କାସ୍ପିଆନ ସାଗରର ମଧ୍ୟବର୍ତ୍ତୀ କକେଶସ୍ ପାର୍ବତ୍ୟ ଅଞ୍ଚଳ ଏହି ପରିବାରର ପ୍ରଧାନ କ୍ଷେତ୍ର । ଏହି ପରିବାରର ଭାଷାମାନଙ୍କ ମଧ୍ୟରେ ଅନେକ ପାର୍ଥକ୍ୟ ସୃଷ୍ଟି ହୋଇଛି । କକେଶସ୍ ପରିବାରକୁ ମୁଖ୍ୟତଃ ଦୁଇଭାଗରେ ବିଭକ୍ତ କରାଯାଇଛି -

(କ) ଉତ୍ତରୀ ଶାଖା - ଏଥିରେ ରହିଥିବା ଭାଷାଗୁଡ଼ିକ ହେଲା ସିରକେସିଆନ୍, କିସ୍ମଅନ, ଲେସ୍କଅନ୍, ଲେଘିଆନ୍, ଚେଚେନିଶ୍, କାର୍ବାଡିନ୍ ଇତ୍ୟାଦି ।

(ଖ) ଦକ୍ଷିଣୀ ଶାଖା - ଏଥିରେ ରହିଥିବା ଭାଷାଗୁଡ଼ିକ ହେଉଛି ଜର୍ଜିଆନ୍, ସ୍ୱାନିଆନ୍, ମିଗ୍ରୋଲିଆନ୍, ଗ୍ରେଲିଆନ୍ ଇତ୍ୟାଦି ।

ଏହି ଭାଷାର ଲାକ୍ଷଣିକ ବୈଶିଷ୍ଟ୍ୟ ହେଲା - ଏହା ଅଶ୍ଳିଷ୍ଟ ଯୋଗାତ୍ମକ । ଏହି ପରିବାରର ଉପରୀଶାଖାରେ ସ୍ୱରଧ୍ୱନି ସଂଖ୍ୟା କମ୍ । କେତେକ ଭାଷାରେ ଲିଙ୍ଗ ସଂଖ୍ୟା ଛଅ । କେତେକ ଭାଷାରେ ବିଶେଷ୍ୟର ତିରିଶିଟି ଲେଖାଏଁ ବିଭକ୍ତ ରହିଛି । ଡକ୍ଟର ସତ୍ୟସ୍ୱରୂପ ମିଶ୍ର ଏହାକୁ ଭାଷା ନାମରେ ନାମିତ କରିଛନ୍ତି ।

### (୯) ଆମେରିକାନ୍ (American) :

ଆମେରିକାର ଅଧିକାଂଶ ଆଧୁନିକ ଭାଷା ଇଂରାଜୀ, ଫ୍ରେଞ୍ଚ, ଜର୍ମାନ୍ , ପର୍ତ୍ତୁଗୀଜ, ସ୍ପାନିସ୍ ଇଣ୍ଡୋୟୁରୋପୀୟ ପରିବାରର ଅନ୍ତର୍ଭୁକ୍ତ । ସେଣ୍ଟ୍ରାଲ ଆମେରିକା ଓ ମେକ୍‌ସିକୋରୁ ଆବିଷ୍କୃତ ଆଦିବାସୀ ଭାଷା ମାନଙ୍କ ଉପରେ ଗବେଷଣା ଜାରି ରହିଛି । ଦକ୍ଷିଣଆମେରିକାର ଆଦିବାସୀ ଭାଷା ଆହୁରି ଅଜ୍ଞାତ ବୋଲି ମତ ପାଇଛି । ଆମେରିକାର ଆଲ୍‌ଗୋଙ୍କନ୍, ଆଜଟେକ୍, ଆଥୋବେସ୍କାନ୍, ହୋକାନ୍, ମାୟାନ୍, କୋସାନ୍ ପ୍ରଭୃତି ଭାଷାମାନଙ୍କର ବର୍ଣ୍ଣନାତ୍ମକ ଅଧ୍ୟୟନ ଚାଲିଛି । ଏହାବ୍ୟତୀତ ଉତ୍ତର ଆମେରିକାରେ ଏସ୍କିମୋ (ଗ୍ରୀନ୍‌ଲାଣ୍ଡ), ଅଥଓ୍ୱାସ୍କୀ (କାନାଡ଼ା), ଅଲ୍‌ଗୋନ୍‌କୀ (ଯୁକ୍ତରାଷ୍ଟ୍ର), ନହୁଅତ୍‌ଲ (ମେକ୍ସିକୋ) ପ୍ରଭୃତି ଆଦିମ ଅଧିବାସୀମାନଙ୍କର ଭାଷା । ସେହିପରି ଦକ୍ଷିଣ ଆମେରିକାରେ କରୀବ, ଅବୋରକ, ତକୋ, ଅରୌକନ୍, ତିୟରାଦେଲ, ଆରାଓ୍ୱକ୍ ପ୍ରଭୃତି ଦଶଗୋଟି ଆଦିବାସୀ ଭାଷା ପ୍ରଚଳିତ ।

### (୧୦) ଅଷ୍ଟ୍ରେଲିଆନ୍ ପରିବାର (Australian) :

ଏହି ଭାଷା ଅଷ୍ଟ୍ରେଲିଆ ଏବଂ ଟାସ୍‌ମାନିଆ ଦ୍ୱିପପୁଞ୍ଜରେ ପ୍ରଚଳିତ । ଏହି ପରିବାରର ପ୍ରଧାନ ଭାଷା ହେଉଛି ମୈଖାରୀ ଓ କମିଲରୋଇ । ଏହି ପରିବାରର ଭାଷାଗୁଡ଼ିକ ଅଶ୍ଳିଷ୍ଟ ଯୋଗାତ୍ମକ । ଅଧିକାଂଶ ଭାଷାରେ ପ୍ରତ୍ୟୟ ଯୁକ୍ତ କରାଯାଇ ପଦ ଗଠନ କରାଯାଏ ।

### (୧୧) ଇଣ୍ଡୋନେସିଆନ୍ ପରିବାର (Indonesian) :

ଜାଭା, ସୁମାତ୍ରା, ପ୍ରଭୃତି ଦ୍ୱିପପୁଞ୍ଜରେ ଏହି ଭାଷା ପ୍ରଚଳିତ । ଏହି ଭାଷା ପରିବାରର ପ୍ରଧାନ ଶାଖାଗୁଡ଼ିକ ହେଉଛି – ମାଲାୟୀ, ଜାବାନିଜ୍, କ୍ରୋମୋ, କଓ୍ୱି, ତଗାଲ୍, ବଓକ୍, ବୁଘୀ, ଦୟକ୍ , ସୁନ୍ଦୀୟନ୍, ଫର୍ମୋଶନ୍ ଇତ୍ୟାଦି । ଏହି ଭାଷା ଗୁଡ଼ିକ ଉପରେ ଭାରତୀୟ ଆର୍ଯ୍ୟଭାଷା (ସଂସ୍କୃତ)ର ପ୍ରଭାବ ବେଶ୍ ପରିଲକ୍ଷିତ । ଏହି ଅଞ୍ଚଳରେ ଉଚ୍ଚବର୍ଗର ଲୋକମାନେ 'କ୍ରୋମୋ' ଭାଷା ବ୍ୟବହାର କରିଥାନ୍ତି । ନିମ୍ନବର୍ଗର ଲୋକମାନେ 'ନ୍‌ଗୋକୋ' ଭାଷା ବ୍ୟବହାର କରିଥାନ୍ତି । ଏଠାକାର ସାହିତ୍ୟିକ ଭାଷା ହେଉଛି 'କଓ୍ୱି' ।

### (୧୨) ମାଲେନେସିଆନ୍ ପରିବାର :

ଏହି ପରିବାର ପ୍ରଶାନ୍ତ ମହାସାଗର ମଧ୍ୟସ୍ଥ ମାଲେନେସିଆ, ଫିଜି ଆଦି ଦ୍ୱୀପପୁଞ୍ଜରେ ପ୍ରଚଳିତ । ଏହି ପରିବାର ଅନ୍ତର୍ଗତ ଭାଷା – ଗୁଡ଼ିକ ହେଲା – ହେବ୍ରିଡୀ, ଫିଜୀ, ଲ୍ୱାୟଲତୀ, କେଲିଡୋନୀ ଓ ସିଲୋମିନୀ । ଏହି ଭାଷାମାନଙ୍କର ଲାକ୍ଷଣିକ ବୈଶିଷ୍ଟ୍ୟ ହେଲା – ଏଥିରେ ରହିଛି ଏକବଚନ, ଦ୍ୱି – ବଚନ ଏବଂ ବହୁବଚନ । ଗଣନାପାଇଁ କେତେବେଳେ ଚାରି ଉପରେ, କେତେବେଳେ ଦଶ ଉପରେ ଏବଂ କେବେକେବେ ଗୋଟିଏ ଉପରେ ଗୁରୁତ୍ୱ ପ୍ରଦାନ କରାଯାଏ ।

### (୧୩) ପାଲେନେସିଆନ୍ ପରିବାର :

ଏହି ଭାଷା ପରିବାର ପାଲେନେସିଆରେ ପ୍ରଚଳିତ । ଏହି ପରିବାର ଅନ୍ତର୍ଗତ ଭାଷାଗୁଡ଼ିକ ହେଲେ – ହାଓ୍ୱାଇ, ମଓରୀ, ଟୋଙ୍ଗୀ, ତାହିତୀ, ମାଲ୍‌କ୍ୱିସିଜ୍, ସମୋଇ ଇତ୍ୟାଦି । ଏହି ପରିବାରର ଲାକ୍ଷଣିକ ବୈଶିଷ୍ଟ୍ୟ ହେଲା – ଏଥିରେ ସଂଯୁକ୍ତ ସ୍ୱର ଓ ସଂଯୁକ୍ତ ବ୍ୟଞ୍ଜନ ଶୁଣିବାକୁ ମିଳେନାହିଁ । ଏହି ପରିବାର ଅଯୋଗାତ୍ମକତାକୁ ଗତି କରିଛି ।

**(୧୪) ପାପୁଆ ପରିବାର :**

ନିଉଗିନି ନିକଟବର୍ତ୍ତୀ କ୍ଷୁଦ୍ର କ୍ଷୁଦ୍ର ଦ୍ୱୀପପୁଞ୍ଜରେ ଏହି ଭାଷା ପରିବାର ପ୍ରଚଳିତ। ନିଉଗିନି ଅଞ୍ଚଳରେ ପ୍ରଚଳିତ 'ମଫୋର' ଭାଷା ଏହାର ଏକ ପ୍ରଧାନ ଭାଷା।

**(୧୫) ସୁଦୂର ଉତ୍ତରର ଭାଷା ସମୂହ :**

ଏଥିରେ ତିନିଗୋଟି ଭାଷା ପରିବାର ରହିଛି -

(କ) ଆର୍କଟିକ୍ ଆମେରିକା ଭାଷା ପରିବାର - ଏହା ଏସ୍କିମୋ ଭାଷା ଏବଂ ଆଲେଉଟିନ୍ ଉପଭାଷାମାନଙ୍କୁ ନେଇ ଗଠିତ।

(ଖ) ହାଇପାର ବୋରିଆନ୍ ଭାଷା ପରିବାର - ଏଥିରେ ସୁଦୂର ଉତ୍ତରର ଚଟ୍‌କା ଭାଷା ଏବଂ ୟୁକାଙ୍ଗିର ଉପଭାଷାଗୁଡ଼ିକ ରହିଛି।

(ଗ) ଏଥିରେ ଆଇନୁ ଓ ଗିଲ୍ୟୁକ ଉପଭାଷାଗୁଡ଼ିକ ରହିଛି।

## ୧.୫ ଭାରତର ଭାଷା ପରିବାର

"ଏହା ଜଣାଅଛି ଯେ, ଅଷ୍ଟ୍ରିକ ପରିବାରର ଭାଷା ସମୂହ, ଦ୍ରାବିଡ଼ ଗୋଷ୍ଠୀ, ତେଲଗୁ, କାନ୍ନଡ଼ା ଓ ମାଲାୟମ ଆଦି ୫ଟି ଭାଷାଗୋଷ୍ଠୀକୁ ନେଇ ଭାରତର ଭାଷା ପରିବାର ସମୃଦ୍ଧ। ବର୍ତ୍ତମାନ ସେସବୁର ସାମ୍ୟକ ଆଲୋଚନା କରାଯାଉଛି।

**(କ) ଅଷ୍ଟ୍ରିକ ପରିବାରର ଭାଷା ସମୂହ :** ଭାରତର ପ୍ରାଚୀନତମ ବା ଆଦିମ ଭାଷା ହେଉଛି ଆଦିବାସୀ ଭାଷା। ଏହି ଭାଷା ଅଷ୍ଟ୍ରିକ ପରିବାରର ଭାଷା ଭାବରେ ପରିଚିତ। ୧୯୬୧ ଜନଗଣନାରେ ଅଷ୍ଟ୍ରିକ ପରିବାରର ଭାଷାରେ ୬୫ ଗୋଟି ମାତୃଭାଷାର ସନ୍ଧାନ ମିଳିଥାଏ। ଅଷ୍ଟ୍ରିକ ଗୋଷ୍ଠୀର ଭାଷା ସାଧାରଣତଃ ଦୁଇ ପ୍ରଧାନ ଭାଗରେ ବିଭକ୍ତ। (୧) ମନଖେମର (Mon-Khmer), (୨) ମୁଣ୍ଡା। ଓଡ଼ିଶାରେ ଏହି ମୁଣ୍ଡାଗୋଷ୍ଠୀର ବହୁ ବିଭାଗ ରହିଅଛି ଯାହାକୁ କି ଆମେ ଆଜି ଆଦିବାସୀ ଭାଷା ବୋଲି କହୁଛୁ। ଓଡ଼ିଶାରେ ମୁଣ୍ଡାଭାଷା କହୁଥିବା ଲୋକଙ୍କର ସଂଖ୍ୟା ହେଉଛି ୧୨୯,୧୧୦, କନ୍ଧ ୧୪୪,୯୨୨ କୁଇ ୫୧୦,୯୦୭ , ସାନ୍ତାଳୀ ୩୫୮,୨୬୨ ଶବର ୨୧୦,୯୮୧ ହୋ ୨୦୩,୦୫୨ ଓ କିଷାନ୍ ୪୯,୩୧୬। ଏ ଗୁଡ଼ିକ ହେଲା ଆଦିବାସୀ ଭାଷା ମଧ୍ୟରେ ପ୍ରଧାନ ଭାଷା। କିନ୍ତୁ ଏହା ଛଡ଼ା ଜୁଆଙ୍ଗ, ଖଡ଼ିଆ, ଭୂମିଜ, କୋହ୍ଲ ପ୍ରଭୃତି ଅନ୍ୟାନ୍ୟ ଆଦିବାସୀ ଭାଷା ରହିଛି। ୧୯୬୧ ଜନଗଣନା ଅନୁଯାୟୀ ଓଡ଼ିଶାରେ ଆଦିବାସୀମାନଙ୍କର ସଂଖ୍ୟା ହେଉଛି ୪୨,୨୩,୭୫୭ ଓ ତାହା ସମଗ୍ର ଲୋକସଂକ୍ୟାର ଶତକଡ଼ା ୨୪.୭୬ ଭାଗ ଅଟନ୍ତି।

**(ଖ) ତିବ୍ବତୀ - ଚୀନା ପରିବାରର ଭାଷା ସମୂହ :** ୧୯୬୧ ଜନଗଣନା ଅନୁସାରେ ଏହି ଗୋଷ୍ଠୀର ବିଭିନ୍ନ କଥିତ ଭାଷାସଂଖ୍ୟା ହେଉଛି ୨୨୬। ପଶ୍ଚିମରେ ଲଦାକ୍ ଠାରୁ ଉତ୍ତର - ପଶ୍ଚିମ ସୀମାନ୍ତ ଅଞ୍ଚଳ ପର୍ଯ୍ୟନ୍ତ ବିଶେଷତଃ ହିମାଳୟର ପାଦଦେଶ ଭୂଖଣ୍ଡରେ ଏହି ପରିବାରର ଭାଷାସମୂହ ବ୍ୟବହୃତ ହୋଇଥାଏ।

ଆସାମର ପୂର୍ବାଞ୍ଚଳରେ ମଧ ତିବ୍ବତୀୟ - ଚୀନ ପରିବାରର ଭାଷା ରହିଛି । ୧୯୬୧ ଜନଗଣନା ଅନୁସାରେ ଏମାନଙ୍କ ଗୋଷ୍ଠୀର ଭାଷାଭାଷୀଙ୍କ ସଂଖ୍ୟା ହେଲା ୩,୧୮୩,୮୦୧ । ଓଡ଼ିଶାରେ ଉକ୍ତ ପରିବାର ଭାଷାଭାଷୀର ପ୍ରଶ୍ନ ଉଠେ ନାହିଁ ।

**(ଗ) ତିବ୍ବତୀ-ବର୍ମୀ ଉପପରିବାର (ତିବ୍ବତୀ - ହିମାଳୟ ଶାଖା) :** ଏହି ପରିବାରରେ ମାଲାନୀ, ଜଙ୍ଗଲୀ, ନେଓ୍ୱାର. ଲେପଛା ଓ ଲହୁରୀ ପ୍ରଭୃତି ୨୬ଟି ଭାଷା ରହିଛି ।

**(ଘ) ତିବ୍ବତୀ- ହିମାଳୟ ଶାଖା :** ଏହି ଶାଖାରେ ଭୋଟିଆ ଭାଷା ଅନ୍ତର୍ଭୁକ୍ତ । ଏହି ଗୋଷ୍ଠୀରେ ୩୩ ଗୋଟି ମାତୃଭାଷାର ସନ୍ଧାନ ମିଳିଥାଏ । ଭୋଟିଆ ଭାଷାର ତିବ୍ବତୀ ଭାଷା ସହିତ ଘନିଷ୍ଠ ସମ୍ବନ୍ଧ ରହିଛି । ଉକ୍ତ ଶାଖାରେ ତିବ୍ବତୀ, ଲାମା, ଲଦଖୀ, ସେରପୀ, ଭୁଟାନୀ ଓ ସକିମ ଭୋଟିଆ ପ୍ରଭୃତି ଭାଷା ଅନ୍ତର୍ଗତ ।

**(ଙ) ତିବ୍ବତୀ - ଆସାମୀ ଶାଖା :** ନେଫା ଅଞ୍ଚଳରେ ତିବ୍ବତୀବର୍ମୀ ଭାଷା କଥିତ । ମିରୀ, ମିସମୀ, ଡିଗୁର, ମିଜ୍, ମିନୀଓଙ୍ଗ, ପଙ୍ଗୀ ଓ ଅକ୍ ପ୍ରଭୃତି ଭାଷା କଥିତ । ମିରୀ ଓ ମିସି ଭାଷାଭାଷୀଙ୍କର ଲୋକସଂଖ୍ୟା ନେଫା ଅଞ୍ଚଳରେ ହେଉଛି ୩୮, ୭୦୫ । ସମସ୍ତ ଆସାମ ପ୍ରଦେଶରେ ମିରୀ ଭାଷା କହୁଥିବା ଲୋକେ ୧୯୬୧ ଜନଗଣନା ଅନୁଯାୟୀ ୧୦୨,୯୨୦ ଅଟନ୍ତି ଓ ମିସି ଭାଷା କହୁଥିବା ଲୋକେ ହେଉଛନ୍ତି ୩୩,୪୦୨ ।

**(ଚ) ଆସାମ- ବର୍ମୀ ଶାଖା :** ଏହି ଶାଖାରେ ସର୍ବମୋଟ ୧୪୪ଟି ଭାଷା ରହିଛି; କିନ୍ତୁ ସେଗୁଡ଼ିକର କଥିତ ସଂଖ୍ୟା ଖୁବ୍ କମ୍ । ଏହି ଗୋଷ୍ଠୀର ଭାଷା ମଧ୍ୟରେ ନାଗା, ବଡ଼ୋ, କଚିନ୍, କୁକି-ଚୀନ୍ ପ୍ରଭୃତି ଗୋଷ୍ଠୀ ପ୍ରଧାନ । କାମରୂପ ପଶ୍ଚିମାଂଶରେ ମେଛ ଓ କଚାରୀମାନେ ଏହି ବଡ଼ୋ ଗୋଷ୍ଠୀର ଅନ୍ତର୍ଭୁକ୍ତ ।

**(ଛ) କୁକୀ-ଚୀନ ଗୋଷ୍ଠୀ :** ଏହି ଗୋଷ୍ଠୀର ଭାଷାରେ ୬୯ଟି ଉପଭାଷା କଥିତ ହେଉଥିବାର ଦେଖାଯାଇଥାଏ । ନାଗା ପାର୍ବତ୍ୟ ଅଞ୍ଚଳଠାରୁ କାଚାର ପର୍ଯ୍ୟନ୍ତ ଓ ଅନ୍ୟ ଦିଗରେ ବର୍ମା ସୀମାନ୍ତଠାରୁ ପଶ୍ଚିମରେ ବଙ୍ଗୋପସାଗର ପର୍ଯ୍ୟନ୍ତ ଏହି ଭାଷା କଥିତ । ଉକ୍ତ ଅଞ୍ଚଳ ମଧ୍ୟରେ ମଣିପୁର ଅନ୍ତର୍ଭୁକ୍ତ । ଗ୍ରୀୟାର- ସନଙ୍କ ମତରେ କୁକୀ ଶବ୍ଦ ଏକ ଅସାମୀୟା ଶବ୍ଦରୁ ଆସିଛି ଓ ତାହା ଲୁସେଇ, ଥାଡ଼ୋ ପ୍ରଭୃତି ବିଭିନ୍ନ ପାର୍ବତ୍ୟଜାତିମାନଙ୍କର ଅର୍ଥରେ ବ୍ୟବହୃତ ହୋଇଥାଏ । 'ଚୀନ' ଶବ୍ଦ ମୂଳ ବର୍ମୀ ଭାଷାରୁ ଆସିଛି ଓ ତାହାର ଅର୍ଥ ପର୍ବତ ବା ପାହାଡ଼ ଅଟେ ଏବଂ ତାହା ବର୍ମା, ଆସାମ ଓ ବଙ୍ଗଳା ମଧ୍ୟରେ ଥିବା ଆଦିମ ଅଧିବାସୀମାନଙ୍କ ଅର୍ଥରେ ବ୍ୟବହୃତ ହୋଇଥାଏ ।

## ଦ୍ରାବିଡ଼ ଗୋଷ୍ଠୀ (ତାମିଲ)

ଭାରତରେ ବୃହତ୍ତର ଦ୍ୱିତୀୟ ଭାହାଭାଷୀ ଲୋକସଂଖ୍ୟା ହେଉଛନ୍ତି ଦ୍ରାବିଡ଼ଭାଷୀ ଗୋଷ୍ଠୀ । ଏମାନଙ୍କର ଲୋକସଂଖ୍ୟା ହେଉଛନ୍ତି ୧୦୭,୪୧୦,୮୨୦ ଓ ସମଗ୍ର ଭାରତୀୟ ଭାଷାଭାଷୀଙ୍କର ୨୪.୪୭ ଭାଗ ଅଟନ୍ତି । ପୃଥିବୀର ଭାଷାଭାଷୀ ଲୋକଙ୍କ ମଧ୍ୟରେ ଦ୍ରାବିଡ଼ଭାଷୀଙ୍କର ସ୍ଥାନ ହେଉଛି ପଞ୍ଚମ । ତାମିଲ ଦ୍ରାବିଡ଼ଗୋଷ୍ଠୀ ମଧ୍ୟରେ ପ୍ରାଚୀନତର ଭାଷା ଓ ଏହି ଭାଷାର ସ୍ଥିତି ୨୫୦୦ ବର୍ଷରୁ ଅଧିକ ବୋଲି ଭାଷାତତ୍ତ୍ୱବିଦ୍‌ମାନେ ଅନୁମାନ କରିଥାନ୍ତି । କେତେକଙ୍କ ମତରେ ହରପ୍ପା ମହେଞ୍ଜୋଦାରୋରୁ ମିଳୁଥିବା ଲିପିସମୁହ ହେଉଛି ପ୍ରନ୍-

ତାମିଲ ବା Proto-Tamil ଲିପି । ତାମିଲଭାଷା ଓ ସାହିତ୍ୟର ବିକାଶରେ ସଙ୍ଗମ (ସଂ ସଂଘ) ବା 'ସାହିତ୍ୟ'ଗୋଷ୍ଠୀ' ବହୁ ପ୍ରାଚୀନ କାଳରୁ ପ୍ରତିଷ୍ଠିତ ଥିଲା । ପ୍ରଥମ ଦୁଇଟି 'ସଂଗମ'ର ପ୍ରାଚୀନତା ନିର୍ଦ୍ଦେଶ କରିବା କଠିନ ; କିନ୍ତୁ ତୃତୀୟ 'ସଂଗମ'ର ସମୟ ହେଉଛି ଖ୍ରୀ.ପୂ ; ୧୦୦୦ର ଦ୍ୱିତୀୟ ଭାଗ ଏହି ସଂଗମ କାଳରେ ହିଁ ପ୍ରାଚୀନ ତାମିଲ ଭାଷାର ପ୍ରାଚୀନତମ ରଚନା ମିଳିଥାଏ । ପ୍ରାଚୀନ ତାମିଲ 'ଦମିଜ୍‌ଜ' (Damiza) ଭାବରେ କଥିତ । ଗ୍ରୀକ୍‌ଭାଷାରେ ଦ୍ରାବିଡ ଦମିର୍ ଯାହା ପ୍ରାଚୀନ ତାମିଲରେ ହେଲା ତାମିଜକମ୍ (Tamizakam) ବା ତାମିଲ ଦେଶ । କେତେକ ଭାଷାବିତ୍‌ଙ୍କ ମତରେ 'ଦ୍ରାବିଡ଼' ବା 'ଦମିଜ୍‌ଜ' ଶବ୍ଦର ମୂଳ ହେଲା ସିଂହଳୀଭାଷାର ଦମିଳ (Damila) । ତାମିଲ ଭାହା ଓ ସାହିତ୍ୟକୁ ତିନୋଟି ପ୍ରଧାନ ଭାଗରେ ବିଭକ୍ତ କରାଯାଇଥାଏ ।

(୧) ପ୍ରାଚୀନତା ତାମିଲ ଯୁଗ- ପ୍ରାଚୀନ କାଳରୁ ଖ୍ରୀ ; ୫୦୦ ଶତକ
(ଏହା ମଧ୍ୟରେ ଚେର, ଚୋଳ ଓ ପାଣ୍ଡ୍ୟ ରାଜାମାନଙ୍କର ରାଜତ୍ୱ ଅନ୍ତର୍ଭୁକ୍ତ)

(୨) ପ୍ରାଚୀନ ତାମିଲ ସାହିତ୍ୟ ଯୁଗ - ଖ୍ରୀ ; ୫୦୦ - ଖ୍ରୀ ;୧୩୫୦ ଶତକ
(ପଲ୍ଲବ, ଚାଲୁକ୍ୟ ଓ ଚୋଳ ରାଜତ୍ୱ ଅନ୍ତର୍ଭୁକ୍ତ)

(୩) ମଧ୍ୟ -ତାମିଲ ଯୁଗ - ଖ୍ରୀ ୧୩୫୦-୧୮୦୦ ଓ ଆଧୁନିକ ତାମିଲ ଯୁଗ ଖ୍ରୀ ; ୧୮୦୦ ରୁ ଅଧୁନାତନ ସମୟ ପର୍ଯ୍ୟନ୍ତ ପରିବ୍ୟାପ୍ତ । ତାମିଲ ଲୋକେ ତାଙ୍କ ସାହିତ୍ୟର ପ୍ରାଚୀନତା ନେଇ ଗର୍ବ କରିଥାନ୍ତି । ବହୁ ପ୍ରାଚୀନକାଳର ତାମିଲଭାଷାର ପାଠରେ ବିଶେଷଧରଣର ଯୋଗ୍ୟତା ଆବଶ୍ୟକ ହୋଇଥାଏ ଓ ତାହା ସହଜରେ ବୁଝି ହୋଇ ନଥାଏ । ତାମିଲଭାଷାରେ କେତେକ ସଂସ୍କୃତ ଓ ପ୍ରାକୃତ ଶବ୍ଦ ମିଶିଯାଇଥିଲେ ମଧ୍ୟ ସେ ଭାଷାର ପୂର୍ଣ୍ଣ ସ୍ୱାତନ୍ତ୍ର୍ୟ ରହିଅଛି ।

## ତେଲଗୁ

ତେଲୁଗୁଭାଷାରେ ୨୫ଟି ଉପଭାଷା ରହିଛି । ଏହି ଭାଷାରେ ୩୫ କୋଟି ୫୦ଲକ୍ଷ ଲୋକ କଥାବାର୍ତ୍ତା ହୁଅନ୍ତି । ଖ୍ରୀ, ସପ୍ତମ ଶତାବ୍ଦୀର ପ୍ରାଚୀନ ଲେଲ୍ଗୁ ଅଭିଲେଖ ଏ ଭାଷାର ପ୍ରାଚୀନ ସ୍ୱରୂପ ଦେଖାଇଥାଏ । ଐତେରୀୟ ଆରଣ୍ୟକ (ଖ୍ରୀ ; ପୂ ୭୦୦) ଗ୍ରନ୍ଥରେ ଆନ୍ଧ୍ରମାନଙ୍କର ଉଲ୍ଲେଖ ମିଳିଥାଏ । କଳିଙ୍ଗ ସମ୍ରାଟ ଖାରବେଳ (ଖ୍ରୀ; ପୂ ଦ୍ୱିତୀୟ ଶତକ) ଙ୍କୁ ଡକ୍ଟର ସୁନୀତକୁମାର ଚାଟାର୍ଜୀ ଆନ୍ଧ୍ର ଥିବାର କହନ୍ତି । ସେ ଖାରବେଳ ଶବ୍ଦର ବ୍ୟାଖ୍ୟ କରନ୍ତି ଯଥା - Kar (କଳା) Vil (lance) (He of the Black lance) ତେଲଗୁଭାଷାର ପ୍ରାଚୀନ ସାହିତ୍ୟ ମିଳେ ଖ୍ରୀ ; ୧୧ଶ ଶତକରୁ ।

(୧) ପ୍ରାଚୀନତା ତେଲୁଗୁ ପ୍ରାଚୀନକାଳରୁ ଖ୍ରୀ ୧୦୦୦ ଶତକ ।

(୨) ମଧ୍ୟଯୁଗ (କ) ଖ୍ରୀ ;୧୦୦୦ - ଖ୍ରୀ : ୧୩୫୦
(ଖ) ଖ୍ରୀ ;୧୩୫୦ - ଖ୍ରୀ : ୧୫୦୦
(ଗ) ଖ୍ରୀ ;୧୫୦୦ - ଖ୍ରୀ : ୧୬୫୦
(ଘ) ଖ୍ରୀ ;୧୬୫୦ - ଖ୍ରୀ : ୧୮୦୦

(୩) ଆଧୁନିକ ଯୁଗ - (କ) ଖ୍ରୀ; ୧୮୦୦ - ତେଲୁଗୁ ପ୍ରାଚୀନ ସାହିତ୍ୟରେ ବ୍ରାହ୍ମଣ ନାନ୍ନୟା ଭଟ୍ଟା ତେଲୁଗୁର ଆଦିକବି ଆମର ସାରଳା ଦାସଙ୍କ ପରି। ସେ ଆଦି, ସଭା ଓ ବନପର୍ବର କେତେକାଂଶ ସଂସ୍କୃତରୁ ଅନୁବାଦ କରିଥିଲେ ଏବଂ ଏହି ରଚନାର ସମୟ ହେଉଛି ଖ୍ରୀ ; ୧୦୨୧ ; ତେଲୁଗୁ ସାହିତ୍ୟରେ ଏହି ଗ୍ରନ୍ଥ ପ୍ରାଚୀନ ତଥା ଶ୍ରେଷ୍ଠ ଗ୍ରନ୍ଥ ଭାବରେ ପରିଚିତ। ଏହି ସାହିତ୍ୟକୁ ସେମାନେ 'ଦ୍ରାକ୍ଷାପାକ' ସହିତ ତୁଳନା କରିଥାନ୍ତି, ଯାହା କଦଳୀ, ନାରିକେଳ ଓ ପାଷାଣପାକଠାରୁ ସ୍ୱତନ୍ତ୍ର ଭାବରେ ଅଭିହିତ। ତେଲୁଗୁ ଭାଷାରେ ଦୁଇ ପ୍ରକାର ଶୈଳୀ ରହିଛି। ଗୋଟିଏ 'ଉଚ୍ଚାଙ୍ଗ' ଓ ଅନ୍ୟଟି ଲୌକିକ - ଯାହା ବିଭିନ୍ନ ଶିଳାଲେଖର ଭାଷାରେ ଦେଖାଯାଇଥାଏ। ଆମର କାବ୍ୟ ଯୁଗର ସାହିତ୍ୟ ପରି ତେଲଗୁରେ ଆଳଙ୍କରଣ କାବ୍ୟ ରହେ, ସାହିତ୍ୟ ବହୁଳ ଭାବରେ ପରିଦୃଷ୍ଟ ହୋଇଥାଏ।

## କାନ୍ନଡ଼ା

ଦ୍ରାବିଡ଼ ଭାଷାରେ ତୃତୀୟ ପ୍ରଧାନ ଭାଷା ହେଉଛି କାନ୍ନଡ଼ା। ଏହି ଭାଷାଭାଷୀ ଲୋକଙ୍କ ସଂଖ୍ୟା ହେଉଛି ୧୭,୪୧୫,୮୨୭ ଓ ଏହି ଭାଷାରେ ୩୨ଟି ଉପଭାଷା ରହିଛି। 'କର୍ଣ୍ଣାଟକ' ଶବ୍ଦରୁ କାନଡ଼ା ଶବ୍ଦର ଉତ୍ପତ୍ତି। ପ୍ରାଚୀନତା ଯଥେଷ୍ଟ ରହିଛି। ଏହି ଭାହାର ପ୍ରାଚୀନତମ ସ୍ୱରୂପ ଖ୍ରୀ. ଦ୍ୱିତୀୟ ଶତକର ଏକ ଗ୍ରୀକ୍ ନାଟକରୁ ମିଳିଥାଏ।

''The earliest speciments of the language are said to go back to a few lines in a greek Drama found in a fragmentary form on papyrus remains of the 2nd century A.D. From Oxyrr Hinucus In North Egypt In Which A Scene In An Indian Court Is depicted where the king and his Courtiers Speak in a barbarian language which on examination ( by Dr. Hultzsch) has been considered to be accedent Kanada'

କାନାଡ଼ା ଭାଷାରେ ବହୁ ସଂସ୍କୃତ ଶବ୍ଦ ନ ରହିଲେ ମଧ୍ୟ ଏ ଭାଷାର ସ୍ୱାତନ୍ତ୍ର୍ୟ ରହିଛି। କାନାଡ଼ା ଲୌକିକ ଭାଷାରେ ବହୁ ଶିଳାଲେଖ ରହିଛି ଏବଂ ଏହାର ପ୍ରାଚୀନତମ ଅଭିଲେଖର ସମୟ ଖ୍ରୀ. ୫୦୦ ଶତକ ଅଟେ। ପ୍ରାଚୀନତମ କାନାଡ଼ା ଗ୍ରନ୍ଥ ହେଉଛି 'କବି - ରାଜା-ମାର୍ଗ' ଓ ଲେଖକ ହେଉଛନ୍ତି କବି ନୃପତୁଙ୍ଗ (ଖ୍ରୀ. ୮୧୪ - ଖ୍ରୀ ୮୭୭)। କବି ନୃପତୁଙ୍ଗ ରାଷ୍ଟ୍ରକୂଟ ରାଜାବଂଶର ରାଜା ଥିଲେ। କାନାଡ଼ା ସାହିତ୍ୟ କାଳବିଭାଗ ଏହିପରି ଭାବରେ କରାଯାଇପାରେ।

(କ) ପ୍ରାଚୀନ କାନାଡ଼ା - ଖ୍ରୀ ୮୦୦ ଶତକ

(ଖ) ପ୍ରାଚୀନ କାନାଡ଼ା ଖ୍ରୀ ୮୦୦ - ୧୧୫୦

(ଗ) ମଧ୍ୟ କାନାଡ଼ା ଖ୍ରୀ ୧୦୫୦ - ୧୩୫୦

(ଘ) ମଧ୍ୟ କାନାଡ଼ା ଖ୍ରୀ ୧୩୫୦ - ୧୫୦୦

(ଙ) ମଧ୍ୟ କାନାଡ଼ା ଖ୍ରୀ ୧୫୦୦ - ୧୮୦୦

ଆଧୁନିକ ଯୁଗ ଖ୍ରୀ. ୧୮୦୦ -

Language & literatures of modern Indian – Dr. S.K. Chatterjee P. 290

## ମାଲୟାଲମ୍

କେରଳ ପ୍ରଦେଶ ଭାଷା ହେଉଛି ମାଲୟାଲମ୍। ମାଲୟାଲାମ୍ ଶବ୍ଦର ଅର୍ଥ ହେଉଛି 'ପାର୍ବତ୍ୟ ଅଞ୍ଚଳର ଭାଷା - 'Mala', 'Malai' ଶବ୍ଦର ଅର୍ଥ ମାଳ ବା ପାର୍ବତ୍ୟ ଅଞ୍ଚଳ ଓ ଅଲମ୍ 'Alam' ର ଅର୍ଥ 'Dales' ବା ଉପତ୍ୟକା। ପ୍ରାଚୀନ କାଳରେ କେରଳ 'ଚେର' ଦେଶ ଭାବରେ ପରିଚିତ ଥିଲା। ପ୍ରାଚୀନ ତାମିଲ ଭାଷା ସହିତ ମାଲାୟାଲାମର ଘନିଷ୍ଠ ସମ୍ପର୍କ ରହିଅଛି। ତେଲୁଗୁ, ତାମିଲ ବା କାନାରୀ ସାହିତ୍ୟ ପରି ମାଲାୟାଲମର ସେପରି ପ୍ରାଚୀନ ପରମ୍ପରା ନାହିଁ। ମାଲାୟାଲମ୍ ସାହିତ୍ୟକୁ ସାଧାରଣତଃ ଦୁଇ ଭାଗରେ ବିଭକ୍ତ କରାଯାଇଥାଏ।

(୧) ପ୍ରାଚୀନ ମାଲୟାଲମ୍ ସାହିତ୍ୟ - ଖ୍ରୀ.. ୧୩୫୦ - ୧୮୦୦

(୨) ଆଧୁନିକ ଯୁଗ - ୧୮୦୦

ସଂସ୍କୃତ ଭାଷାରେ ଅତ୍ୟଧୁନିକ ପ୍ରଭାବ ମାଲୟାଲମ୍ ଭାଷା ଉପରେ ରହିଛି। ମାଲୟାଲମ୍‌ର ଅନେକଗୁଡ଼ିଏ ଉପଭାଷା ରହିଛି ; ଯେପରି କରୁକଲ୍, ମାଲାୟକ୍‌କ, ଓଡ଼, କେତୁର, ପନିଆ, ୟେରଭ ଇତ୍ୟାଦି।

ଅନ୍ୟାନ୍ୟ ଦ୍ରାବିଡ଼ଭାଷା ମଧ୍ୟରେ **ଟୁଲୁ** ହେଉଛି ଅନ୍ୟତମ। ମହୀଶୁର ପ୍ରଦେଶରେ ଟୁଲୁ ଭାଷୀ ଲୋକଙ୍କର ସଂଖ୍ୟା ହେଉଛି ୯୩୪; **କୋଡ଼ିଗୁ ବା କୁଗୀ** ଭାଷୀ ଲୋକସଂଖ୍ୟା ହେଉଛନ୍ତି ୭୮,୨୦୨। ବହୁ ପ୍ରାଚୀନ ଦ୍ରାବିଡ଼ ଜାତିର ଅତି ଅଳ୍ପସଂଖ୍ୟାକ ଲୋକ ନୀଳଗିରି ପାର୍ବତ୍ୟ ଅଞ୍ଚଳରେ ରହିଛନ୍ତି ଓ ସେମାନେ **ତୋଡ଼** ଭାବରେ କଥିତ। ସେମାନଙ୍କ ସଂଖ୍ୟା ହେଉଛି ମୋଟ ୭୬୦। ଅନ୍ୟ ଏକ ଦ୍ରାବିଡ଼ଭାଷୀ **କୋଟ** ମାନ୍ଦ୍ରାଜ ପ୍ରଦେଶ ରହିଅଛନ୍ତି ଓ ସେମାନଙ୍କ ସଂଖ୍ୟା ହେଉଛି ପ୍ରାୟ ୮୬୨।

ଆଗରୁ କୁହାଯାଇଛି ଯେ ମଧ୍ୟବର୍ତ୍ତୀ ଦ୍ରାବୀଡ଼ ଭାଷୀ ଅନେକ ଗୁଡ଼ାଏ ରହିଅଛନ୍ତି ଓ ସେଗୁଡ଼ିକ ହେଲେ କୁରୁଖ- ଓରାଓଁ, ଆଦିଭାଷା - କରୁଖ୍ ଓରାଓଁ, କିଶାନ - କୁରୁଖ ଓରାଓଁ, ଲୋହାରୀ- କୁରୁଖ୍ -ଓରାଓଁ ମହ୍ଲାର, ମାଲ୍‌ଟୋ, ସଉରିଆ ଇତ୍ୟାଦି।

କୈନ୍ଦ୍ରିକ ଦ୍ରାବିଡ଼ିଗୋଷ୍ଠୀ ମଧ୍ୟରେ ଗଣ୍ଡଭାଷା, କୁଇ, କନ୍ଧ, କୋୟା, ପର୍ଦ୍ଦି, କୋଲିପି ପ୍ରଭୃତି ଭାଷା ଅନ୍ତର୍ଭୁକ୍ତ। ବିହାର, ଓଡ଼ିଶା, ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରରେ ଗଣ୍ଡଭାଷୀ ଲୋକଙ୍କ ସଂଖ୍ୟା ହେଉଛି ୧,୩୮୪,୩୨୧। କୁଇଭାଷୀ ଲୋକସଂଖ୍ୟା ୫୧୦, ୯୦୭ ଓ କନ୍ଧଭାଷା କଥିତ ଲୋକସଂଖ୍ୟା ହେଉଛି ୧୬୯,୦୨୭। କେବଳ ଓଡ଼ିଶାରେ କନ୍ଧ - ମାନଙ୍କର ସଂଖ୍ୟା ହେଉଛି ୧୪୪,୯୨୨। ପରଜାମାନଙ୍କର ଭାଷା ପାର୍ଦ୍ଦି ପ୍ରାୟ ୮୪,୬୦୭ ଓ ଏମାନେ ବହୁ ସଂଖ୍ୟାରେ କୋରାପୁଟ ଜିଲ୍ଲାରେ ରହିଅଛନ୍ତି। ଏହା ଛଡ଼ା କୋୟାଭାଷୀ ଲୋକସଂଖ୍ୟା ହେଉଛ ୧୪୦, ୭୭୬। ଏହିସବୁ ଭାଷା ଦ୍ରାବିଡ଼ଭାଷାର ନିକଟତମ ହୋଇଥିବାରୁ ସେଗୁଡ଼ିକ ଦ୍ରାବିଡ଼ଗୋଷ୍ଠୀର ଅନ୍ତର୍ଭୁକ୍ତ କରାଯାଇଛି।"

(ଓଡ଼ିଆ ଭାଷାର ଉତ୍ପତ୍ତି ଓ କ୍ରମବିକାଶ - ଡକ୍ଟର ବଂଶୀଧର ମହାନ୍ତି)

## ଭାରତୀୟ ଆର୍ଯ୍ୟଭାଷା

ଗବେଷକମାନେ ନିର୍ଣ୍ଣୟ କରିଛନ୍ତି ଯେ ଖ୍ରୀ.ପୂ ୨୦୦୦ ରୁ ୧୫୦୦ ମଧ୍ୟରେ ଆର୍ଯ୍ୟମାନେ ଭାରତକୁ ଆଗମନ କରିଥିଲେ। ସେମାନେ ପ୍ରଥମେ ଭାରତର ଉତ୍ତର-ପଶ୍ଚିମ ସୀମାନ୍ତ ଅଞ୍ଚଳରେ ବସବାସ କରିଥିଲେ। କ୍ରମେ ସେମାନେ ସପ୍ତସିନ୍ଧୁ, ମଧ୍ୟଦେଶ, କାଶୀ - କୋଶଳ, ପ୍ରଭୃତି ଅଞ୍ଚଳକୁ ପରିବ୍ୟାପ୍ତ ହୋଇଥିଲେ। ସପ୍ତସିନ୍ଧୁ ଅଞ୍ଚଳରେ ଋଗ୍‌ବେଦ, ସାମବେଦ ଓ ଯଜୁର୍ବେଦ ରଚିତ ହୋଇଥିଲା। ଅବଶ୍ୟ ପରବର୍ତ୍ତୀ କାଳରେ ଅଥର୍ବ ବେଦ ରଚିତ ହୋଇଥିଲା। ଖ୍ରୀ.ପୂ. ୧୦ମ ଶତାବ୍ଦୀବେଳକୁ ଚାରିଗୋଟି ବେଦ ସଂକଳିତ ହୋଇସାରିଥିଲା। ଋକ୍‌ବେଦ ସର୍ବପ୍ରାଚୀନ ବେଦ। ଏଥିରେ ଦଶଗୋଟି ମଣ୍ଡଳ ରହିଛି। ପ୍ରତ୍ୟେକଟି ମଣ୍ଡଳ ଜଣେ ଜଣେ ଋଷିଙ୍କ ନାମରେ ନାମିତ କରାଯାଇଛି। ଋକ୍‌ବେଦରେ ୧୦୧୭ ଗୋଟି ସ୍ତୋତ୍ର ସଂଙ୍କଳିତ।

ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷାର ବିକାଶ କାଳ ହେଉଛି ଖ୍ରୀ. ପୂ ୧୫୦୦ ରୁ ଖ୍ରୀ.ପୂ ୫୦୦। ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷାରେ ଦୁଇଗୋଟି ସ୍ତର ରହିଛି, ଯଥା -

(କ) ବୈଦିକ ସଂସ୍କୃତ (ଖ୍ରୀ.ପୂ. ୧୫୦୦ - ଖ୍ରୀ.ପୂ.୮୦୦)

(ଖ) ଲୋକିକ ସଂସ୍କୃତ (ଖ୍ରୀ.ପୂ. ୮୦୦-ଖ୍ରୀ.ପୂ. ୫୦୦)

ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷାର କେତେକ ବୈଶିଷ୍ଟ୍ୟ

(୧) ମୂଳ ଇଣ୍ଡୋ - ୟୁରୋପୀୟ ଭାଷାର (), ପ୍ରଭୃତି ଧ୍ୱନିଗୁଡ଼ିକ ଲୋପପାଇ ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷାର 'ର' କାରରେ ପରିଣତ ହେଲା।

(୨) ମୂଳ ଇଣ୍ଡୋ - ୟୁରୋପୀୟ ଭାଷାର 'ଅଇ' ଏବଂ 'ଅଉ' - ଏହି ଦ୍ୱିସ୍ୱର ଧ୍ୱନି ଦ୍ୱୟ ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷାରେ ଯଥାକ୍ରମେ 'ଏ' ଏବଂ 'ଓ' ରେ ପରିଣତ ହେଲା।

(୩) ସ୍ଥଳବିଶେଷରେ 'ର୍' କାର 'ଲ୍' କାରରେ ପରିଣତି।

(୪) ବୈଦିକ ସଂସ୍କୃତ ସ୍ୱର ପ୍ରଧାନ ଥିଲା। ସ୍ୱରର ପରିବର୍ତ୍ତନ ଘଟିଲେ ବେଦର ଭାଷାରେ ଅର୍ଥର ପରିବର୍ତ୍ତନ ଘଟେ। ସ୍ୱରଧ୍ୱନି ଉଦାତ୍ତ (Acute), ଅନୁଦାତ୍ତ (Unaccented ) ଏବଂ ସ୍ୱରିତ (Cercumflex), ଭାବରେ ଉଚ୍ଚାରିତ ହୋଇଥାଏ। ଲୌକିକ ସଂସ୍କୃତ ସ୍ୱରପ୍ରଧାନ ନୁହେଁ।

(୫) ବୈଦିକ ସଂସ୍କୃତ ଧାତୁ (Root) ପ୍ରଧାନ। କିନ୍ତୁ ଲୌକିକ ସଂସ୍କୃତ ଧାତୁ ପ୍ରଧାନ ନୁହେଁ।

(୬) ବୈଦିକ ସଂସ୍କୃତରେ ସମାସର ସ୍ୱଳ୍ପ ବ୍ୟବହାର ରହିଛି। କିନ୍ତୁ ଲୌକିକ ସଂସ୍କୃତରେ ସମାସର ପ୍ରୟୋଗ ଅଧିକ।

(୭) ପ୍ରାଚୀନ ବେଦର ଭାଷା 'ଭ୍' କାର ବହୁଳ।

(୮) ବୈଦିକ ଭାଷାରେ ଉପସର୍ଗ ମୂଳଶବ୍ଦ ବା ଧାତୁଠାରୁ ଦୂରରେ ରହି ବ୍ୟବହୃତ ହୋଇଥାଏ, ଯଥା - 'ପରି' ଦ୍ୟାବ୍ୟା ପୃଥିବୀ 'ଯନ୍ତି' ସଦ୍ୟ।

(୯) ବୈଦିକ ସଂସ୍କୃତର ଶବ୍ଦମାନଙ୍କରେ ଧାତୁର ଅର୍ଥ ପ୍ରାୟତଃ ସୁରକ୍ଷିତ ଥିଲା, କିନ୍ତୁ ଲୌକିକ ସଂସ୍କୃତରେ କେତେକ ସ୍ଥଳରେ ଅର୍ଥ ପରିବର୍ତ୍ତନ ଘଟିଅଛି ।

(୧୦) ବୈଦିକ ସଂସ୍କୃତ ଥିଲା ସଙ୍ଗୀତାତ୍ମକ । ଲୌକିକ ସଂସ୍କୃତରେ ସଙ୍ଗୀତାତ୍ମକତା ବୈଦିକ ସଂସ୍କୃତ ଅପେକ୍ଷା କମ୍ ଥିଲା ।

(୧୧) ବୈଦିକ ସଂସ୍କୃତ ବଳପ୍ରଧାନ ନ ହୋଇ ଥିଲା ସ୍ୱର ପ୍ରଧାନ । ଲୌକିକ ସଂସ୍କୃତ ହେଉଛି ବଳପ୍ରଧାନ ।

(୧୨) ବୈଦିକ ସଂସ୍କୃତରେ ରୂପ ରଚନା ଅତୀବ ଜଟିଳ ଥିଲା । ଲୌକିକ ସଂସ୍କୃତରେ ଭାଷା ଅଧିକ ଶୃଙ୍ଖଳିତ ତଥା ନିୟମବଦ୍ଧ ହୋଇଗଲା । ଏହିପରି ମୂଳରେ ରହିଛି ପାଣିନୀଙ୍କର ଅବଦାନ ।

## ମଧ୍ୟ ଭାରତୀୟ ଆର୍ଯ୍ୟଭାଷା

ମଧ୍ୟ ଭାରତୀୟ ଆର୍ଯ୍ୟ ଭାଷାର ବ୍ୟାପ୍ତି ହେଉଛି ଖ୍ରୀ.ପୂ.୫୦୦ ରୁ ଖ୍ରୀ.୧୦୦୦ । ମଧ୍ୟ ଭାରତୀୟ ଆର୍ଯ୍ୟ ଭାଷାର ୩ ଗୋଟି ସ୍ତର ରହିଛି । ଯଥା –

(କ) ପାଲି (ଖ୍ରୀ.ପୂ.୫୦୦ – ଖ୍ରୀ.ପୂ.୨୦୦)

(ଖ) ପ୍ରାକୃତ (ଖ୍ରୀ. ପୂ.୨୦୦ – ଖ୍ରୀ.୫୦୦)

(ଗ) ଅପଭ୍ରଂଶ (ଖ୍ରୀ.୫୦୦ – ଖ୍ରୀ. ୧୦୦୦)

**(କ) ପାଲି (ଖ୍ରୀ.ପୂ. ୫୦୦ – ଖ୍ରୀ.ପୂ.୨୦୦) :** ମଧ୍ୟ ଭାରତୀୟ ଆର୍ଯ୍ୟ ଭାଷାର ପ୍ରଥମ ସ୍ତର ହେଉଛି ପାଲି । 'ପାଲି' ଶବ୍ଦର ମୌଳିକ ଅର୍ଥ ପଂକ୍ତି ବା ଧାଡ଼ି । ଅବଶ୍ୟ ପରବର୍ତ୍ତୀ କାଳରେ ଏହା 'ଧର୍ମଗ୍ରନ୍ଥ ପଂକ୍ତି' କୁ ବୁଝାଇଥିଲା । ପଣ୍ଡିତ ବିଧୁଶେଖର ଭଟ୍ଟାଚାର୍ଯ୍ୟ ମତ ଦେଇଛନ୍ତି ଯେ 'ପଂକ୍ତି' ଶବ୍ଦର ଅପଭ୍ରଷ୍ଟ ରୂପ ହେଉଛି ପାଲି । ଅନ୍ୟ କେତେକ ବିଦ୍ୱାନ ମତ ଦେଇଛନ୍ତି ଯେ ମଗଧର ରାଜଧାନୀ 'ପାଟଳୀପୁତ୍ର' ର ଭାଷା ଥିଲା 'ପାଲି' ଯାହାକି 'ପାଟଳି' ଶବ୍ଦରୁ ସୃଷ୍ଟି ହୋଇଛି । କେତେକ ଆଲୋଚକ ମତ ରଖିଛନ୍ତି ଯେ, 'ପଲ୍ଲୀର ଭାଷା'ରୁ 'ପାଲି' ର ସୃଷ୍ଟି ହୋଇଛି । ପଣ୍ଡିତ ବିଦ୍ୟାଭୂଷଣ ଦର୍ଶାଇଛନ୍ତି ଯେ, 'ପହ୍ଲବୀ' (Pehlave) ଇରାନୀୟ ଆର୍ଯ୍ୟଶାଖାର (ମଧ୍ୟକାଳୀନ) ଶବ୍ଦରୁ 'ପାଲି' ଶବ୍ଦର ଉଦ୍ଭବ । ତାଙ୍କ ମତରେ ପହ୍ଲବୀ > ପଲ୍ଲଇ > ପାଲଇ > ପାଲି ।

ପାଲି ଭାଷାର ବୈଶିଷ୍ଟ୍ୟ –

(୧) ପାଲି ଭାଷାରେ ୧୦ ଗୋଟି ସ୍ୱରଧ୍ୱନି ରହିଛି । ଯଥା – ଅ, ଆ, ଇ, ଈ, ଉ, ଊ, ହ୍ରସ୍ୱ 'ଏ', ଦୀର୍ଘ 'ଓ' । ପାଲିରେ କିନ୍ତୁ ଋ,ୠ, ଌ, ଐ, ଔ ର ବ୍ୟବହାର ନାହିଁ । ଶ,ଷ ଓ ସ ସ୍ଥାନରେ କେବଳ 'ସ୍' ର ପ୍ରୟୋଗ ରହିଛି । 'ନ' ଏବଂ 'ଣ' ଉଭୟ ବର୍ଣ୍ଣ ରହିଛି ।

(୨) ହ୍ରସ୍ୱ 'ଏ' ଏବଂ ହ୍ରସ୍ୱ 'ଓ' ଧ୍ୱନି ଦ୍ୱୟ ପାଲିରେ ନୂତନ ଭାବରେ ବ୍ୟବହୃତ ।

(୩) ସଂସ୍କୃତ 'ର' କାର ପାଲିରେ ଅ, ଇ, ଓ ଉ ରେ ପରିଣତି ।

ଯଥା - ଘୃତମ > ଘତମ୍

ତୃଣମ୍ > ତିଣମ୍

ପୃଷ୍ଟଃ > ପୁଟଠୋ

(୪) ସଂସ୍କୃତରେ ସଂଯୁକ୍ତ ବ୍ୟଞ୍ଜନ ପୂର୍ବରେ ଥିବା 'ଅ' ପାଲିରେ ବେଳେବେଳେ 'ଏ' ରେ ପରିଣତ ହୋଇଥାଏ,

ଯଥା - ଶଯ୍ୟା > ସଯ୍ୟା

ଅଧସ୍ତାତ୍ > ହେଟ୍ଠା > (ଓ) ହେଠ

(୫) ସଂସ୍କୃତ ପରି ପାଲିରେ ବିସର୍ଗର ବ୍ୟବହାର ନାହିଁ । ସଂସ୍କୃତ ଅକାରାନ୍ତ ପଦର ଅନ୍ତସ୍ଥ ବିସର୍ଗ ସ୍ଥାନରେ ପାଲିର 'ଐ' କାର ସହିତ 'ଓ' କାର ହୋଇଥାଏ । କେଉଁଠି କେଉଁଠି ତାହା ଲୋପ ପାଇଥାଏ ।

ଯଥା - କଃ > କୋ > (ଓ) କେ

ଅଗ୍ନିଃ > ଅଗ୍‌ଗି > (ଓ) ଅଗି

(୬) ପାଲିରେ 'ରେଫ୍' ର ପ୍ରୟୋଗ ନାହିଁ ।

ଯଥା - ନିର୍ଜଳଃ > ନିଜ୍ଜଳୋ > ଓ. ନିଜଳ

ନିର୍ଲଜଃ > ନିଲ୍ଲଜୋ > ଓ. ନିଲଜ

(୭) ପାଲିରେ ପଦ ଆଦ୍ୟରେ ଥିବା 'ଦ୍ୟ' 'ଜ' ଏବଂ ମଧ୍ୟ ଓ ଶେଷରେ ଥିବା 'ଦ୍ୟ' 'ଜ୍ଜ' ରେ ପରିଣତ ହୁଏ ।

ଯଥା - ଅଦ୍ୟ > ଅଜ୍ଜ > ଓ. ଆଜି

ସଦ୍ୟଃ > ସଜ୍ଜୁ > ଓ. ସଜ

(୮) ଆମ୍ର ଓ ତାମ୍ର ପ୍ରଭୃତି ଶବ୍ଦରେ ଅମ୍ବ ଓ. ତମ୍ବ ପ୍ରଭୃତି ହୋଇଥାଏ ।

ଯଥା - ଆମ୍ରଃ > ଅମ୍ବୋ > ଓ. ଆମ୍ବ

ତାମ୍ରଃ > ତମ୍ବୋ > ଓ. ତମ୍ବା

(୯) 'ଶ୍ମ', 'ଷ୍ମ' ଓ 'ସ୍ମ' ର 'ମହ' ରେ ପରିଣତ ।

ଯଥା - ଗ୍ରୀଷ୍ମ > ଗିମ୍‌ହୋ, ଅସ୍ମାଙ୍କ > ଅମ୍‌ହାଙ୍କ୍

ଅସ୍ମି > ଅମ୍‌ହି , ଓ.ଆମ୍ଭ

(୧୦) ବେଳେବେଳେ 'ଗ' ର 'ଘ' ରେ ପରିଣତି ।

ଯଥା - ଗୃହଂ > ଘରଂ > ଓ. ଘର

ଗୃହିଣୀ > ଘରଣୀ > ଓ. ଘରଣୀ

(୧୧) ପଦର ଆଦ୍ୟରେ ଥିବା 'ସ୍କ' ଓ 'ସ୍ଖ' ର ସକାର ଲୋପ ହୁଏ ଏବଂ 'କ' ସ୍ଥାନରେ 'ଖ' ହୁଏ।

ଯଥା - ସ୍କନ୍ଧଃ > ଖନ୍ଧୋ > (ଓ) ଖନ୍ଧ

ସ୍କନ୍ଦ > ଖନ୍ଦୋ > (ଓ) ଖନ୍ଦା

(୧୨) ପଦର ପ୍ରାରମ୍ଭରେ ଥିବା 'ସ୍ତ' ସ୍ଥାନରେ 'ଥ' ହୁଏ। ସେହିପରି ମଧ୍ୟ କିମ୍ବା ଶେଷରେ ଥିବା 'ସ୍ତ' ସ୍ଥାନରେ 'ଥ୍ଥ' ବା 'ତ୍ଥ' ହୁଏ।

ଯଥା - ସ୍ତମ୍ଭଃ > ଥମ୍ଭୋ > (ଓ) ଥମ୍ଭ, ଖମ୍ଭ

ସ୍ତୋକଂ > ଥୋକଂ > (ଓ) ଥୋକ

ସ୍ଥିତି > ଥିତି > (ଓ) ଥିତି

ସ୍ଥାବରଃ > ଥାବରୋ > (ଓ) ଥାବର

(୧୩) ପାଲିରେ ପଦ ମଧ୍ୟରେ ବା ଅନ୍ତରେ ଥିବା 'ଥ୍ୟ' ସ୍ଥାନରେ 'ଛ' ହୋଇଥାଏ।

ଯଥା - ମିଥ୍ୟା > ମିଚ୍ଛା > (ଓ) ମିଛ

(୧୪) 'ଦ' ର 'ଡ' ପରିଣତି -

ଯଥା - ଦାହ > ଡାହ > (ଓ) ଡହ

ଦଂଶଃ > ଡଂସୋ > (ଓ) ଡାଆଁସ

(୧୫) ଲ > ନ

ଯଥା - ଲଲାଟଂ > ନଲାଟଂ > (ଓ) ନଲାଟ

ଲଙ୍ଗଳଂ > ନଙ୍ଗଳଂ > (ଓ) ନଙ୍ଗଳ

(୧୬) ପ > ବ

ଯଥା - କପିତ୍ଥଃ > କବିତ୍ଥୋ > (ଓ) କଇଥ / କଇଂଥ

ଗୋପେନ୍ଦ୍ରଃ > ଗୋବିନ୍ଦୋ > (ଓ) ଗୋବିନ୍ଦ

(୧୭) ଅଘୋଷ ବ୍ୟଞ୍ଜନ > ସଘୋଷ ବ୍ୟଞ୍ଜନ

ଯଥା - ଶାକ > ଶାଗ

ପଠତି > ପଢ଼ଇ

ଅପର > ଆବର

ଘଟିକା > ଘଡ଼ିଆ

ଶକଟ > ଶଗଡ଼

(୧୮) ପାଲିରେ ଅକ୍ଷର ବିପର୍ଯ୍ୟୟ ଘଟେ -

ଯଥା - ହ୍ରଦ > ହରଦ > ଓ ରହଦ

ଜ୍ୟୋତ୍ସ୍ନା > ଜୋଣ୍ହା

(୧୯) ପଦାନ୍ତ 'ପ୍ତ' ସ୍ଥାନରେ 'ତ୍ତ' ହୋଇଥାଏ।

ଯଥା - ସପ୍ତ > ସତ୍ତ > (ଓ) ସାତ

ତପ୍ତଂ > ତତ୍ତଂ > (ଓ) ତାତ

ସୁପ୍ତଂ > ସୁତ୍ତଂ > (ଓ) ସୁତ

(୨୦) ପଦାନ୍ତ 'କ୍ତ' ସ୍ଥାନରେ 'ତ୍ତ' ହୋଇଥାଏ -

ଯଥା - ଯୁକ୍ତଂ > ଯୁତ୍ତ > ଓ (ଯୁତ)

(୨୧) ପଦ ମଧ ବା ଶେଷରେ ଥିବା

ଶ୍ଚ > ଚ୍ଛ

ଷ୍କ > କ୍ଖ

ପ୍ସ > ଚ୍ଛ

ଯଥା - ପଶ୍ଚାତ୍ > ପଚ୍ଛା (ଓ) ପଛା / ପଛ

ପୁଷ୍କରଂ > ପୁକ୍ଖରଂ > (ଓ) ପୋଖରୀ

ଅପ୍ସରାଃ > ଅଚ୍ଛରା > (ଓ) ଅପ୍ଛରା

ଭୃଶ୍ଚିକଃ > ବିଚ୍ଛିକୋ > (ଓ) ବିଛା

(୨୨) ପାଲିରେ ସ୍ଥାନେ ସ୍ଥାନେ 'ଲ୍ମ' ସ୍ଥାନରେ 'ମ୍ବ' ହୋଇଥାଏ।

ଯଥା - ଶାଲ୍ମଳୀ > ଶିମ୍ବଳୀ, ଶିମ୍ବିଳି, ଶିମିଳି

(୨୩) ପାଲିରେ ଥିବା ପଦର ମଧ୍ୟ ବା ଅନ୍ତ୍ୟସ୍ଥିତ 'ଷ୍ଟ' ବା 'ଷ୍ଠ' (୦ ଟ୍ଠ।

ଯଥା - ଅଷ୍ଟ > ଅଟ୍ଠ > (ଓ) ଆଠ

ଶ୍ରେଷ୍ଠ > ସେଟ୍ଠୋ > (ଓ) ସେଠ

ଜ୍ୟେଷ୍ଠ > ଜେଟ୍ଠୋ > (ଓ) ଜେଠ

ପୃଷ୍ଠଃ > ପୁଟ୍ଠୋ > (ଓ) ପିଠି

(୨୪) ଶବ୍ଦର ଆଦ୍ୟରେ ଥିବା 'କ୍ଷ' କେତେବଳେ 'ଖ' , କେତେବେଳେ 'ଚ' ଏବଂ କେତେବେଳେ 'ଛ' ହୋଇଥାଏ।

ଯଥା - କ୍ଷୀରଂ > ଖୀରଂ > (ଓ) ଖୀର

କ୍ଷଣଃ > ଖଣୋ, ଛଣୋ > ଓ ଛଣେ

କ୍ଷୁଦ୍ରଃ > ଖୁଦ୍ଦୋ > (ଓ) ଖୁଦ

(୨୫) ପଦର ଆଦି ବର୍ଗରେ 'ବ' କାର ଯୁକ୍ତ ହୋଇଥିଲେ ପାଲିରେ ତାହାର ଲୋପ ଘଟେ।

ଯଥା - ଜ୍ୱଳତି > ଜଳତି > ଓ. ଜଳଇ

ଦୀପଃ > ଦୀପୋ > ଓ. ଦୀପ

ଧ୍ୱଂସତି > ଧଂସତି > ଓ, ଧଂସର

(୨୬) ପଦାନ୍ତ 'ଦ୍ଧ' ସ୍ଥାନରେ 'ଡ୍‌ଢ' ଏବଂ 'ଓ୍ୱ' ସ୍ଥାନରେ ଦ୍‌ତ ଏବଂ 'ଗ୍ଧ' ସ୍ଥାନରେ 'ଡ୍‌ଡ' ହୁଏ।

ଯଥା - ବୃଦ୍ଧଃ > ବୁଡ୍‌ଢୋ > ଓ.ବୁଢ଼ା

ବୃଦ୍ଧିଃ > ବୁଡ୍‌ଡି, ବଡ୍‌ଡି > ଓ. ବଢ଼ି

ଅଧଃ > ଅତ୍‌ତୋ > ଓ. ଅତା, ଅଢ

ଦଗ୍ଧଂ > ଦଡ୍‌ଢଂ > ଓ, ଦହ, ଡହ

## (ଖ) ଦ୍ୱିତୀୟ ସ୍ତର : ପ୍ରାକୃତ

ମଧ୍ୟ ଭାରତୀୟ ଆର୍ଯ୍ୟ ଭାଷାର ଦ୍ୱିତୀୟ ସ୍ତରଟି ହେଉଛି ପ୍ରାକୃତ। ଭାରତରେ ପ୍ରାକୃତର ବିକାଶକାଳ ହେଉଛି ଖ୍ରୀ.ପୂ. ୨୦୦ ରୁ ଖ୍ରୀ.୫୦୦। ଭାରତରେ ସ୍ଥାନ ଭେଦରେ ବିଭିନ୍ନ ପ୍ରାକୃତ ଭାଷା ପ୍ରଚଳିତ ଥିଲା। ତେବେ ମୁଖ୍ୟ ପାଞ୍ଚଗୋଟି ଭାଷା ହେଉଛି - ମହାରାଷ୍ଟ୍ରୀ, ଶୌରସେନୀ, ମାଗଧୀ, ଅର୍ଦ୍ଧମାଗଧୀ ଓ ପୈଶାଚୀ।

### ପ୍ରାକୃତ ଭାଷାର ସାଧାରଣ ଲକ୍ଷଣ :-

(୧) ପ୍ରାକୃତ ଭାଷାରେ ଐ, ଳୃ, ଋ, ୠ ଏବଂ ଔର ବ୍ୟବହାର ନ ଥିଲା। ଏଥିରେ ପାଲି ପରି ହ୍ରସ୍ୱ 'ଏ' ଓ ହ୍ରସ 'ଓ' ର ବ୍ୟବହାର ରହିଛି। ସଂସ୍କୃତ 'ଐ' ପ୍ରାକୃତରେ 'ଏ' ଏବଂ 'ଔ' 'ଓ' ରେ ପରିଣତ ହୋଇଛି। 'ଋ' ଧ୍ୱନିଟି ପ୍ରାକୃତରେ ଅ,ଇ,ଉ,ଏ,ର, ରି, ଇ, ଇର, ଇରି ରେ ପରିଣତ ହୋଇଛି।

(୨) ପ୍ରାଚୀନ ଭାରତୀୟ ଭାଷାର ଶ୍ , ଷ୍, ସ୍ କେବଳ ଉତ୍ତର - ପଶ୍ଚିମ ପ୍ରାକୃତ ଭାଷା ବା ନିୟପ୍ରାକୃତରେ ରହିଛି। ମାଗଧୀ ପ୍ରାକୃତରେ କେବଳ 'ଶ୍' ଏବଂ ଅନ୍ୟାନ୍ୟ ପ୍ରାକୃତରେ କେବଳ 'ସ୍'ର ବ୍ୟବହାର ଦେଖାଯାଏ।

(୩) 'ଐ' > ଏ, ଅଇ, ଇ

ଯଥା - କୈଳାସ > କେଳାସ

ସୈନ୍ଧବ > ସିନ୍ଧବ

(୪) ପ୍ରାକୃତ ଭାଷାରେ 'ଔ' > ଓ, ଅଉ, ଉ, ଊ

ଯଥା - ଗୌତମ > ଗୋତମ

କୌମୁଦୀ > କୋମୁଇ

ସୌନ୍ଦର୍ଯ୍ୟ > ସୋନ୍ଦର

ଯୌବନ > ଜୋବ୍ୱଣ

(୫) 'ର'ର ପୂର୍ବରେ ବ୍ୟଞ୍ଜନ ବର୍ଣ୍ଣ ନଥିଲେ 'ର' 'ରି' ରେ ପରିଣତ ହୁଏ।

ଯଥା - ଋଣ > ରିଣ

ସମୃଦ୍ଧି > ସମିଧି

(୬) 'ର'ର ପୂର୍ବରେ ବ୍ୟଞ୍ଜନ ବର୍ଣ୍ଣ ନ ଥିଲେ 'ର', 'ଅ', 'ଇ' କିମ୍ବା 'ଉ' ହୋଇଥାଏ।

ଯଥା - ଘୃଣା > ଘଣା

ତୃଣ > ତଣ

ପୃଥିବୀ > ପୁହବୀ

ମୃଣାଳ > ମୁଣାଳ

(୭) ଯୁକ୍ତବର୍ଣ୍ଣ ପୂର୍ବରେ ଥିଲେ ପୂର୍ବବର୍ତ୍ତୀ ଦୀର୍ଘସ୍ୱର ହ୍ରସ ହୁଏ।

ଯଥା - ମାର୍ଗ > ମଗ୍‌ଗ

ପୂର୍ବ > ପୁବ୍‌ବ

ଦୀର୍ଘ > ଦିଘ୍‌ଘ

(୮) 'ଟ' ଓ 'ଠ' ଯଥାକ୍ରମେ 'ଡ', 'ଢ଼' ରେ ପରିଣତ ହୁଏ।

ଯଥା - ମୁକୁଟ > ମଉଡ଼

କଠୋର > କଢ଼ୋର

(୯) 'ଫ' ବେଳେବେଳେ 'ଭ' ରେ ପରିଣତ ହୁଏ -

ଯଥା - ଶଫରି > ସଭରି

ଶେଫାଳି > ସେଭାଳି

(୧୦) ପ୍ରାକୃତରେ ପର୍ଯ୍ୟାପ୍ତ ପରିମାଣର ସ୍ୱରଭକ୍ତି ପ୍ରବୃତ୍ତି ଲକ୍ଷ୍ୟ କରାଯାଏ।

ଯଥା - ସ୍ୱପ୍ନ > ସପନ

କର୍ମ > କରମ

ମର୍ମ > ମରମ

(୧୧) ପଦ ମଧ୍ୟସ୍ଥିତ 'ଖ' ଓ 'ଘ' 'ଥ', 'ଧ' 'ଭ' ପ୍ରାୟତଃ 'ହ୍' ରେ ପରିଣତ ହୁଏ।

ଯଥା - ମୁଖ > ମୁହ

ମେଘ > ମେହ

ମଧୁ > ମହୁ

ସାଧୁ > ସାହୁ

ଗଭୀର > ଗହୀର

ଗାଥା > ଗାହା

(୧୨) କେତେକ ସ୍ଥଳରେ ଅଳ୍ପପ୍ରାଣ ଧ୍ୱନି > ମହାପ୍ରାଣ ଧ୍ୱନି ଏବଂ ମହାପ୍ରାଣ ଧ୍ୱନି > ଅଳ୍ପପ୍ରାଣ ଧ୍ୱନି

ଯଥା - ଅର୍କ > ଅରଖ

ଭୂମି > ବୂମି

(୧୩) ସମୟ ସମୟରେ ର, ଡ଼, ର, ଲ 'ଳ' ହୁଏ।

ଯଥା - ହରିଦ୍ରା > ହଲ୍ଲଦ୍ଦା

ଦାଡ଼ିମ > ଦାଳିମ

(୧୪) ପଦ ମଧ୍ୟସ୍ଥ ଅଳ୍ପପ୍ରାଣ ବ୍ୟଞ୍ଜନର ଲୋପ ଘଟେ।

ଯଥା - ନଗର > ଣଗର

ବଚନ > ବଅଣ

(୧୫) ପ୍ରାକୃତରେ ବହୁ ପରିମାଣରେ ସମୀଭବନ ଦେଖାଯାଏ।

ଯଥା- ଅଗ୍ର > ଅଗ୍‌ଗ

ବପ୍ତା > ବପ୍‌ପା

ଧର୍ମ > ଧମ୍ମ

ସର୍ପ > ସପପ

ରାତ୍ରି > ରତ୍ତି

ଭକ୍ତ > ଭତ୍ତ

**(ଗ) ଅପଭ୍ରଂଶ ଭାଷା (ଖ୍ରୀ. ୫୦୦ - ଖ୍ରୀ, ୧୦୦୦) :**

ମଧ୍ୟ ଭାରତୀୟ ଆର୍ଯ୍ୟଭାଷାର ତୃତୀୟ ସ୍ତରଟି ହେଉଛି ଅପଭ୍ରଂଶ ଭାଷା। 'ଅପଭ୍ରଂଶ' ର ବ୍ୟୁତ୍ପତ୍ତିଗତ ଅର୍ଥ ହେଉଛି - ଭ୍ରଷ୍ଟ, ବିଚ୍ୟୁତ, ବିକୃତ, ଅସାଧୁ। 'ଅପଭ୍ରଂଶ' ର ବିଭିନ୍ନ ନାମ ରହିଛି। ଯଥା - ଅପଭ୍ରଷ୍ଟ, ଅବହଠ, ଅବହଂସ, ଅବହଟ୍ଠ ଇତ୍ୟାଦି।

ଅପଭ୍ରଂଶ ଭାଷାର ଲକ୍ଷଣ -

(୧) ଅପଭ୍ରଂଶରେ ପ୍ରାକୃତ ଭାଷାର ସମସ୍ତ ଧ୍ୱନି ସୁରକ୍ଷିତ ରହିଛି ।

(୨) ଅନ୍ତ୍ୟଦୀର୍ଘ ସ୍ୱର ହ୍ରସ୍ୱ ହୋଇଥାଏ,

ଯଥା - ପ୍ରିୟା > ପିଅ

ସନ୍ଧ୍ୟା > ସଂଝ

(୩) ଅନ୍ତ୍ୟସ୍ୱରର ଲୋପ ଘଟେ -

ଯଥା - କ୍ଷେତ୍ରିତା > ଖେତିଆ > ଖେତି

ପାନୀୟ > ପାଣିଅ > ପାଣି

ମୃତ୍ତିକା > ମଟ୍ଟିଆ > ମାଟି

(୪) ପଦାନ୍ତରେ ସାଧାରଣତଃ ସ୍ୱର ରହେ । ଅନେକତ୍ର 'ଉ' ରହିବା ପ୍ରବୃତ୍ତି ଦେଖାଯାଉଥିବାରୁ ଅପଭ୍ରଂଶକୁ 'ଉ' କାର ବହୁଳ ଭାଷା କୁହାଯାଏ । ଯଥା - ସୁନୁ, ନୃପୁ, ସୁତୁ, ନରୁ, ସବଧୁ ଇତ୍ୟାଦି ।

(୫) ଅପଭ୍ରଂଶରେ ଅନୁନାସିକତା ଓ ନିରନୁନାସିକତା ପ୍ରବୃତ୍ତି ରହିଛି -

ଅନୁନାସିକତା - ସନ୍ଧ୍ୟା > ସଁଝ

ଭ୍ରମର > ଭଅଁର

ସ୍ୱତଃ ଅନୁନାସିକତା - ବକ୍ର > ବଙ୍କ / ବଙ୍କା

ପକ୍ଷୀ > ପଁଖି

ନିରନୁନାସିକତା - ବିଂଶତି > ବୀସ୍

ସିଂହ > ସିହ

(୬) ସ୍ୱରଭକ୍ତିର ପ୍ରୟୋଗ ରହିଛି -

ଯଥା - ଅକ୍ଲେଶ > ଅକିଲେସେଁ

ପ୍ରାଣ > ପରାଣ

ନିର୍ବାଣ > ନିରିବେଣ

ପଦ୍ମ > ପଦୁମା

(୭) ଅଘୋଷ ବ୍ୟଞ୍ଜନ > ସଘୋଷ ବ୍ୟଞ୍ଜନ

ଯଥା - କପାଳୀ > କବାଳୀ

ପଟହ > ପଡହ

ନଟ > ନଡ଼

ପେଟକ > ପେଡ଼ା

(୮) ଅପଭ୍ରଂଶରେ ତାଲବ୍ୟୀଭବନ ଅନ୍ୟତମ ପ୍ରବୃତ୍ତି ।

ଯଥା - ଛେଦ > ଛିଜଅ

ଧ୍ୟାନେ > ଝାଣେ

ବାଦ୍ୟ > ବାଜା

(୯) ଅପଭ୍ରଂଶରେ ମହାପ୍ରାଣ ବର୍ଣ୍ଣଗୁଡ଼ିକ (ହ୍) ରେ ପରିଣତ ହୁଏ ।

ଯଥା - ବିବିଧ > ବିବିହ

କର୍ଣ୍ଣଧାର > କର୍ଣ୍ଣହାର

ମହାସୁଖ > ମହାସୁହ

ସଖୀ > ସହୀ

ଶୋଭା > ସୋହା

(୧୦) ପ୍ରାକୃତରେ ସମୀଭୂତ ଦ୍ୱି - ବ୍ୟଞ୍ଜନ ଅପଭ୍ରଂଶରେ ଏକକ ବ୍ୟଞ୍ଜନରେ ପରିଣତ ହୁଏ ।

ଯଥା - ଅଷ୍ଟ > ଅଟ୍‌ଠ > ଅଠ

ଉନ୍ମତ୍ତ > ଉମ୍ମତ > ଉମତ

କୋଷ୍ଠକ > କୋଟ୍‌ଠଅ > କୋଠଅ/ କୋଠ

(୧୧) ଅପଭ୍ରଂଶରେ ସଂଯୁକ୍ତ ବ୍ୟଞ୍ଜନ କ୍ଷ > କ୍‌ଖ, ଖ, ଛ

ଯଥା - ପରୀକ୍ଷା > ପିରିଛା

କ୍ଷଣ > ଖଣ

ମୋକ୍ଷ > ମୋକ୍‌ଖ

ଚକ୍ଷୁ > ଚକ୍‌ଖୁ

(୧୨) ଅପଭ୍ରଂଶରେ ସ୍ୱତଃ ମୂର୍ଦ୍ଧନ୍ୟୀଭବନ ଘଟିଥାଏ ।

ପତିତ > ପଡ଼ିଆ

ବେନି > ବେଣି

ଦାହ > ଡାହ

ନାବ > ଣାହ

(୧୩) ଷ୍ମ > ନ୍‌ହ

ଯଥା - କୃଷ୍ଣ > କନ୍ହ, କାନ୍ହ

(୧୪) ୱ > ମ

ଯଥା - ଶୱର > ସମର, ଯାୱତ୍ > ଜାମ୍

(୧୫) ଶବ୍ଦର ଆଦ୍ୟରେ ବ୍ୟବହୃତ ସଂଯୁକ୍ତ ବ୍ୟଞ୍ଜନ ମଧ୍ୟରୁ ଗୋଟିକର ଲୋପ ହୁଏ। ବିଶେଷତଃ ମୂଳ ବ୍ୟଞ୍ଜନଟିର ଲୋପ ହୁଏ।

ଯଥା - ସ୍ଥବିର > ଥେର

ଦ୍ୱାଦଶ > ବାରହ

ଦ୍ୱେ > ବେ

(୧୬) ପଦ ମଧ୍ୟସ୍ଥ ଅଳ୍ପପ୍ରାଣ ବ୍ୟଞ୍ଜନଗୁଡ଼ିକର ଲୋପ ପାଇବାର ଦୃଷ୍ଟାନ୍ତ ରହିଛି -

ଯଥା - ଗଗନ > ଗଅଣ

ଗୋଚର > ଗୋଅର

ଉଦାସ > ଉଆସ

ଯୋଗୀ > ଜୋଇ

(୧୭) କେତେକ ସ୍ଥଳରେ ଅନିନିହିତ () ପରେ ଅଭିଶ୍ରୁତି () ଘଟିଥାଏ।

ଯଥା - କାର୍ଯ୍ୟ > କାଇରିଆ > କେର

ଆଶ୍ଚର୍ଯ୍ୟ > ଅଛରିଆ > ଅଛଇରିଅ > ଆଛେର

(୧୮) ପଦ ମଧ୍ୟସ୍ଥ ଅଳ୍ପପ୍ରାଣ ବ୍ୟଞ୍ଜନର ଲୋପ ଘଟିଲେ ଅବଶିଷ୍ଟ ସ୍ୱରର ନିକଟତମ ସ୍ୱର ସହ ସଂଶ୍ଲେଷ ଘଟେ।

ଯଥା - ଉଦୂଖଳ > ଉଉଖଳ > ଉଖଳ

ପଦ୍ମ > ପଦୁମ > ପଉମ > ପୋମ

(୧୯) ଯଦି ଆଦ୍ୟ ଅକ୍ଷର ଉପରେ ସ୍ୱରଘାତ ପଡ଼େ, ତେବେ ଆଦି ଅକ୍ଷରରେ ଥିବା ସ୍ୱର ଅପରିବର୍ତ୍ତିତ ରହେ।

ଯଥା - କୁମ୍ଭକାର > କୁମ୍ଭଆର

ଦେବକୁଳ > ଦେଉଅଳ

ରାଜପୁତ୍ର > ରାଅଉତ

(୨୦) ର, ର ପଦ ମଧ୍ୟରେ ଶ୍ ,ସ୍, ଷ୍ ସଂସ୍ପର୍ଶରେ ଆସିଲେ ଦନ୍ତ୍ୟ - ବ୍ୟଞ୍ଜନ ମୂର୍ଦ୍ଧନ୍ୟ ବ୍ୟଞ୍ଜନରେ ପରିଣତ ହୋଇଥାଏ।

ଯଥା - ଅସ୍ଥି > ହାଡ଼

ବର୍ତ୍ତିତ > ବଟ୍ଟଇ

ଚତୁର୍ଥ > ଚଉଟ୍‌ଠ, ଚଉଂ

(୨୧) ବର୍ଣ୍ଣ ବିପର୍ଯ୍ୟାସ ଅପଭ୍ରଂଶର ଅନ୍ୟତମ ଲକ୍ଷଣ –

ଯଥା – ବାରଣାସୀ > ବାଣାରାସୀ

ମୋଣାଳ > ମୋଲାଣ

ହ୍ରଦ > ଦହ

ଭାରତରେ ପ୍ରଚଳିତ ବିଭିନ୍ନ ପ୍ରାକୃତ ଭାଷାର ପରିଚୟ

(୧) ମହାରାଷ୍ଟ୍ରୀ ପ୍ରାକୃତ – ଏହା ଭାରତର ଦକ୍ଷିଣ – ପଶ୍ଚିମାଞ୍ଚଳରେ ପ୍ରଚଳିତ ଥିଲା। ଭାଷାବିତ୍‌ମାନେ ଏହାକୁ 'ପ୍ରକୃଷ୍ଟ ପ୍ରାକୃତ' ନାମରେ ଅଭିହିତ କରିଛନ୍ତି। ସମସ୍ତ ପ୍ରାକୃତ ପଦ୍ୟସାହିତ୍ୟ ଏହି ଭାଷାରେ ଲିଖିତ। ପ୍ରାକୃତଭାଷାର ତଦ୍‌ବିତ୍‌ମାନେ ଏହାକୁ ମଧ 'ମୂଳପ୍ରାକୃତ' ବା 'ଷ୍ଟାଣ୍ଡାର୍ଡ ପ୍ରାକୃତ' ବୋଲି କହିଛନ୍ତି। ହାଳଙ୍କର 'ଗାଥା ସପ୍ତସତୀ' (ଗାଥା ସତ୍ତସଈ) ମହାରାଷ୍ଟ୍ରୀ ପ୍ରାକୃତରେ ରଚିତ। ପ୍ରାକୃତ ନାଟକ 'କର୍ପୂର ମଞ୍ଜରୀ'ର ପଦ୍ୟାଂଶ ମହାରାଷ୍ଟ୍ରୀ ପ୍ରାକୃତରେ ଲିଖିତ। ସେହିପରି ଗଦ୍ୟାଂଶ ସୌରସେନୀ ପ୍ରାକୃତରେ ରଚିତ। ତେବେ ମହାରାଷ୍ଟ୍ରୀ ପ୍ରାକୃତର କେତୋଟି ବୈଶିଷ୍ଟ୍ୟ ହେଲା –

(୧) ମହାରାଷ୍ଟ୍ରୀ ପ୍ରାକୃତରେ ଦୁଇଟି ସ୍ୱରବର୍ଣ୍ଣର ମଧ୍ୟବର୍ତ୍ତୀ ସମସ୍ତ ୧ମ ଓ ୩ୟ ସ୍ପର୍ଶ ବ୍ୟଞ୍ଜନ ଧ୍ୱନି ଲୋପ ପାଇଛି।

ଯଥା – ଗଜଃ > ଗଓ

ଗତଃ > ଗଓ

(୨) ମହାପ୍ରାଣ ବ୍ୟଞ୍ଜନ > ହ

ଯଥା – କଥା > କହା

(୩) ଶବ୍ଦ ଆଦ୍ୟରେ ଥିବା ଦ > ଡ,

ଯଥା – ଦଶତି > ଡସଇ

ଦହଇ > ଡହଇ

(୪) ଆଦ୍ୟରେ ଥିବା 'ନ୍' > 'ଣ'

ଯଥା – ନଗରଂ > ନଅରଂ > ଣଅରଂ

(୨) ସୌରସେନୀ ପ୍ରାକୃତ – ଏହି ପ୍ରାକୃତ ଭାଷା ଶୁରସେନ ବା ମଥୁରା ଅଞ୍ଚଳରେ ପ୍ରଚଳିତ ଥିଲା। ନାଟକରେ ପଦ୍ୟାଂଶ ଗୁଡ଼ିକ ସୌରସେନୀ ପ୍ରାକୃତ ଭାଷାରେ ଲେଖାଯାଉଥିଲା। ଉଚ୍ଚକୂଳ ସମ୍ଭୂତା ସ୍ତ୍ରୀ, ବିଦୂଷକ ଏବଂ ସାଧାରଣ ଚରିତ୍ରମାନଙ୍କର ଭାଷାଥିଲା ସୌରସେନୀ ପ୍ରାକୃତ। ସୌରସେନୀ ପ୍ରାକୃତର କେତେକ ବୈଶିଷ୍ଟ୍ୟ ହେଲ। –

(କ) 'କ୍ଷ' ର 'କ୍‌ଖ' ପରିଣତି,

ଯଥା - ଇକ୍ଷୁ > ଇକ୍‌ଖୁ

କୁକ୍ଷି > କୁକ୍‌ଖି

(ଖ) ସୌରସେନୀରେ ସଂସ୍କୃତ ସପ୍ତମୀ ବିଭକ୍ତି ଏକବଚନରେ

'ସ୍ମିନ୍' > ସ୍ହି

(ଗ) 'ୟ' ପ୍ରତ୍ୟୟ ସୌରସେନୀରେ 'ଇଅ' ହୋଇଥାଏ,

ଯଥା - ପୃଚ୍ଛୟତି > ପୁଚ୍ଛୀଅଦି

ଗମ୍ୟତି > ଗମୀଅଦି

(ଘ) (ସଂ) ସାଦୃଶମ୍ > ସରିସଂ (ସୌରସେନୀ)

(ଙ) (ସଂ) ପଠିତ୍ୱା > ପଢିଅ

(୩) ପୈଶାଚୀ ପ୍ରାକୃତ - ପୈଶାଚୀ ପ୍ରାକୃତ ପିଶାଚଦେଶ (ଉତ୍ତର-ପଶ୍ଚିମ ଭାରତ)ରେ ପ୍ରଚଳିତ ଥିଲା। ପୈଶାଚୀ ପ୍ରାକୃତ ଭାଷାରେ ଲିଖିତ ଉଲ୍ଲେଖଯୋଗ୍ୟ ସାହିତ୍ୟ କୃତିଟି ହେଉଛି ଗୁଣାଢ୍ୟଙ୍କ 'ବୃହତ୍‌କଥା'। ଏହା ବ୍ୟତୀତ ସଂସ୍କୃତ ନାଟକରେ ପିଶାଚ, ରାକ୍ଷସ ଏବଂ ନିମ୍ନ ଚରିତ୍ରମାନଙ୍କର ସଂଳାପ ଏହି ଭାଷାରେ ରଚିତ। ପ୍ରାକୃତ ବୈୟାକରଣିକ ମାର୍କଣ୍ଡେୟ ପୈଶାଚୀକୁ ଦୁଇଭାଗରେ ବିଭକ୍ତ କରିଛନ୍ତି; ଯଥା - (କ) କୈକେୟ ପେଶାଚୀ ଏବଂ (ଖ) ସୌରସେନୀ ପୈଶାଚୀ।

ପୈଶାଚୀ ପ୍ରାକୃତ ଭାଷାର କେତୋଟି ବୈଶିଷ୍ଟ୍ୟ ହେଲା -

(କ) ଦୁଇ ସ୍ୱରବର୍ଣ୍ଣର ମଧ୍ୟବର୍ତ୍ତୀ ଘୋଷଧ୍ୱନି ଅଘୋଷ ହେଉଥିଲା। ଅର୍ଥାତ୍ ଗ, ଘ ଇତ୍ୟାଦି ଧ୍ୱନି କ, ଖ ରେ ପରିଣତ ହେଉଥିଲା। ଯଥା -

(ସଂ) ନଗର > (ପୈ) ନକର

(ସଂ) ରାଜା > (ପୈ) ରାଚା

(ସଂ) ଗଗନ > (ପୈ) ଗକନ

(ସଂ) ମେଘ > (ପୈ) ମେଖ

(ଖ) 'ଣ' ର 'ନ' ପରିଣତି -

ଯଥା - ତରୁଣୀ > ତଲୁନୀ

ନାରାୟଣଃ > ନାରାଅନୋ

(ଗ) ପୈଶାସୀରେ ଶ୍,ଷ୍ > ସ୍,

ଯଥା - ବିଶେଷଃ > ବିସେସୋ

(ଘ) ହେମଚନ୍ଦ୍ର ଓ ଲକ୍ଷ୍ମୀଧର ମତ ଦେଇଛନ୍ତି ପୈଶାଚୀରେ ଆଦ୍ୟରେ ଥିବା ଦ > ତ, ଯଥା -

ଦମୋଦରଃ > ତାମତରୋ

ଏହା ବ୍ୟତୀତ ପୈଶାଚୀ ପ୍ରାକୃତର କେତେକ ବିଶିଷ୍ଟ ଶବ୍ଦ ହେଲା -

| | |
|---|---|
| କେଶବଃ > କେସପୋ | କନ୍ୟା > କଞ୍ଞା |
| କଷ୍ଟ > କସଟଂ | ଭାର୍ଯ୍ୟା > ଭାରିଆ |
| ଗୋବିନ୍ଦ > ଗୋପନ୍ତୋ | ସ୍ନାନଂ > ସନାନାଂ |

(୪) ମାଗଧୀ - ମାଗଧୀ ପ୍ରାକୃତ ମଗଧ (ପୂର୍ବଭାରତ) ର ଭାଷା ଥିଲା । ମାଗଧୀ ପ୍ରାକୃତରେ କୌଣସି ଗ୍ରନ୍ଥ ରଚିତ ହୋଇ ନାହିଁ । ତେବେ ସଂସ୍କୃତ ନାଟକରେ ମୂର୍ଖ ଏବଂ ନିମ୍ନ ଚରିତ୍ରମାନଙ୍କର ସଂଳାପ ଏହି ପ୍ରାକୃତରେ ରଚନା କରାଯାଉଥିଲା । ଡକ୍ଟର ସତ୍ୟସ୍ୱରୂପ ମିଶ୍ର ଲେଖିଛନ୍ତି ଏହା ସାଧାରଣତଃ ଅତ୍ୟନ୍ତ ଅଶିକ୍ଷିତ ବ୍ୟକ୍ତିମାନଙ୍କ ମୁଖରେ ହାସ୍ୟରସ ସୃଷ୍ଟି କରିବା ପାଇଁ ବ୍ୟବହୃତ ହେଉଥିଲା । ଗବେଷକମାନେ ମତ ରଖିଛନ୍ତି ଯେ ମାଗଧୀ ପ୍ରାକୃତରୁ ଓଡ଼ିଆ ଭାଷା ବିକଶିତ । ଏହି ଭାଷାର କେତୋଟି ଲକ୍ଷଣ ହେଲା -

(କ) 'କ୍ଷ' ମାଗଧୀରେ 'ଶ୍‌କ' ହୋଇଥାଏ ।

ଯଥା - ପକ୍ଷ > ପଶ୍‌କ

ପ୍ରେକ୍ଷତେ > ପ୍ରେଶକଦି

(ଖ) 'ଛ' ର 'ଶ୍ଚ' ପରିଣତି, ଯଥା -

ଗଚ୍ଛ > ଗଶ୍ଚ

ପୃଚ୍ଛ > ପୃଶ୍ଚ

(ଗ) 'ର' ର 'ଳ' ପରିଣତି, ଯଥା -

ରାଜା > ଲୀଳା

ମୟୂର > ମଜୁଳ

(ଘ) 'ଜ' ଏବଂ 'ଯଥାକ୍ରମେ' 'ୟ' ଏବଂ 'ୟହ୍' ରେ ପରିଣତି ହୁଏ ।

ଯଥା - ଜାନାତି > ୟାଣାତି

ଝଟିତି > ୟହତି

ଜାୟତେ > ୟାୟଦେ

(ଙ) 'ସ୍' ଏବଂ 'ଷ୍' ଧ୍ୱନି 'ଶ୍' ରେ ପରିଣତି ହୁଏ ।

ଯଥା - ଶୁଷ୍କ > ଶୁଶକ

ସମର > ଶମଳ

(୫) ଅର୍ଦ୍ଧମାଗଧୀ – ଅର୍ଦ୍ଧ ମାଗଧୀ ପ୍ରାକୃତରେ ମାଗଧୀ ଏବଂ ସୈରସେନୀ ଉଭୟ ପ୍ରାକୃତର ଲକ୍ଷଣ ରହିଛି । ଜୈନ ଗ୍ରନ୍ଥମାନଙ୍କରେ ଏହି ଭାଷାର ନିଦର୍ଶନ ମିଳେ । ସର୍ବୋପରି ମଧ୍ୟ ଏସିୟାରୁ ମିଳିଥିବା ଅଶ୍ୱଘୋଷଙ୍କର ନାଟକ 'ଶାରିପୁତ୍ର ପ୍ରକରଣ' ରେ ପ୍ରାଚୀନ ଅର୍ଦ୍ଧ- ମାଗଧୀ ପ୍ରାକୃତର ନମୁନା ଦେଖିବାକୁ ମିଳେ । ଜୈନ ଧର୍ମାବଲମ୍ବୀ ପ୍ରାକୃତ ବୈୟାକରଣିକମାନେ ଏହାକୁ 'ଆର୍ଷୀ ପ୍ରାକୃତ' ବା 'ଋଷିମାନଙ୍କର ଭାଷା' ଅଭିହିତ କରିଛନ୍ତି । ଏହି ଭାଷାର କେତୋଟି ସାଧାରଣ ଲକ୍ଷଣ ହେଲା –

(କ) ସଂସ୍କୃତ 'ନରଃ' ଅର୍ଦ୍ଧ ମାଗଧୀରେ 'ନରୋ' ନରେ ରେ ପରିଣତି ହୁଏ ।

(ଖ) ଦୁଇଟି ସ୍ୱରବର୍ଣ୍ଣର ମଧ୍ୟବର୍ତ୍ତୀ ବ୍ୟଞ୍ଜନର ଲୋପ ପରେ 'ୟ' ର ଆଗମ ଅର୍ଦ୍ଧମାଗଧୀର ପ୍ରଧାନ ବୈଶିଷ୍ଟ୍ୟ

ଯଥା – (ସଂସ୍କୃତ) ପାଦ > (ଅର୍ଦ୍ଧମାଗଧୀରେ) ପାୟ,

ସାଗର > ସାୟର

(ଗ) 'ସ୍ମ' ର ସ୍ ପରିଣତି ।

ଯଥା – ଲୋକସ୍ମିନ୍ > ଲୋୟଂସି

ତସ୍ମିନ୍ > ତଂସି

(ଘ) ବିସର୍ଗଯୁକ୍ତ 'ଅ' କାର ଓ 'ଏ' କାର 'ଓ' କାରରେ ପରିଣତି ହୋଇଥାଉଏ ।

(ଙ) ଶ୍ ଏବଂ ଷ୍ ସ୍ଥାନରେ 'ସ' ହୋଇଥାଏ ।

## ୧.୬ ଆଧୁନିକ ଭାରତୀୟ ଆର୍ଯ୍ୟଭାଷାଗୁଡ଼ିକର ସଂକ୍ଷିପ୍ତ ପରିଚୟ

(୧) **କାଶ୍ମିରୀ** – ଏହି ଭାଷାରେ ଭାଷାକ୍ଷେତ୍ର ହେଉଛି ଜାମ୍ମୁ ଓ କାଶ୍ମୀରର କାଶ୍ମୀର ଉପତ୍ୟକା ଏବଂ ଚେନାବ୍ ଉପତ୍ୟକା ଅଞ୍ଚଳ । କାଶ୍ମିରୀ ଭାଷା ଇଣ୍ଡୋ – ଏରିଆନ ଉପଶାଖାର ଦରଦୀୟ () ଭାଷାରୁ ବିକଶିତ । ପୈଶାଚୀ ପ୍ରାକୃତରୁ ଏହି ଭାଷା ବିକଶିତ ବୋଲି ମତ ପାଇଛି । ପୂର୍ବେ ଏହା ଶାରଦା ଲିପିରେ ଲିଖିତ ହୋଇଥରଲା । ପରବର୍ତ୍ତୀ କାଳରେ ଏହା ପାରସ୍ୟ ଲିପିରେ ଲେଖାଗଲା । କାଶ୍ମିରୀ ଭାଷାର କୋତେଟି ଉପଭାଷା ହେଉଛି – ରମ୍ୱନି, କଷ୍ଟୱାରି ଏବଂ ପୋଗୁଲି । ଏହି ଭାଷାର କଥକ ସଂଖ୍ୟା ପ୍ରାୟ ୫.୬ ମିଲିଅନ୍ ।

(୨) **ପଶ୍ଚିମ ପଞ୍ଜାବୀ ବା ଲହନ୍ଦା –** ଲହନ୍ଦାର ଅର୍ଥ ହେଉଛି ପଶ୍ଚିମୀ । ତେବେ ଲହନ୍ଦା ବା ପଶ୍ଚିମ ପଞ୍ଜାବୀ ପୈଶାଚୀ ପ୍ରାକୃତରୁ ବିକାଶ ଲାଭ କରିଛି । ଏହାର ମୂଳ ଲିପି ହେଉଛି ଲଣ୍ଡା । ପାର୍ସି ଲିପିରେ ମଧ୍ୟ ଏହା ଲେଖାଯାଇଥାଏ । ଭାରତ ଓ ପାକିସ୍ଥାନ ବିଭାଜନ ପରେ ଏହା ପାକିସ୍ଥାନର ଅନ୍ତର୍ଭୁକ୍ତ ହୋଇଛି । ଏହି ଭାଷାର ଚାରି ଗୋଟି ଶାଖା ରହିଛି, ଯଥା – ଲହନ୍ଦା, ମୁଲତାନୀ, ପୋଠୱାରୀ ଏବଂ ଧନ୍ନୀ ।

(୩) **ପୂର୍ବୀ – ପଞ୍ଜାବୀ –** ଏହାକୁ କେବଳ ପଞ୍ଜାବୀ ନାମରେ ଅଭିହିତ କରାଯାଇଛି । କଥକ ସଂଖ୍ୟା ଦୃଷ୍ଟିରୁ ଏହାର ସ୍ଥାନ ପୃଥିବୀରେ ଦଶମ । ଭାରତର ଉତ୍ତର – ପଶ୍ଚିମ ଅଞ୍ଚଳରେ ଏହା ବର୍ତ୍ତମାନ କଥିତ ଭାଷାରୂପେ

ଗୃହୀତ। ଏହା ଟକ୍କ ନାମକ ଅପଭ୍ରଂଶ ଶାଖାରୁ ଉଦ୍ଭୁତ ବୋଲି ବିଦ୍ୱାନମାନଙ୍କର ମତ। ତେବେ ଏହା ଉପରେ ଶୌରସେନୀ ଅପଭ୍ରଂଶର ଯଥେଷ୍ଟ ପ୍ରଭାବ ପଡ଼ିଛି। ଏହାର ମୂଳ ଲିପି ହେଉଛି ଲଣ୍ଡା। ଏହାର ବିକଶିତ ଲିପି ହେଉଛି ଗୁରୁମୁଖୀ। ଏହି ଭାଷାର ଉପଭାଷାଗୁଡ଼ିକ ହେଉଛି – ସରୈକ ଉପଭାଷା ମାଲ୍ୱାଇ ଉପଭାଷା, ପୋଟଓ୍ୱାରୀ ଉପଭାଷା, ଦୋଆବୀ ଉପଭାଷା, ପ୍ୱାଡି ଉପଭାଷା ଇତ୍ୟାଦି। ତେବେ ଏହାର ଉପଭାଷାମାନଙ୍କ ମଧ୍ୟରେ ଡୋଗ୍ରୀ ହେଉଛି ଉଲ୍ଲେଖଯୋଗ୍ୟ।

(୪) **ପାହାଡ଼ୀ –** ଏହି ଭାଷା ଶୌରସେନୀ ଅପଭଂଶ୍ରରୁ ବିକଶିତ। ପାହାଡ଼ୀ ଭାଷାରେ ଲିପି ହେଉଛି ଦବନାଗରୀ। ପାହାଡ଼ୀ ଭାଷାକୁ ୩ ଭାଗରେ ବିଭକ୍ତ କରାଯାଇଛି –

(କ) **ପୂର୍ବ ପାହାଡ଼ୀ –** ଏହାର ପ୍ରଧାନ ଭାଷା ହେଉଛି ନେପାଳୀ। ନେପାଳୀକୁ ଗୁରଖାଲି କୁହାଯାଏ। ଏହା ହେଉଛି ନେପାଳର ରାଜଭାଷା।

(ଖ) **ମଧ୍ୟ ପାହାଡ଼ୀ** – ଗଡ଼ଓ୍ୱାଲୀ ଓ କୁମାୟୁନୀ ଏହାର ଅନ୍ତର୍ଭୁକ୍ତ।

(ଗ) **ପଶ୍ଚିମୀ ପାହାଡ଼ୀ** – ଜୈନସାରୀ, ସିରିଶୈରୀ, ଚମ୍ବଲୀ ପ୍ରଭୃତି ଭାଷ୍ୟ ଏହାର ଅନ୍ତଭୁର୍କ୍ତ।

(୫) **ସିଂହଳୀ –** ଏହି ଭାଷା ସୈରାଷ୍ଟ୍ର ଏବଂ ତାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ କଥିତ ହୋଇଥାଏ। ସିଂହଳୀର ପ୍ରାଚୀନ ରୂପକୁ ଏଲୁ କୁହାଯାଏ। ପାଲିର ପ୍ରଭାବ ସିଂହଳୀ ଉପରେ ଅତ୍ୟଧିକ ଥରବାରୁ କେହି କେହି ମତ ଦିଅନ୍ତି ଯେ ଏହାର ପାଲିରୁ ଉତ୍ପତ୍ତି ଘଟିଛି। ଏଥିରେ ସଂସ୍କୃତ ଓ ତାମିଲ ଭାଷାର ପ୍ରଭାବ ପଡ଼ିଛି।

(୬) **ବିହାରୀ** – ଆଧୁନିକ ଭାରତୀୟ ଆର୍ଯ୍ୟଭାଷାମାନଙ୍କ ମଧ୍ୟରେ ବିହାରୀ ଅନ୍ୟତମ। ମାଗଧୀ ଅପଭ୍ରଂଶର ପଶ୍ଚିମୀ ଶାଖାରୁ ଏହା ବିକଶିତ। ଏହାର ଭାଷାକ୍ଷେତ୍ର ହେଉଛି ବିହାର ଏବଂ ଉତ୍ତରପ୍ରଦେଶର ପୂର୍ବାଞ୍ଚଳ (ଅର୍ଥାତ୍ ବନାରସ୍, ଗାଜୀପୁର, ମିର୍ଜାପୁର, ବଲିଆ, ଜୋନପୁର ପ୍ରଭୃତି ଅଞ୍ଚଳ)। ଏହି ଭାଷାର ୩ ଗୋଟି ଶାଖା ରହିଛି; ଯଥା – ମୈଥିଳୀ , ମଗହୀ ଓ ଭୋଜପୁରୀ। ଭାଷା ବିଜ୍ଞାନୀ ସାର୍ ଗ୍ରୀୟସର୍ନ ଏହି ତିନିଗୋଟି ଶାଖାଭାଷାକୁ ମିଶାଇ ବିହାରୀ ନାମ କରଣ କରିଥିଲେ। ମୈଥରଲୀ ଭାଷାର ଲିପି ହେଉଛି ମୈଥିଳୀ। ଭୋଜପୁରୀ ଓ ମଗହୀର ଲିପି ହେଉଛି କ୍ୟାଥି।ଅବଶ୍ୟ ବିହାରୀ ଭାଷା ପାଇଁ କଚହରୀ ଲିପି ରହିଛି।

(୭) **ଆସାମୀ** – ମାଗଧୀ ଅପଭଂଶ୍ରର ପୂର୍ବୋତ୍ତରୀ ଶାଖାରୁ ଆସାମୀ ଭାଷା ଉତ୍ପତ୍ତି ଲାଭ କରିଛି। ଆସାମୀ ଭାଷା ସହିତ ବଙ୍ଗଳା ଓ ଓଡ଼ିଆ ଭାଷାର ସମ୍ପର୍କ ରହିଛି। କାରଣ ଏହି ତିନିଗୋଟି ଭାଷା ସହିତ ବଙ୍ଗଳା ଓ ଓଡ଼ିଆ ଓ ଆସାମୀ ଭାଷାର ପ୍ରାଚୀନ ନିଦର୍ଶନ ରୂପେ ଚର୍ଯ୍ୟାଗୀତିକାକୁ ଗ୍ରହଣ କରାଯାଇଛି। ଆସାମୀ ଭାଷାର ପ୍ରାଚୀନ ସାହିତ୍ୟ ପଞ୍ଚଦଶ ଶତାବ୍ଦୀର ମାଧବ କନ୍ଦଳୀ, ଶଙ୍କର ଦେବ, ମାଧବଦେବ ପ୍ରଭୃତିଙ୍କ ପଦାବଳୀରେ ଲକ୍ଷ୍ୟ କରାଯାଏ। ଏହି ଭାଷାରେ ତିବ୍ବତୀ – ଚାଇନିଜ୍ ଭାଷାର ପ୍ରଭାବ ପଡ଼ିଛି। ସ, ଶ, ଷ – ତିନୋଟି ଉଚ୍ଚାରଣ ଆସାମୀରେ ଉଷ୍ମ ହ ରେ ପରିଣତ ହୋଇଛି।

(୮) **ବଙ୍ଗଳା** - ମାଗଧୀ ଅପଭ୍ରଂଶର ପୂର୍ବୀଶାଖାରୁ ଏହି ଭାଷାର ଉତ୍ପତ୍ତି । ପଶ୍ଚିମବଙ୍ଗ ଓ ବାଙ୍ଗଲ୍ ଦେଶରେ ଏହି ଭାଷା ପ୍ରଚଳିତ । ବଙ୍ଗଳାଭାଷାର ଦୁଇଗୋଟି ଶାଖା ରହିଛି, ଯଥା : ପୂର୍ବୀ ଓ ପଶ୍ଚିମୀ । ପୂର୍ବୀ ଶାଖାର କେନ୍ଦ୍ରସ୍ଥଳ ହେଉଛି ଢାକା । (ବର୍ତ୍ତମାନ ଏହା ବାଙ୍ଗଲା ଦେଶର ରାଜଧାନୀ) । ବଙ୍ଗଳା ଭାଷା ଏକ ସମୃଦ୍ଧଶାଳୀ ଭାଷା । ଏହି ଭାଷାରେ ଉତ୍କୃଷ୍ଟ ସାହିତ୍ୟ ରଚିତ ହୋଇଛି ।

(୯) **ଗୁଜୁରାଟୀ** - ଗୁଜୁରାଟୀ ଭାଷାରେ ଭାଷା କ୍ଷେତ୍ର ହେଉଛି ଗୁଜୁରାଟ, କାଠିଆବାଡ଼ ପ୍ରଭୃତି ଅଞ୍ଚଳ । ଶୌରସେନୀ ଅପଭ୍ରଂଶର ପଶ୍ଚିମୀ ନାଗର ଶାଖାରୁ ଗୁଜୁରାଟୀ ଭାଷାର ସୃଷ୍ଟି । ଭାଷାତାତ୍ତ୍ୱିକ ଦୃଷ୍ଟିରୁ ଏହାର ରାଜସ୍ଥାନୀ ଭାଷା ସହିତ ସମ୍ପର୍କ ରହିଛି । ଏହାର ଲିପି ପୁରାତନ ନାଗରୀ ଲିପିରୁ ବିକଶିତ । ଗୁଜୁରାଟୀ ଭାଷାରେ ଦଶମ ଶତାବ୍ଦୀରୁ ସାହିତ୍ୟ ରଚନା ଆରମ୍ଭ ହୋଇଥିଲା ।

(୧୦) **ରାଜସ୍ଥାନୀ** - ଶୌରସେନୀ ଅପଭ୍ରଂଶର ପୂର୍ବୋତ୍ତର ନାଗର ଶାଖାରୁ ଏହି ଭାଷାର ଉତ୍ପତ୍ତି । ଏହାର ଲିପି ହୋଉଛି ନାଗରୀ ତଥା ମହାଜନୀ । ଏହି ଭାଷାର ଉପଭାଷା ଗୁଡ଼ିକ ହେଉଛି । -

(କ) **ପଶ୍ଚିମୀ ରାଜସ୍ଥାନୀ (ମାରୱାଡ଼ୀ)** - ମେୱାଡ଼ୀ ଓ ଶେଖାୱଟୀ ଏହାର ଅନ୍ତର୍ଗତ । ଏହା ଯୋଧାପୁର, ବିକାନୀର, ଜାସଲମେର ଓ ଉଦୟପୁର ପ୍ରଭୃତି ଅଞ୍ଚଳରେ କଥିତ ।

(ଖ) **ପୂର୍ବୀ ମଧ ରାଜସ୍ଥାନୀ** - ଜୟପୁରୀ, ଆଜମିରୀ ପ୍ରଭୃତି ଏହାର ଅନ୍ତର୍ଗତ । ଜୟପୁର, ଆଜମିର, କୋଟା ଏବଂ ବୁନ୍ଦିରେ ଏହା ପ୍ରଚଳିତ ।

(ଗ) **ପୂର୍ବୋତ୍ତରୀ ରାଜସ୍ଥାନୀ** - ଏହାର ପ୍ରଧାନ ଉପଭାଷା ହେଲା ଅହୀରୱାଟୀ

(ଘ) **ମାଳୱୀ** - ଏହା ମାଳୱା ପ୍ରଦେଶର ରାଜଧାନୀ ଇନ୍ଦୋର ଠାରେ ପ୍ରଚଳିତ ।

(୧୧) **ଭୀଲୀ** - ଭୀଲୀ ଭାଷାର ଗୁଜୁରାଟୀ ଏବଂ ରାଜସ୍ଥାନୀ ଭାଷା ସହିତ ସମ୍ପର୍କ ରହିଛି । ପଶ୍ଚିମ - କେନ୍ଦ୍ର ଭାରତ ଅର୍ଥାତ୍ ଅହମ୍ମଦାବାଦର ପୂର୍ବାଞ୍ଚଳରେ ଏହା କଥିତ । ଏହାର ଲିପି ହେଉଛି ଦେବନାଗରୀ ।

(୧୨) **ସିନ୍ଧୀ** - ଏହି ଭାଷାର ଉତ୍ସ ହେଉଛି ସିନ୍ଧୁ ପ୍ରଦେଶ ଅନ୍ତର୍ଗତ ବ୍ରାଚଡ଼ ଅଞ୍ଚଳର ପୈଶାଚୀ ଅପଭ୍ରଂଶ ଭାଷା । ଯଦିଓ ଭାରତ ବିଭାଜନ ପୂର୍ବାରୁ ସିନ୍ଧୀ ଭାଷା ସିନ୍ଧୁ ନଦୀର ଦୁଇପାର୍ଶ୍ୱ ସିନ୍ଧୁ ପ୍ରଦେଶରେ ପ୍ରଚଳିତ ଥିଲା, ସମ୍ପ୍ରତି ଏହି ଭାଷାଭାଷୀ ଲୋକ ଭାରତର କଚ୍ଛ, ଆଜମିରରେ ସିନ୍ଧୀ ଭାଷାଭାଷୀ ସଂଖ୍ୟା ସର୍ବାଧିକ । ଏହି ଭାଷାର ପ୍ରଧାନ ଉପଭାଷା ହେଉଛି ବିଚୋଲୀ ।

(୧୩) **ପୂର୍ବୀ - ହିନ୍ଦୀ - ଅର୍ଦ୍ଧ-** ମାଗଧୀ ଅପଭ୍ରଂଶରୁ ଏହାର ସୃଷ୍ଟି । ଭାଷାବିଜ୍ଞାନୀମାନେ ନିର୍ଣ୍ଣୟ କରିଛନ୍ତି ଯେ ଏଥିରେ ଉଭୟ ପ୍ରାକୃତ ଓ ଶୌରସେନୀ ପ୍ରାକୃତରେ ଲକ୍ଷଣ ରହିଛି । ଏହି ଭାଷା କ୍ଷେତ୍ରର ପଶ୍ଚିମରେ ହିନ୍ଦୀ ଓ ପୂର୍ବରେ ବିହାରୀ ଭାଷା ପ୍ରଚଳିତ । ପୂର୍ବ-ହିନ୍ଦୀର ମୁଖ୍ୟ ଶାଖା ହେଉଛି (ଅବଧୀ), ଛତିଶଗଡ଼ୀ ଓ ବଘେଲୀ । ଏହି ତିନିଗୋଟି ଭାଷାର ଲିପି ହେଉଛି ନାଗରୀ । କୋଶଳୀ (ଅବଧୀରେ) ଉଚ୍ଚକୋଟୀର ସାହିତ୍ୟ ସୃଷ୍ଟି ହୋଇଛି । ଗୋସ୍ୱାମୀ ତୁଳସୀ ଦାସଙ୍କ ରାମଚରିତ ମାନସ ଅବଧୀ ହିନ୍ଦୀ ଭାଷାରେ ରଚିତ ।

(୧୪) ପଶ୍ଚିମୀ ହିନ୍ଦୀ - ଏହା ଶୌରସେନୀ ଅପଭ୍ରଂଶରୁ ବିକଶିତ । ଏହି ଭାଷାର ଉପଭାଷା ଗୁଡ଼ିକ ହେଉଛି - ଖଡ଼ୀବୋଲୀ, ବୁନ୍ଦେଲୀ, କନୌଜୀ, ବ୍ରଜ ଓ ବାଙ୍ଗରୁ । ଖଡ଼ିବୋଲୀ ଓ ବ୍ରଜ ସାହିତ୍ୟ ରଚନା ପାଇଁ ବିକଶିତ ରୂପ ନେବା ପରେ ତାର ନାମ ହିନ୍ଦୀ ହୋଇଛି । ଏହି ହିନ୍ଦୀ ହେଉଛି ଭାରତର ରାଷ୍ଟ୍ରଭାଷା । ଆରବୀ ଓ ପାର୍ସି ସହିତ ହିନ୍ଦୀର ମିଶ୍ରିତ ରୂପକୁ ଉର୍ଦ୍ଦୁ କୁହାଯାଏ । ଖଡ଼ୀବୋଲି ପ୍ରଭୃତି ଭାଷାର ଲିପି ହେଉଛି ନାଗରୀ । ତେବେ ହିନ୍ଦୀ ଉର୍ଦ୍ଦୁର ମିଶ୍ରିତ ରୂପକୁ ହିନ୍ଦୁସ୍ତାନୀ କୁହାଯାଏ ।

(୧୫) ମରାଠୀ - ମହାରାଷ୍ଟ୍ର ଅପଭଂଶ୍ରରୁ ଏହାର ବିକାଶ ଘଟିଛି । ଏହାର ଲିପି ହେଉଛି ଦେବନାଗରୀ । ମରାଠୀ ଭାଷାର ଦୁଇଗୋଟି ଶାଖା ଭାଷା ରହିଛି ; ପ୍ରଥମଟି କଙ୍କଣୀ (କଙ୍କଣୀ ଅଞ୍ଚଳରେ ପ୍ରଚଳିତ) ଏବଂ ଦ୍ୱିତୀୟଟି ହେଉଛି ହଲଞ୍ଜି (ବସ୍ତର ଅଞ୍ଚଳ) । ତ୍ରୟୋଦଶ ଶତାବ୍ଦୀ ବେଳକୁ ମରାଠୀ ଭାଷା ସାହିତ୍ୟ ରଚନା କ୍ଷେତ୍ରରେ ବେଶ୍ ବଳିଷ୍ଠତା ଲାଭ କରିଥିଲା । ଯଦିଓ ମରାଠୀ ଭାଷାର ମୂଳଭିତ୍ତି ହେଉଛି ଦେବନାଗରୀ, ତଥାପି ଦୈନନ୍ଦିନ ବ୍ୟବହାର ପାଇଁ ମରାଠୀ ଭାଷା ମୋଡ଼ି ଲିପି ବ୍ୟବହୃତ ହେଉଛି ।

(୧୬) ଓଡ଼ିଆ - ଓଡ଼ିଆ ଭାଷା ଆଧୁନିକ ଭାରତୀୟ ଆର୍ଯ୍ୟ ଭାଷାମାନଙ୍କ ମଧ୍ୟରେ ଅନ୍ୟତମ । ଏହା ଗୋଟିଏ ପୂର୍ବାଞ୍ଚଳୀୟ ଭାରତୀୟ ଭାଷା । ଏହା ଏକ ବହିରଙ୍ଗ ବର୍ଗୀୟ ଭାଷା । ଖ୍ରୀଷ୍ଟୀୟ ଦଶମ ଶତାବ୍ଦୀ ହେଉଛି ଏହାର ଜନ୍ମଲଗ୍ନ । ଏହା ଓଡ଼ିଶାର ଲୋକକଥିତ, ସାହିତ୍ୟ, ଶିକ୍ଷା ଏବଂ ଶାସନକଳର ଭାଷା । ଓଡ୍ର ବା ଉଡ୍ରମାନଙ୍କର ବାସଭୂମି ଓଡ଼ିଶାର ନାମାନୁସାରେ ଏହା ଓଡ଼ିଆ ଭାଷା ନାମରେ ନାମିତ । ଭାଷାବିତ୍ - ହର୍ଣ୍ଣଲେଙ୍କ ମତରେ ଓଡ଼ିଆ ଭାଷା ଏକ ପୂର୍ବୀଗୌଡ଼ୀୟ ଭାଷା । ଡକ୍ଟର ସୁନୀତ କୁମାର ଚାଟାର୍ଜୀଙ୍କ ମତାନୁସାରେ ଓଡ଼ିଆ ଭାଷା ପ୍ରାଚ୍ୟ ବର୍ଗୀୟ ଭାଷାର ଅନ୍ତର୍ଗତ । ଡକ୍ଟର ଭୋଳାନାଥ ତିୱାରୀ ଓଡ଼ିଆ ଭାଷାକୁ ପୂର୍ବୀବର୍ଗୀୟ ଭାଷାର ଅନ୍ତର୍ଭୁକ୍ତ କରିଛନ୍ତି । ଭାରତର ସମ୍ବିଧାନ ଦ୍ୱାରା ସ୍ୱୀକୃତ ବାଇଶିଗୋଟି ଭାଷା ମଧ୍ୟରେ ଓଡ଼ିଆ ଭାଷା ଅନ୍ୟତମ । ଶାସ୍ତ୍ରୀୟ ମାନ୍ୟତା ଲାଭ କରିବା ପରିପ୍ରେକ୍ଷୀରେ ଆଧୁନିକ ଭାରତୀୟ ଭାଷାମାନଙ୍କ ମଧ୍ୟରେ ଓଡ଼ିଆ ଭାଷା ପ୍ରଥମ ।

## ୧.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

### (୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ ।

(କ) ଭାଷା କାହାର ମାଧ୍ୟମ ?

(ଖ) ପୃଥିବୀର ଦୁଇଟି ଭାଷା ପରିବାରର ନାମ ଲେଖ ।

(ଗ) ଅନ୍ତର୍ଜାତିକ ଖ୍ୟାତି ସଂପନ୍ନ ଦୁଇଜଣ ଭାଷା ଗବେଷକଙ୍କ ନାମ ଲେଖ ।

(ଘ) ଭାରତୀୟ ଆର୍ଯ୍ୟଭାଷାକୁ କେତୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଛି ।

(ଙ) ଅଷ୍ଟ୍ରିକ ଭାଷା ପରିବାରର ଦୁଇଟି ଭାଷାର ନାମ ଲେଖ ।

### (୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ।

(କ) ପୃଥିବୀର ଭାଷା ପରିବାର ସଂପର୍କରେ ସୂଚନା ପ୍ରଦାନ କର ।

(ଖ) ଭାରତୀୟ ଭାଷା ପରିବାର ସଂପର୍କରେ ଆଲୋଚନା କର।

(ଗ) ଆଧୁନିକ ଭାରତୀୟ ଆର୍ଯ୍ୟଭାଷା ଗୁଡ଼ିକର ବୈଶିଷ୍ଟ୍ୟ ଆଲୋଚନା କର।

## ୧.୮ ସହାୟକ ଗ୍ରନ୍ଥସୂଚୀ


- ଓଡ଼ିଆ ଭାଷାର ଉତ୍ପତ୍ତି ଓ କ୍ରମବିକାଶ, ଡକ୍ଟର ବଂଶୀଧର ମହାନ୍ତି, ପ୍ରେଣ୍ଡସ ପବ୍ଲିର୍ଶସ, କଟକ-୨,୧୯୭୦।
- ଓଡ଼ିଆ ଭାଷାତତ୍ତ୍ୱ, ଗୋପୀନାଥ ନନ୍ଦ।
- ଭାଷା ଓ ଭାଷାବିଜ୍ଞାନ, ଡକ୍ଟର ପ୍ରେମାନନ୍ଦ ମହାପାତ୍ର, ସତ୍ୟାନାରାୟଣ ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ-୨,୨୦୧୭।

# ଦ୍ୱିତୀୟ ଏକକ
# ଓଡ଼ିଆ ଭାଷାର ଉତ୍ପତ୍ତି

**ବିଷୟ ଗଠନ :**

୨.୧ ପଠନର ଉଦ୍ଦେଶ୍ୟ
୨.୨ ଶିକ୍ଷଣୀୟ ବିଷୟ
୨.୩ ବିଷୟ ପ୍ରବେଶ
୨.୪ ଓଡ଼ିଆ ଭାଷାର ଉତ୍ପତ୍ତି ଓ ବିକାଶ
    ୨.୪.୧ ଓଡ଼ିଆ ଭାଷା ସୃଷ୍ଟିର ମୂଳ ଉତ୍ସ
    ୨.୪.୨ ପାଲିଭାଷା ସହିତ ଓଡ଼ିଆ ଭାଷାର ସମ୍ପର୍କ
    ୨.୪.୩ ପ୍ରାକୃତ ଭାଷା ଓ ଓଡ଼ିଆ
    ୨.୪.୪ ଅପଭ୍ରଂଶ ଭାଷା
    ୨.୪.୫ ଅବହଟ୍ଠ ଭାଷା ସହିତ ଓଡ଼ିଆ ଭାଷାର ସଂପର୍କ
    ୨.୪.୬ ଶିଳାଲେଖରେ ଓଡ଼ିଆ ଭାଷା
    ୨.୪.୭ ଉଡ୍ରବିଭାଷା ଓ ଓଡ଼ିଆ
    ୨.୪.୮ ବୌଦ୍ଧଗାନ ଓ ଦୋହାରେ ଓଡ଼ିଆ ଭାଷା
୨.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ
୨.୬ ସହାୟକ ଗ୍ରନ୍ଥସୂଚୀ

## ୨.୧ ପଠନର ଉଦ୍ଦେଶ୍ୟ

ଭାରତୀୟ ଆର୍ଯ୍ୟ ଭାଷା ପରିବାରର ଅନ୍ୟତମ ପ୍ରାଚୀନ ଭାଷା ହେଉଛି ଓଡ଼ିଆ। ହଜାର ବର୍ଷର ପୁରୁଣା ଏହି ଭାଷାର ମୌଖିକ ପରଂପରା ବହୁ ସମୃଦ୍ଧ। ଓଡ଼ିଆ ଲିପି ସୃଷ୍ଟି ହେବାର ବହୁ ପୂର୍ବରୁ ଓଡ଼ିଆ ଭାଷା ମୌଖିକ ପରଂପରାର ବହୁ ସ୍ତର ଦେଇ ବିବର୍ତ୍ତିତ ହୋଇ ଆସିଅଛି। ସେହିପରି ଓଡ଼ିଆ ଶବ୍ଦମାନଙ୍କ ବ୍ୟବହାର ମଧ୍ୟ ବହୁ ପ୍ରାଚୀନ କାଳରୁ ବିଭିନ୍ନ ଶିଳାଲେଖ, ତାମ୍ରଲେଖ ଓ ଅନ୍ୟାନ୍ୟ ପ୍ରାଚୀନ ଉପାଦାନ ମଧ୍ୟରେ ଦେଖିବାକୁ ମିଳିଥାଏ। ଏହାବ୍ୟତୀତ ଓଡ଼ିଶାରେ ଅଷ୍ଟ୍ରିକ ଓ ଦ୍ରାବିଡ଼ ଭାଷାଭାଷୀ ଲୋକ ବହୁଳ ଭାବରେ ବସବାସ କରନ୍ତି। ଏମାନଙ୍କ ବସତି ଆର୍ଯ୍ୟମାନଙ୍କ ଆଗମନ ପୂର୍ବରୁ ବୋଲି ଜଣାଯାଏ। ଅଷ୍ଟ୍ରିକ ଓ ଦ୍ରାବିଡ଼ ଭାଷା ପରିବାରର ବହୁ ଶବ୍ଦ ଓଡ଼ିଆ ଭାଷାରେ ବ୍ୟବହାର କରାଯାଇଛି। ଓଡ଼ିଆ ଭାଷାରେ ବିକାଶରେ ଏହି ଭାଷାଗୁଡ଼ିକ ଭୂମିକା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ। ଏହି ଏକକରେ ଏ ସମସ୍ତ ଦିଗ ପ୍ରତି ଦୃଷ୍ଟି ଦେଇ ଓଡ଼ିଆ ଭାଷାରେ ବିକାଶକ୍ରମ ଆଲୋଚନା କରାଯାଇଛି।

## ୨.୨ ଶିକ୍ଷଣୀୟ ବିଷୟ

ଏହି ଏକକର ଅଧ୍ୟୟନ କଲେ ବିଦ୍ୟାର୍ଥୀଗଣ ନିମ୍ନ ପ୍ରସଙ୍ଗଗୁଡ଼ିକୁ ଜାଣିପାରିବେ ;

- ଓଡ଼ିଆ ଭାଷାର ଉତ୍ପତ୍ତି
- ଓଡ଼ିଆ ଭାଷାର ବିବର୍ତ୍ତନ ପ୍ରକ୍ରିୟା
- ଓଡ଼ିଆ ଭାଷା ସହ ପାଲି ଭାଷାର ସଂପର୍କ
- ଓଡ଼ିଆ ଭାଷା ସହ ପ୍ରାକୃତ ଭାଷାର ସଂପର୍କ
- ଓଡ଼ିଆ ଭାଷା ଓ ଅପଭ୍ରଂଶ ଭାଷା
- ଅବହଟ୍‌ଠ ଭାଷା ସହ ଓଡ଼ିଆ ଭାଷାର ସଂପର୍କ
- ଶିଳାଲେଖରେ ଓଡ଼ିଆ ଭାଷାର ସ୍ୱରୂପ
- ବୈଦ୍ଧଗାନ ଓ ଦୋହାରେ ଓଡ଼ିଆ ଭାଷା

## ୨.୩ ବିଷୟ ପ୍ରବେଶ

ଓଡ଼ିଆ ଭାରତୀୟ ଆର୍ଯ୍ୟଭାଷାମାନଙ୍କର ପୂର୍ବଶାଖାର ଭାଷା। ଏହି ଭାଷା ପୂର୍ବାଞ୍ଚଳର ଭାଷା ବଙ୍ଗଳା ଓ ଆସାମୀ ଠାରୁ ବି ପ୍ରାଚୀନତମ। ଐତିହାସିକ ଭାଷା ବିଜ୍ଞାନ ଦୃଷ୍ଟିରୁ ଦେଖିଲେ ଭାଷାର ପରିବର୍ତ୍ତନ ହେତୁ ବଙ୍ଗଳା ଏବଂ ଅସମୀୟ ଭାଷା ଓଡ଼ିଆ ଠାରୁ ଅଲଗା। ହୋଇଗଲେ। ପୁଣି ପରିବର୍ତ୍ତନ ହେତୁ ବଙ୍ଗଳା ଓ ଆସାମୀ ପରସ୍ପର ଠାରୁ ଅଲଗା ହୋଇଗଲେ।

ଓଡ଼ିଶା ବିଭିନ୍ନ ସମୟରେ ବିଭିନ୍ନ ନାମରେ ପରିଚିତ ଥିଲା। ଓଡ଼ିଶା ଗଜପତିଙ୍କୁ ନବ କୋଟି କର୍ଣ୍ଣାଟ କଳବର୍ଗେଶ୍ୱର ବୋଲି କୁହାଯାଇଛି। ସେତେବେଳେ ତାଙ୍କର ସାମ୍ରାଜ୍ୟ ଗଙ୍ଗାଠାରୁ ଗୋଦବରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା ବୋଲି କୁହାଯାଏ। ପରବର୍ତ୍ତୀ ସମୟରେ ଏହା ଉତ୍କଳ, କଳିଙ୍ଗ, କଙ୍ଗୋଦ, କୋଶଳ, ତୋଷଳ, ଉଡ୍ର ଆଦି ନାମରେ ନାମିତ ହୋଇଥିଲା। ସେତେବେଳେ ଏହାର ସୀମା ବଦଳି ବଦଳି ଯାଉଥିଲା।

ଓଡ଼ିଆ ଆର୍ଯ୍ୟ, ଦ୍ରାବିଡ଼ ଓ ଅଷ୍ଟ୍ରିକ ଭାଷାର ମିଳନ ସ୍ଥଳ। ଏବେ ତିବ୍ବତୀୟମାନେ ବସବାସ କରିବାକୁ ଚତୁର୍ଥ ଭାଷା ପରିବାର ତିବ୍ବତୀୟ ଚୀନ ଏହା ସହ ଯୋଡ଼ି ହେଲା। ଓଡ଼ିଶାରେ ଆର୍ଯ୍ୟ ବସତି ସଂପର୍କରେ ବିଭିନ୍ନ ମତ ଅଛି। ଡଃ ଦେବୀପ୍ରସନ୍ନ ପଟ୍ଟନାୟକଙ୍କ ମତରେ ଓଡ଼ିଶାର ଆର୍ଯ୍ୟବସତି ଅଶୋକଙ୍କ ପୂର୍ବରୁ ଅର୍ଥାତ୍ ଖ୍ରୀଷ୍ଟପୂର୍ବ ୪୦୦ ପୂର୍ବରୁ ହୋଇଥିଲା। ପ୍ରନ୍ ଓଡ଼ିଆ, ବଙ୍ଗଳା ଓ ଅସମୀୟା ଭାଷା ତିନି ଭାଗରେ ବିଭକ୍ତ ହୋଇଥିଲା। ପୂର୍ବମାଗଧୀ - ଓଡ଼ିଆ, ଅସମୀୟା ଓ ବଙ୍ଗଳାକୁ ନେଇ ଗଠିତ (୨) କେନ୍ଦ୍ରିୟ ମାଗଧୀ- ମୈଥିଳୀ ଓ ମଗଧୀ ନେଇ ଗଠିତ (୩) ପଶ୍ଚିମ ମାଗଧୀ - ଭୋଜପୁରୀ, ନାଗପୁରୀ ବସଦନୀକୁ ନେଇ ଗଠିତ। ଓଡ଼ିଆ ପ୍ରାଚୀନତମ ଏବଂ ରକ୍ଷଣଶୀଳ ହୋଇଥିବାରୁ ବିଦ୍ଧଗାନ ଓ ଦୋହାରେ ଏହାର ଅଧିକ ପ୍ରଭାବ ଥିବା ସ୍ୱାଭାବିକ।

# ୨.୪ ଓଡ଼ିଆ ଭାଷାର ଉତ୍ପତ୍ତି ଓ କ୍ରମବିକାଶ

ଓଡ଼ିଆକୁ ଭାଷା କହିବା ଅପେକ୍ଷାକୃତ ଅର୍ବାଚୀନ। ଭରତ ନାଟ୍ୟ ସୂତ୍ରରେ (ଖ୍ରୀ.ପୂ ୪ର୍ଥ ଶତାବ୍ଦୀ) ଉଡ୍ର ବିଭାଷା ର ଉଲ୍ଲେଖ ଅଛି। ସେଥିରେ ଔଡ୍ର ମାଗଧୀ ପ୍ରବୃତ୍ତିର ଉଲ୍ଲେଖ ଅଛି। ପ୍ରବୃତ୍ତିର ବ୍ୟାଖ୍ୟା କରି କୁହାଯାଇଛି ''ପୃଥିବ୍ୟାମ୍ ନାନା ଦେଶ ବେଶ ଭାଷାଚାର ଖ୍ୟାପୟତି ପ୍ରବୃତ୍ତି।'' ଏଥିରୁ ସେତେବେଳେ ଉଡ୍ର ଭାଷାର ଲମ୍ବା ଛାୟା ଦେଖିବାକୁ ମିଳେ। ଗୋଟିଏ ସମୟରେ ସଂସ୍କୃତ ହିଁ ଏକମାତ୍ର ଭାଷା ଥିଲା। ବାକି ସବୁ ଭାଷାକୁ ବିଭାଷା, ପ୍ରାକୃତ, ଅପଭ୍ରଂଶ ଆଦି ନାଁରେ ଗଣାଯାଉଥିଲା।

ଅଶୋକଙ୍କ ଶିଳାଲିପିରେ ପୂର୍ବାଞ୍ଚଳ ଭାଷାର ଶୈଳୀ ଅନ୍ୟ ଅଞ୍ଚଳ ଠାରୁ ଭିନ୍ନ ଥିଲା ବୋଲି ଜଣାଯାଏ। ହାତୀ ଗୁମ୍ଫାରେ ଖାରବେଳଙ୍କ ଖ୍ରୀ.ପୂ ୧ମ ଶତକରେ ଶିଳାଲିପି ଅଛି। ଏଥିରେ ବାଟ, ପନ୍ଦର ପରି ଓଡ଼ିଆ ଶବ୍ଦ ଏବଂ ପୂର୍ବାଞ୍ଚଳୀୟ ଭାଷାର ଶୈଳୀଗତ ସାମ୍ୟ ମଧ୍ୟ ଦେଖିବାକୁ ମିଳେ। ତାପରେ ଅଷ୍ଟମରୁ ଦ୍ୱାଦଶ ଶତାବ୍ଦୀ ମଧ୍ୟରେ ଲେଖା ଯାଇଥିବା ବୌଦ୍ଧଗାନ ଓ ଦୋହାକୁ ଓଡ଼ିଆ ସାହିତ୍ୟର ପୂର୍ବସୂରୀ ଭାବରେ ଗଣାଯାଇପାରେ। ବଙ୍ଗଳା, ଆସାମୀ ଓ ମୈଥିଳୀ ଭାଷାଭାଷୀମାନେ ଏହାକୁ ଆପଣାର ଭାଷା ବୋଲି ଦାବି କରନ୍ତି। କାହ୍ନୁ ଓ ଶବରୀ ପରି ଓଡ଼ିଆ ନାଁ ଥିବା ଯୋଗୀମାନଙ୍କ ବ୍ୟତୀତ ଏହାର ଭାଷା ସମ୍ବନ୍ଧରେ ଏଠି ବିଚାର କରାଯାଇପାରେ।

ସେହି ସମୟରୁ ଓଡ଼ିଆରେ ଓ୍ୱବି, ଲୋଳି, ଷୋଡ଼ଶା, ଚଉତିଶା ଆଦି ରଚନା କାନ ବାଟେ ଚାଲୁଥିଲା। ସପ୍ତମ, ନବମ, ଦଶମ ଓ ଏକାଦଶ ଶତକରେ ସଂସ୍କୃତ ଶିଳାଲେଖ ଓ ତାମ୍ରଲିପିମାନଙ୍କରେ ଓଡ଼ିଆର ଚିହ୍ନ ମିଳେ। ସଂସ୍କୃତ ଲେଖରେ ଓଡ଼ିଆ ଶବ୍ଦ, ବାକ୍ୟ ଦେଖିବାକୁ ମିଳୁଛି। ୧୦୫୧ ଖ୍ରୀଷ୍ଟାବ୍ଦର ଉରଜାମ୍ ଶିଳାଲେଖ ସଂପୂର୍ଣ୍ଣ ଓଡ଼ିଆର ପ୍ରଥମ ଶିଳାଲେଖ। ସେତେବେଳେ ଓଡ଼ିଆ ଭାଷାର ବ୍ୟବହାର ଯେ ସୁଦୂର ପ୍ରସାରୀ ଥିଲା ଏ ବିଷୟରେ ସନ୍ଦେହ ନାହିଁ।

ଭୁବନେଶ୍ୱର ମ୍ୟୁଜିୟମ୍‌ର କୁମାର ସେଣ ମୂର୍ତ୍ତି ଦେହରେ ଯେଉଁ ଓଡ଼ିଆ ବାକ୍ୟଟି ଲେଖା ଅଛି ''ଦେବ କହି ଭଗତି କରୁଣ ଅଛନ୍ତି ଭୋ କୁମାର ସେଣ।'' ଏହାକୁ ଏକାଦଶ ଖ୍ରୀଷ୍ଟାବ୍ଦର ବୋଲି ନିର୍ଦ୍ଧାରଣ କରାଯାଇଛି।

ଓଡ଼ିଆ ସାହିତ୍ୟର ଆଦିକାବ୍ୟ ସିଦ୍ଧେଶ୍ୱର ଦାସଙ୍କ 'ବିଚିତ୍ର ରାମାୟଣ'। ଏହା ସୀତାଙ୍କର ବନବାସ ଠାରୁ ଭୂମି ପ୍ରବେଶ ବିଷୟକୁ ନେଇ ରଚିତ। ସିଦ୍ଧେଶ୍ୱର ନାରାୟଣ ଭକ୍ତ ଥିଲେ ଏବଂ ସବୁ ଜାଗାରେ ସେ ନାରାୟଣଙ୍କ ବନ୍ଦନା କରିଛନ୍ତି। ତାଙ୍କ ଲେଖାରେ ବିଭିନ୍ନ ସଂସ୍କୃତ ଏବଂ ପ୍ରାକୃତରୁ 'ଟା ଶବ୍ଦ ଭଣ୍ଡାର ଅଛି। ତାଙ୍କ ରଚନାରେ ଦେଶଜ, ପ୍ରାକୃତ ଶବ୍ଦର ବାହୁଲ୍ୟ ସାରଳା ଦାସଙ୍କ ତୁଳନାରେ ଅଧିକ। ସାରଳା ଦାସଙ୍କୁ ଓଡ଼ିଶାର ଆଦିକବି ଭାବରେ ଗଣାଯାଏ। ତାଙ୍କ ରଚନା ଅନୁବାଦ ନୁହେଁ, ଅନୁସରଣରେ ନୂତନ ସୃଷ୍ଟି। ଏଥିରେ ଓଡ଼ିଆ ଜାତୀୟତାର ଏବଂ ଓଡ଼ିଆ ଅସ୍ମିତାର ବହୁ ପ୍ରମାଣ ରହିଛି। ଓଡ଼ିଆରେ ସାହିତ୍ୟର ଇତିହାସ ରାଜାଙ୍କୁ ଧରି, ସମୟକୁ ଧରି, ଲେଖନ ଶୈଳୀକୁ ଧରି, ବିଶିଷ୍ଟ କବିଙ୍କୁ ଧରି ଲେଖାଯାଇଛି କିନ୍ତୁ ଏ ପ୍ରତ୍ୟେକ ଅପୂର୍ଣ୍ଣ। ଇଂରାଜୀରେ ଯତୀନ୍ଦ୍ରମୋହନ ମହାନ୍ତିଙ୍କର ଓଡ଼ିଆ ସାହିତ୍ୟର ଇତିହାସ ଏକ ପ୍ରମୁଖ ମାଇଲ ଖୁଣ୍ଟ। ଓଡ଼ିଆରେ ପତ୍ର ପତ୍ରିକା, ଓଡ଼ିଆ ଛାପାକଳ ଅଭ୍ୟୁଦୟ ସହ ଯୋଡ଼ା, ସେହିପରି ଓଡ଼ିଆରେ ଅଭିଧାନ ସଟନଙ୍କ ଠାରୁ ଆରମ୍ଭ କରି ପ୍ରମୋଦ ଅଭିଧାନ ପର୍ଯ୍ୟନ୍ତ ଅଭିଧାନମାନଙ୍କର ତାଲିକା ପ୍ରସ୍ତୁତ କରାଯାଇଛି।

## ୨.୪.୧ ଓଡ଼ିଆ ଭାଷା ସୃଷ୍ଟିର ମୂଳ ଉତ୍ସ

''ଓଡ଼ିଆ ଭାଷାର ମୂଳ ଉତ୍ସ ଭାରତୀୟ ଆର୍ଯ୍ୟଭାଷା ବା ସଂସ୍କୃତ। ଭାରତୀୟ ଆର୍ଯ୍ୟଭାଷା ହେଉଛି ୟୁରୋପୀୟ ବା ଇଣ୍ଡୋନେସିଆନ୍ ଆର୍ଯ୍ୟ ଭାଷାର ଭାରତୀୟ ଆର୍ଯ୍ୟ ଉପଶାଖା। ଭାରତୀୟ ଆର୍ଯ୍ୟଭାଷା କାଳକ୍ରମେ ତିନୋଟି ମୁଖ୍ୟସ୍ତର ଦେଇ ଗତି କରିଛି। ଯଥା -

(୧) ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷା (ଖ୍ରୀ.ପୂ.୧୫୦୦ ରୁ ଖ୍ରୀ.ପୂ.୫୦୦)

(୨) ମଧ୍ୟ ଭାରତୀୟ ଆର୍ଯ୍ୟଭାଷା (ଖ୍ରୀ.ପୂ. ୫୦୦ ରୁ ଖ୍ରୀଷ୍ଟାବ୍ଦ ୧୦୦୦)

(୩) ଆଧୁନିକ ଭାରତୀୟ ଆର୍ଯ୍ୟ ଭାଷା (୧୦୦୦ ଖ୍ରୀଷ୍ଟାବ୍ଦର ପରବର୍ତ୍ତୀ)

ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷାର ପ୍ରଥମ ପର୍ଯ୍ୟାୟକୁ ବୈଦିକ ସଂସ୍କୃତ ଓ ପରବର୍ତ୍ତୀ ପର୍ଯ୍ୟାୟକୁ ଲୌକିକ ସଂସ୍କୃତ କୁହାଯାଏ। ଜନସାଧାରଣଙ୍କ ଦ୍ୱାରା କଥିତ ସଂସ୍କୃତରୁ ସୃଷ୍ଟି ଲାଭ କରିଥିଲା ମଧ୍ୟଭାରତୀୟ ଆର୍ଯ୍ୟଭାଷା। ଏହାକୁ ପାଞ୍ଚୋଟି ସ୍ତରରେ ବିଭକ୍ତ କରାଯାଇପାରେ। ଯଥା - ମହାରାଷ୍ଟ୍ରୀ, ସୈରସେନୀ, ମାଗଧୀ, ପୈଶାଚୀ ଓ ଅର୍ଦ୍ଧମାଗଧି। ପ୍ରତ୍ୟେକ ପ୍ରାକୃତରୁ ମଧ୍ୟ କେତେକ ଅପଭ୍ରଂଶ ଭାଷା ଉତ୍ପତ୍ତି ଲାଭ କରିଥିଲା। ଯଥା - ପୂର୍ବୀ, ପଶ୍ଚିମୀ, ଉତ୍ତରୀ, ଦକ୍ଷିଣୀ ଓ ମଧ୍ୟାପୂର୍ବୀ ମାଗଧୀ ଅପଭ୍ରଂଶରୁ ସୃଷ୍ଟି ଲାଭ କରିଥିଲା ଓଡ଼ିଆ ଭାଷା। ଏହା ସତ୍ତ୍ୱେ ସୈରସେନୀ ଓ ଅର୍ଦ୍ଧମାଗଧୀ ପ୍ରାକୃତର କେତେକ ଲକ୍ଷଣ ମଧ୍ୟ ଏଥିରେ ପରିଲକ୍ଷିତ ହୋଇଥାଏ।

ଦକ୍ଷିଣ-ପୂର୍ବୀ ମାଗଧୀ ଅପଭ୍ରଂଶ ଦୁଇ ଭାଗରେ ବିଭକ୍ତ। ଉତ୍ତରୀ-ପୂର୍ବୀ ମାଗଧୀ ଓ ଦକ୍ଷିଣୀ- ପୂର୍ବୀ ମାଗଧୀ। ବଙ୍ଗଳା ଓ ଅସମୀୟା ଭାଷା ହେଉଛି ଉତ୍ତରୀ-ମାଗଧୀ ଅପଭ୍ରଂଶ ପ୍ରଶାଖାର ଅନ୍ତର୍ଭୁକ୍ତ ଓ ଓଡ଼ିଆ ହେଉଛି ଦାକ୍ଷିଣୀ-ପୂର୍ବୀ ମାଗଧୀ ଅପଭ୍ରଂଶ ପ୍ରଶାଖାର ଅନ୍ତର୍ଭୁକ୍ତ। ଓଡ଼ିଆ ଭାଷା ପୂର୍ବ-ମାଗଧୀ ଅପଭ୍ରଂଶରୁ ଉତ୍ପତ୍ତି ଲାଭ କରିଥିଲେ ହେଁ ସୈରସେନୀ ଓ ଅର୍ଦ୍ଧ-ମାଗଧୀ ପ୍ରାକୃତର କେତେକ ଲକ୍ଷଣ ମଧ୍ୟ ଏଥିରେ ପରିଲକ୍ଷିତ ହୋଇଥାଏ।

ଦକ୍ଷିଣ- ପୂର୍ବୀ ମାଗଧୀ ଅପଭ୍ରଂଶର ଅନ୍ୟନାମ ଔଡ୍ରୀ ଅପଭ୍ରଂଶ ଥିବାର ବହୁ ପ୍ରମାଣ ଦେଖିବାକୁ ମିଳେ। ଏହି ଔଡ୍ରୀ ଅପଭ୍ରଂଶର ପୂର୍ବ ରୂପ ହେଉଛି ଭରତଙ୍କ ନାଟ୍ୟଶାସ୍ତ୍ରରେ ଉଲ୍ଲିଖିତ ''ଔଡ୍ରୀ ବିଭାଷା।'' ଏହି ଗ୍ରନ୍ଥରେ ''ଉଡ୍ରଜା'' (ଔଡ୍ରୀ) ବିଭାଷା ଓ ଔଡ୍ର (ଔଡ୍ରୀ) ମାଗଧୀ ରୀତିର ଉଲ୍ଲେଖ ରହିଛି।

ଅନୁମତି ହୁଏ ପୂର୍ବ- ମାଗଧୀ ପ୍ରାକୃତ ସହିତ ଅଷ୍ଟ୍ରିକ ଓ ଦ୍ରାବିଡ ଭାଷାର ମିଶ୍ରଣରେ ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀ ବେଳକୁ ଏହି ଔଡ୍ରୀ ବିଭାଷାର ସୃଷ୍ଟି ହୋଇଥିଲା। ସପ୍ତମ ଶତାବ୍ଦୀବେଳକୁ ଏହାର ନାମ ଥିଲା ଔଡ୍ରୀ ଅପଭ୍ରଂଶ। ଔଡ୍ରୀ ଆଧୁନିକ ଭାରତୀୟ ଆର୍ଯ୍ୟ ଭାଷା ଓଡ଼ିଆର ସୃଷ୍ଟି।

### (କ) ଭରତଙ୍କ ନାଟ୍ୟଶାସ୍ତ୍ରରେ ବିଭାଷା

ଖ୍ରୀଷ୍ଟାବ୍ଦ ଦ୍ୱିତୀୟ ଶତକରେ ଲିଖିତ ଭରତଙ୍କ ନାଟ୍ୟଶାସ୍ତ୍ରରେ ''ଓଡ୍ର'' (ଔଡ୍ରୀ) ଶବ୍ଦ ଦେଖିବାକୁ ମଳିଥାଏ ପୁଣି ସେହି ନାଟ୍ୟଶାସ୍ତ୍ରରେ ବିଭିନ୍ନ ନାଟକୀୟ ପ୍ରବୃତ୍ତି ମଧ୍ୟରେ ''ଔଡ୍ରମାଗଧୀ'' ଉଲ୍ଲେଖ କରାଯାଇଛି।

ଆବନ୍ତୀ ଦାକ୍ଷିଣ୍ୟାତ୍ୟାତ ତଥା ଚୈବୋଦମାଗଧୀ
ପାଞ୍ଚାଳୀ ମଧ୍ୟମା ଚେତି ବିଜ୍ଞେୟାସ୍ତୁ ପ୍ରବୃତ୍ତୟାଃ।। (ନାଟ୍ୟଶାସ୍ତ୍ର -୬/୨୬)

## (ଖ) ହୁଏନ୍‌ସାଂଙ୍କ ବିବରଣୀରେ ଓଡ଼ିଆ ଭାଷା

ସପ୍ତମ ଶତାବ୍ଦୀ ବେଳକୁ ଓଡ଼ିଆ ଭାଷା ଉତ୍ତରଭାରତୀୟ, ମଧ୍ୟ – ଭାରତୀୟ ଏପରିକି ପୂର୍ବ- ଭାରତୀୟ ଅନ୍ୟାନ୍ୟ ଭାଷାଠାରୁ ସ୍ୱତନ୍ତ୍ର ରୂପ ନେଇ ବିକାଶ ଲାଭ କରିସାରିଥିବା କଥା ଏହି ଶତାବ୍ଦୀରେ ଓଡ଼ିଶାକୁ ଆସିଥିବା ବିଖ୍ୟାତ ଚୀନ୍ ପରିବ୍ରାଜକ ହୁଏନ୍‌ସାଂଙ୍କ ଭାରତ ଭ୍ରମଣ ବୃତ୍ତାନ୍ତରୁ ଜଣାଯାଇଥାଏ । ସେ ତାମ୍ରଲିପ୍ତ ଓ କର୍ଣ୍ଣସୁବର୍ଣ୍ଣ ପରିଦର୍ଶନ ପରେ ଉତ୍କଳ ଦେଶକୁ ଆସିଥିରଲେ । ଏହି ଦେଶର ଭାଷାକୁ ସେ 'ଉ-ଚ' ଭାବେ ଉଲ୍ଲେଖ କରିଛନ୍ତି । ଏହା ଉଦ୍ର (ଓଡ୍ର) ଶବ୍ଦର ବିକୃତ ଉଦାହରଣ ମାତ୍ର ।

ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ରାଜ୍ୟର ସର୍ବବିଧ ସମୃଦ୍ଧି ଦିଗରୁ ସପ୍ତମ ଓ ଅଷ୍ଟମ ଶତାବ୍ଦୀ ଓଡ଼ିଶାର ଇତିହାସରେ ନିଶ୍ଚିତରୂପେ ଏକ ଗୌରବମୟ ଅଧ୍ୟାୟ । ଅଶୋକଙ୍କ କଳିଙ୍ଗ ବିଜୟରେ ଓଡ଼ିଶା ଇତିହାସର ଆରମ୍ଭ ହୁଏ ଏବଂ ଅଶୋକଙ୍କର କଳିଙ୍ଗରେ ଥିବା ଦୁଇଟି ଶିଳାଲେଖରେ ଓଡ଼ିଶାର ପ୍ରଥମ ଲିଖିତ ଭାଷା ଏବଂ ସାହିତ୍ୟର ଉନ୍ମେଷ ହୁଏ । ଅଶୋକଙ୍କ କଳିଙ୍ଗ ବିଜୟ ପୂର୍ବରୁ ଓଡ଼ିଶାର ଉତିହାସ କଣ ଥିଲା ଜଣାଯାଏ ନାହିଁ । ଯାହା ରହିଛି – ତାହା ପୌରାଣିକ ବର୍ଣ୍ଣନା । ଅଶୋକଙ୍କ କଳିଙ୍ଗ ବିଜୟ ସମୟରୁ ହିଁ ଓଡ଼ିଶାରେ ଆର୍ଯ୍ୟ ସଭ୍ୟତା ପ୍ରବେଶର ସମୟ ଧରାଯାଇପାରେ ଓ ତାହା ପୂର୍ବରୁ ଓଡ଼ିଶା ଅଣଆର୍ଯ୍ୟ, ଦ୍ରାବିଡ଼ ଓ ଅଷ୍ଟ୍ରୋଏସିୟ ଜାତି ବା ମୁଣ୍ଡାରୀ ଗୋଷ୍ଠୀର ଲୋକଙ୍କ ଦ୍ୱାରା ଅଧ୍ୟୁଷିତ ଥିଲା । ସେତେବେଳେ କଳିଙ୍ଗ ଜାତି ବା ମୁଣ୍ଡା ବଡ଼ ଦୁର୍ଦ୍ଧର୍ଷ ଓ ସମରପ୍ରିୟ ଜାତି ଥିଲେ । କଳିଙ୍ଗ ଯୁଦ୍ଧ ତାର ପ୍ରମାଣ ଦେଇଥାଏ । ଅଶୋକଙ୍କ ପରେ ଓଡ଼ିଶାର ଇତିହାସରେ ଦ୍ୱିତୀୟ ଐତିହାସିକ ଅଭିଲେଖ ହେଉଛି ମହାମେଘବାହନ ଐରଶ୍ରୀ ଖାରବେଳଙ୍କର ଖଣ୍ଡଗିରିର ହାତିଗୁମ୍ଫା ଖ୍ରୀ.ପୂ. ତୃତୀୟ ଶତକ ସମୟରୁ କ୍ରମାନ୍ୱୟରେ ଦେଶରେ ଓଡ଼ିଆ ଭାଷା ବିକାଶର ଭିତ୍ତି ସ୍ଥାପିତ ହୋଇଥିଲା ।

## (ଗ) କଳିଙ୍ଗ ଓ ପାଳିଭାଷା

ଅଶୋକ ଓ ଖାରବେଳଙ୍କ ଅଭିଲେଖ ଦୁଇଟି ପାଳିଭାଷାର ସର୍ବପ୍ରାଚୀନ ଅଭିଲେଖ । ଅଶୋକଙ୍କର ଦୁଇଟି ଯାକ ଶିଳାଲେଖ ପାଳି ଭାଷାରେ ଓ ବ୍ରାହ୍ମୀଲିପିରେ ଉତ୍କୀର୍ଣ୍ଣ ହୋଇଅଛି । ଖାରବେଳଙ୍କର ହାତୀଗୁମ୍ଫା ଶିଳାଲେଖ ବ୍ରାହ୍ମୀଲିପିରେ ଖୋଦିତ ହୋଇଥିଲା ହେଁ ଏହାର ଭାଷାରେ କ୍ୱଚିତ୍ ପାଳି, କ୍ୱଚିତ୍ ଅର୍ଦ୍ଧ-ମାଗଧୀ ଭାଷାର ଲକ୍ଷଣ ମିଳିଥାଏ । କିନ୍ତୁ ଡକ୍ଟର ସୁନୀତ କୁମାର ଚାଟାର୍ଜୀ କହନ୍ତି ଯେ ଏହି ଶିଳାଲେଖରେ ଏକ ଦିଗରେ ପାଳିର ପ୍ରଭାବ ଓ ଅନ୍ୟଦିଗରେ ମଥୁରା ଅଞ୍ଚଳ ସୌରସେନୀ ପ୍ରାକୃତର ପ୍ରଭାବ ପରିଲକ୍ଷିତ ହୋଇଥାଏ । ତାଙ୍କ ମତରେ ଏହି ଭାଷା ଓଡ଼ିଶାର କଥିତ ଭାଷା ନଥିଲା ତାହା କେବଳ ଖାରବେଳଙ୍କ ଶାସନ କାର୍ଯ୍ୟରେ ବ୍ୟବହୃତ ହୋଇଥାଏ । ତାଙ୍କ ମତରେ ଏହି ଭାଷା ଓଡ଼ିଶାର କଥିତ ଭାଷା ନଥିଲା ତାହା କେବଳ ଖାରବେଳଙ୍କ ଶାସନ କାର୍ଯ୍ୟରେ ବ୍ୟବହୃତ ଭାଷା ଓ ମଥୁରା ଅଞ୍ଚଳ ସିନ୍ଧୀମାନଙ୍କର ଭାଷା ଥିଲା । ହାତୀଗୁମ୍ଫା ଅଭିଲେଖର ପ୍ରଧାନ ଗବେଷକ ଡଃ ବେଣୁମାଧବ ବରୁଆ ମତ ବ୍ୟକ୍ତ କରନ୍ତି ଯେ ଅଭିଲେଖର କେତେକ ଉଚ୍ଚାରଣ ଓ ବନାନକୁ ବାଦ୍ ଦେଲେ ଏହାର ଭାଷାକୁ ହିଁ ନିର୍ଦ୍ୱନ୍ଦ୍ୱରେ 'ପାଳି' ବୋଲି କୁହାଯିବ ।

## (ଘ) ଓଡ୍ର ବିଭାଷା

ତତ୍କାଳୀନ ଓଡ୍ର ବିଭାଷା ବିଶେଷ ଭାବରେ ଦ୍ରାବିଡ଼ ଓ ଆଦିବାସୀ ଭାଷା ଦ୍ୱାରା ପ୍ରଭାବିତ ହୋଇଥିଲା। ଦ୍ୱାଦଶ ଶତାବ୍ଦୀର ଅନିରୁଦ୍ଧ ''ଭଟ୍ଟଙ୍କର ପ୍ରାକୃତ କଳ୍ପତରୁ'' ପୁରୁଷୋତ୍ତମଦେବଙ୍କର ''ପ୍ରାକୃତାନୁଶାସନ'' ଓ ଷୋଡ଼ଶ ଶତାବ୍ଦୀର ଉତ୍କଳୀୟ ପଣ୍ଡିତ ମାର୍କଣ୍ଡେୟଙ୍କର ''ପ୍ରାକୃତ ସର୍ବସ୍ୱ ରେ ଓଡ୍ରୀ, କାଳିଙ୍ଗୀ ପ୍ରଭୃତି ଅପଭ୍ରଂଶର ଉଲ୍ଲେଖ ମିଳିଥାଏ। ଏକଥା ସତ ଯେ ଦ୍ୱାଦଶ ଶତାବ୍ଦୀ ବେଳକୁ ଓଡ଼ିଶାରେ ଯେଉଁ ଅପଭ୍ରଂଶ ଦେଖା ଦେଇଥିଲା ଏହି ଅପଂଭ୍ରଂଶ ବୌଦ୍ଧଗାନ ଓ ଦୋହାର ଅପଭ୍ରଂଶ ଭାଷା ହୋଇପାରେ।

## (ଙ) ଓଡ଼ିଶା ଭାଷା ସୃଷ୍ଟିର ଇତିହାସ

ସଂସ୍କୃତ ଭାଷାରୁ ପ୍ରାକୃତ ଭାଷାର ସୃଷ୍ଟି କି ପ୍ରାକୃତ ଭାଷାରୁ ସଂସ୍କୃତ ଭାଷାର ସୃଷ୍ଟି – ସେ ସଂପର୍କରେ ବିଦ୍ୱାନମାନଙ୍କ ମଧ୍ୟରେ ମତଭେଦ ରହିଛି। ତେବେ ସଂସ୍କୃତରୁ ପ୍ରାକୃତ ବା ପ୍ରାକୃତରୁ ସଂସ୍କୃତ – ଯିଏ ଯାହାଠୁ ସୃଷ୍ଟି ହେଉନା କାହିଁକି, ଏ କଥା ସ୍ୱୀକାର କରିବାକୁ ହେବ ଯେ ଭାଷାର ଦୁଇଟି ସ୍ତର ଥିଲା। ଗୋଟିଏ ସାହିତ୍ୟକ ବା ଶିଷ୍ଟ ଭାଷାର ଧାରା ଓ ଅନ୍ୟଟି ଜନସାଧାରଣଙ୍କ କଥିତ ଭାଷାର ଧାରା। ପ୍ରାକୃତ ଭାଷାର ଶବ୍ଦ ଭଣ୍ଡାରରୁ ଶବ୍ଦଚୟନ କରାଯାଉଥିଲା। ସଂସ୍କୃତ ଶବ୍ଦର ପ୍ରାକୃତିକରଣ ଓ ପ୍ରାକୃତ ଶବ୍ଦର ସଂସ୍କୃତିକରଣ ବି ହେଉଥିଲା। ଏହି କାରଣରୁ ଉଭୟ ଭାଷାରେ ଅଧିକାଂଶ ଶବ୍ଦ ସମାନ।

କୌଣସି ଭାଷା ସାହିତ୍ୟ ସ୍ତରକୁ ଉନ୍ନୀତ ହେଲେ ସ୍ଥିର ରୂପ ଗ୍ରହଣ କରିଥାଏ। ତେଣୁ ସଂସ୍କୃତ ଭାଷା ସ୍ଥିର ଓ ଅପରିବର୍ତ୍ତିତ। କିନ୍ତୁ ପ୍ରାକୃତ ଭାଷା ଲିଖିତ ସାହିତ୍ୟ ସ୍ତରକୁ ଆସିବା ବେଳକୁ ଶହଶହ ବର୍ଷ ବିତିଯାଇଛି। କେବଳ ରହିଯାଇଛି କଥିତ ସ୍ତର। ଅସଂଖ୍ୟ କଣ୍ଠରେ ଏହା ପ୍ରକାଶିତ ହୋଇ ଅନେକ ସମୟରେ ପରିବର୍ତ୍ତିତ ହୋଇ ପାରିଛି। ପୁଣି ଭୌଗୋଳିକ କାରଣରୁ ଏହା ବିଭିନ୍ନ ସ୍ଥାନରେ ପ୍ରସାରିତ ହେଲାବେଳେ ଭିନ୍ନ ଭିନ୍ନ ରୂପ ଧାରଣ କରିଛନ୍ତି। ଯେଉଁ ପ୍ରାକୃତ ଭାଷାକୁ ମଧ୍ୟ – ଭାରତୀୟ ଆର୍ଯ୍ୟଭାଷା ରୂପେ ଗ୍ରହଣ କରାଯାଏ। ତାହା ମୂଳ କଥିତ ପ୍ରାକୃତ ଭାଷା ନୁହେଁ। ପ୍ରାୟ ଖ୍ରୀ.ପୂ.୧୦୦୦ ରୁ ୫୦୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ପ୍ରାକୃତ ଭାଷା ଲିଖିତ ରୂପ ଧାରଣ କରିଥିଲା। ସେହି ଦୃଷ୍ଟିରୁ ଏହି ଲିଖିତ ପ୍ରାକୃତ ଭାଷା ହେଉଛି ସଂସ୍କୃତ ଭାଷାର ପରବର୍ତ୍ତୀ।

ବିକାଶ କ୍ଷେତ୍ର ଭେଦରେ ପ୍ରାକୃତ ଭାଷାକୁ ମୁଖ୍ୟତଃ ପାଞ୍ଚ ଭାଗରେ ବିଭକ୍ତ କରାଯାଇପାରେ। ଯଥା – ମହାରାଷ୍ଟ୍ରୀ, ସୌରସେନୀ, ମାଗଧୀ, ପୈଶାଚୀ ଓ ଅର୍ଦ୍ଧ – ମାଗଧୀ। ମାଗଧୀ ପୁଣି ଦୁଇ ଭାଗରେ ବିଭକ୍ତ। ପୂର୍ବୀ- ମାଗଧୀ ଓ ପଶ୍ଚିମୀ- ମାଗଧୀ। ପୂର୍ବୀମାଗଧୀରୁ ଉଦ୍ଭୁତ ଅପଭ୍ରଂଶରୁ ଓଡ଼ିଆ ଭାଷାର ସୃଷ୍ଟି। ତେଣୁ ଓଡ଼ିଆ ଭାଷାରେ ପ୍ରାକୃତ ଭାଷାର, ବିଶେଷତଃ ପୂର୍ବ-ମାଗଧୀ ପ୍ରାକୃତ ଭାଷାର ବହୁ ଲକ୍ଷଣ ଦେଖିବାକୁ ମିଳେ।

## (ଚ) ସଂସ୍କୃତ ଭାଷା ସହିତ ଓଡ଼ିଆ ଭାଷାର ସଂପର୍କ

ସଂସ୍କୃତ ଓଡ଼ିଆ ଭାଷାର ମୂଳ ଉତ୍ସ। ତେଣୁ ଓଡ଼ିଆ ଭାଷାର ଧ୍ୱନିତତ୍ତ୍ୱ, ରୂପତତ୍ତ୍ୱ, ଅର୍ଥତତ୍ତ୍ୱ ମୁଖ୍ୟତଃ ସଂସ୍କୃତ ଭାଷାରୁ ଆହରିତ। ବିଭିନ୍ନ ସମୟରେ ବିଭିନ୍ନ କାରଣରୁ ଦ୍ରାବିଡ଼ ଓ ଅଷ୍ଟ୍ରୋ ଏସିଆଟିକ୍ ଭାଷା ପରିବାର, ଆର୍ଯ୍ୟ ଓ ଆର୍ଯ୍ୟୋତ୍ତର ବହୁ ବୈଦେଶିକ ଭାଷା ଓଡ଼ିଆ ଭାଷା ଉପରେ ନ୍ୟୁନାଧିକ ପରିମାଣର ପ୍ରଭାବ ପକାଇଥିଲେ ମଧ୍ୟ ମୂଳତଃ ଓଡ଼ିଆ ଭାଷା ସଂସ୍କୃତ ଭାଷା ନିକଟରେ ଋଣୀ।

## ୨.୪.୨ ପାଲିଭାଷା ସହିତ ଓଡ଼ିଆ ଭାଷାର ସଂପର୍କ

ମଧ୍ୟ- ଭାରତୀୟ ଆର୍ଯ୍ୟ ଭାଷାର ତିନୋଟି ସ୍ତର କରାଯାଇପାରେ । ଯଥା- ପାଲି (ପ୍ରଥମ ସ୍ତର), ପ୍ରାକୃତ (ଦ୍ୱିତୀୟ ସ୍ତର). ସାହିତ୍ୟ ପ୍ରାକୃତ (ତୃତୀୟ ସ୍ତର) - ଅପଭ୍ରଂଶ । ମଧ୍ୟ - ଭାରତୀୟ ଆର୍ଯ୍ୟ ଭାଷାକୁ ସ୍ଥୁଳତଃ ପ୍ରାକୃତ ଭାଷା ଭାବରେ ଅଭିହିତ କରାଯାଇଥିଲେ ହେଁ ଏହାର ପ୍ରାଚୀନତମ ସ୍ତର ହେଉଛି ପାଲି ।

ପାଲି ଭାଷା ଓ ଓଡ଼ିଆ ଭାଷା ମଧ୍ୟରେ କାଳଗତ ବ୍ୟବଧାନ ପ୍ରାୟ ଦେଢ଼ ହଜାର ବର୍ଷ । ତେଣୁ ପାଲିଭାଷା ସହିତ ଓଡ଼ିଆ ଭାଷାର ପ୍ରତ୍ୟକ୍ଷ ସଂପର୍କ ନାହିଁ । ଅପଭ୍ରଂଶ ସହିତ ଓଡ଼ିଆ ଭାଷାର ଘନିଷ୍ଠ ସମ୍ପର୍କ ଥିଲେ ହେଁ ପାଲି ଭାଷା ସହିତ ସେପରି ସଂପର୍କ ନାହିଁ ତଥାପି ପାଲି ଓ ଓଡ଼ିଆ ଭାଷା ମଧ୍ୟରେ ଉଲ୍ଲେଖଯୋଗ୍ୟ ସୈସାଦୃଶ୍ୟ ଲକ୍ଷ୍ୟ କରାଯାଇଥାଏ । ଏହାର ଦୁଇଟି କାରଣ ନିର୍ଣ୍ଣୟ କରାଯାଇପାରେ :

(କ) ପାଲିର ଜନ୍ମସ୍ଥାନ ସଂପର୍କରେ ଭିନ୍ନ ଭିନ୍ନ ମତ ଦେଖାଯାଏ । ତହିଁରୁ ଗୋଟିଏ ମତ ହେଉଛି - କଳିଙ୍ଗ ପାଲି ଭାଷାର ଜନ୍ମସ୍ଥାନ । ଏ ମତର ପରିପୋଷକ ହେଉଛନ୍ତି ପ୍ରାଚ୍ୟତତ୍ତ୍ୱବିଦ୍ ଜର୍ମାନ୍ ପଣ୍ଡିତ ହରମାନ ଓଲ୍‌ଜନ୍‌ବର୍ଗ । ତାଙ୍କ ମତରେ ସିଂହଳରେ ପାଲି ଭାଷା ମାଧ୍ୟମରେ ଧର୍ମ ପ୍ରଚାରିତ ହେବା ମୂଳରେ ରହିଛି କଳିଙ୍ଗ ଦେଶର ପାଲି ଭାଷାର ପ୍ରଭାବ । ସ୍ଥବିରବାଦ ଏକ ସମୟରେ କଳିଙ୍ଗରେ ପ୍ରାଧାନ୍ୟ ଲାଭ କରିଥିଲେ ହେଁ ଅଶୋକଙ୍କ ରାଜତ୍ୱକାଳରୁ ବୌଦ୍ଧଧର୍ମ କଳିଙ୍ଗରେ ବହୁଳ ପ୍ରାସର ଲାଭ କରିଥିଲା । ଅଶୋକଙ୍କ ଭାଇ ତିସ୍‌ସ କଳିଙ୍ଗରେ ଶେଷ ଜୀବନ ଅତିବାହିତ କରିଥିଲେ । ସେ ଥିଲେ ସ୍ଥବିରବାଦର ଜଣେ ପ୍ରଚାରକ । ତାଙ୍କର ଗୁରୁ ଧର୍ମରକ୍ଷିତ କଳିଙ୍ଗରେ ଭୋଜନଗିରିବିହାରଠାରେ ବହୁକାଳ ରହି କଳିଙ୍ଗବାସୀଙ୍କୁ ସ୍ଥବିରବାଦ (ଥେରବାଦ)ରେ ଦୀକ୍ଷିତ କରାଇଥିଲେ । ଏହି ଥେରବାଦୀମାନେ କଳିଙ୍ଗଭାଷାରେ ଥେରବାଦର ପ୍ରଚାର କରୁଥିଲେ । ତେଣୁ ସେ ସମୟରେ ପାଲି ଥିଲା ଓଡ଼ିଶାର କଥିତଭାଷା । ସିଂହଳ ସହିତ କଳିଙ୍ଗର ଘନିଷ୍ଠ ସଂପର୍କ ଥିବାରୁ କଳିଙ୍ଗର ପାଲି ଭାଷା ସିଂହଳବାସୀମାନେ ବୁଝିପାରୁଥିଲେ । ଭାରତର ବୌଦ୍ଧଧର୍ମ ପ୍ରଚାରକମାନେ ସିଂହଳରେ ଧର୍ମପ୍ରଚାରରେ ସହାୟକ ହେବା ପାଇଁ ମଧ୍ୟ କଳିଙ୍ଗବାସୀମାନଙ୍କୁ ସାଦରେ ସିଂହଳ ନେଇଯାଉଥିଲେ ଓ କଳିଙ୍ଗର ପାଲି ଭାଷାରେ ଧର୍ମପ୍ରଚାର କରାଉଥିଲେ ।

(ଖ) ପାଲିଭାଷା ସହିତ ଅର୍ଦ୍ଧ-ମାଗଧୀର ଘନିଷ୍ଠ ସଂପର୍କ ରହିଛି । ଅର୍ଦ୍ଧ-ମାଗଧୀ ସହିତ ପୂର୍ବ ମାଗଧୀ ଅପଭ୍ରଂଶର ଘନିଷ୍ଠ ସମ୍ପର୍କ ରହିଛି । ପୂର୍ବମାଗଧୀ ଓଡ଼ିଆ ଅପଭ୍ରଂଶରୁ ଓଡ଼ଆ ଭାଷାର ସୃଷ୍ଟି । ତେଣୁ ଅର୍ଦ୍ଧ-ମାଗଧୀ ସହିତ ଓଡ଼ିଆ ଭାଷାର ଅଦୂର ସଂପର୍କ ରହିଛି ।

ଓଡ଼ିଶାର ଧଉଳିଗିରି ଓ ଜଉଗଡ଼ରୁ ଆବିଷ୍କୃତ ଅଶୋକଙ୍କ ଅନୁଶାସନର ଭାଷାରେ ପାଲି ଓ ଅର୍ଦ୍ଧ-ମାଗଧୀର ମିଶ୍ରିତ ଲକ୍ଷଣ ପରିଲକ୍ଷିତ ହୋଇଥାଏ । ତାହା ହିଁ ତତ୍‌କାଳର କଳିଙ୍ଗ ଭାଷା । ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖରେ ମଧ୍ୟ ପାଲି ଭାଷା ଓ ଅର୍ଦ୍ଧ-ମାଗଧୀ ଭାଷାର ମିଶ୍ରଣ ଦେଖିବାକୁ ମିଳେ । ଡଃ କୁଞ୍ଜବିହାରୀ ତ୍ରିପାଠୀଙ୍କ ମତରେ ଓଡ଼ିଶାରେ ଶୈଳେନ୍ଦ୍ର ବଂଶ, ଭୌମକର ବଂଶ ଓ ସୋମବଂଶର ରାଜତ୍ୱକାଳରେ ଅର୍ଦ୍ଧ-ମାଗଧୀ (ପାଲିର ଏକ ବିକଶିତ ରୂପ) ପ୍ରଭାବିତ ପୂର୍ବ-ମାଗଧୀ ପ୍ରାକୃତ (ଔଡ୍ରୀ ପ୍ରାକୃତ)ରୁ କ୍ରମଶଃ ଓଡ଼ିଆ ଭାଷା ବିବର୍ତ୍ତନ ହୋଇଅଛି । ପ୍ରଫେସର ପ୍ରହ୍ଲାଦ ପ୍ରଧାନଙ୍କ ମତରେ ଅର୍ଦ୍ଧ-ମାଗଧୀ (ପାଲି) ଅପଭ୍ରଂଶରୁ ଓଡ଼ିଆ ଭାଷାର ଉତ୍ପତ୍ତି ହୋଇଅଛି ।

ପାଲି ଓ ଓଡ଼ିଆ ଧ୍ୱନିମାଳାକୁ ତୁଳନା କଲେ ଜଣାଯାଏ, ଏଗୁଡ଼ିକ ସମାନ ପଦ୍ଧତିରେ ସଂସ୍କୃତ ଧ୍ୱନିରୁ ପରିବର୍ତ୍ତିତ ହୋଇଅଛି। ଯଥା -

| | | |
|---|---|---|
| (୧) ଅ > ଆ | ପାଲି | ଅଳିନ୍ଦ > ଆଳିନ୍ଦ, ଅଳକା > ଆଳକା, ବକ୍ର > ବାଙ୍କା |
| | ଓଡ଼ିଆ | ବକ୍ର > ବାଙ୍କ, ଶଖା > ସାହା, ବନ୍ଧ୍ୟା > ବାଂଝ, ଲଜ୍ଜା > ଲାଜ |
| (୨) ଅ > ଇ | ପାଲି | ଚନ୍ଦ୍ରମା > ଚନ୍ଦ୍ରିମା, ଅଷ୍ଟପ୍ରହରି > ଅଠିପହର |
| | ଓଡ଼ିଆ | ଅଷ୍ଟପ୍ରହରୀ > ଅଠିପହର, ଅଦ୍ୟ > ଆଜି |
| (୩) ଅ > ଉ | ପାଲି | କଦାଚନ > କୁଦାଚନ, ଅସୂୟା > ଉସୂୟା |
| | ଓଡ଼ିଆ | ପୁତ୍ତଳିକା > ପିତୁଳି, ପିଞ୍ଜରିକା > ପଞ୍ଜୁରୀ |
| (୪) ଅ > ଏ | ପାଲି | ଶର୍ଯ୍ୟା > ସେୟା, ଅତ୍ର > ଏତ୍ଥ |
| | ଓଡ଼ିଆ | ଶର୍ଯ୍ୟା > ଶେଜ, ଅତ୍ର > ଏଥ |
| (୫) ଆ > ଅ | ପାଲି | ଲାସିକା > ଲସିକା, ଫାଲଗୁନଃ > ଫଗୁଣୋ |
| | ଓଡ଼ିଆ | ଫାଲଗୁନଃ > ଫଗୁଣ, ଆବିର > ଅବିର |
| (୬) ଆ > ଇ | ପାଲି | ଶାଲ୍ମଳୀ > ଶିମୁଳି |
| | ଓଡ଼ିଆ | ଉରଜର > ଲିଆ, ଉଲ୍ଲାତକ > ଭାଲିଆ |
| (୭) ଇ > ଏ | ପାଲି | ଦଣ୍ଡିମ > ଦେଣ୍ଡିମ |
| | ଓଡ଼ିଆ | ଦିଣ୍ଡିମ > ଧେଣ୍ଡୁରା, ଦେଣ୍ଡିମ, ବିଲ୍ୱ > ବେଲ |
| (୮) ଉ > ଓ | ପାଲି | ପୁଷ୍କର > ପୋ କ୍ଖର, ହସ୍ତ > ଓଟ୍ଠ |
| | ଓଡ଼ିଆ | ପୁଷ୍କର > ପୋଖରୀ, ହସ୍ତ > ଓଟ |
| (୯) ଉ > ଅ | ପାଲି | ଗୁରୁ > ଗରୁ, ମୁକୁଳ > ମକୁଳ |
| | ଓଡ଼ିଆ | ଗୁରୁ > ଗରୁ, ମୁକୁଟ > ମକୁଟ |
| (୧୦) ଋ > ଅ | ପାଲି | ବୃନ୍ତ > ବଣ୍ଟ, ନୃତ୍ୟ > ନଚ୍ଚ |
| | ଓଡ଼ିଆ | ବୃଦ୍ଧି > ବୃଢ଼ି, ମୃତ > ମଢ |
| (୧୧) ଋ > ଇ | ପାଲି | ଶୃଡ଼ > ଶିଡ଼, ଧୃଷ୍ଟ > ଧିଠ୍ଟ |
| | ଓଡ଼ିଆ | ଶୃଡ଼ > ଶିଡ଼, ଧୃଷ୍ଟ > ଧିଟ |

| | | |
|---|---|---|
| (୧୨) ଉ > ଉ | ପାଲି | ବୃଦ୍ଧ > ବୁଡ଼୍‌ତ, ଋଜୁ > ଉଜୁ |
| | ଓଡ଼ିଆ | ବୃଦ୍ଧ > ବୁଢା, ଭାତୃଜାୟା > ଭାଉଜ |
| (୧୩) ଋ > ଏ | ପାଲି | ଗୃହ > ଗେହ, ବୃହତ୍ ଫଳ > ବେହଗ ଫଳ |
| | ଓଡ଼ିଆ | ଗୃହ > ଘର, ବୃନ୍ତ > ବେଣ୍ଟ |
| (୧୪) ଋ > ଇରି | ପାଲି | ମୃଗ > ମିରିଗ |
| | ଓଡ଼ିଆ | ମୃଗ > ମିରିଗ |
| (୧୫) ଋ > ଇର | ପାଲି | ତୃଣ > ତିରଣ |
| | ଓଡ଼ିଆ | ସଦୃଶ > ସରିଶା |
| (୧୬) ଋ > ରି | ପାଲି | ଋତେ > ରିତେ |
| | ଓଡ଼ିଆ | ସଦୃଶ > ସରିଶା |
| (୧୭) ଋ > ରୁ | ପାଲି | ବୃହସ୍ପତି > ବୁଚହତି |
| | ଓଡ଼ିଆ | ଋଣ > ରୁଣ (ଉଚ୍ଚାରଣରେ) |
| (୧୮) ଏ > ଇ | ପାଲି | ମହେନ୍ଦ୍ର > ମହିନ୍ଦ |
| | ଓଡ଼ିଆ | ଦେବର > ଦିଅର |
| (୧୯) ଓ > ଉ | ପାଲି | ପୋଜନ > ଯୁଣ |
| | ଓଡ଼ିଆ | ପୋଜନ > ଯୁଣ, ଗୋଶାଳ > ଗୁହାଳ |
| (୨୦) ଐ > ଏ | ପାଲି | ବୈର > ବେର, ଗୈରିକ > ଗେରୁଆ |
| | ଓଡ଼ିଆ | କୈବର୍ତ୍ତ > କେଉଟ, ଗୈରିକ > ଗେରୁଆ |
| (୨୧) ଔ > ଓ | ପାଲି | ଔଷଧ > ଓଷ, ଓଷଧ |
| | ଓଡ଼ିଆ | ଔଷଧ > ଓଷଧ, ସୌଭାଗ୍ୟ > ସୋହାଗ |

(୨୨) ସଂସ୍କୃତ ଶ୍, ଷ୍, ସ୍ ସ୍ଥାନରେ ପାଲିରେ ଗୋଟିଏ ସ୍ ଦେଖାଯାଏ ଓଡ଼ିଆରେ ଲିଖନରେ ଏହି ତିନୋଟିର ପ୍ରଚଳନ ଥିଲେ ମଧ୍ୟ ଉଚ୍ଚାରଣରେ ଗୋଟିଏ 'ସ୍' ରହିଛି ।

(୨୩) ଅଘୋଷ ବ୍ୟଞ୍ଜନ ଅନେକ କ୍ଷେତ୍ରରେ ସଘୋଷ ବ୍ୟଞ୍ଜନରେ ପରିଣତି ହୋଇଥାଏ ।

(୨୪) ପାଲି ଏବଂ ଓଡ଼ିଆ ଉଭୟରେ ଅନେକ କ୍ଷେତ୍ରରେ ସଘୋଷ ବ୍ୟଞ୍ଜନ ଅଘୋଷ ବ୍ୟଞ୍ଜନରେ ପରିଣତ ହୋଇଥାଏ। ଯଥା - (ପାଲି ଏବଂ ଓଡ଼ିଆରେ) - ଶାକ > ଶାଶ, ଅପର > ଅବର

ପାଲି ସ୍ଥଗନ > ଥକନ, ଶାବକ > ଛାପକ

ଓଡ଼ିଆ ଛାଦ > ଛାତ, ଦଣ୍ଡ > ତଣ୍ଡ

(୨୫) ଉଭୟ ଭାଷାରେ ଅନେକତ୍ର ସଂଯୁକ୍ତ ବ୍ୟଞ୍ଜନରେ ସ୍ୱରଭକ୍ତି ଦେଖାଯାଏ।

ଯଥା - ପଦ୍ମ > ପଦୁମ, ସ୍ନେହ > ସେନେହ

(୨୬) ଉଭୟ ଭାଷାରେ ଅଳ୍ପପ୍ରାଣ ବ୍ୟଞ୍ଜନ କେବେ କେବେ ମହାପ୍ରାଣ - ବ୍ୟଞ୍ଜନରେ ପରିଣତ ହୋଇଥାଏ।

ଯଥା - କୀଳ > ଖୀଳ (ପାଲି), (ଓଡ଼ିଆ) - ଅର୍କ > ଅର୍ଖ, ଅରଖ

ଓଡ଼ିଆ ପାଶ > ଫାଶ

(୨୭) ଉଭୟରେ ମହାପ୍ରାଣ - ବ୍ୟଞ୍ଜନ ଅଳ୍ପପ୍ରାଣ - ବ୍ୟଞ୍ଜନରେ ପରିଣତ ହୋଥିବାର ଦୃଷ୍ଟନ୍ତ ଦେଖିବାକୁ ମିଳେ।

ଯଥା - ପାଲି - ଛାଗଳ > ଚକଳ, ଓଡ଼ିଆ - ଘର୍ମ > ଗରମ

(୨୮) ଉଭୟରେ ସ୍ୱର୍ଦ୍ଧନଥୀ ଭବନ ବ୍ୟାପାର ଲକ୍ଷ୍ୟ କରାଯାଏ।

ଯଥା - ବର୍ତ୍ତୁଳ > ବଟ୍ଟୁଳ (ପାଲି) ବାଟୁଳି (ଓଡ଼ିଆ)

କୈବର୍ତ୍ତ > କେବଟ୍ଟ (ପାଲି), କେଉଟ (ଓଡ଼ିଆ)

(୨୯) ସ୍ୱରାଘାତ ପରେ ବଳାଘାତର ବିକାଶ ଘଟିବା ଫଳରେ ଉଭୟ ଭାଷାରେ ବର୍ଣ୍ଣଲୋପ ଘଟିଛି।

ଯଥା - ଅଲା ବୁ > ଲାବୁ (ପାଲି), ଲାହ (ଓଡ଼ିଆ)

ଅଭ୍ୟନ୍ତର > ଭିତର (ପାଲି, ଓଡ଼ିଆ)

(୩୦) ଉଭୟ ଭାଷାରେ "ନ" "ଲ" ରେ ପରିଣତି ହୋଇଛି।

ଯଥା - ଏନଃ > ଏଲଂ (ପାଲି), ନଗ୍ନ > ଲାଙ୍ଗ > ଲଙ୍ଗଳା (ଓଡ଼ିଆ)

(୩୧) ଉଭୟରେ"ଲ" "ନ" ରେ ପରିଣତ ହେଉଛି। ଯଥା - ଲଲାଟ > ନଲାଟ

(୩୨) ଉଭୟରେ "ଯ" "ଜ" ରେ ପରିଣତ ହେଉଛି। ଯଥା - ପେଟା > ପେଜ

(୩୩) ଉଭୟରେ "ଶ" "ଛ" ରେ ପରିଣତ ହେଉଛି। ଯଥା - ଶାବକ - ଛାବକ(ପାଲି) ଶାବକ - ଛୁଆ (ଓଡ଼ିଆ)

(୩୪) ଉଭୟରେ "ଷ" "ଛ" ରେ ପରିଣତ ହେଉଛି। ଯଥା - ଷଟ୍ - ଛ (ପାଲି ଏବଂ ଓଡ଼ିଆ)

(୩୫) ଉଭୟରେ "ଳ" ଧ୍ୱନିଟି ଅଛି ଅନ୍ୟାନ୍ୟ ଆଧୁନିକ ଭାରତୀୟ ଆର୍ଯ୍ୟଭାଷାମାନଙ୍କରେ ଏହି ଧ୍ୱନିଟି ବିରଳ।

(୩୬) ପାଳିରେ ବର୍ଣ୍ଣ ବିପର୍ଯ୍ୟୟ ଘଟିଅଛି । ଯଥା - ହ୍ରଦ- ହଦ - ଦହ, କୋଟର - କୋଦର - କୋରଦ

(୩୭) ପାଳି ଓ ଓଡ଼ିଆ ଉଭୟରେ ବହୁକ୍ଷେତ୍ରରେ ଅନ୍ତ୍ୟ ବ୍ୟଞ୍ଜନରେ ଲୋପ ଘଟିଛି ।

ଯଥା - ପାଶ୍ଚାତ୍ - ପଶ୍ଚା (ପାଳି), ପଛ (ଓଡ଼ିଆ)

(୩୮) ଉଭୟ ଭାଷାରେ ଦ୍ୱିବଚନର ପ୍ରୟୋଗ ନାହିଁ । ଦ୍ୱିବଚନ ଓ ବହୁବଚନ ପାଇଁ ବହୁ ବଚନର ପ୍ରୟୋଗ ହୋଇଅଛି ।

(୩୯) ଉଭୟ ଭାଷାରେ ତିନି ଲିଙ୍ଗର ବ୍ୟବହାର ଅଛି ।

(୪୦) ଉଭୟ ଧାତୁ ରୂପରେ ଅତ୍ମନେପଦୀର ବ୍ୟବହାର ଦୁର୍ଲ୍ଲଭ । ପରସ୍ମୈପଦୀର ହିଁ ପ୍ରାଧାନ୍ୟ ପରିଲକ୍ଷିତ ହୁଏ ।

(୪୧) ଉଭୟର ଶବ୍ଦ ଭଣ୍ଡାର ମଧ୍ୟରେ ବହୁ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ । ଯଥା -

| ସଂସ୍କୃତ | ପାଳି | ଓଡ଼ିଆ | ସଂସ୍କୃତ | ପାଳି | ଓଡ଼ିଆ |
|---|---|---|---|---|---|
| ଆମ୍ର | ଆମ୍ବ | ଆମ୍ବ | ଶାଲ୍ମଳୀ | ସିମୁଳି | ସିମୁଳି |
| ଅତ୍ର | ଏତ୍ଥ | ଏଥ | ମୁକ୍ତି | ସିଗ୍ଗି | ସିତା |
| ଔଷଧ | ଓଷଧ | ଓଷଧ | ମାତୃ | ମାତା | ମାତା |
| ଗାମ | ଝାମ | ଝାମ | ତୈଳ | ତେଲ | ତେଲ |
| କ୍ଷୁର | ଖୁର | ଖୁର | ଷଡ଼ବିଂଶତି | ଛବିସ | ଛବିଶ |
| ଗୁହା | ଗୁମ୍ଫା | ଗୁମ୍ଫା | ହରିଦ୍ରା | ହଳିଦ୍ଦା | ହଳଦୀ |
| ମିଥ୍ୟା | ମିଛା | ମିଛ | ଫାଲ୍ଗୁନ | ଫଗୁଣ | ଫଗୁଣ |

## ୨.୪.୩ ପ୍ରାକୃତ ଭାଷା ଓ ଓଡ଼ିଆ

ଆମେ ଆଜି ଓଡ଼ିଆ ଭାଷାକୁ ପ୍ରାକୃତ ଭାଷା ବୋଲି କହିଥାଉ । ଏହି ପ୍ରାକୃତ ଭାଷାର ପ୍ରବାହ ବୈଦିକ ସମୟରୁ ହିଁ ଦେଶର ପ୍ରସାର ଲାଭ କରିଛି । ତେଣୁ ପାଳିକୁ ମଧ୍ୟ ଆମେ ଏକ ପ୍ରାକୃତ କହିବାରେ କିଛି ଭୁଲ୍ ହେବ ନାହିଁ । ସଂସ୍କୃତର ବିପରୀତ ପ୍ରାକୃତ ଓ ଏହା ସବୁ ସମୟରେ ଥିଲା । ଏହା ଜନସାଧାରଣଙ୍କର କଥିତ ଭାଷା । ବହୁ ସଂସ୍କୃତ ବୈୟାକରଣିକ ପ୍ରାକୃତ ଭାଷାକୁ ସଂସ୍କୃତ ବାହାର ମୂଳ ବୋଲି କହିଥାନ୍ତି । କିନ୍ତୁ ଉକ୍ତ ମତ ଆଜି ସମର୍ଥିତ ହେଉନାହିଁ । ପ୍ରକୃତ ଶବ୍ଦର ଅର୍ଥ ପ୍ରଜା ବା ଜନସାଧାରଣ ଏବଂ ପ୍ରକୃତି ସମ୍ବନ୍ଧୀୟ ବା ପ୍ରାକୃତ ଭାଷା ହିଁ ସବୁ ସମୟରେ ସାଧାରଣଙ୍କର ଭାଷା ହୋଇ ରହିଆସିଛି । ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଆ ଭାଷା ଯେ ପ୍ରାକୃତ ଭାଷା ଥିଲା - ଏହା ଓଡ଼ିଆ ଭାଗବତକାର ଜଗନ୍ନାଥଦାସଙ୍କ ଭାଗବତରେ ଏହି ଭଳି ଦେଖିବାକୁ ମିଳେ ।

"ପ୍ରାକୃତ ବନ୍ଧେ ଭାଗବତ
କହିଲା ଦାସ ଜଗନ୍ନାଥ।"

ଏଥିରୁ ଜଣାଯାଇ ଥାଏ ଯେ ଓଡ଼ିଆ ଭାଷାର ମୂଳ ପ୍ରାକୃତ, ସଂସ୍କୃତ ନୁହେଁ। ସଂସ୍କୃତ ଏକଦା ସମାଜର ଉଚ୍ଚ ଗୋଷ୍ଠୀଙ୍କର ଭାଷା ଥିଲା। ବହୁ ଉଚ୍ଚଧରଣର କାବ୍ୟ, ନାଟକ, ପୁରାଣ ଓ ଦର୍ଶନାଦି ଶାସ୍ତ୍ର ଲିଖିତ ହୋଇଥିଲେ ମଧ୍ୟ ଏହା କୌଣସି କାଳରେ ଭାରତର କଥିତ ଭାଷା ନଥିଲା। ଓଡ଼ିଆ ଭାଷାରେ ବହୁ ସଂସ୍କୃତ ଶବ୍ଦର ପ୍ରବେଶ ଘଟି ଥାଇପାରେ କିନ୍ତୁ ପ୍ରକୃତରେ ପ୍ରାକୃତ ହିଁ ଓଡ଼ିଆ ଭାଷାର ମୌଳିକ ଉତ୍ସ। ଆମେ ଯେଉଁ ସାଧୁ - ସାଂସ୍କୃତିକ ଭାଷା ବ୍ୟବହାର କରୁଛୁ। ତାହାକୁ ଯଥାର୍ଥ ଓଡ଼ିଆ ବୋଲି କହିପାରିବା ନାହିଁ କାରଣ ଏଥିରେ ଅପଭ୍ରଂଶ ଭାଷାକୁ ହିଁ ଅବହେଳିତ କରାଯାଇଛି।

**ପ୍ରାକୃତ ଭାଷାର ବିଭିନ୍ନ ସ୍ତର**

(୧) ଖ୍ରୀ.ପୂ. ୨୦୦୦ ରୁ ଖ୍ରୀ.ପୂ. ୬୦୦ - ପ୍ରାଚୀନ ଭାରତୀୟ ବୈଦିକ ଆର୍ଯ୍ୟ ଭାଷା

(୨) ଖ୍ରୀ.ପୂ. ୬୦୦ ରୁ ଖ୍ରୀ.ଅ. ୧୦୦ - ଅଶୋକାନୁଶାସନ, ହୀନଯାନ ବୌଦ୍ଧମାନଙ୍କର ପାଲି ଧର୍ମଗ୍ରନ୍ଥର ଭାଷା

(୩) ଖ୍ରୀ.ଅ. ୧୦୦ ରୁ ଖ୍ରୀ.ଅ. ୬୦୦ - ପ୍ରାକୃତ ଭାଷାର ବିଭିନ୍ନ ଅଭିଲେଖ, ବିଭିନ୍ନ ସାହିତ୍ୟିକ ପ୍ରାକୃତ

(୪) ଖ୍ରୀ.ଅ. ୬୦୦ ରୁ ଖ୍ରୀ.ଅ. ୧୦୦୦ - ଅପଭ୍ରଂଶ ସାହିତ୍ୟର ବିକାଶ ପ୍ରାକୃତ ଭାଷାର ଶେଷ ସ୍ତର ହେଉଛି ଅପଭ୍ରଂଶ। ବୌଦ୍ଧଗାନ ଓ ଦୋହା ଏହି ସମୟ ମଧ୍ୟରେ ରଚିତ ହୋଇଥିଲା।

ଭାରତରେ ବହୁ ପ୍ରାଚୀନ କାଳରୁ ପ୍ରଚଳିତ ହୋଇଥିବା ବିଭିନ୍ନ ପ୍ରାକୃତ ମଧ୍ୟରେ ମହାରାଷ୍ଟ୍ର, ସୈରସେନୀ, ମାଗଧୀ, ଅର୍ଦ୍ଧ-ମାଗଧୀ, ପୈଶାଚୀ ପ୍ରଭୃତି ପ୍ରଧାନ। ଏଗୁଡ଼ିକ ହେଉଛି ସାହିତ୍ୟିକ ପ୍ରାକୃତ ଭାଷା। ନିମ୍ନରେ କେତେଗୁଡ଼ିଏ ପ୍ରାକୃତ ଶବ୍ଦ ସହିତ ଓଡ଼ିଆ ଶବ୍ଦର ସାଦୃଶ୍ୟ ଦିଆଯାଇଛି।

| ସଂସ୍କୃତ | ପାଲି | ଓଡ଼ିଆ | ସଂସ୍କୃତ | ପାଲି | ଓଡ଼ିଆ |
|---|---|---|---|---|---|
| ଅଧସ୍ତାତ୍ | ଚହଟଠ | ଚହଠ | ପର୍ଲ୍ୟଙ୍କ | ପଲ୍ଲଙ୍କ | ପଲଙ୍କ |
| ତ୍ରୟୋଦଶ | ଚତରହ | ଚତର | ଦଧି | ଦହି | ଦହି |
| ବୃନ୍ତ | ବେଣ୍ଟ | ବେଣ୍ଟ | ଶ୍ମଶାନ | ମସାଣ | ମସାଣି |
| ଗଭୀର | ଗହୀର | ଗହୀର | ସ୍ତମ୍ଭ | ଖମ୍ଭୋ | ଖମ୍ବ |
| ମୁକୁଟ | ମହଦ | ମହଦ | ଶୃଗାଳ | ସିଆଳୋ | ସିଆଳ |
| ଦାଡ଼ିମ୍ବ | ଡ଼ାଳିମ | ଡ଼ାଳିମ/ଡ଼ାଳିମ୍ବ | ମଧୁ | ମହୁ | ମହୁ |

## ପ୍ରାକୃତ ଭାଷାର ବୈଶିଷ୍ଟ୍ୟ

(୧) ଏହି ଭାଷାରେ ସ୍ୱରବର୍ଣ୍ଣରେ ଐ, ଔ, ଋ ଏବଂ ଌ ନାହିଁ

(୨) ଶ, ଷ, ସ ସ୍ଥାନରେ ମାଗଧୀ - ପ୍ରାକୃତରେ 'ଶ୍' ଓ ଅନ୍ୟାନ୍ୟ ପ୍ରାକୃତରେ କେବଳ 'ସ' ର ବ୍ୟବହାର ଦେଖାଯାଏ। ବେଳେବେଳେ ପ୍ରାକୃତ ଭାଷାରେ 'ର' ଓ 'ର' ଏହି ସ୍ୱରଧ୍ୱନିରେ ପରିବର୍ତ୍ତିତ ହେବାର ଦେଖାଯାଇଥାଏ।

(୩) ଐ୍ୟ, ଔ୍ୟ ପ୍ରାକୃତରେ 'ଏ' , 'ଓ' ଧ୍ୱନିରେ ପରିଣତ ହୋଇଥାଏ।

(୪) ଯୁକ୍ତବ୍ୟଞ୍ଜନ ଧ୍ୱନିରେ ସାଧାରଣଙ୍କ ସରଳତା ଦେଖାଯାଇଥାଏ ଓ ତଦନ୍ତ ଅନୁସାରେ ବ୍ୟତୀତ ପ୍ରାୟ ବ୍ୟଞ୍ଜନ ଧ୍ୱନିର ବିଲୋପ ଘଟିଥାଏ।

(୫) ସଂସ୍କୃତରେ 'ଏ' କାର ଓ 'ଓ' କାର ଦୀର୍ଘ କିନ୍ତୁ ପ୍ରାକୃତରେ ତାହା ହ୍ରସ୍ୱ ଓ ଦୀର୍ଘ ଉଭୟ ହୋଇଥାଏ।

(୬) ପ୍ରାକୃତ ଭାଷାରେ (କେବଳ ପୈଶାଚୀ ପ୍ରାକୃତକୁ ଛାଡ଼ିଦେଲେ) ସର୍ବତ୍ର ନ ସ୍ଥାନରେ ଣ ହୋଇଥାଏ।

(୭) ଅପଭ୍ରଂଶ ପରେ ନୂତନ ଓଡ଼ିଆ ଭାଷାର ବିକାଶ ଲାଭ ଘଟିଛି। ତେବେ ଅପଭ୍ରଂଶ ହେଉ ବା ଆଧୁନିକ ଭାଷା ହେଉ ଏହା ସବୁ ପ୍ରାକୃତ ଭାଷାର ବିଭିନ୍ନ ସ୍ତର।

ଖ୍ରୀ. ୧୦୦୦ ଶତାବ୍ଦୀପରେ ପ୍ରାକୃତଭାଷା ଓଡ଼ିଆର ନିମ୍ନଲିଖିତ ବିଭାଗ ଆମେ ଗ୍ରହଣ କରିପାରୁ। ଯେପରି

ପ୍ରାଚୀନ ଓଡ଼ିଆ ଭାଷା - ଖ୍ରୀ. ୧୦୦୦ ରୁ ଖ୍ରୀ. ୧୫୦୦

ମଧ୍ୟ - ଓଡ଼ିଆ ଭାଷା - ଖ୍ରୀ. ୧୫୦୦ ରୁ ଖ୍ରୀ. ୧୮୦୦

ଆଧୁନିକ ଓଡ଼ିଆ ଭାଷା - ଖ୍ରୀ. ୧୮୦୦ ରୁ ଆଜି ପର୍ଯ୍ୟନ୍ତ

ପ୍ରାଚୀନ ଭରତୀୟ ଆର୍ଯ୍ୟ ଭାଷାରୁ କ୍ରମେ ପ୍ରାକୃତ ଭାଷା ସୃଷ୍ଟିଲାଭ କରିଛି। ଓଡ଼ିଆ ଭାଷାର ବିକାଶ ମଧ୍ୟ ଘଟିଛି। ଏହି ପ୍ରାକୃତ ଭାଷାରୁ ବହୁ ଆଲୋଚକଙ୍କ ମତରେ ସଂସ୍କୃତ ଭାଷା ଏକଦା ଆର୍ଯ୍ୟ ଭାଷାଭାଷୀ ଅଞ୍ଚଳମାନଙ୍କରେ ଖ୍ରୀ.ପୂ. ୫୦୦ ଶତାବ୍ଦୀ ପର୍ଯ୍ୟନ୍ତ ଉଭୟ କଥିତ ଓ ଲିଖିତ ଭାଷା ଥିଲା ଓ ତାହା ପରେ ଅନ୍ତତଃ ଦୁଇହଜାର ବର୍ଷ ପର୍ଯ୍ୟନ୍ତ ସମଗ୍ର ଭାରତୀୟ ସାହିତ୍ୟିକ ଭାଷା ଓ ଶିକ୍ଷିତ ଜନସାଧାରଣଙ୍କର ବ୍ୟାବହାରିକ ଭାଷା ହୋଇ ରହିଥିଲା।

ଅଶୋକାନୁଶାସନ ସମୂହ (ଖ୍ରୀ.ପୂ.୫୦୦)ଶତାବ୍ଦୀ ପର୍ଯ୍ୟନ୍ତ କଥିତ ଓ ଲିଖିତ ଭାଷା ଥିଲା ଓ ତାହା ପରେ ଅନ୍ତତଃ ଦୁଇହଜାର ବର୍ଷ ପର୍ଯ୍ୟନ୍ତ ସମଗ୍ର ଭାରତର ସାହିତ୍ୟିକ ଭାଷା ଓ ଶିକ୍ଷିତ ଜନସାଧାରଣଙ୍କର ବ୍ୟାବହାରିକ ଭାଷା ହୋଇ ରହିଥିଲା।

ଅଶୋକାନୁଶାସନ ସମୂହ (ଖ୍ରୀ.ପୂ.୨୫୦) ର ଭାଷା ତତ୍କାଳୀନ ଭାରତର କଥିତଭାଷା ଏବଂ ସେହି ସମସ୍ତ ହେଉଛି ଭାରତର ପ୍ରାଚୀନତମ ଲିଖିତ ଅଭିଲେଖ। ମଧ୍ୟ ଭାରତୀୟ ଆର୍ଯ୍ୟଭାଷା ବା ପ୍ରାକୃତରେ ବିଭିନ୍ନ ଆଞ୍ଚଳିକ ପ୍ରଭେଦ ତହିଁରେ ଲକ୍ଷ୍ୟ କରାଯାଇଥାଏ। ଯଥା - ଉତ୍ତର ପଶ୍ଚିମ, ଦକ୍ଷିଣ-ପଶ୍ଚିମ, ପୂର୍ବାଞ୍ଚଳୀୟ ଓ

ପୂର୍ବାମଧ୍ୟାଞ୍ଚଳୀୟ କଥିତ ପ୍ରାକୃତ ଭାଷା । ଅଶୋକଙ୍କ ସମୟରୁ ଏହି ପ୍ରାକୃତ ଭାଷା କ୍ରମେ କ୍ରମେ ବିଭିନ୍ନ ପରିବର୍ତ୍ତନ ଦେଇ ଗତି କରି ଚାଲିଲା। ଖ୍ରୀ.୪୦୦ଶତକବେଳେ ଭାରତରେ ସଂସ୍କୃତ ଜାଗରଣର ସମୟ। ଏହି ସଂସ୍କୃତ ପ୍ରଭାବ ମଧ୍ୟ ପ୍ରାକୃତିକ ବିଭିନ୍ନ ଭାବରେ ପ୍ରଭାବିତକଲା। ଯାହା ଫଳରେ ପ୍ରାକୃତଭାଷା କ୍ରମେ ସାହିତ୍ୟକ ରୂପ ଧାରଣ କଲା । ଫଳରେ ମହାରାଷ୍ଟ୍ର, ମାଗଧୀ, ସୈରସେନୀ ପ୍ରଭୃତି ବିଭିନ୍ନ ସାହିତ୍ୟ ପ୍ରାକୃତ ଭାଷାରେ ସୃଷ୍ଟି ହେଲା ।

## ୨.୪.୪ ଅପଭ୍ରଂଶ ଭାଷା

ପ୍ରାକୃତ ଭାଷାର କ୍ରମ ବିକାଶରେ ଆମେ ଅପଭ୍ରଂଶ ଭାଷାର ସ୍ୱରୂପ ଦେଖିବାକୁ ପାଉ । ଖ୍ରୀଷ୍ଟୀୟ ଦଶମ ଶତାବ୍ଦୀର ମଧ୍ୟଭାଗରୁ କିନ୍ତୁ ଏହି ଅପଭ୍ରଂଶ ବା ଅବହଟ୍ଟ ଭାଷାର ବିକାଶ ଆରମ୍ଭ ହୁଏ । ଖ୍ରୀଷ୍ଟୀୟ ୬୦୦ ଶତକରୁ। ଆଧୁନିକ ଭାରତୀୟ ଆର୍ଯ୍ୟଭାଷାସମୂହ ଯଥା - ଓଡ଼ିଆ, ବଙ୍ଗଳା, ଅସମୀୟା, ହିନ୍ଦୀ, ଗୁଜୁରାଟୀ, ସିନ୍ଧୀ ପ୍ରଭୃତି ଭାଷା ପ୍ରାକୃତ ଓ ଅପଭ୍ରଂଶ ଭାଷା ମଧ୍ୟ ଦେଇ ବିକାଶ ଲାଭ କରିଛନ୍ତି । ଏହି ଅପଭ୍ରଂଶ ଭାଷାରେ ଏକଦା ଅନେକ ସାହିତ୍ୟ କୃତି ସୃଷ୍ଟିଲାଭ କରିଥିଲା। ଅପଭ୍ରଂଶ ଭାଷା ଅଧ୍ୟୟନରେ ଆମେ ଦେଖିବାକୁ ପାଉ ଯେ ଗୁଜୁରାଟର ଅପଭ୍ରଂଶ ଭାଷା ସହିତ ପ୍ରାଚୀନ ଓଡ଼ିଆ ଅପଭ୍ରଂଶର ବହୁତ ମେଳ ରହିଛି, ସେହିପରି ବଙ୍ଗଳା ସାହିତ୍ୟର ମଧ୍ୟ ମେଳ ରହିଛି ।

### ଅପଭ୍ରଂଶ ଶବ୍ଦର ପ୍ରାଚୀନତା

ଅପଭ୍ରଂଶ ଶବ୍ଦର ଅର୍ଥ ହେଉଛି ବିକୃତ, ଭ୍ରଷ୍ଟ ବା ବିଚ୍ୟୁତି। ପତଞ୍ଜଳି (ଖ୍ରୀ.୨ୟ ଶତକ) ତାଙ୍କର ମହାଭାଷ୍ୟରେ ଅପଭ୍ରଂଶ ଭାଷାକୁ ଦେବଭାଷା ଭିନ୍ନ ଅସାଧୁ ବା ଲୈକିକ ଅର୍ଥରେ ଗ୍ରହଣ କରିଛନ୍ତି କିନ୍ତୁ ପରେ ଅପଭ୍ରଂଶ ଏକ ପ୍ରକାର ପ୍ରାକୃତ ଭାଷାବୋଲି ଅନେକ ବ୍ୟାକରଣକାର କହିଲେ ମଧ୍ୟ ସେମାନେ ଅପଭ୍ରଂଶକୁ ଏକ ସ୍ୱତନ୍ତ୍ର ଭାଷା ବୋଲି କହିଛନ୍ତି ଓ ତାହାର ପ୍ରକୃତି ସ୍ୱତନ୍ତ୍ରଭାବେ ନିରୂପଣ କରିଛନ୍ତି। ଓଡ଼ିଆ ଭାଷା ପୂର୍ବୀ ବା ପୂର୍ବାଞ୍ଚଳୀୟ ଅପଭ୍ରଂଶରୁ ଆସିଛି। ନିମ୍ନରେ କେତେକ ଅପଭ୍ରଂଶ - ଓଡ଼ିଆ ଶବ୍ଦର ଉଦାହରଣ ଦିଆଯାଇଛି -

| ଅପଭ୍ରଂଶ | ଓଡ଼ିଆ | ଅପଭ୍ରଂଶ | ଓଡ଼ିଆ |
|---|---|---|---|
| ଅଛଇ | ଅଛଇ | ହିଅ | ହିଆ |
| ଅମିୟ | ଅମିୟ | ଛଲ୍ଲ | ଛାଲି |
| କହଇ, କହିଅଇ | କହିଅଇ | ଦଲ୍ଲ | ଜାଲ |
| ତୋଲଇ | ତୋଲଇ | ଚିକ୍‌କା | ଚେକା |
| ଜାଣଇ | ଜାଣଇ | ଗୁହୀର | ଗହୀର |
| ଘୋଟଇ | ଘୋଟଇ | ଖୁମ୍ପା | ଖୋପା |
| ବୁଜ୍‌ଝଇ | ବୁଝଇ | କୁଣ୍ଡୟ | କୁଣ୍ଡ |

| | | | |
|---|---|---|---|
| ଚହଟ୍‌ଠ | ଚହଠ | ଗଗଗରୀ | ଗଗରା, ଗରା |
| ବାଜ୍ଜଇ | ବାଜଇ | ଘଟ | ଘାଟ |
| କନ୍‌ହ | କାନ୍‌ହୁ | ଖିଡ଼କ୍‌କୀ | ଖିଡ଼ିକି |
| ରୁନ୍ଧେଲା | ରୁନ୍ଧିଲା | ଗଡ଼ଡ଼ୀ | ଗାଡ଼ି |
| ସିପ୍‌ଣି | ସିପ | ଗାବର | ଗାରଦ, ମେଣ୍ଢା |

ଅପଭ୍ରଂଶ ଓ ଓଡ଼ିଆ ଭାଷା ମଧ୍ୟରେ ଏପରି ଘନିଷ୍ଠ ସାମଞ୍ଜସ୍ୟ ଲକ୍ଷ୍ୟ କଲେ, ସ୍ପଷ୍ଟ ପ୍ରମାଣିତ ହୁଏ ଯେ ଅପଭ୍ରଂଶରୁ କ୍ରମଶଃ ଓଡ଼ିଆ ଭାଷା ହସ୍ତାନ୍ତରିତ ହୋଇଅଛି। ଓଡ଼ିଶାର ଆଦିକବି ସାରଳା ଦାସଙ୍କ (ପଞ୍ଚଦଶ ଶତାବ୍ଦୀ)ଙ୍କ ମହାଭାରତ, ଦାଣ୍ଡୀ ପୁରାଣ ପ୍ରଭୃତି ଗ୍ରନ୍ଥର ଭାଷାବିଭାଗ ଆଲୋଚନା କଲେ ଦେଖାଯାଇଥାଏ ଯେ ବହୁ ପ୍ରାକୃତ ଓ ଅପଭ୍ରଂଶ ଶବ୍ଦର ଅବିକୃତ ରୂପ ଓଡ଼ିଶାର ପ୍ରାଚୀନ ତଥା ଆଧୁନିକ ଓଡ଼ିଆ ଭାଷାରେ ଦେଖାଯିବାର ପ୍ରଧାନ ଭାଷା ଅନ୍ୟ ଭାଷାଭାଷୀଙ୍କ ଘନିଷ୍ଠ ସମ୍ପର୍କରେ ନଆସି ତାହାର ପ୍ରାଚୀନତମ ରୂପ ବକାୟ ରଖିଛି।

## ୨.୪.୫ ଅବହଟ୍‌ଠ ଭାଷା ସହିତ ଓଡ଼ିଆ ଭାଷାର ସଂପର୍କ

ଅପଭ୍ରଂଶ ଓ ଆଧୁନିକ ଭାରତୀୟ ଆର୍ଯ୍ୟ ଭାଷାର ସନ୍ଧିକାଳୀନ ଅବସ୍ଥାକୁ କେହି କେହି "ଅବହଟ୍‌ଠ" ନାମରେ ନାମିତ କରିଥାଆନ୍ତି। ଅପଭ୍ରଂଶକୁ ଦୁଇ ଭାଗରେ ବିଭକ୍ତ କରାଯାଇଥାଏ। ପଶ୍ଚିମୀ - ଅପଭ୍ରଂଶ ଓ ପୂର୍ବୀ - ଅପଭ୍ରଂଶ ପୂର୍ବୀ-ଅପଭ୍ରଂଶରୁ ଅବହଟ୍‌ଠ ବା ଅବହଟ୍ଟ ଭାଷାର ଉତ୍ପତ୍ତି ହୋଇଛି।

ଅବହଟ୍‌ଠ (ଅବହଟ୍ଟ) ଶବ୍ଦ ସଂସ୍କୃତ ଅପଭ୍ରଂଶ ଶବ୍ଦରୁ ଉତ୍ପନ୍ନ। ମନେହୁଏ ଅବହଟ୍‌ଠ ଭାଷାରେ ଅପଭ୍ରଂଶ ଭାଷାର ଲକ୍ଷଣ ଅଧିକାଂଶ ପରିମାଣରେ ରହିଛି। ସମାଲୋଚକ ହେମଚନ୍ଦ୍ର ଏହାକୁ "ଦେଶୀ ଭାଷା" ନାମରେ ଅଭିହିତ କରିଛନ୍ତି। "ବିଷ୍ଣୁ ଧର୍ମୋତ୍ତର" ପୁରାଣରେ ଆମେ ସର୍ବପ୍ରଥମେ ଅପଭ୍ରଂଶ ପାଇଁ ଅପଭ୍ରଷ୍ଟ ଶବ୍ଦର ପ୍ରୟୋଗ ଦେଖିବାକୁ ପାଉ। ସେହିଭଳି ଜ୍ୟୋତିରୀଶ୍ୱର ଠାକୁରଙ୍କ "ବର୍ଣ୍ଣରତ୍ନାକର", ବିଦ୍ୟାପତିଙ୍କ "କୀର୍ତ୍ତିଲତା" ଏବଂ ବଂଶୀଧରଙ୍କ "ପ୍ରାକୃତ ତୋଡ଼ଲମ୍" ପ୍ରଭୃତି ଗ୍ରନ୍ଥରେ ଆମେ ଅପଭ୍ରଂଶ ପାଇଁ ଅବହଟ୍ଟ ଶବ୍ଦର ବ୍ୟବହାର ଦେଖୁ।

ଅପଭ୍ରଂଶ ଭାଷାର ବିକାଶ କାଳର ଶେଷସୀମାକୁ ୧୦୦୦ ଖ୍ରୀଷ୍ଟାବ୍ଦ ବୋଲି ଗ୍ରହଣ କରାଯାଇଛି। ଏହାପରେ, ଆଧୁନିକ ଆର୍ଯ୍ୟଭାଷାର ଉନ୍ମେଷ ବୋଲି ଧରାଯାଏ। ତେବେ ଆଧୁନିକ ଭାରତୀୟ ଆର୍ଯ୍ୟଭାଷାଗୁଡ଼ିକ ଯଥାର୍ଥ ଭାବରେ ପୂର୍ଣ୍ଣାଙ୍ଗରୂପ ଲାଭ କଲା ବେଳକୁ ଦୁଇଶହ ବର୍ଷ ବିତି ଯାଇଛି। ମୋଟାମୋଟି ଭାବେ ଚତୁର୍ଦ୍ଦଶ ଖ୍ରୀଷ୍ଟାବ୍ଦ ବେଳର ବିଭିନ୍ନ ଆର୍ଯ୍ୟଭାଷାକୁ ଆଧୁନିକ ଭାରତୀୟ ଆର୍ଯ୍ୟଭାଷା କହିବାରେ ଅଧିକ ବାସ୍ତବତା ରହିଛି। ଏକାଦଶ ଶତାବ୍ଦୀରୁ ତ୍ରୟୋଦଶ ଶତାବ୍ଦୀ ମଧ୍ୟରେ ବିକଶିତ ଆର୍ଯ୍ୟ ଭାଷା ହିଁ ଅବହଟ୍‌ଠ ଭାଷା।

ଅବହଟ୍‌ଠ ଓ ଓଡ଼ିଆ ଭାଷା ମଧ୍ୟରେ ସଂପର୍କ ନିକଟତମ ଓ ପ୍ରତ୍ୟକ୍ଷ। ତେଣୁ ଉଭୟ ଭାଷାରେ ବହୁ ବିଶିଷ୍ଟ ସାଧାରଣ ଲକ୍ଷଣ ଲକ୍ଷ୍ୟ କରାଯାଏ। ବିଶେଷ କରି ସ୍ୱରଧ୍ୱନି ହିଁ ବ୍ୟଞ୍ଜନ ଧ୍ୱନିର ବିବର୍ତ୍ତନ କ୍ଷେତ୍ରରେ ଏହା ସ୍ପଷ୍ଟ ଅନୁମେୟ।

ସ୍ୱରଧ୍ୱନିର ବିବର୍ତ୍ତନ

ଅ > ଆ - ତଣ୍ଡୁଳ - ତଣ୍ଡୁଳା (ଅବ୍‌ହଟ୍‌ଠ), ଅଦ୍ୟ - ଆଜି (ଓଡ଼ିଆ)

ଅ > ଇ - ଗଦ୍‌ଗଦ - ଗଗିର (ଅବ୍‌ହଟ୍‌ଠ), ପଞ୍ଜର - ପିଞ୍ଜରା (ଓଡ଼ିଆ)

ଅ > ଉ -(ଅବ୍‌ହଟ୍‌ଠ) ଅଞ୍ଜଳି - ଅଞ୍ଜୁଳି (ଓଡ଼ିଆ) - ଅଞ୍ଜଳି - ଆଞ୍ଜୁଳି

ଏହିପରି ଭାବେ ଅ > ଏ, ଅ > ଓ, ଆ > ଇ, ଆ > ଉ, ଆ > ଏ, ଆ > ଓ

ଇ > ଅ, ଇ > ଆ, ଇ > ଉ, ଇ > ଏ, ହ > ଓ୍ୱ, ଉ > ଆ, ହ > ଇ, ହ > ଉ

ଉ > ଏ, ଋ > ଅ, ଋ > ଆ, ଋ > ଇ, ଋ > ଉ, ଋ > ଇଉ, ଋ > ରି, ଋ > ଏ

ଏ > ଇ, ଏ > ଉ, ଓ > ଅ, ଓ > ଉ, ଐ > ଅଇ, ଏ > ଇ, ଐ > ଏ ଔ > ଅଉ

ଔ > ଉ, ଔ > ଓ। ଦୀର୍ଘସ୍ୱର > ହ୍ରସ୍ୱସ୍ୱରରେ ପରିବର୍ତ୍ତିତ ହୋଇଥାଏ।

ବ୍ୟଞ୍ଜନ ଧ୍ୱନିର ବିବର୍ତ୍ତନ

(୧) କ) ଅବହଟ୍‌ଠ ଓ ଓଡ଼ିଆ ଉଭୟ ଭାଷାରେ ମଧ୍ୟବର୍ତ୍ତୀ ଅଳ୍ପପ୍ରାଣ ବ୍ୟଞ୍ଜନର ଲୋପ ଘଟେ।

ଯଥା - ଘୃତ > ଘି (ଅବ୍‌ହଟ୍‌ଠ) ଘିଅ (ଓଡ଼ିଆ)

(ଖ) ଉଭୟରେ ଆଦ୍ୟ ସଂଯୁକ୍ତ ବ୍ୟଞ୍ଜନରୁ ଗୋଟିକର ଲୋପ ଘଟେ।

ଯଥା - ଜ୍ୱଳତି - ଜଳର, ବଳଇ (ଅବ୍‌ହଟ୍‌ଠ), ଜଳଇ (ଓଡ଼ିଆ)

(୨) ବ୍ୟଞ୍ଜନାଗମ - ଅସ୍ଥି - ହଡ଼ଡ଼ି - ହାଡ଼

(୩) ବ୍ୟଞ୍ଜନ ଓ ବିପର୍ଯ୍ୟୟ ହ୍ରଦ - ହ୍ରଦ - ଦହ

(୪) ସମୀଭବନ ପରେ ଏକୀଭବନ - ରଶ୍ମି- ରସସି -ରସି

(୫) ଘୋଷୀ ଭବନ - କଟାହିକା - କଡ଼ାହି (ଅବହଟ୍‌ଠ) କଡ଼ାଇ (ଓଡ଼ିଆ)

(୬) ଅଘୋଷୀ ଭବନ - ବ୍ୟଜନକ - ବିଚଣା

(୭) ମହାପ୍ରାଣୀ ଭବନ - ପାଶ - ଫାଶ, ପରଶୁ - ଫାରସନ

(୮) ଅଳ୍ପପ୍ରାଣୀ ଭବନ- ବୁଭୁକ୍ଷା > ଭୋକ

(୯) ମହାପ୍ରାଣତା ସମୀଭବନ ପରେ ଏକୀଭବନ - ପୁସ୍ତକ - ମୋଥା (ଅବ୍‌ହଟ୍‌ଠ), ମଥା (ଓଡ଼ିଆ)

(୧୦) ମହାପ୍ରାଣତା (ହ) ର ଲୋପ - ବହିତ୍ର ବୋଇତ, ମହିଷ > ମଇଁଷି

(୧୧) ମହାପ୍ରାଣତା (ହ) ର ଆଗମ - ଛାୟା > ଛାଇ - ଛାହି (ଅବ୍‌ହଟ୍‌ଠ)

ସକଳ > ସଅଳ > ସହଳ (ଓଡ଼ିଆ)

(୧୨) ମୁର୍ଦ୍ଧନ୍ୟ ଭବନ - ଉଦ୍ଦଂଶ - ହଡ଼ଡ଼ସ (ଅବ୍‌ହଟ୍‌ଠ), ହଡ଼ଶ- ଓଡ଼ଶ (ଓ)

ସ୍ୱତଃ ମୁର୍ଦ୍ଧନୀ ଭବନ - ଦୋଳା > ଡ଼ୋଳା, ପତିତ - ପଡ଼ିଆ

(୧୩) ତାଲବଧୀ ଭବନ - ସଂଧ୍ୟା - ସଂଝା (ଅବ୍‌ହଟ୍‌ଠ), ସଂଜ (ଓଡ଼ିଆ)

(୧୪) ନାସିକ୍ରୀ ଭବନ - ବକ୍ର > ବଙ୍କା, ବାଙ୍କ

ଅନୁନାସିକୀ ଭବନ - ଚନ୍ଦ୍ର - ଚାଁନ୍ଦ

(୧୫) ଦୁଇ ସ୍ୱର ମଧ୍ୟବର୍ତ୍ତୀ ମୂର୍ଦ୍ଧନୀ ଧ୍ୱନି > ତାଡ଼ିତ ଧ୍ୱନି - କଡ଼ାହି - କଡ଼ାଇ

(୧୬) ଅର୍ଦ୍ଧବ୍ୟଞ୍ଜନ - ଯ୍ > ଇ ଈ- ତୁର୍ଯ୍ୟ > ତୁରୀ, ତୁରୀ

(୧୭) କ୍ଷ > ଛ - କ୍ଷୁରିକା > ଛୁରୀ

କ୍ଷ > ଝ -କ୍ଷୀଣ > ଝାଂସ (ଅବହଟ୍‌ଠ), ଝୀନ (ଓଡ଼ିଆ)

(୧୮) ର୍ > ଲ୍ - ହରିଦ୍ରା > ହଳଦୀ (ଅବହଟ୍‌ଠ), ହଳଦୀ (ଓଡ଼ିଆ)

(୧୯) ଅନୁସ୍ୱାର ଙ ଷ୍ = ଘ - ସଂହାର - ସଂସାର

(୨୦) ଷ୍ > ଛ୍ - ଷଟ୍ -ଛ

(୨୧) ଶ୍ , ସ୍, ଷ୍ > ହ - ଦର୍ଶ -ଦହ (ଅବହଟ୍‌ଠ), ସପ୍ତାହ - ହପ୍ତା

ର୍ଯ୍ୟ-ଜ- ଅରେଜ୍ (ଅବହଟ୍‌ଠ), ଆଶିରିଜ (ଓଡ଼ିଆ କଥିତ ଭାଷାରେ)

(୨୩) ସ୍ମ > ମହ, ହ୍ମ, ଉଷ୍ମକୀ > ହମ୍‌ହାଇ (ଅବ୍‌ହଟ୍‌ଠ), ଉହ୍ମେଇ (ଓଡ଼ିଆ)

(୨୪) ଉଭୟରେ ଦ୍ୱିବଚନର ପ୍ରୟୋଗ ନାହିଁ। ଦ୍ୱିବଚନ ଓ ବହୁବଚନର ପାଇଁ ବହୁବଚନର ପ୍ରୟୋଗ ହୋଇଥାଏ।

(୨୫) ଉଭୟ ଭାଷାରେ ତିନି ଲିଙ୍ଗର ବ୍ୟବହାର ରହିଛି।

(୨୬) ଉଭୟ ଧାତୁ ରୂପରେ କେବଳ ପରସ୍ମୈପଦୀର ବ୍ୟବହାର ଅଛି।

(୨୭) ଉଭୟର ସର୍ବନାମ ପଦଗୁଡ଼ିକରେ ସାମ୍ୟ ଅଛି। ଯେପରି

ଅବହଟ୍‌ଠ - ହା ହଁ, ମୁଁ (ଓଡ଼ିଆ)

ଅବହଟ୍‌ଠ - ମୁଇଁ, ମୋହ, ମୋହି, ମୋରା। (ଓଡ଼ିଆ) ମୋର

ଆଧୁନିକ ଓଡ଼ିଆ ଭାଷା କାଳକ୍ରମେ ଦେଶୀୟ ଓ ବୈଦେଶିକ ପ୍ରଭାବ ଓ ଆହରଣ ଫଳରେ ପରିବର୍ତ୍ତିତ ଓ ବିକଶିତ ହୋଇଥିଲେ ମଧ୍ୟ ସଂସ୍କୃତ, ପାଲି, ପ୍ରାକୃତ, ଅପଭ୍ରଂଶ ଓ ଅବହଟ୍‌ଠ ସହିତ ଏହାର ସଂପର୍କ

ଅବିଚ୍ଛେଦ୍ୟ। ଆମ ପୂର୍ବପୁରୁଷମାନଙ୍କ ସହିତ ଆମର ଯେଉଁ ସଂପର୍କ, ସଂସ୍କୃତ, ପାଲି, ପ୍ରାକୃତ, ଅପଭ୍ରଂଶ, ଅବହଟ୍ଠ ସହିତ ଆମ ଭାଷାର ଠିକ୍ ସେହି ସଂପର୍କ। ସଂସ୍କୃତ ଏକ ମୂଳ ବିଶାଳ ନଦୀ ହେଲେ ପାଲି, ପ୍ରାକୃତ, ଅପଭ୍ରଂଶ, ଅବହଟ୍ଠ, ଓଡ଼ିଆ ତାହାର କ୍ରମଶଃ ନଦୀ, ଉପନଦୀ, ଶାଖା ନଦୀ, ଉପଶାଖା ନଦୀ ଓ ପ୍ରଶାଖା ନଦୀ।

ପ୍ରାଚୀନ ଭାରତୀୟ ଆର୍ଯ୍ୟ ଭାଷା ଓ ତାହାର ନଦୀ, ଉପନଦୀ, ଶାଖାନଦୀ, ଉପଶାଖା ନଦୀ ଓଡ଼ିଆ ଭାଷାର ନିଜସ୍ୱ। କାଳକ୍ରମେ ଅନ୍ୟାନ ଭାଷାର ବିଭବ ତାହା ମଧରେ ପ୍ରବେଶ କରିଛି ଓ କରୁଛି। ଓଡ଼ିଆ ମୌଳିକତଃ ଏକ ଭାରତୀୟ ଆର୍ଯ୍ୟ ଭାଷା। (ଜ୍ୟୋତ୍ସ୍ନା ବିଶ୍ୱାଳ ରାଉତ, ଓଡ଼ିଶାର ଭାଷା ସମୂହ)

## ୨.୪.୬ ଶିଳାଲେଖରେ ଓଡ଼ିଆ ଭାଷା

ଓଡିଶାର ଆର୍ଯ୍ୟଭାଷାର ପ୍ରାଚୀନତମ ସଂକେତ ଅଶୋକଙ୍କର ଲେଖା ଗୁଡିକରେ ଦେଖିବାକୁ ମିଳେ ; ମାତ୍ର ଏଗୁଡିକର ଭାଷା ସମ୍ବନ୍ଧରେ ପଣ୍ଡିତମାନଙ୍କ ମଧ୍ୟରେ ମତ ଭେଦ ରହିଛି । ଅଶୋକ ଏହି ଲେଖା ଗୁଡିକରେ ଯେଉଁ ଭାଷା ବ୍ୟବହାର କରିଥିଲେ ତାହା ତାଙ୍କ ଦରବାରର ଭାଷା ଏବଂ ଅନ୍ୟ ଅଂଚଳ ବିଶେଷର ଭାଷାର ସଂସ୍ପର୍ଶରେ ଆସି ବିଭିନ୍ନ ସ୍ଥାନରେ ଆଂଚଳିକ ବିଶେଷତ୍ୱର ଛତା ଧାରଣ କରିଛି । ଅଶୋକଙ୍କ ସମୟର ଭାଷା ବ୍ୟବସାୟୀ, ସୈନିକ ଏବଂ ଶାସକମାନଙ୍କ ଦ୍ୱାରା ଓଡିଶା ଅଂଚଳକୁ ଅଣାଯାଇ ସେମାନଙ୍କ ମଧ୍ୟରେ ଚଳୁଥିଲା। ଏବଂ ଏହା ସାଧାରଣ ଲୋକର ଅବୋଧ ଥିଲା ବୋଲି ଯୁକ୍ତି କରଯାଇଥାଏ । ଏ ସମ୍ବନ୍ଧରେ ଏତିକି ଯଥେଷ୍ଟ ହେବ ଯେ, ସାତ ବାହାନ ରାଜାମାନଙ୍କର ଲେଖ ପ୍ରାକୃତଭାଷାରେ ହୋଇଥିଲା ଏବଂ ସେମାନଙ୍କର ମୁଦ୍ରା, ଯାହା ନିଶ୍ଚୟ ସର୍ବ ସାଧାରଣଙ୍କ ପାଇଁ ଅଭିପ୍ରେତ ଥିଲା, ପ୍ରାକୃତଭାଷାର ଲେଖ ଧାରଣ କରିଥିଲା । ଅଶୋକ ଲୋକ ମଧ୍ୟରେ ଧର୍ମ ଭାବ ଜାଗ୍ରତ କରିବାପାଇଁ ଏ ଲେଖଗୁଡିକ ଦେଇଥିଲେ, ତେଣୁ ଏଗୁଡିକର ଭାଷା ଲୋକ ସାଧାରଣଙ୍କର ବୋଧଗମ୍ୟ ଥିବ । ଯଦି ଯୁକ୍ତି ଛଳରେ ଗ୍ରହଣ କରି ନିଆଯାଏ ଯେ, ଏହା ସର୍ବ ସାଧାରଣଙ୍କ ଭାଷା ନଥିଲା ତେବେ ଏ କଥା ସ୍ୱୀକାର କରିବାକୁ, ଏହି ଭାଷା ବୁଝିପାରୁଥିବା ବହୁସଂଖ୍ୟକ ଲୋକ ସେତେବେଳେ ଏ ଅଂଚଳରେ ବସବାସ କରୁଥିଲେ । ଅଶୋକଙ୍କ ଲେଖରୁ ଜଣାଯାଏ ଯେ, ସେତେବେଳକୁ ଏ ଦେଶରେ ଅସଂଖ୍ୟ ବ୍ରାହ୍ମଣ ଶ୍ରମଣ ବାସ କରୁଥିଲେ । କେବଳ ଅଶୋକ -ଲେଖର ଆଧାର ଉପରେ ଏକଥା ନିର୍ବିବାଦରେ କୁହାଯାଇ ପାରିବ – ସେ ସମାନ ଭାବକୁ ନିନ୍ଦା କରିଛନ୍ତି ।

ବୃହତ୍ତର ଭାରତରେ (Greater India) ଆର୍ଯ୍ୟସଭ୍ୟତା ବିସ୍ତାର କାଳ ଖ୍ରୀଷ୍ଟ ୨ୟ ଶତକ ଖାସ ଧରାଯାଇଛି। (ଚମ୍ପାର ଶିଳାଲେଖ ଦ୍ରଷ୍ଟବ୍ୟ) ଏହି ଆର୍ଯ୍ୟସଭ୍ୟତା ବିସ୍ତାରରେ କଳିଙ୍ଗର ଦାନ ସମସ୍ତ ଐତିହାସିକ ସ୍ୱୀକାର କରିଛନ୍ତି।

ଅଶୋକଙ୍କ ପରି ଖାରବେଳଙ୍କ ସମ୍ବନ୍ଧରେ ସୁନୀତବାବୁ ଠିକ୍ ଏକାପରି ଭ୍ରାନ୍ତି ପ୍ରକାଶ କରିଛନ୍ତି । ବିଖ୍ୟାତ ତେଲୁଗୁ ପଣ୍ଡିତ ଗିଡିରୁ ରାମଶାସ୍ତ୍ରୀ ପାନ୍ତୁଲୁଙ୍କୁ 'ବ୍ୟାସ ସଂଗ୍ରହମୁ' ନାମକ ଯେଉଁ ସ୍ମାରକ ଗ୍ରନ୍ଥ ଉପହାର ଦିଅଗଲା, ତହିଁରେ ଗୋଟିଏ ନିବନ୍ଧ ଲେଖି ସୁନୀତବାବୁ ମତ ପ୍ରକାଶ କରିଛନ୍ତି ଯେ, ଖାରବେଳ ଜୈନଥିଲେ ଏବଂ ତାଙ୍କ ନାମ ରୁ ଜଣାଯାଏ ସେ ଦ୍ରାବିଡ - ଭାଷାଭାଷୀ ଥିଲେ। 'ଖାରବେଳ' ଶବ୍ଦଟି 'କାର' ଏବଂ 'ୱେଲ'

ନାମକ ଦୁଇଟି ଦ୍ରାବିଡ ଶବ୍ଦରୁ ନିଷ୍ପନ୍ନ ହୋଇଥିବାର ଦର୍ଶାଇ ସେ ଉପରୋକ୍ତ ସିଦ୍ଧାନ୍ତ କରିଛନ୍ତି : ମାତ୍ର କେବଳ ନାମର ନିରୁକ୍ତି ଉପରେ ନିର୍ଭର କରି କୌଣସି ଲୋକର ଭାଷା ନିର୍ଣ୍ଣୟ କରିବସିଲେ ଅତ୍ୟନ୍ତ ହାସ୍ୟାସ୍ପଦ ସିଦ୍ଧାନ୍ତରେ ଉପନୀତ ହେବା ବିଚିତ୍ର ନୁହେଁ । ଖ୍ରୀଷ୍ଟ ୧ମ ଶତକର  ପାଭୋଷା ଲେଖରେ 'ବଙ୍ଗଚନ୍ଦ୍ର' ନାମକ ଜଣେ ରାଜାଙ୍କର ନାମ ଦେଖିବାକୁ ମିଳେ । କେବଳ ଏହି ନାମ ଉପରେ ନିର୍ଭର କରି ସେକାଳରେ ବଙ୍ଗଳା ଭାଷାର ସ୍ଥିତି ସମ୍ବନ୍ଧରେ ସିଦ୍ଧାନ୍ତଗ୍ରହଣ କରିବା ଯେପରି ହାସ୍ୟାସ୍ପଦ, ବଙ୍ଗଚନ୍ଦ୍ରଙ୍କୁ ବଙ୍ଗ – ଭାଷାଭାଷୀ ଅଥବା 'ବଙ୍ଗ' ଶବ୍ଦର ମୂଳ ଖୋଜି ସେହି ଭିତ୍ତିରେ ଅଷ୍ଟ୍ରିକ ଭାଷାଭାଷୀ ବୋଲି ସିଦ୍ଧାନ୍ତ କରିବା ସେହିପରି ହାସ୍ୟାସ୍ପଦ । ବିଖ୍ୟାତ ପଣ୍ଡିତ ଲେଭି 'କମ୍ବୋଜ କାମରୂପ' ଶବ୍ଦ ଏବଂ ପ୍ରିଜଲୁସ୍କି 'ବାର୍ହ୍ୟକ ଓ ବାହ୍ଲିକ' ଶବ୍ଦଗୁଡ଼ିକର ଆଲୋଚନ କରି ଏଗୁଡ଼ିକର ଅଷ୍ଟ୍ରୋ -ଏସିଆଟିକ୍ ବୋଲି ଦର୍ଶାଇଛନ୍ତି ;  ଅଥଚ ଐତିହାସିକ କାଳ ମଧ୍ୟରେ କମ୍ବୋଜ କିମ୍ବା ବାହ୍ଲିକ  ଦେଶ ମାନଙ୍କରେ ଆଷ୍ଟ୍ରୋ -ଏସିଆଟିକ ସଭ୍ୟତାର କୌଣସି ସୂଚନା ମଧ୍ୟ ମିଳେ ନାହିଁ ଏ କଥା ସ୍ପଷ୍ଟଭାବରେ କୁହାଯାଇ ପାରେ ଯେ, 'ଖାରବେଳ' ଶବ୍ଦଟି ହୁଏତ ଦ୍ରାବିଡ ମୂଳରୁ ନିଷ୍ପର୍ଣ୍ଣ ହୋଇପାରେ ;  ମାତ୍ର ସେ ଦ୍ରାବିଡ – ଭାଷାଭାଷୀ ହେବା ତ ଦୂରର କଥା, ଦ୍ରାବିଡ ସଭ୍ୟତା ସହିତ ମଧ୍ୟ ସଂପୃକ୍ତ ନଥାଇ ପାରନ୍ତି ।

ଖାରବେଳଙ୍କ ସମୟ ସମ୍ବନ୍ଧରେ ଯେଉଁ ମତ ଭେଦ ରହିଛି, ତାହା ବିଚାରକଲେ ଅଲୋଚ୍ୟ ସମସ୍ୟାର ସମାଧାନ ଆଉ ଟିକେ ସ୍ପଷ୍ଟ ହୋଇଯିବ । ଖାରବେଳଙ୍କ ସମ୍ବନ୍ଧରେ ବହୁ ବିଶିଷ୍ଟ ପଣ୍ଡିତ ଆଲୋଚନା କରିଛନ୍ତି। ସୁନିତି ବାବୁଙ୍କ ସମେତ କେତେକ ପଣ୍ଡିତ ଖ୍ରୀ ୨ୟ ଶତକର ଲୋକ ବୋଲି ଧାର୍ଯ୍ୟ କରିଛନ୍ତି । ମାତ୍ରପ୍ରସିଦ୍ଧ ଐତିହାସିକ ଶ୍ରୀ ଦିନେଶ ଚନ୍ଦ୍ର ସରକାର ଏବଂ ଶ୍ରୀ ରମା ପ୍ରସାଦଚନ୍ଦ୍ର ଏ ସମ୍ବନ୍ଧୀୟ ଯୁକ୍ତି ଖଣ୍ଡ କରି ଖାରବେଳଙ୍କୁ ଖ୍ରୀ.ପୂ-୧ମ ଶତକର  ଶେଷ କିମ୍ବା ଖ୍ରୀଷ୍ଟ ୧ମ ଶତକର ପ୍ରାକ୍ କାଳର ଲୋକ ବୋଲି ସ୍ଥିରି କରିଛନ୍ତି । ଏହା ହେଲେ ଅଶୋକ ଏବଂ ଖାରବେଳଙ୍କ ସମୟରେ ମିଳୁଥିବା ଭାଷାର ପାର୍ଥକ୍ୟ ଆଦି ସଂଗତଭାବରେ ବୁଝାଇ ଦିଆଯାଇପାରିବ। ଖାରବେଳଙ୍କ ଲେଖରେ 'ପନ୍ଦରସ' (ଓ ପନ୍ଦର) ,'ଦଣ୍ଡମ ପଠାପୟତି' (ତୁଳନୀୟ ଓ ଦଣ୍ଡ ପଠାଉଅଛି = ସୈନ୍ୟବାହିନୀ ପଠାଉଅଛି) । : 'ବିଶା', 'ଅମ୍ବ', 'ବାଟ', 'ଘର' ପରି ନିରୁତା ଓଡ଼ିଆ ଶବ୍ଦମାନଙ୍କର ବ୍ୟବହାର ମନ ଭିତରେ ସ୍ୱାଭାବିକ ଭାବରେ କେତେକ ପ୍ରଶ୍ନ ଉଠାଏ। ।

## ୨.୪.୭ ଉଡ୍ର ଭାଷା ଓ ଓଡ଼ିଆ

ଏହି ପ୍ରସଙ୍ଗରେ 'ଭରତନାଟ୍ୟ ଶାସ୍ତ୍ର' ର ନାମୋଲ୍ଲେଖ  ନକଲେ ଆଲୋଚନା ଅପୂର୍ଣ୍ଣ ରହିଯିବ ଭରତ ମୁନି ଯେଉଁ ଚାରିଗୋଟି ପ୍ରବୃତ୍ତିର ଉଲ୍ଲେଖ କରିଛନ୍ତି, ଓଡ୍ରମାଗଧୀ ଅନ୍ୟତମ । 'ପ୍ରବୃତ୍ତି'ର ବାଖ୍ୟା' ଦେଇ ସେ ଲେଖିଛନ୍ତି । "ପୃଥିବ୍ୟାଂ ନାନା ଦେଶ ଦେଶ  ଭାଷାଚାର ବାର୍ତ୍ତା ଖ୍ୟାପୟତିତି ପ୍ରବୃତ୍ତି" ।  ଏଠାରେ ଭାଷା ଶବ୍ଦଟିର ପ୍ରୟୋଗରେ ଆଞ୍ଚଳିକ ଭାଷାର ସ୍ୱାତନ୍ତ୍ର୍ୟ ସୂଚନା ଅର୍ଥପୂର୍ଣ୍ଣ । କିଥ୍‌ଙ୍କ ମତରେ ଏହି ଗ୍ରନ୍ଥର ରଚନା କାଳ ଖ୍ରୀଷ୍ଟ ପୂର୍ବ ୨୦୦ ମାତ୍ର ଶ୍ରୀ ଦିନେଶ ଚନ୍ଦ୍ର ସରକାରଙ୍କ ମତରେ ଏହା ଖ୍ରୀଷ୍ଟ ପୂର୍ବ ୪୦୦ର ରଚନା। ଏହି ଭାରତନାଟ୍ୟ ଶାସ୍ତ୍ରର ୧୮ଶ ଅଧ୍ୟାୟରେ ଭାଷା-ପ୍ରୟୋଗ ସମ୍ବନ୍ଧରେ ମୁଖ୍ୟଭାଷା ଓ ଗୌଣ ଭାଷା ବା 'ବିଭାଷା' ଭେଦରେ ବିଭିନ୍ନ  ଆଞ୍ଚଳିକ ଭାଷାର ବିଚାର କରାଯାଇଛି । ଏଥିରେ ''ଉଡ୍ରବିଭାଷା" ର ନାମଲ୍ଲେଖ ଦେଖିବାକୁ ମିଳେ । ଏହା 'ଦ୍ରାବିଡ' ଠାରୁ ଭିନ୍ନ ବୋଲି ସ୍ପଷ୍ଟ ରୂପେ କୁହାଯାଇଛି । ଆଞ୍ଚଳିକ ସ୍ୱାତନ୍ତ୍ର୍ୟ ବା ପ୍ରବୃତ୍ତି ବିଚାର ବେଳେ

କଳିଙ୍ଗର ନାମ ଦାକ୍ଷିଣାତ୍ୟ ଏବଂ ଉଡ୍ରମାଗଧୀ ଉଭୟ 'ପ୍ରବୃତ୍ତି'ର ଅନ୍ତର୍ଭୁକ୍ତ କରାଯାଇଛି । ନାଟ୍ୟଶାସ୍ତ୍ରର ଅନୁବାଦକ ମନ ମୋହନ ଘୋଷ ଏଥିରୁ ଅନୁମାନ କରନ୍ତି ଯେ, ସମ୍ଭବତଃ ଯେତେବେଳେ କଳିଙ୍ଗ ଅଂଚଳରେ ଉଭୟ ପ୍ରବୃତ୍ତିର ଚଳଣି ଥିଲା । ଏଥିରୁ ନାଟ୍ୟଶାସ୍ତ୍ର - କାଳକୁ କଳିଙ୍ଗ ଅଂଚଳରେ ମଧ୍ୟ ଓଡ୍ରମାଗଧି ପ୍ରବୃତ୍ତିର ଚଳଣି ଲକ୍ଷ୍ୟ କରିବାର କଥା। ବର୍ତ୍ତମାନ 'ବିଭାଷା' ସମ୍ବନ୍ଧରେ ସାମାନ୍ୟ ବିଚାର ପ୍ରୟୋଜନ । ଟିକାକାର ପୃଥୀଧରଙ୍କ ମତରେ 'ବିବିଧାଭାଷା ହୀନପାତ୍ର ପ୍ରୟୋଜ୍ୟ ତ୍ୱାଦ୍ ହୀନାଃ'ହେଉଛି 'ବିଭାଷା' ଅନ୍ୟ କଥାରେ କହିଲେ, ଯାହା ଅବିକଶିତ ଭାଷା କିମ୍ବା ଆଂଚଳିକତା ଦୃଷ୍ଟ ପ୍ରାକୃତ, ତାହାହିଁ 'ବିଭାଷା' । ଏହା ସଂସ୍କୃତ ନହୋଇଥିବାରୁ ଉଚ୍ଚ ପାତ୍ରଙ୍କ ମୁଖର ଭାଷା ନହୋଇ ନୀଚ ପାତ୍ରଙ୍କ ମୁହଁରେ ଦିଆଯାଏ । ଭରତ ନାଟ୍ୟଶାସ୍ତ୍ର ରଚନା କାଳକୁ ଉଡ୍ରବିଭାଷାର ବିକାଶ କାଳ ଧରିଲେ, ମୂଳ ଭାଷାରୁ ଫିଟି ନାନା ପ୍ରଭାବରେ ପ୍ରଭାବିତ ହୋଇ ଓଡ଼ିଆ ଭାଷାର ସୃଷ୍ଟି ସ୍ପଷ୍ଟ ହୋଇ ଦେଖାଯିବ ।

ଓଡିଶାରେ ଆର୍ଯ୍ୟ- ବସତିର ପ୍ରାଚୀନତା ସଂଗେ ସଂଗେ ଭାଷାର ପ୍ରାଚୀନତା ଅଙ୍ଗାଅଙ୍ଗୀ ଭାବେ ଜଡିତ। ଏଥି ପୂର୍ବରୁ ଭରତ ନାଟ୍ୟଶାସ୍ତ୍ର ଓ ଅନ୍ୟାନ୍ୟ ପ୍ରମାଣ କଥା କୁହାଯାଇଛି । ବର୍ତ୍ତମାନ ଲିପି ଦୃଷ୍ଟିରୁ ଭାଷାର ପ୍ରାଚୀନତା ନିର୍ଦ୍ଧାରଣ ସମ୍ବନ୍ଧରେ କେତୋଟି ସୂଚନା ପ୍ରଦାନ କରିବା। ବୌଦ୍ଧ ଗ୍ରନ୍ଥ 'ଲଳିତ ବିସ୍ତର' ଦଶମ ଅଧ୍ୟାୟରେ ବୁଦ୍ଧଦେବ ଶିଖିଥିବା ୬୪ଲିପି ମଧ୍ୟରେ ଉଗ୍ରଲିପିର ନାମୋଲ୍ଲେଖ ମିଳେ। ଏହି ଉଗ୍ରଲିପିକୁ ଓଡ୍ରଲିପି ବୋଲି କେହି କେହି ପଣ୍ଡିତ ଅନୁମାନ କରନ୍ତି । ଖ୍ରୀଷ୍ଟପର ୧ମ ଓ ୨ୟ ଶତାବ୍ଦୀରେ ବୁଦ୍ଧ ଚରିତ – ସମ୍ବନ୍ଧିତ ପ୍ରାଚୀନତମ ମହାଯାନ ଗ୍ରନ୍ଥମାନ ରଚିତ ହୋଇଥିଲା । ଲଳିତବିସ୍ତରରେ ବହୁ ପ୍ରାଚୀନ ଓ ଅପେକ୍ଷାକୃତ ପରବର୍ତ୍ତୀକାଳର ବୁଦ୍ଧଚରିତ ସମ୍ବନ୍ଧୀୟ କିମ୍ବଦନ୍ତୀ ଏକତ୍ର ଗ୍ରଥିତ ହୋଇଥିବାର ଉଇଣ୍ଟରନୀଜ୍ ତାଙ୍କ 'ଭାରତୀୟ ସାହିତ୍ୟର ଇତିହାସ'(୨ୟ ଭାଗ-ପୃ ୨୫୫) ରେ ମତ ପ୍ରକାଶ କରିଛନ୍ତି। ଜୈନ୍ୟ 'ସମବାୟାଙ୍ଗ ସୂତ୍ର'ଓ 'ପ୍ରଜ୍ଞାସୂତ୍ର'(ପଣ୍ଣିବଣୀସୂତ୍ତ)ରେ 'ଦାଷଉଡିଆ'ଓ 'ଦାସପୁରିୟା'ଲିପିର ନାମୋଲ୍ଲେଖ ଅଛି । ଜୈନ 'ନନ୍ଦିସୂତ୍ର'ରେ 'ଓଡ୍ର ଲିପି'ର ନାମୋଲ୍ଲେଖ ଦେଖିବାକୁ ମିଳେ। 'ପ୍ରଜ୍ଞାପନା ସୂତ୍ର' ଦେବଧିଗନିନ୍ କ୍ଷମଶମନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବଲ୍ଲଭୀଧର୍ମସଂଘ ବୈଠକରେ ଲିପିବଦ୍ଧ କରାଯାଇଥିଲା । ଏହା ଖ୍ରୀଷ୍ଟ ୫ମ ଶତାବ୍ଦୀର ଶେଷ କିମ୍ବା ୬ଷ୍ଠ ଶତକର ଆରମ୍ଭର ଘଟଣା ତାହା ପୂର୍ବରୁ ଐତିହାସିକ ବିବରଣୀ ଏଥିରେ ସନ୍ନିବିଷ୍ଟ । 'ନନ୍ଦିସୂତ୍ର' ପିତୃତ୍ୱ ଏହି ଦେବର୍ଦ୍ଧିଙ୍କ ଉପରେ ଆରୋପ କରାଯାଇଥାଏ । ଓଡ୍ରୀ ଲିପିର ଉଲ୍ଲେଖ ଜୈନ ବିଶେଷାବଶ୍ୟକ ଭାଷାରେ ମଧ୍ୟ ଦେଖିବାକୁ ମିଳେ । ଅଳ୍ପ ଦିନ ପୂର୍ବେ ମୁନୀଜୀ ଭାରତୀୟ ବିଦ୍ୟାଭବନ ତରଫରୁ ପ୍ରକାଶିତ ଗୁଜୁରାଟି ପତ୍ରିକାରେ ଏହି ବିଶେଷାବଶ୍ୟକ ଭାଷାର ଭଣିତା ପୃଷ୍ଠା ଉଦ୍ଧାରକରି ତାହାର ତାରିଖ ସମ୍ବନ୍ଧରେ ଆଲୋଚନା କରିଛନ୍ତି । ସେ ଏହାକୁ ନିର୍ଦ୍ଦିଷ୍ଟ ଭାବରେ ଖ୍ରୀଷ୍ଟ ୭ମ ଶତାବ୍ଦୀର ବୋଲି ସ୍ଥିର କରିଛନ୍ତି । ଏହି ଉଡ୍ରୀ ଲିପିର ସ୍ୱରୂପ ସମ୍ବନ୍ଧରେ କିଛି ଜଣା ନାହଁ ; କହିଲେ ଚଳେ, କିନ୍ତୁ ବିଭିନ୍ନ ଗ୍ରନ୍ଥରେ ଏହାର ଉଲ୍ଲେଖ ହେତୁ ଏକ ନିଦ୍ଦିଷ୍ଟ ଆଂଚଳିକ ବୈଶିଷ୍ଟ୍ୟଯୁକ୍ତ ଲିଖନଭଙ୍ଗୀକୁ ଏହାଯେ ବୁଝାଉଛି, ଏଥିରେ ସନ୍ଦେହ ନାହିଁ । ଏହି ପ୍ରସଙ୍ଗରେ ଦକ୍ଷିଣ ନଗରୀ ଲିପି(ବାହୁଲରଙ୍କର ପରବର୍ତ୍ତୀ କଳିଙ୍ଗ ଲିପି – ୭ମରୁ ୧୨ଶ ଶତାବ୍ଦୀ) ଆଲୋଚ୍ୟ । ଏହି ଲିପିର ଲେଖମାନ କଳିଙ୍ଗ ନଗର ବା ଗଙ୍ଗ ରାଜାମାନଙ୍କର ତାମ୍ରଶାସନ ବ୍ୟତୀତ ବଜ୍ରହସ୍ତ ଓ ଅନନ୍ତ ବର୍ମଦେବଙ୍କ ଦାନ ଶାସନପଟାରେ ଦେଖିବାକୁ ମିଳେ । ଅନନ୍ତବର୍ମଦେବଙ୍କର ମଞ୍ଜୁଷା ଦାନଶାସନ ପଟା ୯୯୧ ଖ୍ରୀଷ୍ଟାବ୍ଦରେ ବୋଲି ପଣ୍ଡିତମାନେ ସ୍ଥିର କରିଛନ୍ତି । (JBORS, Vol XVII, pts 2 & 3 ଦ୍ରଷ୍ଟବ୍ୟ) । ଏହି ଦାନଶାସନ ପଟାରେ ମୋଟ ବ୍ୟବହୃତ

୭୩୮ଟି ଅକ୍ଷର ମଧ୍ୟରୁ ୧୫୭ଟି ଓଡ଼ିଆ ଅକ୍ଷର ବୋଲି ଏହାର ସଂପାଦକ ନିର୍ଦ୍ଦେଶ କରିଛନ୍ତି । ଯେକୌଣସି ଭାଷାର କଥିତ ଭାଷା ତୁଳନାରେ ଲିପି ସୃଷ୍ଟି ଅର୍ବାଚୀନ । ପତ୍ରଲିପିର ସ୍ୱାତନ୍ତ୍ୟ ଯଦି ୬ଷ୍ଠ – ୭ମ ଶତାବ୍ଦୀକୁ ପ୍ରକାଶିତ ହୋଇଥାଏ, ତେବେ ଭାଷା ସୃଷ୍ଟିର ସ୍ୱାତନ୍ତ୍ୟ ଯେ ଏହାର ପୂର୍ବବର୍ତ୍ତୀ, ଏଥିରେ ସଂନ୍ଦେହ ନାହିଁ ।

ବୌଦ୍ଧ ଗାନ ଓ ଦୋହା ଏବଂ ବିଭିନ୍ନ ଶିଳା ଲେଖ ଓ ତାମ୍ର ଶାସନ ବ୍ୟତୀତ ଭୁବନେଶ୍ୱର ମ୍ୟୁଜିୟମର କୁମାରସେନ ମୂର୍ତ୍ତି ଦେହରେ ‘ଦେବକହି ଭଗତି କରୁଅଛନ୍ତି ଭୋ କୁମାର ସେନ’ ଯେଉଁ ଓଡ଼ିଆ ବାକ୍ୟଟି ଲେଖା ଅଛି, ତାହା ମଧ୍ୟ ଏ କ୍ଷେତ୍ରରେ ବିଚାର୍ଯ୍ୟ । ମୂର୍ତ୍ତି–ଶିଳ୍ପ ଓ ଲିଖନଭଙ୍ଗୀ ଆଦି ଦୃଷ୍ଟିରୁ ଏହି ମୂର୍ତ୍ତିଟିର ସମୟ ୧୦୦୦ ବା ୧୧୦୦ ଖ୍ରୀଷ୍ଟାବ୍ଦ ବୋଲି ନିର୍ଦ୍ଧାରଣ କରାଯାଇଛି । ଯେତେବେଳେ ଖ୍ରୀ: ୧୦୦୦ ବେଳକୁ ଓଡ଼ିଆ ଭାଷା ସମ୍ପୂର୍ଣ୍ଣ ରୂପେ ବିକାଶ ପାଇ ସାରିଲାଣି, ସେତେବେଳେ ୭ମ ଶତାବ୍ଦୀବେଳକୁ ଓଡ଼ିଆ ଲୋକ ଅନାର୍ଯ୍ୟ କିମ୍ବା ଅନାର୍ଯ୍ୟ ଭାଷାଭାଷୀ ଥିଲେ କହିବା କେତେ ଅସାର ଯୁକ୍ତି, ତାହା ଆଲୋଚନାର ଅପେକ୍ଷା ରଖେ ନାହିଁ । ଉପରୋକ୍ତ ସମସ୍ତ ଆଲୋଚନାର ଭିତ୍ତି ଉପରେ ନିଃସନ୍ଦେହ ରୂପେ କୁହାଯାଇପାରେ ଯେ ଓଡିଶାରେ ଆର୍ଯ୍ୟ ବସତି (Aryanisation of Orissa) ଅଶୋକଙ୍କ ପୂର୍ବରୁ ଆରମ୍ଭ ହୋଇଥିଲା ଏବଂ ଏହା କୌଣସି ମତେ ଖ୍ରୀ. ୪୦୦ ପରବର୍ତ୍ତୀ ହୋଇ ନପାରେ । ଏହି ମତବାଦ ଗ୍ରହଣ କଲେ ଭାଷା ଓ ଲିପି ସମ୍ବନ୍ଧୀୟ ସମୟ ନିରୁପଣ ଓ ପରସ୍ପରକୁ ସମର୍ଥନ କରୁଥିବାର ସୁସ୍ପଷ୍ଟ ରୂପେ ଦେଖି ହେବ ।

## ୨.୪.୮ ବୌଦ୍ଧଗାନ ଓ ଦୋହାରେ ଓଡ଼ିଆ ଭାଷା

ସୁନୀତି ବାବୁଙ୍କର ଇଂରାଜୀ ବହି ‘Origin and Dvelopment of Bengali Language’ ଭାରତୀୟ ଭାଷାତତ୍ତ୍ୱ ଆଲୋଚନା କ୍ଷେତ୍ରରେ ଏକ ପ୍ରାମାଣିକ ବହି ହେଲେ ସୁଦ୍ଧା ଦୀର୍ଘକାଳଧରି ଏ ବହିର କୌଣସି ନୂତନ ସଂସ୍କରଣ ହୋଇନାହିଁ । ଏହି ବହିରେ ମତ ପ୍ରକାଶ କରି ଡ଼କଟର ଚାଟାର୍ଜୀ କହନ୍ତି ; The odra people, the ancestors of the present day Oriya speakers, were not aryanised even as late as the 7th Cen. AD” (ପ୍ରଥମ ଭାଗ ପୃ ୭୪, ପୃ ୭୮ ଦ୍ରଷ୍ଟବ୍ୟ ) । ପରବର୍ତ୍ତୀ କାଳରେ ତାଙ୍କର ଏହି ମତକୁ ପୁଷ୍ଟ କରିବାକୁ ଯାଇ ଶ୍ରୀ ଚାଟାର୍ଜୀ ପୁଣି କହିଛନ୍ତି ଯେ, ଓଡ଼ିଶା ମୁଖ୍ୟତଃ ଦ୍ରାବିଡ଼–ଭାଷାଭାଷୀ ଥିଲା ଓ ଖ୍ରୀଷ୍ଟ ୭ମ ଶତକ ପର୍ଯ୍ୟନ୍ତ ଦ୍ରାବିଡ଼ ରାଜାମାନଙ୍କ ଦ୍ୱାରା ଶାସିତ ହେଉଥିଲା । (ଗିଡ଼ିକ୍ଷ ରାମଶାସ୍ତ୍ରୀ ପାନ୍ତୁଲୁଙ୍କ ସ୍ମୃତିଗ୍ରନ୍ଥ “ବ୍ୟାସ ସଂଗ୍ରହମ୍” ରେ ଶ୍ରୀ ଚାଟାର୍ଜୀଙ୍କ ଖାରବେଳ ସମ୍ବନ୍ଧୀୟ ମନ୍ତବ୍ୟ ଦ୍ରଷ୍ଟବ୍ୟ) । ବଙ୍ଗଳାରେ ‘ବାଙ୍ଗଲା ଭାଷାତତ୍ତ୍ୱେର ଭୂମିକା’ ନାମରେ କ୍ଷୁଦ୍ର କଳେବର ବିଶିଷ୍ଟ ତାଙ୍କର ବହି ଛଅଟି ସଂସ୍କରଣ ହୋଇସାରିଲାଣି । ଏହି ବହିରେ ମଧ୍ୟ ଓଡ଼ିଆ ଭାଷା ସମ୍ବନ୍ଧରେ ଆଲୋଚନା କଲାବେଳେ ଡଃ ଚାଟାର୍ଜୀ ମତ ପ୍ରକାଶ କରିଛନ୍ତି ଯେ, ଖ୍ରୀଷ୍ଟ ୭ମ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଆଏ ଅନାର୍ଯ୍ୟ ଥିଲେ। ଚୀନ ପରିବ୍ରାଜକ ହୁଏନସାଂଙ୍କ ମତକୁ ପ୍ରମାଣରୂପେ ଦର୍ଶାଇ ସେ ଏପରି ଏକ ମତରେ ଉପନୀତ ହୋଇଛନ୍ତି । ଏକଥା କହିଲାବେଳେ ଅବଶ୍ୟ ସେ ସ୍ୱୀକାର କରିଛନ୍ତି ଯେ, ଶାସନ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟ ଉଦ୍ଦେଶ୍ୟରେ ଦ୍ରାବିଡ଼, କଳିଙ୍ଗ ଓ ଉଡ୍ର ଦେଶରେ ଯେ ଆର୍ଯ୍ୟଭାଷାର ଚଳଣି ହୋଇଯାଇଥିଲା ତାହାରି ସୂଚନା ଅଶୋକ ଓ ଖାରବେଳଙ୍କ ଶିଳାଲିପିରୁ ମିଳୁଛି । ବଳିଷ୍ଠ ବିରୁଦ୍ଧ ପ୍ରମାଣ ଅଭାବରୁ ସୁନୀତିବାବୁଙ୍କର ଏହିମତ ଆଜିଯାଏ ଶିଷ୍ଟସମାଜରେ ଗୃହୀତ ହୋଇଆସୁଛି ।

ଏଇ ମତକୁ ଗ୍ରହଣକଲେ ପ୍ରଶ୍ନ ଉଠିବ ଯେ, ଯଦି ୭ମ ଶତକରେ ଓଡିଶାରେ ଦ୍ରାବିଡ ଭାଷାର ଚଳଣି ଥିଲା ଓ ଓଡ଼ିଆ ଲୋକେ ଅନାର୍ଯ୍ୟ ଥିଲେ, ତେବେ ୮ମ ୯ମ ଶତକର ବୌଦ୍ଧଗାନ ଓ ଦୋହା ଉପରେ ପ୍ରାଚୀନ ଓଡ଼ିଆ ଭାଷାର ନମୁନା ଆସିଲା କେଉଁଠୁ ? ପ୍ରସଙ୍ଗ କ୍ରମେ ଏଠାରେ କୁହାଯାଇପାରେ ଯେ, ନେପାଳରୁ ମହାମହୋପାଧ୍ୟାୟ ପଣ୍ଡିତ ହରପ୍ରସାଦ ଶାସ୍ତ୍ରୀଙ୍କ ଆବିଷ୍କୃତ ପାଣ୍ଡୁଲିପି ଯାହା 'ଆଶ୍ଚର୍ଯ୍ୟ ଚର୍ଯ୍ୟାଚର୍ଯ୍ୟ ଶିରୋନାମାରେ ସଂପାଦିତ ହୋଇଥିଲା, ବଙ୍ଗ ଦେଶରେଏକାଧିକ ସଂସ୍କରଣରେ ପ୍ରକାଶିତ ହୋଇଛି । ଲୋକରେ 'ବୌଦ୍ଧଗାନ- ଓ ଦୋହା' ନାମରେ ପରିଚିତ ଏହି ଗ୍ରନ୍ଥଟିର ଭାଷା ବଙ୍ଗଳା ଭାଷାର ପ୍ରାଚୀନ ରୂପ ବୋଲି ବଙ୍ଗୀୟ ପଣ୍ଡିତମାନେ ଦାବି କରିଛନ୍ତି । ମୋର ମତ ଯେ, ଓଡ଼ିଆ, ବଙ୍ଗଳା, ଆସାମୀ ଆଦ ପୂର୍ବୀ ଶାଖାର ଭାଷା ସମୁଦାୟ ପରସ୍ପରଠାରୁ ପ୍ରଥମେ ସ୍ୱତନ୍ତ୍ର ହେବା କାଳର ଭାଷା ଏଥିରେ ରକ୍ଷିତ ହୋଇଛି; ପୁଣି ବଙ୍ଗଳା ଓ ଆସାମୀ ଭାଷାରେ ଓଡ଼ିଆ ତୁଳନାରେ ପରିବର୍ତ୍ତନର ଗତି ଅଧିକ ଦ୍ରୁତ ହୋଇଥିବାରୁ 'ବୌଦ୍ଧଗାନ ଓ ଦୋହା' ର ଭାଷା ଓଡ଼ିଆର ଅଧିକ ନିକଟବର୍ତ୍ତୀ । ଅଳ୍ପ କେତୋଟି ପ୍ରମାଣ ଦେଲେ କ୍ୟାଟି ସ୍ପଷ୍ଟ ହେବ : (୧) ସୂନ ପାଖ ଭିଡି ଲେହୁରେ ପାସ' ଚର୍ଯ୍ୟାର ଏଇ ପଦରେ'ଭିଡି' ର ଅର୍ଥ ନବୁଝି ବଙ୍ଗୀୟ ପଣ୍ଡିତମାନେ କହନ୍ତି 'ଭିଡି ଥକେ ଭିଡିଛେ' ; କିନ୍ତୁ ଏହା ଏବେ ମଧ୍ୟ ବହୁ ପ୍ରଚଳିତ ଓଡ଼ିଆ ଶବ୍ଦ । (୨) 'କାହ୍ନୁ କାହିଁ ଗଇ କରିବ ନିବାସ' ପଦଟିରେ 'ଗଇ' ର ପ୍ରୟୋଗ ସୂଚନାପୂର୍ଣ୍ଣ । ସଂସ୍କୃତ ଅସମାପିକା କ୍ରିୟାରେ ଧାତୁର ଉତ୍ତର ଲ୍ୟପ୍ ପ୍ରତ୍ୟୟ ହୁଏ । ଲ୍ୟପ୍ = ଯ=ଇ+ଅ ; ଉଦାହରଣ - ପ୍ରାକୃତ ଆଗସିଅ ; ନିସମିଅ ଇତ୍ୟାଦି ; ବଙ୍ଗଳାରେ ଏପରି କ୍ଷେତ୍ରରେ ଅ-ପ୍ରତ୍ୟୟ ଏକ ସାଧାରଣ କଥା ; ଉଦାହରଣ - ଯାଇଆ, ଖାଇଆ ଇତ୍ୟାଦି ; ମାତ୍ର ଓଡ଼ିଆରେ 'ଅ' ଲୋପ ହୋଇ କେବଳ 'ଇ' ରହେ ; ଯଥା - ଯାଇ; ଖାଇ ଇତ୍ୟାଦି । (୩) ଓଡ଼ିଆ ସର୍ବନାମରେ ସମସ୍ତ ପ୍ରତ୍ୟୟ ସାଧାରଣତଃ ଷଷ୍ଠୀ ବିଭକ୍ତନ୍ତ ପଦରେ ଲାଗେ – ମୋର, ମୋ ଦ୍ୱାରା, ମୋଠାରୁ, ମୋଠାରେ, ମୋତେ ଇତ୍ୟାଦି (ଅବଶ୍ୟ ପ୍ରାଚୀନ ଓଡ଼ିଆରେ 'ମୁଁକୁ', 'ତୁକୁ' ର ପ୍ରୟୋଗ ଅଛି ; କିନ୍ତୁ ତାହାର ବିଚାର ଏ କ୍ଷେତ୍ରରେ ନିଷ୍ପ୍ରୟୋଜନ) । ଚର୍ଯ୍ୟାରେ 'ଆଲୋ ଡାମ୍ବିତୋ ଏସମ କରିବ ମ ସାଙ୍ଗ' ପଦରେ ଯେଉଁ ତୋଏ ର ପ୍ରୟୋଗ ହୋଇଛି, ତହିଁରେ ଷଷ୍ଠୀ ତୋ' ସଂଗେ ତୃତୀୟା' ଏ ଲାଗି ଏପଦଟି ନିଷ୍ପନ୍ନ ହୋଇଛି । (୪) ଚର୍ଯ୍ୟାର 'ମୋଏ' ଘେନିଲି ହାଡେରି ମାଳି 'ପଦ ଅଲୋଚନା କରି ଡଃ ସୁନୀତି କୁମାର ଚାଟାର୍ଜି କହନ୍ତି ଯେ 'ମୋଏ' ତୃତୀୟାଭକ୍ତି ଓ 'ଘେନିଲି' କର୍ମଣି ବାଚ୍ୟ କ୍ରିୟା । ସଂ. କ୍ତ - ପ୍ରତ୍ୟୟରୁ ଓଡ଼ିଆ 'ଇ' ପ୍ରତ୍ୟୟ ଆସିଛି ; ଯଥା - ମୃତ୍ୟୁ > ମଡା > ମଲା । କ୍ତ - ପ୍ରତ୍ୟୟ କର୍ତ୍ତୃ ଏବଂ ଭାବବାଚ୍ୟରେ ମଧ୍ୟ ହୋଇଥାଏ ; ଏଠାରେ ତାଙ୍କର ମତରେ କର୍ମବାଚ୍ୟରେ ହୋଇଛି । ତାଙ୍କ ମତରେ ହାଡେରି ମାଳି କର୍ମ ୧ମା ବିଭକ୍ତି । 'ମୋଏ' କର୍ତ୍ତା ୩ୟା ବିଭକ୍ତି (ସଂ.ମୟା > ମୋଏ) ; କିନ୍ତୁ ଇ-ପ୍ରତ୍ୟୟ ସର୍ବଦା ଉତ୍ତମ ପୁରୁଷର ଚିହ୍ନ ; କଦାପି ପ୍ରଥମ ପୁରୁଷର ନୁହେଁ । ଏହା କର୍ତ୍ତୃବାଚ୍ୟର ପ୍ରୟୋଗ ; କଦାପି କର୍ମଣି ବାଚ୍ୟରେ ନୁହେଁ । କର୍ମଣୀ ବାଚ୍ୟ ହୋଇଥିଲେ ପ୍ରଥମ ପୁରୁଷର ହୋଇଥାନ୍ତା । ଅତଏବ ଏ ସମ୍ପର୍କୀୟ ସୁନୀତବାବୁଙ୍କର ମତ ଠିକ୍ ନୁହେଁ । ଓଡ଼ିଆରେ ସମସ୍ତ ପ୍ରତ୍ୟୟ ଷଷ୍ଠୀ ବିଭକ୍ତ୍ୟନ୍ତ ସର୍ବନାମ ପଦରେ ଥିବା କଥା କୁହାଯାଇଛି । ଷଷ୍ଠୀ ବିଭକ୍ତ୍ୟନ୍ତ 'ମୋ' ରେ ପ୍ରଥମା ବିଭକ୍ତିର ଚିହ୍ନ 'ଏ' ମିଶି 'ମୋଏ' ହୋଇଛି (ଏହାର ଲଘୁରୂପ 'ମୁଇଁ') । ଅତଏବ 'ମୋଏ' ସଂ, ମୟାର ନଆସି ସ୍ୱାଭାବିକ ଓଡ଼ିଆ ରୀତିରେ ଗଠିତ ହୋଇଛି । 'ଏ' ହୋଉଛି । ମାଗାଧୀ ପ୍ରାକୃତର ଚିହ୍ନ । ସୁନୀତି ବାବୁଙ୍କ ମତରେ ମାଳୀ ସ୍ତ୍ରୀଲିଙ୍ଗାନ୍ତ ; ତେଣୁ ତାହାର ବିଶେଷଣ ରୂପେ 'ଘେନିଲି' ର ଇକାର ହୋତୁ ଏହା

ମଧ୍ୟ ସ୍ତ୍ରୀଲିଙ୍ଗ ; କିନ୍ତୁ ଏହା ଯେ । ଏକାନ୍ତ ଅଯୌକ୍ତିକ, ଏକଥା ପ୍ରମାଣର ଅପେକ୍ଷା ରଖେ ନାହିଁ । (୫) ଓଡ଼ିଆ କର୍ମକାରକ ୨ୟା ବିଭକ୍ତିରେ 'କୁ' ପ୍ରତ୍ୟୟ କରି ପ୍ରତ୍ୟୟ ବିଶେଷ । (୬) ଏଥିରେ ବ୍ୟବହୃତ କ୍ରିୟାପଦ - ଥାଆନ୍ତା, ଖାଆନ୍ତେ, ଅଛନ୍ତେ, ଖାଇ, ପୁହାଇ କିମ୍ବା ସର୍ବନାମ - 'ମୋହର' 'ତୋହାର' ତୁ ଆଦିର ପ୍ରୟୋଗ ପ୍ରାଚୀନ ଓଡ଼ିଆ ଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଓଡ଼ିଆରେ ବହୁ ପ୍ରଚଳିତ । (୭) ବୌଦ୍ଧ ଗାନ ଓ ଦୋହା କବିତାର ଭାଷାରେ ପ୍ରାଚୀନ ଓଡ଼ିଆରେ ପ୍ରାୟତଃ ବ୍ୟବହୃତ ଉଆସ, ବାହାର, କୁଡିଆ, ସାଙ୍ଗ, ବାପୁଡି, ନଣନ୍ଦ, ଜୁଆ, ଦାନ, କେରୁଆଳି, ମାଙ୍ଗ, ବେନି, ପାଡିଲା, ହୋଇଲା ଆଦି ଶବ୍ଦ ଦେଖିବାକୁ ମିଳେ । ଏହା ବ୍ୟତୀତ ପିଢ, ଇଆରି (ଏହାର ?), ପହିଲେଁ, ଭଲ, ଉଛୁର, ବୁଝସି ଆଗେ, ଠାଣା (ଠଣା), ଗାଜଇ (ରହସ୍ୟ ମଞ୍ଜରୀ- ଗାଜେ), ଏଥୁ, ଅଲୋ (ଆଲୋ), ହାଉଁ (ହୋଉଁ) (ମାଦଲା) (ମାଦଳା, ମାଦଲ), ଉଛୁନିଆ, ବିବାହିଆ , (ବିବାହ ହୋଇ), ପୁହାଅ (ପୁହାଏ < ସଂ. ପ୍ରଭାତ), ରଭୋ (ସଂ. ରନ୍ତ, ରତା – ମତ୍ସ୍ୟବିଶେଷ), ଖଣହ (ସଂ. କ୍ଷଣକ), ମୋହର, ଜୋବଣ (ଯୌନ. ପ୍ରା, ଜୋବ୍ବଣ ), ଭଇଲେସି (ହେଇଲେସି), ଅମିୟ (ସଂ. ଅମୃତ), ପରହିଣ (ପହରିଣ) ଇତ୍ୟାଦି ଶବ୍ଦ ମଧ୍ୟ ପ୍ରାଚୀନ ଓଡ଼ିଆ ସହ ବୌଦ୍ଧଗାନ ଓ ଦୋହର ନିକଟ – ସମ୍ପର୍କର ସୂଚନା ଦିଏ । (୮) ବୌଦ୍ଧଗାନ ଓ ଦୋହାରେ କେବଳ ମାଗଧୀ ନୁହେଁ, ଶୌରସେନୀ ଅପଭ୍ରଂଶର ମଧ୍ୟ ଯଥେଷ୍ଟ ପ୍ରଭାବ ଦେଖିବାକୁ ମିଳେ : (କ) ଶୌରସେନୀ ଅପଭ୍ରଂଶର past pal ରେ ଦେଖିବାକୁ ମିଳୁଥିବା ଇଉ, ଉ ଚର୍ଯ୍ୟାର କି ଉ, ଆହାରି ଉ, ବାହିଉ ଇତ୍ୟାଦିରେ ଉପଲକ୍ଷ୍ୟ ; (ଖ) ଚର୍ଯ୍ୟାରେ ମିଳୁଥିବା ସର୍ବନାମଯୋ, ସୋ, କୋ, ଜସୁ, ତସୁ, ସହିତ ଯଥାକ୍ରମେ ଓଡ଼ିଆ ଯେ, ସେ, କେ, ଯାହା, ତାହା ତୁଳନୀୟ ; ଗ) ଚର୍ଯ୍ୟାରେ ମିଳୁଥିବା କ୍ରିୟା–ବିଶେଷଣ (adverb )ଜିମ , ତିମ, (ଶୌରସେନୀ ସ୍ୱଭାବ ଲକ୍ଷ୍ୟ) ସହ ଓଡ଼ିଆ ଯେପରି, ସେପରି ତୁଳନୀୟ । ଆଉ ଅଧିକ ଉଦାହରଣ ନ ଦେଇ ଏତିକି କହିଲେ ପର୍ଯ୍ୟାପ୍ତ ହେବ ଯେ, ୮ମରୁ ୧୨ଶ ଶତକ ମଧ୍ୟରେ ଲିଖିତ ଏଇ ବିଭିନ୍ନ ବୌଦ୍ଧଗାନଗୁଡ଼ିକରେ ପ୍ରାଚୀନ ଓଡ଼ିଆର ରୂପ ବାରିହୋଇ ଦିଶୁଛି । ସେତେବେଳର ଓଡ଼ିଶାରେ ଦ୍ରାବିଡ଼ ଭାଷା ବ୍ୟବହାର ମତକୁ ଖଣ୍ଡନ କରିବା ଦିଗରେଏହା ଏକ ବିଳିଷ୍ଟ ପ୍ରମାଣ ।

ଏପର୍ଯ୍ୟନ୍ତ ମିଳିଥିବା ପ୍ରଚୀନତମ ଓଡ଼ିଆ ଶିଳାଲେଖ 'ଉରଜମ ଶିଳାଲେଖ' ୧୦୫୧ ଖ୍ରୀଷ୍ଟାବ୍ଦର ବୋଲି ତିହିଁରେ ଉଲେଲ୍ଲଖ କରାଯାଇଥିବା ତାରିଖର ଆଧାର ଉପରେ ନିର୍ଦ୍ଦିଷ୍ଟ ଭାବରେ ପ୍ରମାଣ କରାଯାଇଛି । (ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ ଅଧାପକ କୁଞ୍ଜବିହାରୀ ତ୍ରିପାଠୀଙ୍କ 'ଭାଷା ଓ ଲିପିର କ୍ରମ ପରିଣାମ' ଗ୍ରନ୍ଥ ଦ୍ରଷ୍ଟବ୍ୟ) । ଏହା ପୂର୍ବରୁ ଶିଳାଲେଖରେ ନିର୍ଦ୍ଦିଷ୍ଟ ଭାବର ଓଡ଼ିଆ ଭାଷାର ପ୍ରୟୋଗ ହୋଇଥିବା କଥା ଖୋଜି ବସିଲେ ଧର୍ମରାଜ ଦେବଙ୍କର 'ନିବିନ ତାମ୍ରଶାସନ (Nivina copper plate grant) ଆଖିରେ ପଡେ । ଏହି ତାମ୍ରଶାସନଟି ଗଞ୍ଜାମ ଜିଲ୍ଲାର କୋଦଳା ତାଲୁକାର ନିବିନା ଗ୍ରାମରୁ ମିଳିଛି । ଡକ୍ଟର ଏନ. ପି. ଚକ୍ରବର୍ତ୍ତୀ 'ଏପିଗ୍ରାଫିକା ଇଣ୍ଡିକା' ରେ ଏହାର ସଂପାଦନା କରିଛନ୍ତି । ଏହି ତାମ୍ରଶାସନରେ ଶେଷଚାରି ଧାଡି (୪୩-୪୬ ଧାଡିରେ ) ଗ୍ରାମର ଯେଉଁ ଚଉହଦି ଦିଆଯାଇଛି, ତାହା ଓଡ଼ିଆରେ ଲେଖା । ଚକ୍ରବର୍ତ୍ତୀ ମହାଶୟ ଅନୁମାନ କରିଛନ୍ତି ଯେ, ଏହି ଚାରିଧାଡିରେ ସମ୍ଭବତଃ ଓଡ଼ିଆ ଓ ତେଲୁଗ ଶବ୍ଦ ମିଶିଅଛି ; କିନ୍ତୁ ପରେ ଅଧାପକ କୁଞ୍ଜବିହାରୀ ତ୍ରିପାଠୀ ତାଙ୍କ ଗ୍ରନ୍ଥ (ଉପରସୂଚିତ ) ରେ (୩୮୩ପୃଷ୍ଠାର ପାଦଟିକା ଦ୍ରଷ୍ଟବ୍ୟ) ଉଲ୍ଲେଖ କରିଛନ୍ତି ଯେ, ସେ ଏଥିରେ ଗୋଟିଏ ସୁଦ୍ଧା ତେଲୁଗୁ ଶବ୍ଦ ପାଇ ନାହାନ୍ତି । ଏହି ତାମ୍ରଶାସନଟିର ସମୟ ଖ୍ରୀଷ୍ଟାବ୍ଦ ୭୧୫

ବୋଲି ନିର୍ଦ୍ଦିଷ୍ଟ ଭାବେ ଜଣାଯାଉଛି । ଶୈଳୋଦ୍ଭବରାଜତ୍ୱ କାଳରେ ଦାନ ଶାସନପଟାରେ ସଂସ୍କୃତ ସଙ୍ଗେ ମିଶି ଓଡ଼ିଆ ଭାଷାର ଏଇ ଯେଉଁ ପ୍ରୟୋଗ, ତାହା ସୁନୀତି ବାବୁଙ୍କର ଆଶ୍ଚର୍ଯ୍ୟ ତତ୍ତ୍ୱକୁ ଯେ ପ୍ରାମାଣିକ ଭାବରେ ଖଣ୍ଡନ କରୁଛି, କହିବା ନିଷ୍ପ୍ରୟୋଜନ ।

ଏହା ବ୍ୟତୀତ ଆଉ ଗୋଟିଏ ଦିଗପ୍ରତି ଏଠାର ସମାନ୍ୟ ଇଙ୍ଗିତ ଦିଆଯାଇପାରେ । ସାରଳା ମହାଭାରତରେ "ପ୍ରଣମିତେ ଖଟଇ- ରାଜା" "ଉଦ୍ଧୃତିକୁ ଧରି ଏହାର ରଚନାକାଳ ୧୫ଶ ଶତକ ବୋଲି ଧରାଯାଇଛି । ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ପରି ପ୍ରବୀଣ ଐତିହାସିକ ମଧ୍ୟ ମହାଭାରତ ପୁରାଣରୁ ସେ କାଳର ଇତିହାସ ଘଟଣା ମାନଙ୍କର ଉଦାହରଣ ବାହାର କରୁଛନ୍ତି । ମାତ୍ର ଭାଷା ଦୃଷ୍ଟିରୁ ଯେ ଏହାର ଆଲୋଚନା ଏକାନ୍ତ ଆବଶ୍ୟକ, ଏକଥା ପ୍ରତି ଅଧିକାଂଶ ଅଲୋଚକ ଆଖି ବୁଜିଦେଲା ପରି ମନେହୁଏ । କେତେକ ପୋଥିରେ 'ବୀଜ' ସ୍ଥାନରେ 'ଣିଆ'ର ବ୍ୟବହାର ଓ ଚର୍ଯ୍ୟାର ଭାଷା ସହ ଏହା ଭାଷାର ଆଶ୍ଚର୍ଯ୍ୟଜନକ ସାମ୍ୟ ଏବଂ ଅନ୍ୟ ଦିଗରେ ୧୫ଶ ଶତାବ୍ଦୀ ମତବାଦୀ ମାନଙ୍କର ଯୁକ୍ତି ଦେଖିଲେ ଭାଷାତ୍ତ୍ୱିକ ଆଲୋଚନର ଆବଶ୍ୟକତାର ଗୁରୁତ୍ୱ ଅଧିକ ଅନୁଭୂତ ହୁଏ । ସଂସ୍କୃତରେ 'ଜୟ' କାବ୍ୟ ବଢି ବଢି ସେ ମହାଭାରତ ହେଲାପରି, ଓଡ଼ିଶାର ଜାତୀୟ ମହାକାବ୍ୟ 'ସାରଳା ମହାଭାରତ'ର ଅପୋକ୍ଷାକୃତ ପ୍ରାଚୀନ (ଏକ କ୍ଷୁଦ୍ରକାୟ ?) ମୂଳରଚନାରୁ ସାମ୍ଭାବ୍ୟ ବିକାଶ ମଧ୍ୟ ଆଲୋଚନା କରି ଦେଖିବାର ଅଛି । ଧ୍ୱନି ପରିବର୍ତ୍ତନର ଆପେକ୍ଷିକ ସମୟ ନିର୍ଦ୍ଧାରଣ କରି ସେହି ଭିତରୁ ତାରିଖ ପାଇ ମିଳୁଥିବା ସମୟର ପ୍ରାଚୀନତା ନିର୍ଦ୍ଧାରଣ କରି ତାହାର ଆଲୋଚନା ଯଥାର୍ଥ ବୈଜ୍ଞାନିକ ଭିତ୍ତିରେ କଲେ, ବର୍ତ୍ତମାନ ଭାଷାଗତ ଆଲୋଚନାରେ ଥିବା ଅନେକ ସମସ୍ୟାର ସାମଧାନ ହେବ, ସନ୍ଦେହ ନାହିଁ ।

ଏଇ ସବୁ ପ୍ରଶ୍ନର ସମାଧାନକୁ ଟିକିଏ ଅଡେଇ ଦେଇ ବର୍ତ୍ତମାନ ସୁନୀତି ବାବୁଙ୍କ ମତର ପରୀକ୍ଷା କରାଯାଉ । ସୁନୀତି ବାବୁ ହୁଏନସାଂଙ୍କୁ ପ୍ରଧାନ ଅବଲମ୍ବନ ଭାବରେ ଗ୍ରହଣ କରିଛନ୍ତି । ସେ କହନ୍ତି, "ଚୀନ ପରି ବ୍ରାଜକ ହୁଏନସାଂ ୭ମ ଶତକର ପ୍ରାରମ୍ଭରେ ଭାରତ - ଭ୍ରମଣରେ ଆସି ବଙ୍ଗ ଦେଶଟି ମଧ୍ୟ ବୁଲିଥିଲେ। ସେ ଦେଶର ସଭ୍ୟତା ବିଦ୍ୟା ଓ ଭାଷା ସମ୍ବନ୍ଧରେ ଯାହା କହିଯାଇଛନ୍ତି, ସେଥିରୁ ମନେହୁଏ, ସାରା ବଙ୍ଗଳା ଦେଶଟା ମୋଟାମୋଟି ଆର୍ଯ୍ୟଭାଷା ହୋଇ ଯାଇଥିଲା ଓ ସଂସ୍କୃତ ବା ଅନ୍ୟ ବିଦ୍ୟାର ଆଲୋଚନା ବ୍ରାହ୍ମଣ୍ୟ, ଜୈନ ଓ ବୌଦ୍ଧଧର୍ମର ସଂଗେ ସଂଗେ ଦେଶମୟ ବିସ୍ତୃତ ହୋଇପଡିଥିଲା ; କିନ୍ତୁ ସେତେବେଳେ ଓଡିଶା ଆର୍ଯ୍ୟଭାଷା ହୋଇ ନାହିଁ ।" ହୁଏନସାଂ ସଷ୍ଟ କହିଯାଇଛନ୍ତି ଯେ, "ଓଡିଶା ଅଞ୍ଚଳରେ ଉଡ୍ର ଓ ଅନ୍ୟାନ୍ୟ ଜାତିୟ ଅନାର୍ଯ୍ୟ ଭାଷା କହୁଥିଲେ ।" (ବଙ୍ଗଳା – ଭାଷାତତ୍ତ୍ୱର ଭୂମିକା, ପୃ ୩୩) । ପ୍ରଥମେ ହୁଏନସାଂଙ୍କ ମତ ଦେଖାଯାଉ । ହୁଏନସାଂଙ୍କ ସମ୍ବନ୍ଧରେ ୨ଟି ପ୍ରାମାଣିକ ବହି ବିଲ ଓ ପୋଟର୍ସ୍ କରିଛନ୍ତି । ଏ ଉଭୟ ମଧ୍ୟରେ ୨ୟ ବହିଟି ଅଧିକ ନିର୍ଭରଯୋଗ୍ୟ ବୋଲି ପଣ୍ଡିତମାନେ ସ୍ୱୀକାର କରନ୍ତି । ଏ ଗ୍ରନ୍ଥଗୁଡିକ ଉପରେ ନିର୍ଭର କରି ହୁଏନସାଂଙ୍କ ମତ ଉଦ୍ଧାର କରିଦେଲେ ସୁନୀତି ବାବୁଙ୍କର ବକ୍ତବ୍ୟର ବଳିଷ୍ଠତା ବା ଦୁର୍ବଳତା ପ୍ରମାଣିତ ହେବ। ଉଡ୍ରର ଭାଷା ସମ୍ବନ୍ଧରେ ହୁଏନସାଂ କହନ୍ତି ଯେ, ସେମାନେ କଥା ଓ ଚଳଣି (Speech and manner ) ରେ ମଧ୍ୟ ଦେଶ (Mid- India) ଲୋକଙ୍କଠାରୁ ପୃଥକ ଥିଲେ । ଏଇ କଥାକୁ ବିଲ ଅନୁବାଦ କରିଛନ୍ତି ଯେ, ସେମାନଙ୍କର ଶବ୍ଦ ଓ ଭାଷା (ଉଚ୍ଚାରଣ) ମଧ୍ୟ - ଦେଶ ଲୋକଙ୍କ ଠାରୁ ପୃଥକ୍ ଥିଲା । କଙ୍ଗୋଦ ସମ୍ବନ୍ଧରେ ହୁଏନସାଂ କହନ୍ତି, "ସେମାନଙ୍କ ଲିଖିତ ଭାଷା ଭାରତର ଭାଷା ସହ ସମାନ ଥିଲା ; ମାତ୍ର ତାଙ୍କର କଥା କହିବାର

ଢଙ୍ଗ ପୃଥକ ଥିଲା ।” କଳିଙ୍ଗର ଲୋକମାନଙ୍କ ସମ୍ବନ୍ଧରେ ସେ କହନ୍ତି, ‘ସେମାନେ ଖୁବ୍ ଶୀଘ୍ର ଏବ ସ୍ପଷ୍ଟ ଭାବରେ କଥାଭାଷା କରୁଥିଲେ । ସେମାନେ କହିବା ଭଙ୍ଗୀ ଏବଂ ଚଳଣିରେ ମଧ୍ୟ – ଦେଶ ଲୋକମାନଙ୍କଠାରୁ ପୃଥକ ଥିଲେ ।” ଏହି ମତରୁ କୌଣସିଠାରୁ ଜଣାଯାଉନାହିଁ ଯେ, ସେତେବେଳେ ଓଡ଼ିଆମାନେ ଅନାର୍ଯ୍ୟ ଥିଲେ ବା ଅନାର୍ଯ୍ୟଭାଷା ବ୍ୟବହାର କରୁଥିଲେ ; ବରଂ କଙ୍ଗୋଦ ସମ୍ପର୍କରେ ହୁଏନସାଂ ଯେଉଁ ଅଭିମତ ପ୍ରକାଶ କରିଛନ୍ତି, ସେଥିରୁ କୁହାଯାଇପାରେ, ଓଡ଼ିଶାରେ ତ ଆର୍ଯ୍ୟଭାଷାର ଚଳଣି ଥିଲା ; ଉଚ୍ଚାରଣ ଢଙ୍ଗର ପାର୍ଥକ୍ୟରୁ ଜଣାଯାଏ ଯେ ଓଡ଼ିଆ ଭାଷାର ସୃଷ୍ଟି ଦିଗରେ ସେତେବେଳକୁ କ୍ଷୀଣ ହେଲେହେଁ - ପ୍ରଚେଷ୍ଟା ଆରମ୍ଭ ହୋଇଥିଲା । ପୁଣି ହୁଏନ୍‌ସାଂଙ୍କ ବିବରଣ ଐତିହାସିକ ଉପାଦାନ ହେଲେ ହେଁ, କେବଳ ଏହାରି ଭିତ୍ତି ଉପରେ କୌଣସି ପ୍ରକାର ସିଦ୍ଧାନ୍ତ କରିବା ବଡ ପ୍ରମାଦ ପୂର୍ଣ୍ଣ । ନିଜେ ୱାଟରସ୍ ଆଲୋଚନା ପ୍ରସଂଗରେ କହିଛନ୍ତି, “ହୁଏନସାଂ ଅନୁସଂଧାନ କରିବା ବିଷୟରେ ଯେତିକି ଅସାବଧାନ ଥିଲେ, ତାଙ୍କ ବିବରଣୀ ସେତିକି ଅସନ୍ତୋଷଜନକ ହୋଇଛି । ଯାହା ଲେଖିବା ଉଚିତ ଥିଲା ସେପରି ଅନେକ ବିଷୟରେ ସେ ବାଦ୍ ଦେଇଛନ୍ତି ।

ସୁନୀତି ବାବୁଙ୍କର ମତ କେବଳ ଦୁର୍ବଳ ଭିତ୍ତି ଉପରେ ପ୍ରତିଷ୍ଠିତ ନୁହେଁ , ଏଥିରେ କେତେକ ବିଚାର-ବିଭ୍ରାଟ ମଧ୍ୟ ରହିଛି । ହୁଏନ୍‌ସାଂ କାମରୂପର ଭାଷାକୁ ମଧ୍ୟଦେଶର ଭାଷାଠାରୁ ସାମାନ୍ୟ ପୃଥକ ବୋଲି କହିଛନ୍ତି, ମାତ୍ର ଏହି ସ୍ଥଳରେ ସୁନୀତି ବାବୁ ଆର୍ଯ୍ୟଭାଷାର ରୂପାନ୍ତର ବୋଲି କହିଲା ବେଳେ ଓଡ୍ର ଓ କଳିଙ୍ଗ ଅଂଚଳର ଭାଷା ସମ୍ବନ୍ଧରେ ଏକା ବର୍ଣ୍ଣନା ଥାଇ ମଧ୍ୟ ବିନା କାରଣରେ ଅନାର୍ଯ୍ୟ ଦ୍ରାବିଡ଼ ଭାଷା ବୋଲି କହିଛନ୍ତି । ପୁଣି ହୁଏନସାଂ ପୂର୍ଣ୍ଣବର୍ଦ୍ଧନ ଓ କର୍ଣ୍ଣସୁର୍ବଣ୍ଣର ଭାଷା ସମ୍ବନ୍ଧରେ ନୀରବ ଥିଲେ ମଧ୍ୟ ଏବଂ ବଙ୍ଗଳା ସମ୍ବନ୍ଧରେ ନିର୍ଦ୍ଦିଷ୍ଟ ଭାବରେ କିଛି କହିବାପାଇଁ ଗୁପ୍ତ ଯୁଗ ପୂର୍ବରୁ କୌଣସି ନିର୍ଭର ଯୋଗ୍ୟ ତଥ୍ୟ ମିଳୁ ନଥିଲେହେଁ, କାଳିଦାସ ଓ ଭାସଙ୍କ କୃତି ଏବଂ ଜୈନଉପାଙ୍ଗମାନଙ୍କର ବଙ୍ଗଳା ସମ୍ବନ୍ଧୀୟ ଉଲ୍ଲେଖ ଉପରେ ନିର୍ଭର କିର ସେଠାରେ ଖ୍ରୀଷ୍ଟ ୩୦୦ ଶତକ ବେଳକୁ ଆର୍ଯ୍ୟବସତି ହୋଇଥିଲା ବୋଲି ସୁନୀତି ବାବୁ ମତ ପ୍ରକାଶ କରିଛନ୍ତି । ଏହିପରି ମତ ପ୍ରକାଶ କଲାବେଳେ ବ୍ରାହ୍ମଣ୍ୟ ସାହିତ୍ୟରେ ଓଡ଼ିଶା ଓ ସେଠାର ଲୋକମାନଙ୍କର ଉଲ୍ଲେଖ ଏବଂ ହୁଏନସାଂ ଙ୍କ ଦ୍ୱାରା ଓଡିଶାରେ ବୌଦ୍ଧଧର୍ମ ଓ ଜୈନଧର୍ମର ବିଚାରର ଉଲ୍ଲେଖକୁ ସେ ଏକାବେଳେକେ ନଜର ଦେଇ ନାହାନ୍ତି ।

‘କଳିଙ୍ଗ’ ଶବ୍ଦଟି ହେଉଛି ଅଷ୍ଟ୍ରେଲଏଡ ଏବଂ ଏ ଦେଶରେ ଆର୍ଯ୍ୟବସତି ପୂର୍ବରୁ କେହି କେହି ପଣ୍ଡିତ ଅଷ୍ଟ୍ରେଏସିଆଟିକ୍ ପ୍ରଭାବ ମଧ୍ୟ ସ୍ୱୀକର କରିଛନ୍ତି । ଏ ଦେଶରେ ଆର୍ଯ୍ୟବସତିର ଇତିହାସ ଅତ୍ୟନ୍ତ ଚିତ୍ତାକର୍ଷକ । ପୁରାଣ ମାନଙ୍କରେ କଳିଙ୍ଗର ଉଚ୍ଚ ପ୍ରଶଂସା କରାଯାଇଛି । ମହାଭାରତର ଅଷ୍ଟମ ପର୍ବରେ କଳିଙ୍ଗ ସମ୍ବନ୍ଧରେ ଦୁଇଟି ପରସ୍ପର ବିରୋଧୀ ବିବରଣ ଦେଖିବାକୁ ମିଳେ । ମହାଭାରତ ର ୪୪ଅଧ୍ୟାୟ ୨୦୬୬ ଶ୍ଲୋକରେ କଳିଙ୍ଗଙ୍କୁ ଖରାପଧର୍ମ (ଦୁର୍ଧର୍ମ) ପାଳନ କରୁଥିବା କାରସ୍କର, ମାହିଷକ, କେରଳ, କର୍ଣ୍ଣେଟକ, କେରକ ଆଦି ଦେଶ ସହ ସମପର୍ଯ୍ୟାୟଭୁକ୍ତ କରି ବର୍ଣ୍ଣନା କରାଯାଇଛି ; ମାତ୍ର ୪୫ ଅଧ୍ୟାୟ ୨୦୮୪ ଶ୍ଳୋକରେ ଶାଶ୍ୱତଧର୍ମୀ (ଧର୍ମଂ ଜାନନ୍ତି ଶାଶ୍ୱତମ୍) କୁରୁ, ପାଞ୍ଚାଳ, ଶାଲ୍ୱ, ମତ୍ସ୍ୟ, ନୈମିଷ ଆଦି ପ୍ରସିଦ୍ଧ ବ୍ରାହ୍ମଣ୍ୟ ଦେଶମାନଙ୍କ ସହ ଏହାକୁ ବର୍ଣ୍ଣନା କରାଯାଇଛି । ଏହି କଥାକୁ ବିଚାର କରି ପ୍ରସିଦ୍ଧ ଫରାସୀ ପଣ୍ଡିତ ଲେଭି କହନ୍ତି ଯେ, ଦୃଷ୍ଟି କୋଣର ଏହି ପରିବର୍ତ୍ତନ ବଙ୍ଗୋପସାଗରରେ ଭାରତୀୟ ସଭ୍ୟତାର ପ୍ରାକ୍‌କାଳରୁ କଳିଙ୍ଗର ପ୍ରାଧାନ୍ୟ

ହେତୁ ହିଁ ଘଟିଛି । (Pre-Aryan and Pre-Dravdian in India Svain Levi jean Pryzluski and Jules Block)। ଡଃ ପ୍ରବୋଧ ଚନ୍ଦ୍ର ବାଗଚୀଙ୍କ ଦ୍ୱାରା ଅନୁଦିତ ଓ କଲିକତା ବିଶ୍ୱ ବିଦ୍ୟାଳୟ ପ୍ରକାଶିତ କଳିଙ୍ଗର ପ୍ରାଧାନ୍ୟ ସଂପର୍କରେ ଏଠାରେ ଗୋଟିଏ ଦୁଇଟି କଥା କହିଲେ ଯଥେଷ୍ଟ ହେବ । ପ୍ଲିନି ଏବଂ ଟଲେମି ଅନେକ ସ୍ଥାନରେ କଳିଙ୍ଗର ନାମଲ୍ଲେଖ କରିଛନ୍ତି । ମାଳୟରେ ଥିବା ସବୁ ଭାରତୀୟ ଯେ ସାଧାରଣ ଭାବରେ 'କ୍ଲିଙ୍ଗ' ନାମରେ ସେଠରେ ପରିଚିତ, ଏଇଥିରୁ ଦକ୍ଷିଣ ପୂର୍ବ ଏସିଆରେ କଳିଙ୍ଗମାନଙ୍କର ଦରିଆପାରି ସଂସ୍କୃତି - ପ୍ରତିଷ୍ଠାର ସୂଚନା ମିଳେ । ଓଡିଶାରେ ବୌଦ୍ଧ ଓ ଜୈନ ସଂସ୍କୃତିର ପ୍ରାଚୀନତା ଏବଂ ସ୍ୱୀକୃତି କଥା ନିଜେ ଡଃ ଚାଟାର୍ଜୀ ସ୍ୱୀକାର କରିଛନ୍ତି ଯେ, ଖ୍ରୀ ୬୮୯ରେ କଙ୍ଗୋଦର ଗୋଟିଏ ରାଜବଂଶ ସଂସ୍କୃତ ଲେଖ ବ୍ୟବହାର କରିଛନ୍ତି । (ମାଧବ ବର୍ମାଙ୍କ ତାମ୍ରଶାସନ) । ହୁଏନସାଂଙ୍କ ପୂର୍ବର ଅନ୍ୟାନ୍ୟ ତଥ୍ୟ ମଧ୍ୟରେ ଧର୍ମରାଜଙ୍କର ସୁମଣ୍ଡଳ ତାମ୍ର ଶାସନ (୫୬୯ ଖ୍ରୀ) ଏବଂ ପୁରୀ ଲେଖ (୫୯୦ଖ୍ରୀ)ର ନାମ କୁହାଯାଇ ପାରେ। ଏସବୁ ସ୍ଥଳେ ସୁନୀତି ବାବୁଙ୍କ ଯୁକ୍ତିର ସାରବତ୍ତା କିପରି ବା ପ୍ରତିଷ୍ଠା କରାଯାଇପାରିବ ?

## ୨.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**(୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ।**

(କ) ଓଡ୍ରମାଗଧୀର ଉଲ୍ଲେଖ କେଉଁ ଗ୍ରନ୍ଥରେ ରହିଛି ?

(ଖ) ହୁଏନ୍‌ସାଂ କେଉଁ କେଉଁ ଦେଶ ଭ୍ରମଣ କରିଥିଲେ ?

(ଗ) ଅଶୋକଙ୍କ ଶିଳାଲେଖ ଓଡିଶାର କେଉଁ ସ୍ଥାନରେ ଅଛି ?

(ଘ) ପାଲି ଭାଷାର ଜନ୍ମସ୍ଥାନ କେଉଁଠି ?

(ଙ) ପ୍ରକୃତ ଭାଷା କହିଲେ କେଉଁ ଭାଷାକୁ ବୁଝାଏ ?

(ଚ) ସାରଳାଙ୍କ ମହାଭାରତରେ ଓଡ଼ିଆଭାଷାର କେଉଁ ରୂପ ମଳିଥାଏ ?

**(୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ।**

(କ) ଓଡ଼ିଆ ଭାଷାର ବିକାଶକ୍ରମ ଦର୍ଶାଅ।

(ଖ) ଓଡ଼ିଆ ଭାଷ ସହ ପାଲି ଭାଷାର ସଂପର୍କ କିପରି ରହିଛି ଆଲୋଚନା କର।

(ଗ) ପ୍ରାକୃତ ଓ ଅପଭ୍ରଂଶ ଭାଷାର ସ୍ୱରୂପ ନିର୍ଣ୍ଣୟ କର।

(ଘ) ଶିଳାଲେଖରେ ଓଡ଼ିଆଭାଷା କିପରି ଉର୍କ୍ରୀର୍ଣ୍ଣ ଆଲୋଚନା କର।

(ଙ) ବୌଦ୍ଧଗାନ ଓ ଦୋହାର ଭାଷାକୁ କାହିଁକି ଓଡ଼ିଆ ଭାଷା କୁହାଯିବ, କାରଣ ଦର୍ଶାଅ ।

## ୨.୬ ସହାୟକ ଗ୍ରନ୍ଥସୂଚୀ


- ଓଡିଶାର ଭାଷା ସମୂହ, ଖଣ୍ଡ -୨୨, ଭାଗ-୩, ମୁଖ୍ୟ ସଂପାଦକ – ଗଣେଶ ଦେବୀ, ଓରିଏଣ୍ଟ ବ୍ଲାକସ୍ୱାନ।
- ଓଡ଼ିଆ ଭାଷା ଓ ଭାଷା ବିଜ୍ଞାନ, ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକ, ଗ୍ରନ୍ଥ ମନ୍ଦିର, କଟକ-୨, ୨୦୦୭।
- ଓଡ଼ିଆ ଭାଷାର ଉତ୍ପତ୍ତି ଓ କ୍ରମବିକାଶ, ଡଃ ବଂଶୀଧର ମହାନ୍ତି, ଫେଣ୍ଡସ ପବ୍ଲିଶର୍ସ, କଟକ-୨ ।

# ତୃତୀୟ ଏକକ
# ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା

## ବିଷୟ ଗଠନ

୩.୧ ପଠନର ଉଦ୍ଦେଶ୍ୟ
୩.୨ ଶିକ୍ଷଣୀୟ ବିଷୟ
୩.୩ ବିଷୟ ପ୍ରବେଶ
୩.୪ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା
୩.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ
୩.୬ ସହାୟକ ଗ୍ରନ୍ଥସୂଚୀ

## ୩.୧ ପଠନର ଉଦ୍ଦେଶ୍ୟ

ଭାରତ ସରକାର ଭାରତରେ ବ୍ୟବହୃତ ତଥା ଭାରତର ଅଷ୍ଟମ ସୂଚୀ ଅନ୍ତର୍ଗତ ଭାଷା ମଧ୍ୟରୁ ପ୍ରାଚୀନ ଭାଷା ଗୁଡ଼ିକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ପ୍ରଦାନ କରିବା ନିମନ୍ତେ ଏକ ବିଧେୟକ ପ୍ରଣୀତ କରିଛନ୍ତି। ଭାଷାଟିଏ ଶାସ୍ତ୍ରୀୟ ମାନ୍ୟତା ପାଇବାକୁ ହେଲେ, ଏହି ବିଧେୟକରେ ଉଲ୍ଲିଖିତ ଥିବା ଚାରିଗୋଟି ମାପଖଣ୍ଡକୁ ସଫଳତାର ସହ ପୁରଣ କରୁଥିବା ଉଚିତ। ଓଡ଼ିଆ ଭାଷା ଏହି ଚାରୋଟି ମାପଖଣ୍ଡକୁ ସଫଳତାର ସହ ପୁରଣ କରିଥିବାରୁ, ଭାରତ ସରକାର ଓଡ଼ିଆ ଭାଷାକୁ ତା ୧୧.୩.୨୦୧୪ ରିଖ ଦିନ ଶାସ୍ତ୍ରୀୟ ଭାଷାର ମାନ୍ୟତା ପ୍ରଦାନ କରିଛନ୍ତି। ବିଦ୍ୟାର୍ଥୀଙ୍କୁ ଏ ସମ୍ପର୍କରେ ଏହି ଏକକରେ ସବିଶେଷ ତଥ୍ୟ ପ୍ରଦାନ କରାଯାଇଛି। ଏହା ଅଧ୍ୟୟନ ଦ୍ୱାରା ଓଡ଼ିଆ ଭାଷା କେଉଁ କେଉଁ କାରଣରୁ ପୂର୍ବଭାରତୀୟ ଭାଷା ସମୂହରୁ ଏକମାତ୍ର ଭାଷା ଭାବରେ ଶାସ୍ତ୍ରୀୟ ମାନ୍ୟତା ପାଇବାକୁ ଯୋଗ୍ୟ ବିବେଚିତ ହେଲା, ସେ ସଂପର୍କରେ ଜାଣିପାରିବେ।

## ୩.୨ ଶିକ୍ଷଣୀୟ ବିଷୟ

ଏହି ଏକକରେ ବିଦ୍ୟାର୍ଥୀମାନେ ନିମ୍ନଲିଖିତ ପ୍ରସଙ୍ଗ ଗୁଡ଼ିକ ଜାଣିପାରିବେ:

- ଶାସ୍ତ୍ରୀୟ ମାନ୍ୟତା ନିମିତ୍ତ ଭାଷାର ଆବଶ୍ୟକ ଗୁଣସମୂହ
- ଓଡ଼ିଆ ଭାଷାର ଐତିହ୍ୟ ଓ ପୁରାତତ୍ତ୍ୱ
- ଓଡ଼ିଆ ସାହିତ୍ୟର କ୍ରମବିକାଶର ଧାରା
- ଓଡ଼ିଆ ଅଭିଲେଖ ସାହିତ୍ୟ
- ଓଡ଼ିଆ ପୋଥି ସାହିତ୍ୟ
- ଓଡ଼ିଆ ଲିପି

## ୩.୩ ବିଷୟ ପ୍ରବେଶ

ଭାରତ ସରକାରଙ୍କ ଦ୍ୱାରା ଓଡ଼ିଆ ଶାସ୍ତ୍ରୀୟ ମାନ୍ୟତା ପାଇବା, ଓଡ଼ିଶାର ଇତିହାସରେ ଏକ ଯୁଗାନ୍ତକାରୀ ଘଟଣା । ଭାରତୀୟ ଆର୍ଯ୍ୟଭାଷା ପରିବାର ତଥା ପୂର୍ବ ଭାରତୀୟ ଭାଷା ସମୂହ ମଧ୍ୟରୁ ଓଡ଼ିଆ ଭାଷା ଏକମାତ୍ର ଭାଷା ଯିଏ ଏହି ବିରଳ ସମ୍ମାନ ପ୍ରାପ୍ତ ହୋଇଛି । ଓଡ଼ିଆ ଭାଷା , ଲିପି ଓ ସାହିତ୍ୟର ପ୍ରାଚୀନ ପରଂପରା ଏବଂ ଅବିଚ୍ଛିନ୍ନ ଇତିହାସ, ଓଡ଼ିଆ ଭାଷାକୁ ଏହି ମର୍ଯ୍ୟାଦା ପ୍ରଦାନରେ ସହାୟକ ହୋଇଛି । ଏକ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ନିମିତ୍ତ ଭାରତ ସରକାରଙ୍କ ଦ୍ୱାରା ଚାରୋଟି ଗୁଣ ସଂପର୍କରେ ଉଲ୍ଲେଖ ରହିଛି । ଓଡ଼ିଆ ଭାଷା ଏହି ଚାରୋଟି ଗୁଣକୁ ପୂରଣ କରିପାରିଥିବାରୁ, ଓଡ଼ିଆ ଭାଷାକୁ ଭାରତ ସରକାର ଶାସ୍ତ୍ରୀୟ ଭାଷା ଭାବରେ ମାନ୍ୟତା ପ୍ରଦାନ କରିଛନ୍ତି । ଏହି ଏକକରେ ସେହି ଗୁଣାବଳୀକୁ ଓଡ଼ିଆ ଭାଷା କିପରି ଭାବରେ ପୂରଣ କରିପାରିଛି ସେ ସଂପର୍କରେ ବିଦ୍ୟାର୍ଥୀମାନଙ୍କୁ ଏକ ଧାରଣା ପ୍ରଦାନ କରାଯାଇଛି ।

## ୩.୪ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା

ପୂର୍ବରୁ ସୂଚୀତ କରାଯାଇଛି ଯେ ଭାରତ ସରକାର ତାମିଲ ଭାଷାକୁ ୨୦୦୪, ସଂସ୍କୃତକୁ ୨୦୦୫, କନ୍ନଡ଼କୁ ୨୦୦୮, ତେଲୁଗୁକୁ ୨୦୦୮, ମାଲାୟାଲମକୁ ୨୦୧୩ ଏବଂ ଓଡ଼ିଆ ଭାଷାକୁ ତା ୧୧.୦୩. ୨୦୧୪ ରିଖ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରିଛନ୍ତି । ଭାରତୀୟ ଆର୍ଯ୍ୟ ଭାଷା ପରିବାରର ଏକମାତ୍ର ଭାଷା ଓଡ଼ିଆ ଯାହା ଭାରତ ସରକାରଙ୍କ ଦ୍ୱାରା ଶାସ୍ତ୍ରୀୟ ମାନ୍ୟତା ପାଇପାରିଛି । ଓଡ଼ିଶା ପ୍ରଦେଶ ବ୍ୟତୀତ ପଶ୍ଚିମବଙ୍ଗ, ଝାରଖଣ୍ଡ, ଛତିଶଗଡ଼, ଆନ୍ଧ୍ର ପ୍ରଦେଶ, ତେଲେଙ୍ଗନା, ମହାରାଷ୍ଟ୍ର, ତଥା ଭାରତର ବିଭିନ୍ନ ପ୍ରଦେଶ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଓଡ଼ିଆ ଭାଷାଭାଷୀ ଲୋକ ବସବାସ କରିଥିବା ଜଣାଯାଇଥାଏ । ବିଶାଖାପାଟଣା, ହାଇଦ୍ରାବାଦ, ପଣ୍ଡିଚେରୀ, ବେଙ୍ଗାଲୁରୁ, ଚେନ୍ନାଇ, ମୁମ୍ବାଇ, ରାଇପୁର, ଜାମଶେଦପୁର, ଖଡ଼ଗପୁର, କୋଲକାତା, ଗୁଆହାଟୀ, ଶିଲଂ, ପୁନେ, ବରୋଦା, ସୁରତ, ଅହମ୍ମଦାବାଦ ଏବଂ ନୂଆଦିଲ୍ଲୀ ଆଦି ଭାରତୀୟ ସହର ଗୁଡ଼ିକରେ ଅଧିକ ସଂଖ୍ୟକ ଓଡ଼ିଆ ଭାଷୀ ବସବାସ କରନ୍ତି ।

ଭାରତ ସରକାରଙ୍କ ଦ୍ୱାରା ତା ୧୧..୦୩.୨୦୧୪ ତାରିଖ ଦିନ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରାଯାଇଥିବାରୁ ସେହି ଦିନକୁ 'ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ' ରୂପେ ପାଳନ କରାଯାଇଥାଏ । ୧୯୩୬ ମସିହା ଅପ୍ରେଲ ୧ ତାରିଖରେ ଓଡ଼ିଶା ଭାଷା ଭିତ୍ତିରେ ଏକ ପ୍ରଦେଶ ଭାବରେ ତଦାନୀନ୍ତନ ବ୍ରିଟିଶ ସରକାରଙ୍କ ନିକଟରୁ ଅନୁମୋଦନ ଲାଭ କରିଥିଲା । ସ୍ୱତନ୍ତ୍ର ପ୍ରଦେଶ ମାନ୍ୟତା ମୁଖ୍ୟତଃ ଓଡ଼ିଆ ଭାଷୀ ଅଞ୍ଚଳକୁ ନେଇ ଓଡ଼ିଶା ପାଇଥିଲା । ଜନଗଣନା ଆଧାରରେ ଓଡ଼ିଆ ଭାଷୀ ଅଞ୍ଚଳକୁ ନେଇ ଓଡ଼ିଶାର ସୀମା ନିର୍ଦ୍ଧାରିତ ହୋଇଥିଲା । କିନ୍ତୁ ବହୁ ଓଡ଼ିଆ ଭାଷି ଅଞ୍ଚଳ ଛତିଶଗଡ଼, ମଧ୍ୟପ୍ରଦେଶ, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶରେ ରହିଗଲା । ଓଡ଼ିଆ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇବା ଦ୍ୱାରା ଓଡ଼ିଆ ଭାଷାର ଐତିହ୍ୟ ଓ ପରଂପରା ପୁନଃ ପ୍ରତିଷ୍ଠିତ ହେଲା । ସମଗ୍ର ଭାରତବର୍ଷରେ ଛଅଟି ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରାଯାଇଥିବା ସମୟରେ ଓଡ଼ିଆ ଭାଷା ଏହାମଧ୍ୟରୁ ଅନ୍ୟତମ ।

ଭାରତ ସରକାର ଭାଷାର ଯେଉଁ ଚାରେଟି ବିଶିଷ୍ଟ ଗୁଣକୁ ଆଧାର କରି ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରନ୍ତି, ସେଗୁଡ଼ିକ ହେଲା :

(କ) ଭାଷାଟିର ୧୫୦୦ ରୁ ୨୦୦୦ ବର୍ଷର ଲିଖିତ ଇତିହାସ ରହିଥିବ (High antiquity of its early texts/ recorded history over a period of 1500-2000 years;)

(ଖ) ଭାଷାଟିର ମହତ୍ତ୍ୱପୂର୍ଣ୍ଣ ପ୍ରାଚୀନ ରଚନା ସମ୍ଭାର ଥିବ ଯାହା ପିଢ଼ୀ ପରେ ପିଢ଼ୀ ଲମ୍ବି ଆସିଥିବା ଭାଷିକ ପରଂପରାକୁ ପ୍ରମାଣିତ କରୁଥିବ

(A body of ancient literature/ texts, which is considered a valaublе heritage by generations of speakers;)

(ଗ) ଏହି ଭାଷାର ସାହିତ୍ୟ ମୌଳିକ ପରଂପରା ସୃଷ୍ଟ ହୋଇଥିବ । ଏହା ଅନ୍ୟ କୌଣସି ଭାଷାର ଆଧାରରେ ସୃଷ୍ଟି ହୋଇନଥିବ ।

(The Literary tradition be original and not borrowed from other speech Community)

(ଘ) ଏହି ଭାଷାର ଆଧୁନିକ ସାହିତ୍ୟର ରୂପ ଏହାର ଶାସ୍ତ୍ରୀୟ ରୂପ ଓ ସାହିତ୍ୟ ଠାରୁ ଅଲଗା ଥିବ ଏବଂ ଏହି ଭାଷିକ ଓ ସାହିତ୍ୟ ପରଂପରା ପ୍ରାଚୀନ ପରଂପରାରୁ ବିଚ୍ଛିନ୍ନ ମଧ୍ୟ ହୋଇଥାଇପାରେ ।

(The classical language and literature being distinct from modern, there may also be a discoutinuity between the classical language and its later forms or its offshoots.)

ଉପରୋକ୍ତ ଆଧାରରେ ଭାରତ ସରକାରଙ୍କ ନିକଟରେ ଓଡ଼ିଆ ଭାଷାର ଐତିହ୍ୟ ଓ ପୁରାତତ୍ତ୍ୱର ପ୍ରାମାଣିକ ତଥ୍ୟ ଉପସ୍ଥାପନ କରାଯାଇଥିଲା । ଏହି ଋରୋଟି ମାନକୁ ଓଡ଼ିଆ ଭାଷା ପୁରଣ କରିପାରିଥିବାରୁ, ଓଡ଼ିଆ ଭାଷାକୁ ଭାରତ ସରକାର ଶାସ୍ତ୍ରୀୟ ଭାଷାର ମାନ୍ୟତା ପ୍ରଦାନ କରିଛନ୍ତି । ନିମ୍ନରେ ଓଡ଼ିଆ ଭାଷା ଓ ସାହିତ୍ୟର ସେହି ଗୁଣବତ୍ତାକୁ ଆଲୋଚନା କରିବା ।

### (କ) ଭାଷାଟିର ୧୫୦୦ ରୁ ୨୦୦୦ ବର୍ଷର ଲିଖିତ ଇତିହାସ ରହିଥିବ

ଓଡ଼ିଶାରେ ଲିଖିତ ପରଂପରାର ପ୍ରାଚୀନ ଇତିହାସର ପ୍ରମାଣ ସ୍ୱରୂପ ପ୍ରଥମେ ଧଉଳି ଓ ଜଉଗଡ଼ ଶିଳାଲେଖରୁ ଆରମ୍ଭ କରି ବୌଦ୍ଧଗାନ ଓ ଦୋହା ପର୍ଯ୍ୟନ୍ତ ରହିଥିବା ଲିଖନ ପରଂପରା ସଂପର୍କରେ ଉଲ୍ଲେଖ କରାଯାଇଛି ।

(୧) ଅଶୋକଙ୍କ ଶିଳାଲେଖ (ଖ୍ରୀଷ୍ଟ ପୂର୍ବ ଚତୁର୍ଥ ଶତାବ୍ଦୀ)

ଜଉଗଡ଼ ଶିଳାଲେଖରୁ ନିମ୍ନ ପ୍ରକାର ପାଠୋଦ୍ଧାର କରାଯାଇଛି : "ଦେବାନଂ ପିୟେ ହେବଂ ହ ସମାପୟଂ ମହାମତା ଲଜ ବାଚନିକ ବତବିୟ ଅମ୍ କିଛି ଦଖାମି ହକଂ ତାମିଛ ମି ହକଂ (କି) ତି କମନ"

ଏହି ଶିଳେଲେଖରେ ଉପଲବ୍ଧ ଓଡ଼ିଆ ଶବ୍ଦ : ଦେଖାମି, ମଣିଷ, ଆଠ, ରାଜିନ, ବାହ୍ମନ, ସିନେହ, ସହସ, ମିତ, ଆଜ, ଏଇ, ଓଷଧ, କିଛି, ତିନି, ପଛ, ପଣତି (ପଣନାତି, ଇତ୍ୟାଦି)।

(୨) ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖ (ଖ୍ରୀଷ୍ଟ ପୂର୍ବ ଦ୍ୱିତୀୟ ଶତାବ୍ଦୀ) "ଐରେଣ ମହାରାଜେନ ମହାମେଘବାହନେନ ଚେତରାଜ ବସ ବଧନେନ ପସଥ ସୁଭଲଖଲେନ ଚତୁରଂତଲୁମହାନ ଗୁଣ ଉପନେତ କଳିଙ୍ଗାଧିପତିନା ସିରି ଖାରବେଳନ"

ଏହି ଶିଳାଲେଖରେ ଉପଲବ୍ଧ ଓଡ଼ିଆ ଶବ୍ଦ: ଲୁଠିତ, ସିରି, ପନ୍ଦରସ, ଲେଖ - ରୂପ - ଗଣନା - ବ୍ୟବହାର, ସବ, ଜୋବରାଜଂ, ପୁରିସ, ଜୁଗେ, ମହାରାଜା, ପଧମେବାତ, ଜିହଦ, ଗୋପୁର, ପକାର, ସିତଳ, ଦୁତିୟେ, ପଛିମ, ଦିସଂ, ବହୁଳଂ, ଦଂଡ଼ଂ, ପଠା, ତତିୟ ଇତ୍ୟାଦି।

(୩) ଉଦୟଗିରି ଓ ଖଣ୍ଡଗିରି ଗୁମ୍ଫା ଅଭିଲେଖ

"ଐରସ ମହାରାଜାସ କଳିଙ୍ଗାଧିପତିନୋ ମହାମେଘବାହନସ କୁଦେ ପରିସାନୋଲେନ...."

ଏହି ଶିଳାଲେଖର ସମସ୍ତ ଶବ୍ଦ ଗୁଡ଼ିକ ଓଡ଼ିଆ ଶବ୍ଦ।

(୪) ମହାରାଜା ଗଣଭଦ୍ର ଭଦ୍ରକାଳୀ ଶିଳାଲେଖ (ତୃତୀୟ ଶତାବ୍ଦୀ) "ସିଧମ ମହାରାଜ ସିରି ଗଣ ଉଡସ ମୁଳଜପେ ଦେବ ୩ ଜଣ (ଆ) ଧବନ ୮୦ ମହାକୁଳପତି ଅଚଚ ଅଗିସେମନଙ୍କ ପାଣିଦେବ"

(୫) ସୀତାବିଂଝି ଶିଳାଲେଖ (ଚତୁର୍ଥ ଶତାବ୍ଦୀ)

"ପୁରୁଧସକମ ଛି ଚ ମରୁତ"

(ସମସ୍ତ ଶବ୍ଦ ଓଡ଼ିଆ)

(୬) ରାବଣଛାୟା ଶିଳାଲେଖ (ପଞ୍ଚମ ଶତାବ୍ଦୀ)

"ମହାରାଜ ସିରି ଦିଶାଭଂଜ"

(ଏଗୁଡ଼ିକ ଓଡ଼ିଆ ଶବ୍ଦ)

(୭) ରାଜ୍ୟ ସଂଗ୍ରାହଳୟ ସଂହ ଶିଳାଲେଖ (ଷଷ୍ଠ ଶତାବ୍ଦୀ)

"ସିରି ସିଂହଜନ୍ଧ"

(ସମସ୍ତ ଶବ୍ଦ ଓଡ଼ିଆ)

(୮) ଧର୍ମରାଜ - "ଦ୍ୱିତୀୟ ଶୈଳେବୀ ରାଜା ନିବିନା ତାମ୍ରଶାସନ (ଅଷ୍ଟମ ଶତାବ୍ଦୀ) ପଛିମ ଦିଶେହି ତ୍ରିକୁଟ ଜୋଡତପାଦାଦି ବନରାଇ ବାଳିକା ବନକସିଧ ବନରାଇ ଇତର ଦିଶାହି ତ୍ରିକୁଟ। ପାଣିସାଖ ତ୍ରିମାଣି ବଧିବାନି..... ପୁବ ଦିଶାହି ଖୋଳଦ"

ଏଥିରେ ଥିବା ଓଡ଼ିଆ ଶବ୍ଦ ଗୁଡ଼ିକ ହେଉଛି :

ପଛିମ (ପଶ୍ଚିମ), ପୁବ (ପୂର୍ବ), ଜୋଡ଼ - ଯୋଡ଼, ବନରାଇ - ବନରାଜି ଇତ୍ୟାଦି।

(୯) ସୋରୋ ଗଣ୍ଡିବେଢ଼ ଜୈନ ଶିଳାଲେଖ (ଏକାଦଶ ଶତାବ୍ଦୀ)

"ଦେବ କହି ଭଗତି କରୁଣ। ଅଛନ୍ତି ଭୋ କୁମାରସେଣ।"

ଏଥିରେ ଥିବା ସମସ୍ତ ଶବ୍ଦ ଓଡ଼ିଆ।

(୧୦) ଉରଜାମ ଶିଳାଲେଖ (ଏକାଦଶ ଶତାବ୍ଦୀ) "ସ୍ୱସ୍ତି ସମରମୁ ଖାନେକରି ପଦର୍ଷପ ମର୍ଦନ ଭୁଜବଳ ପରାକ୍ରମ ଗଙ୍ଗାନ୍ୱାୟନବଲମ୍ବନ ସ୍ତମ୍ଭ ସିରିମଦ ଅନନ୍ତ ବର୍ମଦେବ ବିଜୟରାଜ୍ୟ ସମ୍ୱସ୍ୱର ୧୬ ତୁଳାମାସ ଶୁକ୍ଳପକ୍ଷ ଦିନ ପଞ୍ଚମୀ...."

ଏହି ଶିଳାଲେଖରେ ବ୍ୟବହୃତ ସମସ୍ତ ଶବ୍ଦ ଓଡ଼ିଆ।

(୧୧) ରାଜାରାଜଦେବ ଲିଙ୍ଗରାଜ ମନ୍ଦିର ଶିଳାଲେଖ (ଦ୍ୱାଦଶ ଶତାବ୍ଦୀ) "ସ୍ୱସ୍ତି ଶକ ୧୦୯୪ ଶ୍ରୀମଦ୍ରାଜରାଜ ଦେବର ପ୍ରବଧମାନ ବିଜୟରାଜ୍ୟ ସମ୍ୱତ ୪ ଧନୁ କୃଷ୍ଣ ୯ ସୋମବାରେ ଶ୍ରୀ ଉତରେଶ୍ୱର ଦେବର କ୍ଷେତ୍ର ତପୋବନ ସ୍ଥାନେ ଦୀପଦିନା ... ତପୋଧନ ସାଇକାରାଧା (କ) ରାଜଗୁରୁ... ଅରୋପଡ଼ା ଗ୍ରାମୀୟ ସାଧୁ ପ୍ରଜାନାୟକ...."

ଏହି ଶିଳାଲେଖର ସମସ୍ତ ଶବ୍ଦ ଓଡ଼ିଆ।

(୧୨) ନୃସିଂହନାଥ ମନ୍ଦିର ଶିଳାଲେଖ (ଚତୁର୍ଦ୍ଦଶ ଶତାବ୍ଦୀ) ଓଁ ନମଃ ଶ୍ରୀ ନୃସିଂହ.... ସ୍ୱସ୍ତି ଶ୍ରୀ ଉନାସି ନମ ସମ୍ୱସ୍ଥରେ ଚୈତ୍ର ପୂର୍ଣ୍ଣିମା ଶୁକ୍ଳ ପକ୍ଷେ ହସ୍ତା ନକ୍ଷତ୍ରେ .... ଦେବଳାଦେବରାଜ ନସିଂହ ତିର୍ଥେ ଗନ୍ଧମାର୍ଦ୍ଧନ ପର୍ବତେ ବିରାଜ ନରସିଂହ ନାଥ ସ୍ୱାମୀଙ୍କ ଶ୍ରୀଦେଉଳ ତୋଳାଇଲା....."

ଏହି ଶିଳାଲେଖର ସମସ୍ତ ଶବ୍ଦ ଓଡ଼ିଆ

(୧୩) କପିଳେନ୍ଦ୍ର ଦେବଙ୍କ ଜୟବିଜୟ ଶିଳାଲେଖ। ପଞ୍ଚାଦଶ ଶତାବ୍ଦୀ ".... ମୁଦଲେ ଶ୍ରୀପୁରୁସୋତମଦେବଙ୍କ ଦେଉଳଦ୍ୱାରେ ଲେଖନ କରିବା ଆମ୍ଭର ଓଡ଼ିଶା ରାଜ୍ୟର ଲୋଣକଉଡ଼ି ସୁଳକ ନ୍ୟାର୍ଯ୍ୟ ଛାଡ଼ିଲି ଛାଡ଼ିଲି ଛାଡ଼ିଲି ଏହା ରାଜା ହୋଇ ଯେ ଲଙ୍ଘଇ ସେ ଜଗନ୍ନାଥ ଦେବଙ୍କୁ ଦ୍ରୋହ କରଇ।"

ଏହି ଶିଳାଲେଖର ସମସ୍ତ ଶବ୍ଦ ଓଡ଼ିଆ।

(୧୪) ରାଜା ପ୍ରତାପରୁଦ୍ର ଦେବ ଜଗନ୍ନାଥ ମନ୍ଦିର ଶିଳାଲେଖ (ଶୋଡ଼ଷ "... ବୁଧବାରେ ଅବଧାରିତ ଆଇଙ୍ଗା ପ୍ରମାଣେ ବଡ଼ ଶତାବ୍ଦୀ) ଠାକୁରଙ୍କ ଗୀତଗୋବିନ୍ଦ ଠାକୁର ଭୋଗବେଳେ ଏ ନାଟ ହୋଇବ ସଂଜଧୂପ ସରିଲାଠାରୁ ବଡ଼ସିଂହାର ପରିଯନ୍ତେ ଏ ନାଟ ହୋଇବ...."

ଏହି ଶିଳାଲେଖର ସମସ୍ତ ଶବ୍ଦ ଓଡ଼ିଆ।

ଏଠାରେ ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରୁ ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶାରେ ବିଭିନ୍ନ ସମୟରେ ଯେଉଁ ଲିଖନ ପରଂପରା ରହିଥିଲା ଏବଂ ସେହି ଲିଖନ ପରଂପରାରେ ଓଡ଼ିଆ ଭାଷା ଓ ସଂସ୍କୃତିର ଚିହ୍ନ କିପରି ରହିଛି, ସେ ସଂପର୍କରେ ଉଲ୍ଲେଖ କରାଯାଇ ଓଡ଼ିଆ ଏକ ପ୍ରାଚୀନ ଭାଷା ହୋଇଥିବାରୁ ଏହା ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇବା ନିମିତ୍ତ ଯୋଗ୍ୟ ବୋଲି ଯୁକ୍ତି ଉପସ୍ଥାପନ କରାଯାଇଥିଲା।

**(ଖ) ଭାଷାଟିର ମହତ୍ତ୍ୱପୂର୍ଣ୍ଣ ପ୍ରାଚୀନ ରଚନା ସଂଭାର ଥିବ ଯାହା ପିଢ଼ୀ ପରେ ପିଢ଼ୀ ଲମ୍ବି ଆସିଥିବା ଭାଷିକ ପରଂପରାକୁ ପ୍ରମାଣିତ କରୁଥିବ।**

ଶିଳାଲେଖ ଓ ତାମ୍ରଶାସନ ମାଧ୍ୟମରେ ଓଡ଼ିଆ ଭାଷାର ପ୍ରାଚୀନତାକୁ ପ୍ରମାଣ କରାଯାଇଥିବା ସମୟରେ ଓଡ଼ିଆ ସାହିତ୍ୟର ଲିଖନ ପରଂପରାର ପ୍ରାଚୀନତାକୁ ପ୍ରମାଣ କରିବାକୁ ବୌଦ୍ଧଗାନ ଓ ଦୋହା, ନାଥ ସାହିତ୍ୟ ତଥା ଅନ୍ୟାନ୍ୟ ରଚନାବଳୀକୁ ପ୍ରମାଣିକ ଦଲୀଲ ଭାବରେ ଉପସ୍ଥାପନ କରାଯାଇଛି। ଏହାସହ ବିଭିନ୍ନ ପ୍ରାଚୀନ ଗ୍ରନ୍ଥରେ ଓଡ଼ିଶାର ଯେଉଁ ସବୁ ଉଲ୍ଲେଖ ରହିଛି, ତାହାକୁ ମଧ୍ୟ ଦର୍ଶାଯାଇ ଓଡ଼ିଶାର ଲିଖନ ପରଂପରାର ଗତିଶୀଳତାକୁ ପ୍ରମାଣ କରାଯାଇଛି। ଏଣୁ ଏଠାରେ ସେ ସଂପର୍କରେ ଆଲୋଚନା କରାଯାଉଛି।

ଓଡ଼ିଶାର ବିଭିନ୍ନ ନାମ ପ୍ରାଚୀନ କାଳରେ ଦେଖିବାକୁ ମିଳେ। ପ୍ରାଚୀନ ଓଡ଼ିଶାର ବିଭିନ୍ନ ନାମ ବିଭିନ୍ନ ଶାସ୍ତ୍ର ଓ ପୁରାଣରେ ମଧ୍ୟ ଉଲ୍ଲେଖ ରହିଛି। ଭରତଙ୍କ "ନାଟ୍ୟଶାସ୍ତ୍ର" (ଖ୍ରୀ.ପୂ. ଚତୁର୍ଥ ଶତାବ୍ଦୀ) ଏବଂ ପାଣିନୀଙ୍କ "ଅଷ୍ଟାଧ୍ୟାୟୀ" ଗ୍ରନ୍ଥରେ ଓଡ଼ିଶାର ଉଲ୍ଲେଖ ରହିଛି। ଭରତ ତାଙ୍କ ନାଟ୍ୟଶାସ୍ତ୍ରରେ ଲେଖିଛନ୍ତି :

"ଶବରାଭୀରଚଣ୍ଡାଳ ସବରଦ୍ରାବିଡ୍ରୋଡ୍ରଜାଃ
ହୀନ ବନେଚରେଣାଂଚ ବିଭାଷା ନାଟକ ସ୍ମୃତା।"

ଏଠାରେ "ଉଡ୍ରଜା" ଶବ୍ଦଟି ଓଡ଼ିଶାକୁ ନିର୍ଦ୍ଦେଶ କରିଥାଏ। ସେହିପରି ପାଣିନୀ ତାଙ୍କ ଅଷ୍ଟାଧ୍ୟାୟୀ ଗ୍ରନ୍ଥରେ କଳିଙ୍ଗ ଶବ୍ଦର ବ୍ୟବହାର କରିଥିବା ଦେଖାଯାଏ। ("ଦ୍ୱ୍ୟଞ୍ ମଗଧ - କଳିଙ୍ଗ - ସୁରମସାଦଣ୍") ଏହାବ୍ୟତୀତ ରାମାୟଣ, ମହାଭାରତ, ପୁରାଣ, ବୌଦ୍ଧ ଓ ଜୈନ ଗ୍ରନ୍ଥ ଗୁଡ଼ିକରେ ମଧ୍ୟ କଳିଙ୍ଗର ଉଲ୍ଲେଖ ଥିବା ଦେଖାଯାଇଥାଏ। "ଉଡ୍ର" ଶବ୍ଦଟି ମହାଭାରତ, ସ୍କନ୍ଧପୁରାଣ, ନାଟ୍ୟଶାସ୍ତ୍ର ଆଦି ପୁରାଣ ଓ ଗ୍ରନ୍ଥରେ ବ୍ୟବହୃତ ହେବା ଦେଖାଯାଏ। ମହାଭାରତର ସଭାପର୍ବରେ କଳିଙ୍ଗ ରାଜ୍ୟ ସଂପର୍କରେ ଉଲ୍ଲେଖ କରାଯାଇ ଲେଖାଅଛି:

"ପାଣ୍ଡ୍ୟଂଶ୍ଚ ଦ୍ରାବିଡ଼ା ଶୈବ ସଂହିତାଂ ଶ୍ଚୋଡ୍ର କେରଳୌ
ଅନ୍ଧ୍ରାଂ ସ୍ତାଳବନାଂ ଶ୍ଚୈବ କଳିଙ୍ଗାନୁଷ୍ଟକର୍ଣ୍ଣିକାନ୍"

ରାମାୟଣର କିସ୍କିନ୍ଧାକାଣ୍ଡରେ କଳିଙ୍ଗ ଶବ୍ଦର ବ୍ୟବହାର ଦେଖିବାକୁ ମିଳିଥାଏ।

ଯଥା - "ତଥା ମସ୍ୟାଃ କଳିଙ୍ଗାଶ୍ଚ କୌଶିକାଶ୍ଚ ସମନ୍ତତଃ, ଖସ୍ୱୀକ୍ଷ ଦଣ୍ଡକାରଣ୍ୟଂ ସପର୍ବତ ନଦୀଗୁହାଂ"

ବୌଦ୍ଧ ଧର୍ମଗ୍ରନ୍ଥ "ଅଙ୍ଗୁତ୍ତର ନିକାୟ" ଗ୍ରନ୍ଥରେ ଓଡ଼ିଶାର ଦୁଇ ବଣିକ ଭାଇ ତପସୁ ଓ ଭଲ୍ଲିକ ବୁଦ୍ଧଙ୍କ ପ୍ରଥମ ଶିଷ୍ୟ ଭାବରେ ବର୍ଣ୍ଣନା କରାଯାଇଛି । ଏହି ଦୁଇ ଭାଇ ବୁଦ୍ଧଙ୍କ ଶିଷ୍ୟ ଭାବରେ ତାଙ୍କର କେଶକୁ ସ୍ମାରକୀ ରୂପେ ଆଣିଥିଲେ । ପରବର୍ତ୍ତୀ ସମୟରେ ବୁଦ୍ଧଙ୍କ ନଖ ଓ ଦନ୍ତ ମଧ୍ୟ ଓଡ଼ିଶାକୁ ଆସିଥିବା ଜଣାଯାଇଥାଏ । ସେହିପରି ମହାଯାନ ଧର୍ମଗ୍ରନ୍ଥ "ଅଷ୍ଟ ସହସ୍ରିକ" ପୁସ୍ତକଟି ଓଡ଼ିଶାରେ ରଚିତ ହୋଇଥିବା ଜଣାଯାଇଥାଏ । ତୃତୀୟ ଶତାବ୍ଦୀର କଳିଙ୍ଗ ନରପତି ଗୁହଶିବ ବୌଦ୍ଧଧର୍ମରେ ଦୀକ୍ଷିତ ଥିଲେ । "ପାଗ୍ ସାମ୍ ଜାନ୍ ଜାଙ୍ଗ" ଗ୍ରନ୍ଥ ଅନୁସାରେ ତାନ୍ତ୍ରିକ ବୌଦ୍ଧଧର୍ମ ପ୍ରଥମେ ଉଡ୍ଡୀୟାନ ପୀଠରେ ସୃଷ୍ଟି ହୋଇଥିଲା । ସେତେବେଳେ ଉଡ୍ର ଦୁଇଟି ରାଜ୍ୟରେ ବିଭକ୍ତ ଥିଲା, ଗୋଟିଏ ସମ୍ବଲ ଏବଂ ଅନ୍ୟଟି ଲଙ୍କାପୁରୀ । ପରବର୍ତ୍ତୀ ସମୟରେ ସମ୍ବଲ ସମ୍ବଲପୁର ଓ ଲଙ୍କାପୁରୀ ସୁବର୍ଣ୍ଣପୁର ବା ସୋନପୁର ନାମରେ ନାମିତ ହୋଇଛି । ସମ୍ବଲପୁରର ରାଜା ଇନ୍ଦ୍ରଭୂତି ବଜ୍ରଯାନର ପ୍ରତିଷ୍ଠା କରିଥିଲେ, ଇନ୍ଦ୍ରଭୂତିଙ୍କ ଭଉଣୀ ଲକ୍ଷ୍ମୀଙ୍କରା ଯିଏ ସୁବର୍ଣ୍ଣପୁରରୁ ରାଜକୁମାର ଜଳେନ୍ଦ୍ରଙ୍କୁ ବିବାହ କରିଥିଲେ, ସେ ସହଜଯାନ ପ୍ରତିଷ୍ଠା କରିଥିଲେ । ରାହୁଳ ସାଂସ୍କୃତାୟନଙ୍କ ମତରେ ଶରହପାଦ ଥିଲେ ସିଦ୍ଧାଚାର୍ଯ୍ୟମାନଙ୍କ ମଧ୍ୟରେ ସର୍ବପ୍ରାଚୀନ । ନାଳନ୍ଦା ବିଶ୍ୱବିଦ୍ୟାଳୟର ବୌଦ୍ଧଗୁରୁ ଶାନ୍ତାରକ୍ଷିତଙ୍କ ଶିଷ୍ୟ ହରିଭଦ୍ରଙ୍କ ଶିଷ୍ୟ ଥିଲେ ଶରହପାଦ । ସପ୍ତମ ଅଷ୍ଟମ ଶତାବ୍ଦୀ ବେଳକୁ ସମଗ୍ର ଓଡ଼ିଶାରେ ତନ୍ତ୍ର ବୌଦ୍ଧଧର୍ମୀମାନଙ୍କ ପ୍ରଭାବ ଦେଖିବାକୁ ମିଳିଥିଲା । ଏହି ନୂତନ ତନ୍ତ୍ର ସଂପ୍ରଦାୟୀମାନେ ମନ୍ତ୍ର, ମୁଦ୍ରା ଓ ମଣ୍ଡଳକୁ ପ୍ରାଧାନ୍ୟ ଦେଇଥିଲେ । ଏହି ସିଦ୍ଧ ସାଧକମାନେ ପ୍ରାଚୀନ ସାଧନା ପ୍ରଣାଳୀରେ ବିଶ୍ୱାସ ରଖୁଥିଲେ ଏବଂ ମହିଳାମାନଙ୍କୁ ସାଧନା ସଙ୍ଗିନୀ ଭାବରେ ଗ୍ରହଣ କରିଥିଲେ । ଜାତିପ୍ରଥାକୁ ଏମାନେ ଗ୍ରହଣ କରୁନଥିଲେ । ପରବର୍ତ୍ତୀ ସମୟରେ ନାଥ ସଂପ୍ରଦାୟ ସହଜ ଧର୍ମକୁ ଗ୍ରହଣ କରିନେଇଥିଲା । ସହଜ, ସ୍ୱେଚ୍ଛାଚାର, ସାମ ଓ ସସର୍ଷ - ଏହି ଚାରୋଟି ଶବ୍ଦକୁ ନାଥସଂପ୍ରଦାୟ ଗୁରୁତ୍ୱ ପ୍ରଦାନ କରୁଥିଲା । ନାଥ ସଂପ୍ରଦାୟର ବିଶିଷ୍ଟ ଗୁରୁ ମହେନ୍ଦ୍ରନାଥ ମନୁଷ୍ୟ ସ୍ୱାଭାବିକ ପ୍ରବୃତ୍ତି ନେଇ ଜନ୍ମଗ୍ରହଣ କରିଥାଏ ବୋଲି ମତ ଦେଇଥାନ୍ତି । ତାଙ୍କ ମତରେ ସହଜ ହେଉଛି ସ୍ୱାଭାବିକ (Natural) । ବୃକ୍ଷଟିଏ ସହଜ ଭାବରେ ବଡ଼ ହୋଇଥାଏ । ଏହାର ସ୍ୱାଭାବିକ ବୃଦ୍ଧି ବିଶ୍ୱର ସ୍ୱାଭାବିକ ନିୟମକୁ ପ୍ରଖ୍ୟାପିତ କରିଥାଏ । କେମିତି ଓ କିପରି ବଡ଼ ହେବ ବା ବୃଦ୍ଧି ଘଟିବାର ଆବଶ୍ୟକତା ଥାଏ, ତାହା କେହିବି କହିପାରିବେ ନାହିଁ । ଏହାର ସ୍ୱଧର୍ମ ନଥାଏ । ଜନ୍ମରୁ ତା ମଧ୍ୟରେ ବଡ଼ ହେବାର ସହଜ ଗୁଣ ରହିଥାଏ । ସହଜ ଏକ ପ୍ରକୃତି ଯାହା ସଂସାରରେ ସ୍ୱାଧୀନତା ଓ ଶାନ୍ତି ପ୍ରଦାନ କରିଥାଏ । ନାଥ ସଂପ୍ରଦାୟମାନେ ଏହା ବିଶ୍ୱାସ କରିଥାନ୍ତି । ଗୋରକ୍ଷନାଥ 'ସିଦ୍ଧସିଦ୍ଧାନ୍ତ ପଦ୍ଧତି' ଗ୍ରନ୍ଥରେ ଲେଖିଛନ୍ତି - "ତତ୍ର ସହଜମିତ ବିଶ୍ୱାତୀତଂ ପରମେଶ୍ୱରଂ

ବିଶ୍ୱରୂପେଣାଜଭାସମାନମିତି ଜ୍ଞାତ୍ୱା ଏକମେବାସ୍ତୀତି
ସ୍ୱଭାବେନ ଯଜ୍ଜ୍ଞାନଂ ତତ୍ ସହଜମିତି ପ୍ରସିଦ୍ଧମ୍ ।"

ମତ୍ସେନ୍ଦ୍ରନାଥ ଓ ଗୋରେକ୍ଷନାଥଙ୍କ ବିଚାରଧାରାରେ ଏକାନ୍ତ ସାମ୍ୟ ପରିଲକ୍ଷିତ ହୋଇଥାଏ ।

ଦଶମ ଶତାବ୍ଦୀ ବେଳକୁ ବଲାଙ୍ଗୀର ଅଞ୍ଚଳର ପାଟଣାଗଡ଼ରେ କାଳଚକ୍ରଯାନ ନାମକ ଏକ ସଂପ୍ରଦାୟ ଜନ୍ମ ନେଇଥିଲା । ବଜ୍ରଯାନରୁ ଏହି ସଂପ୍ରଦାୟ ସୃଷ୍ଟି ହୋଇଥିଲା ଏବଂ ଶରହ, ହାଡ଼ିପା, ଡୋମ୍ବୀ, ହେରୁକା, ତନ୍ତିଣା ଏବଂ ଲୁଇପାଦ ଆଦି ଯୋଗୀ ଏହି ସଂପ୍ରଦାୟରେ ଥିଲେ । ପାଟଣାକୁ ମଧ୍ୟ କୁଆଁରୀ ପାଟଣା କୁହାଯାଉଥିଲା ।

ଏହି କୁଆଁରୀ ପାଟଣାରେ ସାତ ଭଉଣୀ ତନ୍ତ୍ରଯାନୀ ଯୋଗିନୀ ସାଧନା କରୁଥିଲେ। ସେମାନେ ହେଉଛନ୍ତି - ଜ୍ଞାନଦେଇ ମାଲୁଣି, ଲୁହାକୁଟି, ଲହୁରୁଣୀ, ନିତେଇ ଧୋବଣୀ, ଶୁକୁଟି ଚମାରୁଣୀ, ପତ୍ରପିନ୍ଧି ଶଉରୁଣୀ, ଗାଙ୍ଗୀ ଗଉଡୁଣୀ ଓ ଶୁଆ ତେଲୁଣି। ଏମାନେ ସମାଜର ନିମ୍ନ ସ୍ତରରୁ ଆସିଛନ୍ତି ଏବଂ ସମସ୍ତେ ସହଜଯାନୀ ଗୁରୁମା ଲକ୍ଷ୍ମୀଙ୍କରାଙ୍କ ଅନୁଗାମୀ। ତାଙ୍କର ଅଲୌକିକ ଶକ୍ତି ସେମାନଙ୍କୁ ସାମାଜିକ ପ୍ରତିଷ୍ଠା ପ୍ରଦାନ କରିଥିଲା।

ବୌଦ୍ଧଧର୍ମ, ଜୈନଧର୍ମ, ନାଥଧର୍ମ ଓ ଜଗନ୍ନାଥ ସଂସ୍କୃତି ମଧ୍ୟରେ ଏକ ଅପୂର୍ବ ସମନ୍ୱୟ ଦେଖିବାକୁ ମିଳିଥାଏ। ଶ୍ରୀଜଗନ୍ନାଥଙ୍କ ସହ ବୌଦ୍ଧଧର୍ମର ଓ ଜୈନଧର୍ମର ଘନିଷ୍ଠ ସଂପର୍କ ଥିଲା, ପଣ୍ଡିତ ନୀଳକଣ୍ଠ ଦାସଙ୍କ ମତରେ ଜୀବ ଶ୍ରୀଜଗନ୍ନାଥଙ୍କ ସ୍ୱରୂପ, ଏପରିକି ଜଗନ୍ନାଥ ଶବ୍ଦଟି ଜୀବନାଥ ଶବ୍ଦରୁ ଉତ୍ପତ୍ତି ଲାଭ କରିଛି ବୋଲି ସେ ମତ ପ୍ରଦାନ କରିଥାନ୍ତି। ଜୈନମାନଙ୍କ କୈବଲ୍ୟରୁ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ କୈବଲ୍ୟ ନାମର ମଧ୍ୟ ସୃଷ୍ଟି ବୋଲି ସେ ମତ ପ୍ରଦାନ କରିଛନ୍ତି। ଅନେକ ଲେଖକ ଜଗନ୍ନାଥଙ୍କୁ ବୌଦ୍ଧ ଭାବରେ ମଧ୍ୟ ଗ୍ରହଣ କରିଥାନ୍ତି। ବିଶିଷ୍ଟ ଗବେଷକ ୱିଲସନ୍, ଜେମସ୍ ଫର୍ଗୁସନ, କନିଂହାମ୍‌ଙ୍କ ମତରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ମୂର୍ତ୍ତି ବୌଦ୍ଧଧର୍ମର ତ୍ରିରତ୍ନ ବୁଦ୍ଧ, ଧର୍ମ ଏବଂ ସଂଘରୁ ଆସିଥିବା ସଂପର୍କରେ ମତ ପ୍ରଦାନ କରିଥାନ୍ତି। ତାଙ୍କ ମତରେ ବୌଦ୍ଧଧର୍ମର ଧର୍ମଚକ୍ରରୁ ସୁଦର୍ଶନର ସୃଷ୍ଟି। ଜଗନ୍ନାଥଙ୍କ ମୂର୍ତ୍ତି ଭିତରେ ରଖାଯାଉଥିବା ବ୍ରହ୍ମ ବୁଦ୍ଧଦେବଙ୍କ ଦାନ୍ତ ଯାହା କୁଶୀନଗରରୁ ଅଣାଯାଇଛି। ଆଦି ବୁଦ୍ଧଙ୍କୁ ଜଗନ୍ନାଥ କୁହାଯାଉଥିବା ସଂପର୍କରେ ଇନ୍ଦ୍ରଭୂତି ତାଙ୍କ ରଚିତ "ଜ୍ଞାନସିଦ୍ଧି" ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି। ଏହିପରି ଭାବରେ ବିଭିନ୍ନ ଧର୍ମ ସହ ଜଗନ୍ନାଥ ସଂସ୍କୃତିର ଘନିଷ୍ଠ ସଂପର୍କ ରହିଛି, ଯାହା ପ୍ରାଚୀନ ପରଂପରାର ପ୍ରାମାଣିକ ଦଲୀଲ ଭାବରେ ଉପସ୍ଥାପନ କରାଯାଇଛି। ପରବର୍ତ୍ତୀ ସମୟରେ ଶୈବ, ଶାକ୍ତ ଓ ବୈଷ୍ଣବ ଧର୍ମାବଲମ୍ବୀମାନେ ଧର୍ମୀୟ ସାହିତ୍ୟର ପ୍ରସାର କରାଇଛନ୍ତି। ଓଡ଼ିଆ ଭାଷା ଓ ସାହିତ୍ୟ ବିକାଶରେ ଓଡ଼ିଶାରେ ବିଭିନ୍ନ ଧର୍ମୀୟ ଆନ୍ଦୋଳନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସାହିତ୍ୟ ମାଧ୍ୟମରେ ଧର୍ମର ପ୍ରଚାର ଓ ପ୍ରସାର ଦ୍ୱାରା ଓଡ଼ିଆ ସାହିତ୍ୟ ସମୃଦ୍ଧ ହୋଇପାରିଛି। ଏହି ପ୍ରସଙ୍ଗରେ ମହିମା ଧର୍ମ ଓ ବ୍ରାହ୍ମ ଧର୍ମର ଅବଦାନ ମଧ୍ୟ ଉଲ୍ଲେଖ ଯୋଗ୍ୟ। ଭୀମ ଭୋଇ ଏବଂ ମଧୁସୂଦନ ରାଓଙ୍କ ଧର୍ମୀୟ ଦର୍ଶନ ଓଡ଼ିଆ କାବ୍ୟ ଓ କବିତା ଜଗତକୁ ଋଦ୍ଧିମନ୍ତ କରିଛି। ପ୍ରାଚୀନ ସାହିତ୍ୟରୁ ଆଧୁନିକ ସାହିତ୍ୟ ପର୍ଯ୍ୟନ୍ତ ବିଭିନ୍ନ ଧର୍ମଧାରା ଓଡ଼ିଆ ସାହିତ୍ୟକୁ ବଳିଷ୍ଠ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି।

**(ଗ) ଏହି ଭାଷାର ସାହିତ୍ୟ ମୌଳିକ ପରଂପରା ସୃଷ୍ଟ ହୋଇଥିବ। ଏହା ଅନ୍ୟ କୌଣସି ଭାଷାର ଆଧାରରେ ସୃଷ୍ଟି ହୋଇନଥିବ।**

ଓଡ଼ିଆ ସାହିତ୍ୟର ଲିଖନ ପରଂପରାର ଆଦିମ ରୂପ ଭାବରେ ବୌଦ୍ଧଗାନ ଓ ଦୋହାକୁ ଗ୍ରହଣ କରାଯାଇଛି। ମାତ୍ର ଏହାପୂର୍ବରୁ ଓଡ଼ିଶାରେ ପ୍ରାଚୀନ କାଳରୁ ରହିଥିବା ୫୬୭୫ ଗୁମ୍ଫା ଚିତ୍ର ଓଡ଼ିଶାର ଲିଖନ ପରଂପରାର ଗୌରବମୟ ଇତିହାସକୁ ବ୍ୟାଖ୍ୟା କରିଥାଏ। ବିକ୍ରମଖୋଲ, ଉଷାକୋଠୀ, ଉଲ୍ଲୁଗଡ଼, ଗୁଡ଼ହାଣ୍ଡି ଓ ଯୋଗୀମଠ ଗୁମ୍ଫାଚିତ୍ର ଏହାମଧ୍ୟରେ ଅନ୍ତର୍ଭୁକ୍ତ। ଏଗୁଡ଼ିକ ଏପର୍ଯ୍ୟନ୍ତ ସୁଦ୍ଧା ପଢ଼ା ଯାଇ ନାହିଁ। ଏଥି ମଧ୍ୟରୁ ଯୋଗୀମଠର ଗୁମ୍ଫାଚିତ୍ରଟିକୁ ପ୍ରତ୍ନତତ୍ତ୍ୱବିତ୍ ଜେପିଜୟ ସ୍ୱାଲଙ୍କ ପାଠରୁ ଏହା ବ୍ରାହ୍ମୀ ଲିପି ପୂର୍ବରୁ ଅଙ୍କିତ ହୋଇଥିବା ଜଣାଯାଇଥାଏ। ପୂର୍ବରୁ ଆଲୋଚନା କରାଯାଇଥିବା ଅଭିଲେଖ ସାହିତ୍ୟ, ପୁରାଣ ତଥା ଧର୍ମଗ୍ରନ୍ଥରେ ଉଲ୍ଲେଖ କରାଯାଇଥିବା ତଥ୍ୟରୁ ଓଡ଼ିଶାର ଲିଖନ ପରଂପରାର ପ୍ରାଚୀନତା ପ୍ରମାଣ ହୋଇଥାଏ। ଏହାବ୍ୟତୀତ ତାଳପତ୍ର ପୋଥି ଓଡ଼ିଆ

ସାହିତ୍ୟର ଅମୂଲ୍ୟ ସଂପଦ। ଛାପାକଳ ଆସିବାର ବହୁ ପୂର୍ବରୁ ଓଡ଼ିଶାରେ ଲିଖନ ପରଂପରାର ଏକ ସମୃଦ୍ଧ ଇତିହାସ ରହିଛି। ଦୁଇଟି ଉଦାହରଣ ଦେଲେ ଏଠାରେ ପର୍ଯ୍ୟାପ୍ତ ହେବ। ବୌଦ୍ଧଧର୍ମ ଗ୍ରନ୍ଥରୁ ଜଣାଯାଏ ଯେ ବୁଦ୍ଧ ଚଉଷଠିଟି ଲିପି ଶିଖିଥିଲେ। ତହିଁ ମଧ୍ୟରେ ଉଗ୍ରିଲିପି ଅନ୍ୟତମ। ଏହି ଉଗ୍ରିଲିପି ଉଡ୍ରିଲିପି ହୋଇଥିବା ପଣ୍ଡିତମାନେ ନିର୍ଣ୍ଣୟ କରିଛନ୍ତି। ଦ୍ୱିତୀୟତଃ, ଦ୍ୱିତୀୟ ବୁଦ୍ଧ କୁହାଯାଉଥିବା ଓଡ଼ିଶା ଜାତ ପଦ୍ମ ସମ୍ଭବ ତିବ୍ବତ ଯାଇ ସେଠାରେ ଲାମା ଧର୍ମ ପ୍ରତିଷ୍ଠା କରିଥିଲେ। ସେହି ତିବ୍ବତୀ ଲାମାମାନେ ୭ମ ଶତାବ୍ଦୀରେ ଓଡ଼ିଶାରୁ ଲିପି ନେଇ ତିବ୍ବତୀ ଲିପି ସୃଷ୍ଟି କରିଥିଲେ। ଓଡ଼ିଶାର ମୌଖିକ ପରଂପରାରେ ଯେଉଁ ଅସଂଖ୍ୟ ଲୋକଗୀତ ଓ ଲୋକକାହାଣୀ ରହିଛି, ପରବର୍ତ୍ତୀ ସମୟରେ ତାହା ଲିଖନ ପରଂପରାକୁ ସମୃଦ୍ଧ କରିଛି। ଛାନ୍ଦ ଓଡ଼ିଆ ସଙ୍ଗୀତ ପରଂପରାର ଏକ ଅମୂଲ୍ୟ ସଂପଦ। ଏହା ସଂସ୍କୃତର "ମାତ୍ରାବୃତ୍ତ" ଛନ୍ଦରୁ ଭିନ୍ନ "ଅକ୍ଷର ବୃତ୍ତ"ରୁ ସୃଷ୍ଟି। ଓଡ଼ିଶାର ଲୋକପ୍ରିୟ ଛନ୍ଦ ଦାଣ୍ଡିବୃତ୍ତ ଏହି ଅକ୍ଷର ବୃତ୍ତ ଛନ୍ଦରୁ ସୃଷ୍ଟି। ସାରଳା ଦାସଙ୍କ "ମହାଭାରତ" ଏବଂ ବଳରାମ ଦାସଙ୍କ "ଦାଣ୍ଡି ରାମାୟଣ" ଏହି ଦାଣ୍ଡିବୃତ୍ତରେ ରଚିତ ହୋଇଛି। ଏଥିରୁ ଜଣାଯାଏ ଯେ ସଂସ୍କୃତ ସାହିତ୍ୟର ସମାନ୍ତରାଳ ଭାବରେ ଓଡ଼ିଆ ସାହିତ୍ୟ ବିକାଶ ଲାଭ କରିଥିଲା।

ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରାଚୀନ ପରଂପରା ଯେ ଅତ୍ୟନ୍ତ ସମୃଦ୍ଧ ଥିଲା ତାହା ଶିଳାଲେଖ, ତାମ୍ରଲେଖ ଓ ପୋଥି ସାହିତ୍ୟରୁ ଜଣାଯାଇଥାଏ। ଅଶୋକଙ୍କ ଶିଳାଲେଖ (ଖ୍ରୀ.ପୂ. ଚତୁର୍ଥ ଶତାବ୍ଦୀ) ରୁ ଓଡ଼ିଶାରେ ଲିଖନ ପରଂପରାର ପ୍ରାଚୀନତମ ଚିହ୍ନ ମିଳୁଥିବା ସମୟରେ ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରାଚୀନ ସ୍ୱରୂପ ଆମେ ପ୍ରାଚୀନ ଶିଳାଲେଖ, ତାମ୍ରଲେଖ ଓ ପୋଥିରେ ଦେଖିବାକୁ ପାଇଥାଉ। ଖ୍ରୀ.ପୂ. ଦ୍ୱିତୀୟ ଶତାବ୍ଦୀରେ ରଚିତ ଖାରବେଳଙ୍କ ହାତୀଗୁମ୍ଫା, ତୃତୀୟ ଶତାବ୍ଦୀରେ ଶତୃଭଞ୍ଜଙ୍କ ଅସନପାଟ ଶିଳାଲେଖ, ସପ୍ତମ ଶତାବ୍ଦୀର ନିବିନା ଶିଳାଲେଖ, ନବମ ଶତାବ୍ଦୀର ବ୍ରଜହସ୍ତ ଦେବଙ୍କ ପାରଳାଖେମୁଣ୍ଡି ଶିଳାଲେଖ, ଦଶମ ଶତାବ୍ଦୀର ସୋରୋ ଗଣ୍ଡିବେଢ଼ ଶିଳାଲେଖ ଏବଂ ୧୦୫୧ରେ ରଚିତ ଉରଜାମ ଶିଳାଲେଖରେ ଓଡ଼ିଆ ଭାଷାର ଐତିହ୍ୟ ଉତ୍କୀର୍ଣ୍ଣ ହୋଇଛି। ଉରଜାମ ଶିଳାଲେଖଟି ସଂପୂର୍ଣ୍ଣ ଓଡ଼ିଆ ଲିପି ଓ ଓଡ଼ିଆ ଭାଷାରେ ଲିଖିତ ହୋଇଛି। ଏହା ସଂପୂର୍ଣ୍ଣ ଭାବରେ ପ୍ରଥମ ଓଡ଼ିଆ ଲିପି ଲିଖିତ ଶିଳାଲେଖ। ପରବର୍ତ୍ତୀ ସମୟରେ ରଚିତ ବହୁ ଶିଳାଲେଖ ଓ ତାମ୍ରଶାସନ ଓଡ଼ିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିଛନ୍ତି ଯାହା ଏହି ଏକକର ପ୍ରଥମ ଭାଗରେ ସବିଶେଷ ଭାବରେ ଦର୍ଶାଯାଇଛି।

ଓଡ଼ିଆ ସାହିତ୍ୟର ସର୍ବପ୍ରାଚୀନ ପ୍ରାମାଣିକ ରୂପ ହେଉଛି ଅଷ୍ଟମରୁ ଦ୍ୱାଦଶ ଶତାବ୍ଦୀ ମଧ୍ୟରେ ଚଉରାଶୀ ସିଦ୍ଧାଚାର୍ଯ୍ୟଙ୍କ ଦ୍ୱାରା ରଚିତ ବୌଦ୍ଧଗାନ ଓ ଦୋହା। ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀ ପ୍ରଥମେ ଏହା ନେପାଳର ରାଜଦରବାର ଲାଇବ୍ରେରୀରୁ ପୋଥି ରୂପେ ପାଇଥିଲେ। ପୋଥିରେ ରଚିତ ଏହି ବୌଦ୍ଧଗାନ ଗୁଡ଼ିକୁ ଚଉରାଶୀ ସିଦ୍ଧାଚାର୍ଯ୍ୟ ରଚନା କରିଥିବା ସମୟରେ, ଓଡ଼ିଶାର କାହ୍ନୁପା, ଲୁଇପା, ଶବରୀପା, ଗୁଣ୍ଡିପା, ଶାନ୍ତିପା,ଭୁସୁକୁପା ଆଦି ସିଦ୍ଧାଚାର୍ଯ୍ୟଗଣ ଏଥିମଧ୍ୟରେ ଅନ୍ତର୍ଭୁକ୍ତ। ଏହି ବୌଦ୍ଧଗାନର ଭାଷାକୁ ପ୍ରତ୍ନ ଓଡ଼ିଆ, ଆସାମୀ, ବଙ୍ଗଳା ଏବଂ ହିନ୍ଦୀ ନାମରେ ଅଭିହିତ କରାଯାଇଥାଏ। ଏହି ସମସ୍ତ ଭାଷା ସଂପୂର୍ଣ୍ଣ ରୂପେ ନିଜ ନିଜ ସ୍ୱାତନ୍ତ୍ର୍ୟ ସୃଷ୍ଟି କରିବା ପୂର୍ବରୁ ଏହି ବୌଦ୍ଧଗାନ ଗୁଡ଼ିକ ରଚିତ ହୋଇଥିଲା। ଏଣୁ ଏଥିରେ ଭାଷାବିତ୍‌ମାନେ ଓଡ଼ିଆ, ଆସାମ, ବଙ୍ଗଳା ଓ ହିନ୍ଦୀ ଭାଷାର ପ୍ରାଚୀନରୂପ ପାଇପାରିଥାନ୍ତି।

ଭାଷା ଆଲୋଚନାରୁ ଜଣାଯାଇଥାଏ ଯେ, ବଙ୍ଗଳା ଓ ଆସାମ ଭାଷାପ୍ରନ୍ ଓଡ଼ିଆ ଭାଷାରୁ ପ୍ରଥମେ ବିଚ୍ଛିନ୍ନ ହୋଇଯିବାରୁ ଓଡ଼ିଆ ତାହାର ନିଜସ୍ୱ ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠା କରିପାରିଥିଲା । ଏଣୁ ଆସାମ ଓ ବଙ୍ଗଳା ଭାଷାଠାରୁ ଓଡ଼ିଆ ଭାଷା ପ୍ରାଚୀନ । ଏ ସଂପର୍କରେ ବହୁ ଆଲୋଚନା ଏହି ପୁସ୍ତକରେ କରାଯାଇଛି । ଏଣୁ ବୌଦ୍ଧଗାନ ଓ ଦୋହାଗୁଡ଼ିକର ଓଡ଼ିଆ ଭାଷାର ସ୍ୱରୂପ ଅଧିକ ଭାବରେ ମିଳିଥାଏ । ଏ ସଂପର୍କରେ ଏହି ପୁସ୍ତକର ଓଡ଼ିଆ ଭାଷାର ଉତ୍ପତ୍ତି ଓ ବିକାଶକ୍ରମ ଏକକରେ ସବିଶେଷ ଆଲୋଚନା କରାଯାଇଛି । ସେହି ପାଠକୁ ବିଦ୍ୟାର୍ଥୀମାନେ ଆଉଥରେ ଅଧ୍ୟୟନ କରିପାରନ୍ତି । ଏଠାରେ ବିଦ୍ୟାର୍ଥୀମାନଙ୍କୁ ମନେ ପକାଇ ଦିଆଯାଉଛି ଯେ, ଓଡ଼ିଶାରେ ହିଁ ବୌଦ୍ଧଧର୍ମର ବଜ୍ରଯାନ, ସହଜଯାନ ଏବଂ ତନ୍ତ୍ରଯାନର ଅଭ୍ୟୁଦୟ ଓ ବିକାଶ ଲାଭ କରିଥିଲା, ଯାହା ଆପଣମାନେ ପୂର୍ବରୁ ଅଧ୍ୟୟନ କରିଛନ୍ତି । ବଜ୍ରଯାନୀ, ସହଜଯାନୀ ଓ ତନ୍ତ୍ରଯାନୀ ସାଧକମାନେ ଏହି ବୌଦ୍ଧଗାନ ଗୁଡ଼ିକୁ ରଚନା କରିଛନ୍ତି । ବୌଦ୍ଧଗାନ ଓ ଦୋହା ରଚନା କରିଥିବା ଅଧିକାଂଶ କବି ଓଡ଼ିଶାର ଥିଲେ, ଏଣୁ ଏହି କବିତା ଗୁଡ଼ିକରେ ଓଡ଼ିଆ ଭାଷାର ବିକଶିତ ରୂପ ଦେଖିବାକୁ ମିଳେ, ଯାହା ପୂର୍ବରୁ ବହୁ ସ୍ଥାନରେ ଆଲୋଚିତ ହୋଇଛି ।

ଓଡ଼ିଆ ସାହିତ୍ୟର ପ୍ରାଚୀନ ରୂପ ଲୋକସାହିତ୍ୟରେ ଭରପୁର ରହିଛି । ଲୋକଜୀବନରେ ଅସଂଖ୍ୟ ଛାନ୍ଦ, ଚଉତିଶା, ବୋଲି, ଷୋଡ଼ଶା, ସଂହିତା ପିଢ଼ୀ ପରେ ପିଢ଼ୀ ଗାନ ହୋଇ ଆସୁଅଛି । ଗାୟକର ସ୍ମରଣଶକ୍ତି ଦ୍ୱାରା ଏହା ମୁଖରୁ ମୁଖକୁ ପ୍ରସାରିତ ହୋଇଥାଏ । ଏହି ଗୀତିକବିତା ଗୁଡ଼ିକରେ ଓଡ଼ିଆ ସାହିତ୍ୟର ପ୍ରାଚୀନ ରୂପ ସ୍ପଷ୍ଟ ଭାବରେ ଉତ୍କୀର୍ଣ୍ଣ ହୋଇଛି ।

ପ୍ରାଚୀନ ଓଡ଼ିଆ ସାହିତ୍ୟର ବିଭବଶାଳୀ ରୂପ ପ୍ରତ୍ୟକ୍ଷ କରିହୁଏ ନାଥସାହିତ୍ୟର ବିବିଧ ରୂପ ମଧ୍ୟରେ । ଏକାଦଶ ଶତାବ୍ଦୀରୁ ତ୍ରୟୋଦଶ ଶତାବ୍ଦୀ ମଧ୍ୟରେ ଓଡ଼ିଶାରେ ନାଥଧର୍ମ ଓ ନାଥସାହିତ୍ୟ ବିକାଶ ଲାଭ କରିଥିଲା । ଶିଶୁବେଦ, ରୁଦ୍ର ସୁଧାନିଧି, ସୋମନାଥ ବ୍ରତକଥା, ନାଗୁଲିଚତୁର୍ଥୀ ବ୍ରତକଥା, କାକ ଚରିତ୍ର, ଦାମୋଦର ଓଷା ପ୍ରଭୃତି ଗ୍ରନ୍ଥ ଗୁଡ଼ିକରେ ଓଡ଼ିଆ ସାହିତ୍ୟର ପ୍ରାଚୀନରୂପ ଦେଖିବାକୁ ମିଳିଥାଏ । ତ୍ରୟୋଦଶ ଶତାବ୍ଦୀରୁ ପଞ୍ଚଦଶ ଶତାବ୍ଦୀ ମଧ୍ୟରେ ରଚିତ ଏହି ଗ୍ରନ୍ଥ ଗୁଡ଼ିକ ଓଡ଼ିଆ ସାହିତ୍ୟର ସମୃଦ୍ଧ ପରଂପରାର ଗାଥା ବ୍ୟାଖ୍ୟାନ କରିଥାନ୍ତି ।

ଓଡ଼ିଆ ଭାଷା ଓ ସାହିତ୍ୟର ଅମୂଲ୍ୟ ସଂପଦ ହେଉଛି ମାଦଳାପାଞ୍ଜି । ପୁରୀ ଶ୍ରୀମନ୍ଦିରର ଇତିହାସ ଗଜପତି ରାଜାମାନଙ୍କ ବଂଶାନୁକ୍ରମିକ ଘଟଣାବଳୀ ଓ ଜୀବନପଞ୍ଜିକା ଏଥିରେ ଉତ୍କୀର୍ଣ୍ଣ ହୋଇଛି । ତାଳପତ୍ର ପୋଥିରେ ରଚିତ ଏହି ପାଞ୍ଜିରୁ ଓଡ଼ିଶାର ପ୍ରାଚୀନ ଇତିହାସ, ଭାଷା, ଗଜପତି ବଂଶାବଳୀ ତଥା ଶ୍ରୀମନ୍ଦିର ପରିଚାଳନା ବ୍ୟବସ୍ଥାର ଚିତ୍ର ମିଳିଥାଏ । ଓଡ଼ିଆ ଭାଷାର ବିକାଶକ୍ରମରେ ଏହା ଏକ ଅନନ୍ୟ ଉପାଦାନ । ବିଶେଷତଃ ପ୍ରାଚୀନ ଓଡ଼ିଆ ସାହିତ୍ୟ ପଦ୍ୟ ବହୁଳ ହୋଇଥିବା ସମୟରେ ମାଦଳାପାଞ୍ଜି ଓଡ଼ିଆ ଗଦ୍ୟର ବିକାଶକ୍ରମକୁ ସ୍ପଷ୍ଟ ରୂପରେଖ ପ୍ରଦାନ କରିଛି ।

ସିଦ୍ଧେଶ୍ୱର ଦାସଙ୍କ ବିଚିତ୍ର ରାମାୟଣ, ସାରଳା ଦାସଙ୍କ ମହାଭାରତ, ବିଲଙ୍କା ରାମାୟଣ, ଚଣ୍ଡି ପୁରାଣ ଆଦି ଗ୍ରନ୍ଥ ଓଡ଼ିଆ ସାହିତ୍ୟକୁ କେବଳ ସମୃଦ୍ଧ କରିନାହିଁ, ଏକ ଅନବଦ୍ୟ ସାରସ୍ୱତ ଯାତ୍ରାର ଭିତ୍ତି ସ୍ଥାପନ କରିଛି । ଲୌକିକ ଭାଷାର ବ୍ୟବହାର କରି ମହାଭାରତ ପରି ଏକ ମହାକାବ୍ୟ ରଚନା ଭାରତୀୟ କାବ୍ୟ ପରଂପରାରେ ଅନନ୍ୟ ଘଟଣା । ଓଡ଼ିଆ ସାହିତ୍ୟର ଏକ ପ୍ରାଚୀନ ସମୃଦ୍ଧ ପରଂପରା ଥିବାରୁ ଏପରି ଏକ ମହାକାବ୍ୟ ରଚନା ସମ୍ଭବ ହୋଇପାରିଛି । ନିଜସ୍ୱ ମୌଳିକ ଚିନ୍ତନ ଦ୍ୱାରା ସୃଷ୍ଟ ମହାଭାରତ ମଧ୍ୟରେ ସାରଳା ଦାସ ଓଡ଼ିଶାର ଐତିହ୍ୟ

ଏବଂ ଓଡ଼ିଆ ଜାତିର ଅସ୍ମିତାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରିଛନ୍ତି। ସଂସ୍କୃତ ମହାଭାରତ ଠାରୁ ଅଧିକ ପଦ ସମ୍ବଳିତ ଏହି ମହାଭାରତରେ ସାରଳା ଦାସ ବହୁ ନୂତନ କାହାଣୀର ସଂଯୋଜନା କରି ନିଜର ମୌଳିକତାକୁ ପ୍ରତିଷ୍ଠା ପ୍ରଦାନ କରିଛନ୍ତି। ଗୋଟିଏ ବିକଳ୍ପ ମତରେ ସିଦ୍ଧେଶ୍ୱର ଦାସ ସାରଳାଙ୍କ ଠାରୁ ଭିନ୍ନ ଓ ସାରାଳାଙ୍କ ପୂର୍ବବର୍ତ୍ତୀ। ଭାଷା ବ୍ୟବହାର, ବିଷୟ ବସ୍ତୁ ଚୟନ ବ୍ୟତୀତ ସିଦ୍ଧେଶ୍ୱର ନାରାୟଣ ଉପାସକ ଓ ସାରଳା ଦେବୀ ଉପାସକ ଆଦିକୁ କାରଣ ରୂପେ ଦର୍ଶାଯାଇଥାଏ।

ସାରଳା ଦାସ ୧୫ଶ ଶତକର ଏବଂ ତାଙ୍କ ଜନ୍ମ ସ୍ଥାନ ଝଙ୍କଡ଼ ବୋଲି ଅଧିକାଂଶ ସାହିତ୍ୟ ଇତିହାସକାର ଗ୍ରହଣ କରିଯାଇନ୍ତି। ସାହିତ୍ୟିକ ଗୋପୀନାଥ ମହାନ୍ତି ସାରଳା ଦାସ ୧୦ମ ଶତାବ୍ଦୀର ଏବଂ ତାଙ୍କ ଜନ୍ମସ୍ଥାନ କଣିଆ ବୋଲି ଅକାଟ୍ୟ ପ୍ରମାଣ ଦେଇଛନ୍ତି। କୌଣସି ସାହିତ୍ୟିକ ଓ ସାହିତ୍ୟ ଇତିହାସକାର ଏହାର ଉତ୍ତର ଦେଇପାରିନାହାନ୍ତି।

ପରବର୍ତ୍ତୀ ସମୟରେ ବଳରାମ ଦାସଙ୍କ ଦାଣ୍ଡି ରାମାୟଣ, ଜଗନ୍ନାଥ ଦାସଙ୍କ ଭାଗବତ, ଅଚ୍ୟୁତାନନ୍ଦ ଦାସଙ୍କ ଶୂନ୍ୟସଂହିତା ଏବଂ ଅନନ୍ତ ଦାସଙ୍କ ହେତୁଉଦୟ ଭାଗବତ ଓ ଯଶୋବନ୍ତ ଦାସଙ୍କ ପ୍ରେମଭକ୍ତି ବ୍ରହ୍ମଗୀତା ସାହିତ୍ୟ କୃତି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛି। ଜଗନ୍ନାଥ ଦାସଙ୍କ ଭାଗବତ ଗ୍ରନ୍ଥ ଓଡ଼ିଶାର ପୂରପଲ୍ଲୀରେ ଅତ୍ୟନ୍ତ ଲୋକପ୍ରିୟ ହୋଇ ଭାଗବତ ଟୁଙ୍ଗୀ ପରଂପରା ସୃଷ୍ଟି କରିବାରେ ସମର୍ଥ ହୋଇଥିଲା। ଏହାରି ଦ୍ୱାରା ପ୍ରଭାବିତ ହୋଇ ଶଙ୍କରଦେବ ଆସାମରେ ନାମଘର ପ୍ରତିଷ୍ଠା କରିଥିଲେ।

ମଧ୍ୟଯୁଗ ବା ରୀତିଯୁଗ ଓଡ଼ିଆ ସାହିତ୍ୟକୁ ବହୁଗୁଣରେ ସମୃଦ୍ଧ କରିଛି। ଏହି କାବ୍ୟଯୁଗ ଓଡ଼ିଆ ସାହିତ୍ୟରେ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ସକ୍ଷମ ହୋଇଛି। ଓଡ଼ିଆ କାବ୍ୟ ସାହିତ୍ୟ ରଚନା ତାହାର ଶୀର୍ଷତମ ସୋପାନରେ ଉପନୀତ ହୋଇ ସଂସ୍କୃତ କାବ୍ୟ ସାହିତ୍ୟର ପ୍ରତିଦ୍ୱନ୍ଦ୍ୱୀ ସାହିତ୍ୟ ଭାବରେ ଉଭା ହୋଇଛି। ଶିଶୁଶଙ୍କର ଦାସଙ୍କ ଉଷାଭିଳାସ, ଦେବଦୁର୍ଲଭ ଦାସଙ୍କ ରହସ୍ୟମଞ୍ଜରୀ, କାର୍ତ୍ତିକ ଦାସଙ୍କ ରୁକ୍ମଣୀବିଭା ଆଦି କାବ୍ୟ ଗୁଡ଼ିକ ଓଡ଼ିଆ କାବ୍ୟ ସାହିତ୍ୟର ମାଇଲଖୁମ୍ବ। ଏହା ପରେ ପରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣ ଦାସ, ଅଭିମନ୍ୟୁ ସାମନ୍ତସିଂହାର, ଭକ୍ତଚରଣ ଦାସ, କବିସୂର୍ଯ୍ୟ ବଳଦେବ ରଥ, ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା, ନିଶଙ୍କରାୟ ରାଣୀ, ଚନ୍ଦ୍ରଶେଖର ଭଞ୍ଜ, ବ୍ରଜନାଥ ବଡ଼ଜେନା ଓ କୃଷ୍ଣଚନ୍ଦ୍ର ସିଂହ ପରି ପ୍ରତିଭାବନ୍ତ କବିଗଣ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟକୁ ବିଭବ ମଣ୍ଡିତ କରିଛନ୍ତି। ସଂସ୍କୃତ କାବ୍ୟାଦର୍ଶର ସଫଳ ପ୍ରୟୋଗ ଦ୍ୱାରା ମଧ୍ୟଯୁଗୀୟ ଓଡ଼ିଆ କାବ୍ୟସାହିତ୍ୟ ଜ୍ଞାନଗର୍ଭକ ଓ ରସପ୍ଳୁତ ହୋଇପାରିଛି। କବିତ୍ୱ ଓ ବହୁଶାସ୍ତ୍ରଦର୍ଶିତା ଦ୍ୱାରା ବହୁ ବିଦ୍ୟା (ସମର, ଜ୍ୟୋତିଷ, ବାଣିଜ୍ୟ, ଅଳଙ୍କାର ଶାସ୍ତ୍ର) କାବ୍ୟ ପରିସରଭୁକ୍ତ ହୋଇପାରିଛି। ଏହାବ୍ୟତୀତ ଏହି ସମୟରେ ବହୁ ପ୍ରକାର ଗୀତିକବିତା ରଚିତ ହୋଇଛି। ଛାନ୍ଦ, ଚଉପଦୀ, ଚଉତିଶା, ପୋଇ, କୋଇଲି, ଷୋଡ଼ଶା ଓ ଚମ୍ପୁ ଆଦି ରଚନା ଦ୍ୱାରା ଓଡ଼ିଆ ସାହିତ୍ୟ ସଙ୍ଗୀତମୟ ହୋଇଯାଇଥିଲା। ଏହି ଗୀତିକବିତା ମାଧ୍ୟମରେ ଛନ୍ଦ ବୃତ୍ତ ଓ ରାଗର ପ୍ରୟୋଗ ବହୁଳ ଭାବରେ ଦେଖାଯାଇଥାଏ। ମାଘ, ଶ୍ରୀହର୍ଷ ଏବଂ କାଳିଦାସ ଓ ଜୟଦେବଙ୍କ ଗୀତିମୟତା ଓ କାବ୍ୟ ଭାବନାର ପ୍ରତିଫଳନ ଦ୍ୱାରା ଓଡ଼ିଆ କାବ୍ୟ ସାହିତ୍ୟ ଋଦ୍ଧିମନ୍ତ ହୋଇଥିବା ଦେଖାଯାଏ। ବହୁ ପ୍ରମୁଖ ତଥା ଗୌଣ କବିଙ୍କ ଅବଦାନରେ ଓଡ଼ିଆ ମଧ୍ୟଯୁଗୀୟ ସାହିତ୍ୟ ସମୃଦ୍ଧ ହୋଇଛି, ଯାହା ଓଡ଼ିଆ ସାହିତ୍ୟର ଇତିହାସକୁ ଅଧିକ ପ୍ରାଣବନ୍ତ ଓ ରସବଂତ କରିଛି।

**(ଘ) ଏହି ଭାଷାର ଆଧୁନିକ ସାହିତ୍ୟର ରୂପ ଏହାର ଶାସ୍ତ୍ରୀୟ ରୂପ ଓ ସାହିତ୍ୟ ଠାରୁ ଅଲଗା ଥିବ ଏବଂ ଏହି ଭାଷିକ ଓ ସାହିତ୍ୟ ପରଂପରା ପ୍ରାଚୀନ ପରଂପରାଠାରୁ ବିଚ୍ଛିନ୍ନ ମଧ୍ୟ ହୋଇଥାଇପାରେ।**

ଖ୍ରୀଷ୍ଟପୂର୍ବ ଶତାବ୍ଦୀରୁ ଏକବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଆ ଭାଷା ଓ ସାହିତ୍ୟର ଅବିଚ୍ଛିନ୍ନ ରୂପ ଦେଖାଯାଇଥାଏ। ବିଭିନ୍ନ ପ୍ରତିକୂଳ ପରିବେଶ ମଧ୍ୟ ଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ଲିପିର ବିକାଶ ଘଟିଛି। ଆଧୁନିକ ଯୁଗର ଛାପାକଳ ଅସିବାପରେ ଓଡ଼ିଆ ଭାଷା ଓ ଲିପିରେ ରଚିତ ପ୍ରାଚୀନ ଗ୍ରନ୍ଥଗୁଡ଼ିକ ନବକଳେବର ନେଇ ପାଠକ ସମ୍ମୁଖକୁ ଆସିବା ଦ୍ୱାରା ଓଡ଼ିଆ ଭାଷା, ସାହିତ୍ୟ ଓ ଲିପିର ଐତିହ୍ୟ ଏବଂ ପୁରାତତ୍ତ୍ୱ ଦୃଶ୍ୟମାନ ହେଲା। ଓଡ଼ିଆ ଯେ ଏକ ପ୍ରାଚୀନ ସମୃଦ୍ଧ ଭାଷା ଏବଂ ଏହାର ପର୍ଯ୍ୟାପ୍ତ ସମୃଦ୍ଧ ସାହିତ୍ୟ ପୋଥି ମାଧ୍ୟମରେ ସଂରକ୍ଷିତ ହୋଇ ରହିଛି, ତାହା ଆଧୁନିକ ଯୁଗରେ ଜଣାପଡ଼ିଥିଲା। ବିଶେଷତଃ ଗ୍ରୀୟରସନ, ଜନ୍‌ବିମସ୍ ପ୍ରଭୃତି ଇଂଲିଶ ପ୍ରଶାସକ ଓ ଭାଷା ସାହିତ୍ୟ ଗବେଷକ ଓଡ଼ିଆ ଭାଷାର ପୁରାତତ୍ତ୍ୱ ନେଇ ସବିଶେଷ ଚର୍ଚ୍ଚା କରିବା ଦ୍ୱାରା ଓଡ଼ିଆ ଭାଷା ଅଧିକ ସମୃଦ୍ଧ ଓ ଗତିଶୀଳ ହୋଇଥିଲା। ଆଧୁନିକ ଯୁଗର ଭାଷା ଚର୍ଚ୍ଚା, ଭାଷା ସୁରକ୍ଷା ଆନ୍ଦୋଳନ ଓଡ଼ିଆ ଭାଷାକୁ ତଥା ସାହିତ୍ୟକୁ ଅଧିକ ଗତିଶୀଳ କରାଇଥିଲା। ଛପାକଳ ଆସିବା ଦ୍ୱାରା ପତ୍ରପତ୍ରିକା ପ୍ରକାଶନ ଭାବ ବିନିମୟ ଜଗତରେ ବୈପ୍ଳବିକ ପରିବର୍ତ୍ତନ ଆଣିଲା ଓ ଏହାରି ମାଧ୍ୟମରେ ଓଡ଼ିଆଭାଷୀ ଅଞ୍ଚଳ ଏକତ୍ରୀତ ହୋଇ ଭାଷା ଭିତ୍ତିକ ପ୍ରଦେଶ ସୃଷ୍ଟି କରିବା ନିମିତ୍ତ ଏକ ବିରାଟ ଆନ୍ଦୋଳନ ଗଢି ଉଠିଲା। ଓଡ଼ିଆ ଭାଷାର ଐତିହ୍ୟ, ପୁରାତତ୍ତ୍ୱ ଏବଂ ସାହିତ୍ୟର ସମୃଦ୍ଧ ଓ ଅବିଚ୍ଛିନ୍ନ ପରଂପରା ଭାଷା ଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନରେ ସହାୟକ ହେଲା। ଓଡ଼ିଆ ଭାଷୀ ଅଞ୍ଚଳକୁ ନେଇ ୧୯୩୬ ମସିହା ଅପ୍ରେଲ ପହିଲା ଦିନ ତଦାନୀନ୍ତନ ବ୍ରିଟିଶ ସରକାର "ଓଡ଼ିଶା"କୁ ଏକ ସ୍ୱତନ୍ତ୍ର ପ୍ରଦେଶ ଭାବରେ ସ୍ୱୀକୃତି ପ୍ରଦାନ କରିଥିଲେ। ଓଡ଼ିଆ ଭାଷା ଭାଷୀ ଅଞ୍ଚଳର ଏକ ବାସ୍ତବଚିତ୍ର ନିମ୍ନଲିଖିତ ସାରଣୀ ମଧ୍ୟରେ ପ୍ରଦାନ କରାଗଲା।

### ଓଡ଼ିଆ ଭାଷାର ଭୌଗୋଳିକ ବିସ୍ତାର :

"ଓଡ଼ିଆ ଭାଷା ଓ ଏହାର ଉପଭାଷା ମୁଖ୍ୟତଃ ଓଡ଼ିଶା ପ୍ରଦେଶରେ ପ୍ରଚଳିତ ଥିଲେହେଁ ପଡ଼ୋଶୀ ପ୍ରଦେଶମାନଙ୍କରେ ଛୋଟ ଛୋଟ ଓଡ଼ିଆ ଭାଷୀ ଅଞ୍ଚଳ ଏବେ ବି ରହିଛି। ବିହାର, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ଓ ମଧ୍ୟପ୍ରଦେଶ ସୀମାନ୍ତ ଅଞ୍ଚଳରେ ଓଡ଼ିଆ କିମ୍ବା ମିଶ୍ରିତ ଉପଭାଷାମାନ ଏବେ ବି ଦେଖିବାକୁ ମିଳେ। ୧୯୬୧ର ଜନସୁମାରି ଅନୁସାରେ ଓଡ଼ିଶାରେ ଓଡ଼ିଆଭାଷୀଙ୍କ ସଂଖ୍ୟା ୧,୬୭,୮୫,୮୫୦। ଏହା ବ୍ୟତୀତ ପ୍ରଦେଶ ବାହାରେ ଓଡ଼ିଆ ଭାଷୀଙ୍କ ସଂଖ୍ୟା ନିମ୍ନଲିଖିତ ସୂଚୀରୁ ସ୍ପଷ୍ଟ ହେବ।

| ପ୍ରଦେଶ | ୧୯୬୧ ଜନସୁମାରି ମୋଟ ସଂଖ୍ୟା | ୧୯୭୧ ଜନସୁମାରି | ୧୯୫୧-୬୧ ମଧ୍ୟରେ ଶତକଡ଼ା ପରିବର୍ତ୍ତନ ହାର | ୧୯୬୧-୭୧ ମଧ୍ୟରେ ଶତକଡ଼ା ପରିବର୍ତ୍ତନ ହାର |
|---|---|---|---|---|
| ଆନ୍ଧ୍ର ପ୍ରଦେଶ | ୧,୮୯,୪୯୭ | ୨,୨୫,୮୭୮ | +୧୫.୭୮ | +୧୨.୦୩ |
| ଆସାମ | ୧,୪୫,୪୮୮ | ୧,୫୦,୨୨୬ | +୨୭.୫୮ | + ୨.୮୮ |

| | | | | |
|---|---|---|---|---|
| ବିହାର | ୩,୦୨,୯୫୧ | ୩,୪୪, ୬୩୯ | - ୩.୧୪ | + ୧୩.୭୫ |
| ମଧ୍ୟପ୍ରଦେଶ | ୩,୦୪,୨୯୭ | ୪,୮୩,୫୫୮ | +୦.୩୦ | + ୨୪.୧୬ |
| ପଶ୍ଚିମବଙ୍ଗ | ୨,୧୨,୮୯୦ | ୧,୫୨,୦୧୦ | + ୨୬.୨୧ | - ୨୮.୯୧ |
| ମୋଟ | ୧୧,୫୫,୧୨୩ | ୧୩,୫୬,୩୧୦ | | |

୧୯୩୬ ଅପ୍ରେଲ ପହିଲାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେଲାବେଳେ ସମସ୍ତ ଓଡ଼ିଆଭାଷୀ ଅଞ୍ଚଳ ନାନା କାରଣରୁ ଓଡ଼ିଶାର ଅନ୍ତର୍ଭୁକ୍ତ ହୋଇନଥିଲା। ଉପରୋକ୍ତ ସଂଖ୍ୟା ଓଡ଼ିଶା ବାହାରେ ଥିବା ଓଡ଼ିଆଙ୍କର ସଠିକ୍ ବିବରଣ ନୋହିଲେ ସୁଦ୍ଧା ପ୍ରଦେଶ ବାହାରେ ସେମାନଙ୍କର ଅବସ୍ଥିତିର ଯେ ସୂଚନା ଦିଏ, ଏଥିରେ ସନ୍ଦେହ ନାହିଁ। ଓଡ଼ିଆ ଭାଷାର ବିକଳ୍ପନ ଓ ସାଧାରଣ ତତ୍ତ୍ୱ (variation and common core) ସମ୍ବନ୍ଧରେ ଧାରଣା କରିବାକୁ ହେଲେ ଓଡ଼ିଆ ଭାଷାର ଏଇ ବିସ୍ତାର ସମ୍ବନ୍ଧରେ ସମ୍ୟକ୍ ଜ୍ଞାନ ପ୍ରୟୋଜନ।" (ଓଡ଼ିଆ ଭାଷା ଓ ଭାଷାବିଜ୍ଞାନ, ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ, ପୃଷ୍ଠା -୫୫)

ଓଡ଼ିଆ ଭାଷା ଓ ସାହିତ୍ୟର ସମୃଦ୍ଧ ପରଂପରା ସହ ଯୋଡ଼ି ହୋଇଛି ଏହାର ଲିପି। ଓଡ଼ିଆ ଲିପି ଅନ୍ୟାନ ଲିପି ଠାରୁ ସ୍ୱତନ୍ତ୍ର। ଏ ସଂପର୍କରେ ବିଶିଷ୍ଟ ଭାଷାବିତ୍ ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କ ମତ ପ୍ରଣିଧାନ ଯୋଗ୍ୟ।

**ଓଡ଼ିଆ ଲିପି :**

"ଓଡ଼ିଆ ଲିପିର ପ୍ରାଚୀନତା ଓ ବିକାଶଧାରା ସମ୍ବନ୍ଧରେ ଅଧ୍ୟାପକ କୁଞ୍ଜବିହାରୀ ତ୍ରିପାଠୀ ତାଙ୍କର 'ଓଡ଼ିଆ ଭାଷା ଓ ଲିପିର କ୍ରମବିକାଶ (ଦି ଇଭଲିଉସନ୍ ଅଫ୍ ଓଡ଼ିଆ ଲାଙ୍ଗୁଏଜ୍ ଏଣ୍ଡ ସ୍କ୍ରିପ୍ଟ, ଉତ୍କଳ ଇଉନିଭରସିଟି ପ୍ରେସ୍, ୧୯୬୨) ଗ୍ରନ୍ଥରେ ସବିସ୍ତାର ଆଲୋଚନା କରିଛନ୍ତି। ରୋମାନ୍ ଓ ଆରବୀ ଲିପିକୁ ବାଦ୍ ଦେଲେ ସବୁ ଭାରତୀୟ ଭାଷାମାନଙ୍କ ଲିପି ବ୍ରାହ୍ମୀରୁ ବିକଶିତ ହୋଇଥିବା ସର୍ବସମ୍ମତ। ଓଡ଼ିଆ ଲିପି ଏଥିରୁ ବାଦ୍ ନୁହେଁ। ଲିଖନର ମାଧ୍ୟମ ତାଳପତ୍ର ଓ ଲୁହା ଲେଖନ ଯେ ଓଡ଼ିଆ ଅକ୍ଷରର ଗୋଲମୁଣ୍ଡ ପାଇଁ ଦାୟୀ, ଏକଥା ମଧ୍ୟ ଏକପ୍ରକାର ଗୃହୀତ। ଲୁହା ଲେଖନରେ ତାଳପତ୍ର ଉପରେ ସିଧା ଗାର ଟାଣିଲେ ପତ୍ର ଚିରିଯିବାର ସମ୍ଭାବନା ବେଶି। ଏହି ଦୃଷ୍ଟିରୁ ଅକ୍ଷରର ଗୋଲମୁଣ୍ଡ ଗଢ଼ିଉଠିବା ସମ୍ଭବ। ଭାରତୀୟ ଅନ୍ୟାନ୍ୟ ଭାଷା ପରି ଓଡ଼ିଆ ମଧ୍ୟ ସଂସ୍କୃତ ବର୍ଣ୍ଣମାଳାକୁ ଗ୍ରହଣ କରିନେଇଛି। ଗତ ୧୦୦୦ ବର୍ଷର ଇତିହାସ ମଧ୍ୟରେ ଭାଷାର ଯେଉଁ ବିକାଶ ହୋଇଛି, ତାହା ଫଳରେ ଲିଖିତ ଓ କଥିତ ଭାଷା ମଧ୍ୟରେ ପାର୍ଥକ୍ୟ ସୃଷ୍ଟି ହେବାର ବିଚିତ୍ରତା କିଛି ନାହିଁ। ଉଚ୍ଚାରଣ ଓ ବନାନ ମଧ୍ୟରେ ପାର୍ଥକ୍ୟ ସୃଷ୍ଟି ହେଲେ ତାହା ଯେ ଭାଷାଶିକ୍ଷାକ୍ଷେତ୍ରରେ ବାଧକ ହେବ, ଏକଥା ବୁଝାଇ କହିବା ପ୍ରୟୋଜନ ନାହିଁ ; ଅଥଚ ଲିଖିତ ଭାଷାର ପରିବର୍ତ୍ତନ କଥିତ ଭାଷା ତୁଳନାରେ ଯେ ଅଧିକ କଷ୍ଟକର ଓ ସମୟସାପେକ୍ଷ, ଏହା ଜଣାକଥା। ଉଦାହରଣ ସ୍ୱରୂପ, ଓଡ଼ିଆ ଋ ଋ ଌ ଌ କଥା ବିଚାର କରାଯାଉ। ଏଗୁଡ଼ିକ ଆଧୁନିକ ବର୍ଣ୍ଣମାଳାର ଅଙ୍ଗୀଭୂତ ନୁହନ୍ତି, ଯଦିଓ ଏକ କାଳରେ ଏହା ବର୍ଣ୍ଣମାଳାର ଅଂଶ ଥିଲା। ଋ ଓ ଌ ବର୍ତ୍ତମାନ ଉଚ୍ଚାରଣ **ରୁ** ଓ **ଲୁ** ଠାରୁ ପୃଥକ୍ ନୁହେଁ। ସେହିପରି ଓଡ଼ିଆରେ ଦୁଇଟି ବ ଅକ୍ଷର କିମ୍ବା ଦୁଇଟି ଅକ୍ଷର ଜ ଓ ଯ ମଧ୍ୟରେ ଉଚ୍ଚାରଣ ଭେଦ ନାହିଁ। ଦନ୍ତ୍ୟ ସ, ତାଳବ୍ୟ ଶ, ମୂର୍ଦ୍ଧନ୍ୟ ଷ ନକହିଲେ ଉଚ୍ଚାରଣରୁ ଏ ତିନୋଟି ଭିତରେ

ପାର୍ଥକ୍ୟ ଦେଖିବା ସମ୍ଭବ ହୁଅନ୍ତା ନାହିଁ। ଆଧୁନିକ ଚଳିତ ଓଡ଼ିଆର ଲିଖିତ ରୂପ ବିଚାର କଲେ ନିମ୍ନଲିଖିତ ଅକ୍ଷରଗୁଡ଼ିକ ଦେଖିବାକୁ ମିଳିବ। ଉଚ୍ଚାରଣ ଓ ବନାନର ସାମଞ୍ଜସ୍ୟ ଦେଖାଇବା ପାଇଁ ଓଡ଼ିଆ ଧ୍ୱନିଗ୍ରାମ ଓ ଅକ୍ଷର ରୂପ ତାହାର ଲିଖିତ ରୂପାନ୍ତର ତଳେ ଦିଆଯାଇଛି।

| ଓଡ଼ିଆ ଫୋନିମ୍ ବା ଧ୍ୱନିଗ୍ରାମ୍ | ଓଡ଼ିଆ ଅକ୍ଷର | ଓଡ଼ିଆ ଶବ୍ଦ |
|---|---|---|
| P | ପ | ପବନ, କପା |
| ph | ଫ | ଫଳ, କଫା |
| b | ବ | ବହି, କବି |
| bh | ଭ | ଭାତ, ଜିଭ |
| t | ତ | ତଳ, ଗିତ |
| th | ଥ | ଥୋଇବା, ରଥ |
| d | ଦ | ଦାନ୍ତ, ପାଦ |
| dh | ଧ | ଧୋଇବା, ଗାଧୋଇବା |
| ṭ | ଟ | ଟାଣ, ଖଟ |
| ṭh | ଠ | ଠଣା, କାଠ |
| ḍ | ଡ | ଡର, ରଡ଼ |
| | ଡ଼ | ଗୋ, ଗଡ଼ |
| ḍh | ଢ | ଢାଳ |
| | ଢ଼ | ପଢିବା |
| k | କ | କର, ଚକ |
| kh | ଖ | ଖରା, କାଚ୍ୟ |
| g | ଗ | ଗରା, ଶାଗ |
| gh | ଘ | ଘର, ବାଘ |
| ċ | ଚ | ଚକ, କାଚ |
| ċh | ଛ | ଛକ, ବାଛିବା |
| j | ଜ | ଜର, କାଗଜ |
| | ଯ | ଯାଅ |
| jh | ଝ | ଝାଳ, ବୁଝିବା |
| m | ମ | ମନ, କାମ |
| | ମ | କମ୍ପି, ବାମ୍ପ,ଆମ୍ବ, ଦମ୍ଭ, ସମ୍ମାନ |
| n | ନ | ନାକ, କାନ |

| | | |
|---|---|---|
| | ନ | ଅନ୍ତ, ଅନ୍ଟଭା, କାନ୍ଦ, କାନ୍ଧ, ଅନ୍ନ |
| ṇ | ଣ | ବଣ |
| | ଣ | କଣ୍ଟା, କଣ୍ଠି, ଦାଣ୍ଡ, ଷର, ବର୍ଣ୍ଣ |
| n | | ବରଂ |
| | ଙ | ବଙ୍କା, ଶଙ୍ଖା, ସାଙ୍ଗ, ସଂଘ |
| s | ସ | ସର, ରସ |
| | ଶ | ଶର, ରାଶି |
| | ଷ | ଷଣ୍ଢ, ମୂଷା |
| h | ହ | ହଳ, ସାହସ |
| ḷ | ଲ | ଲଙ୍ଗଳ, ପାଲା |
| ḷ | ଳ | କଳ |
| | ଳ | ଅଳ୍ପ |
| r | ର | ରାଜି, କର |
| y | ୟ | ୟୁରୁପ, ଭୟ |
| w | ୱ | ୱାରଣ୍ଟ, ବେୱା |

ଏଠି ବର୍ଣ୍ଣ ଓ ଅକ୍ଷର ମଧ୍ୟରେ ପାର୍ଥକ୍ୟ ଦେଖିବାର ଅଛି। ଉଚ୍ଚାରିତ ଧ୍ୱନିଗୁଡ଼ିକ ବର୍ଣ୍ଣଭେଦରେ ଦୁଇ ଭାଗରେ ବିଭକ୍ତ କରାଯାଏ, ସ୍ୱର ଓ ବ୍ୟଞ୍ଜନ। ସ୍ୱୟଂ ରାଜତେ ଇତି ସ୍ୱର। ଯାହା ଆପଣା ଛାଏଁ ଛିଡ଼ା ହୁଏ, ଉଚ୍ଚାରତ ହୁଏ ତାହା ସ୍ୱର। ଯାହା ସ୍ୱର ବିନା ଆପଣା ଛାଏଁ ଉଚ୍ଚାରିତ ହୋଇପାରେ ନାହିଁ ତାହା ବ୍ୟଞ୍ଜନ। ଓଡ଼ିଆରେ ସାଧାରଣତଃ ବର୍ଣ୍ଣମାଳାର ସ୍ୱର ଓ ବ୍ୟଞ୍ଜନର ଲିଖିତ ରୂପ ଅକ୍ଷର। ବ୍ୟଞ୍ଜନ ବର୍ଣ୍ଣରେ ଅନ୍ତର୍ନିହିତ ସ୍ୱର ଅ-ଯୁକ୍ତ ହୋଇ ଏଗୁଡ଼ିକ ଉଚ୍ଚାରିତ ହୁଅନ୍ତି। ଏଗୁଡ଼ିକ ଅବକାକ୍ଷର କହନ୍ତି। ଅନ୍ୟ ସ୍ୱରବର୍ଣ୍ଣ ଯୁକ୍ତ ବ୍ୟଞ୍ଜନକୁ ବନାକ୍ଷର ଓ ଦୁଇଟି ବ୍ୟଞ୍ଜନର ଯୋଗକୁ ଯୁକ୍ତାକ୍ଷର କୁହାଯାଏ। ସ୍ୱରର ଅନୁପସ୍ଥିତି ଦର୍ଶାଇ କେବଳ ବ୍ୟଞ୍ଜନ ବର୍ଣ୍ଣ ଲେଖିବା ପାଇଁ ଓଡ଼ିଆରେ ହଳନ୍ତର ପ୍ରୟୋଗ ହୋଇଥାଏ। ଉଦାହରଣ ସ୍ୱରୂପ, ପ୍ କ୍ ତ୍ ଓ ପ କ ତ ମଧ୍ୟରେ ପାର୍ଥକ୍ୟ ଦେଖାଯାଇପାରେ। ଆଧୁନିକ ଚଳିତ ଓଡ଼ିଆରେ ଅନେକ ସମୟରେ ଶବ୍ଦାନ୍ତ ଅକ୍ଷରରେ ହଳନ୍ତ ବ୍ୟବହାର ନକରି ମଧ୍ୟ ତାହାକୁ ବ୍ୟଞ୍ଜନରୂପେ ଉଚ୍ଚାରଣ କରାଯାଇଥାଏ। ଓଡ଼ିଆ ବ୍ୟାକରଣରେ ସମସ୍ତ ଶବ୍ଦ ସ୍ୱରନ୍ତ ହୋଇଥାଏ। ସ୍ୱରର ଅନୁପସ୍ଥିତି ଦେଖେଇବାକୁ ହଳନ୍ତ ଲେଖାଯାଏ। ଯେଉଁଠି ଶବ୍ଦକୁ ଗୁରୁତ୍ୱ ଦେବାପାଇଁ ବ୍ୟଞ୍ଜନାନ୍ତ କରାଯାଏ ତାହାକୁ ବ୍ୟତିକ୍ରମ ରୂପେ ଗ୍ରହଣ କରାଯାଇପାରେ।

ଓଡ଼ିଆ ବର୍ଣ୍ଣମାଳାର ସ୍ୱର ବିଚାରରେ ନିମ୍ନଲିଖିତ ଚିତ୍ର ଦେଖିବାକୁ ମିଳେ।

| | | |
|---|---|---|
| i | ଇ | ଇଟା, ପିତା, ନଈ |
| | ଈ | ଈଶ୍ୱର, ଜୀବନ |

| | | |
|---|---|---|
| u | ଉ | ଉପର, ଛୁରୀ, କାଉ |
| | ଊ | ଊଷ, କୂଳ |
| e | ଏ | ଏଗାର, କେତେ, ଖାଏ |
| o | ଓ | ଓଠ, କୋଠା, ମାଡ଼ |
| a | ଆ | ଆଗ, କାମ, ଯାଅ |
| ɔ | ଅ | ଅଗ, କମ, କଅଣ |

ଏହା ବ୍ୟତୀତ ଓଡ଼ିଆରେ ଦୁଇଟି ଦ୍ୱିସ୍ୱର ପାଇଁ ଦୁଇଟି ଅକ୍ଷର ମଧ୍ୟ ଅଛି।

| | | |
|---|---|---|
| ɔi | ଐ | ଐରାବତ, ଶୈଳ |
| ɔu | ଔ | ଔଷଧ, ପୈରାଣିକ |

ଓଡ଼ିଆ ଉଚ୍ଚାରଣର ହ୍ରସ୍ୱ ଦୀର୍ଘର ଭେଦ ଲୋପ ପାଇ ଯାଇଛି। ଦୀର୍ଘ ଇ ଓ ଉ ବନାନରେ ଥିବାରୁ ବର୍ଣ୍ଣଶୁଦ୍ଧି ଦେଖିବାକୁ ମିଳୁଛି। ଏଥିରୁ ଦେଖାଯିବ ଯେ, ଓଡ଼ିଆରେ ୩୧ଟି ବ୍ୟଞ୍ଜନ, ୬ଟି ସ୍ୱର ଓ ଦୁଇଟି ଦ୍ୱିସ୍ୱର ଚଳିତ ଭାଷାର ବର୍ଣ୍ଣନା ପାଇଁ ତାତ୍ପର୍ଯ୍ୟପୂର୍ଣ୍ଣ। ଏହାର ସମ୍ୟକ୍ ଅବବୋଧ ପାଇଁ ଧ୍ୱନି ଓ ଧ୍ୱନିଗ୍ରାମ୍ (ଫୋନିମ୍) ମଧ୍ୟରେ ସଂପର୍କ ବୁଝିବା ଆବଶ୍ୟକ।

**ଲିପି ଓ ଧ୍ୱନିଲିପି :**

'କଥିତ ଭାଷା' କଥୋପକଥନର ଭାଷା। ଏହା ଏକସମୟରେ ସମ୍ବାଦ ପ୍ରେରଣ କରୁଥିବା ଓ ସମ୍ବାଦ ଗ୍ରହଣ କରୁଥିବା ବ୍ୟକ୍ତିଙ୍କର ଉପସ୍ଥିତିର ଅପେକ୍ଷା ରଖେ। ମଣିଷ ସଭ୍ୟତାର ବିକାଶରେ ଲିପିର ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ସମସ୍ତ ସଂଗୃହୀତ ଜ୍ଞାନକୁ ଭବିଷ୍ୟତ୍ ବଂଶଧରଙ୍କ ପାଇଁ ସଞ୍ଚିରଖିବାକୁ ଲିପି ପ୍ରଧାନ ସାଧନରୂପେ କାମ କରିଛି। ସ୍ଥାନ ଓ ସମୟର ଦୂରତା ଜୟକରି ସଞ୍ଚାରର ଆୟତନ ବିସ୍ତାର କରିବାରେ ଲିପି କମ୍ ସାହାଯ୍ୟ କରିନାହିଁ। ଯେଉଁ ଭାଷାବିଜ୍ଞାନୀ ପ୍ରଥମେ କଥିତ ଭାଷାକୁ ଲିପିବଦ୍ଧ କରିବାକୁ ପ୍ରଥମ ପଦକ୍ଷେପ ନେଲେ, ସେ ସମସ୍ତଙ୍କର ନମସ୍ୟ।

କଥିତ ଭାଷାକୁ ଲିପିବଦ୍ଧ କରିବା ସହଜ କଥା ନୁହେଁ। କଥା କହିବାର ପ୍ରବାହକୁ ବନ୍ଦକରି ତାର ଧ୍ୱନିତାତ୍ତ୍ୱିକ ବିଶ୍ଳେଷଣ କଲେ ଦେଖାଯିବ ଯେ, ତହିଁରେ ଉଭୟ ଖଣ୍ଡଧ୍ୱନି ଓ ଖଣ୍ଡେତର ଧ୍ୱନି ରହିଛି। **ମୁଁ ଆଁ କରିଛି ଏବଂ ମୁଆଁ କରିଛି** - ବାକ୍ୟକୁ ବିଚାର କଲେ ଦେଖାଯିବ ଯେ, ଏଥିରେ ମ୍, ଉ, ଆ, କ୍, ଅ, ର୍, ଇ, ଛ୍, ଇ ପରି ଖଣ୍ଡଧ୍ୱନି ଅଛି। ଅନେକ ଅବଶ୍ୟ ଅନୁନାସିକତାକୁ ଖଣ୍ଡେତର ଧ୍ୱନି ରୂପେ ବିଚାର କରିଥାନ୍ତି ; କିନ୍ତୁ ତାର ବିଚାର ସ୍ଥଳ ଅନ୍ୟତ୍ର। ଏହି ବାକ୍ୟରେ ଦୁଇ ପ୍ରକାରର Transition ଅଛି। ମୁଆଁରେ Close Transition ; ମୁଁ ଆଁ ଭିତରେ Open transition, **ମୁ ଆଁ ଓ ମୁଁ ଆଁ** (କରିଛି) ଦୁଇଟିକୁ ତୁଳନା କଲେ ଏ ଉଭୟର ପାର୍ଥକ୍ୟ ବୁଝିହେବ। Open transition ବା Juncture କୁ ଖଣ୍ଡଧ୍ୱନିରୂପେ ସାଧାରଣତଃ କୁହାଯାଇଥାଏ। କିନ୍ତୁ ଆ ଉପରେ ବଳାଘାତ ଓ **ମୁଁ ଆଁ କରିଛି** ବାକ୍ୟଟିକୁ ପ୍ରଶ୍ନାତ୍ମକ ସୂଚିତ କରିବା ପାଇଁ ଯେଉଁ ସ୍ୱରଲହର ବ୍ୟବହାର କରାଯାଇଛି, ତାହା ସମସ୍ତ ବାକ୍ୟରେ ବ୍ୟାପିରହିଥିବାରୁ ଏହାକୁ ଖଣ୍ଡେ୍ୟତର ଧ୍ୱନି

କୁହାଯାଇଥାଏ । ଖଣ୍ଡ୍ୟେତର ଧ୍ୱନିକୁ ଲେଖିବା ଅପେକ୍ଷାକୃତ ଅଧିକ କଷ୍ଟକର ; ବିଶେଷକରି ଯେଉଁ ଭାଷାରେ tone ଦୁଇଟି ଶବ୍ଦ ମଧ୍ୟରେ ଅର୍ଥପାର୍ଥକ୍ୟ ସୂଚିତ କରେ, ଲେଖିବାରେ ତହିଁରେ ସମସ୍ୟା ବେଶି ।

ଖଣ୍ଡ୍ୟେତର ଧ୍ୱନି ଲେଖିବା ପାଇଁ କେତେକ ସାଧାରଣ ନିୟମ ଅଛି । ଅନେକ ବଳାଘାତର ଆପେକ୍ଷିକ ଗୁରୁତ୍ୱକୁ ସଂଖ୍ୟା ସାହାଯ୍ୟରେ ସୂଚିତ କରିଥାନ୍ତି । **ମୁଁ** $^2$ **ଆଁ** $^3$ **କ**$^2$ **ରି ଛି**$^1$ ↑ରୁ ଜଣାଯିବ ଯେ, **ଆଁ** ଶବ୍ଦ ଉପରେ ସବୁଠାରୁ ଅଧିକ ବଳାଘାତ ଅଛି । ଶେଷରେ ଥିବା ତୀର ଚିହ୍ନର ଅର୍ଥ ହେଉଛି ଯେ, ପ୍ରଶ୍ନ ହେତୁ ସ୍ୱରଲହର ସାମାନ୍ୟ ଉପରକୁ ଉଠିଥାଏ । ମୁଦ୍ରଣ ଅସୁବିଧା ଦୃଷ୍ଟିରୁ ଅନେକେ ଶବ୍ଦ ପରେ ସଂଖ୍ୟା ଦେଇ ନଲେଖି ଏକାଧାଡ଼ିରେ ଲେଖିବା ଚେଷ୍ଟାକରିଥାନ୍ତି । ମନେକର, ଗୋଟିଏ ଭାଷାରେ Q ଓ Z ର ଉପଯୋଗିତା ନାହିଁ ଏବଂ ସେହି ଭାଷାରେ ଉଚ୍ଚ ନିମ୍ନ ଭେଦରେ ଦୁଇଟି tone ଅଛି । ଯଦି Q କୁ ଉଚ୍ଚ ଓ Z କୁ ନିମ୍ନ tone ବୋଲି ଧରାଯାଏ ଓ ସେହି ଭାଷାରେ akura ଶବ୍ଦରେ ପ୍ରଥମ a ଉପରେ ଉଚ୍ଚ ଓ ଶେଷ a ଉପରେ ନିମ୍ନ tone ଥାଏ, ତେବେ ସେହି ଶବ୍ଦଟିକୁ aQkuraz ରୂପେ ଲେଖାଯାଇପାରିବ । ଏ ଉଭୟ ପ୍ରକାର ଲେଖାର ସ୍ୱତନ୍ତ୍ର ସମସ୍ୟା ରହିଛି । ଅନେକେ କୌଣସି ପ୍ରକାର ଚିହ୍ନ ନ ଦେଇ ଲେଖିବା ପସନ୍ଦ କରିଥାନ୍ତି । ଏହା ଫଳରେ ସେହି ଭାଷାକୁ ମାତୃଭାଷାରୂପେ ବ୍ୟବହାର କରୁଥିବା ଲୋକଙ୍କ ପକ୍ଷରେ ପଢିବା ସମ୍ଭବ ହେଲେ ମଧ୍ୟ ଅନ୍ୟ ଭାଷାଭାଷୀମାନଙ୍କ ପକ୍ଷରେ ପଢ଼ିବା କଠିନ ହୋଇଥାଏ ।

ଖଣ୍ଡଧ୍ୱନି ଲେଖିବାର ସମସ୍ୟା କିଛି କମ୍ ନୁହେଁ । ଆନ୍ତର୍ଜାତିକ ଧ୍ୱନିଲିପି (International Phonetic Alphabet) ସୃଷ୍ଟି କଲାବେଳେ ଅନେକଙ୍କର ବିଶ୍ୱାସ ଥିଲା ଯେ, ପ୍ରତ୍ୟେକ ଧ୍ୱନିକୁ ଗୋଟିଏ ସ୍ୱତନ୍ତ୍ର ଚିହ୍ନ ଦ୍ୱାରା କରିବା ସମ୍ଭବ ; କିନ୍ତୁ ଏ ବିଶ୍ୱାସ ବେଶି ଦିନ ତିଷ୍ଠିଲା ନାହିଁ । ପୃଥିବୀର ପ୍ରାୟ ଦୁଇହଜାର ଭାଷାର ଧ୍ୱନିର ବିଭିନ୍ନତାକୁ ସ୍ୱତନ୍ତ୍ର ଭାବରେ ଚିହ୍ନିତ କରିବା ସମ୍ଭବ ନୁହେଁ । ତେଣୁ ପ୍ରତ୍ୟେକ ଧ୍ୱନିକୁ ଉଚ୍ଚାରଣ ସ୍ଥାନ ଓ ଉଚ୍ଚାରଣ ପ୍ରଯତ୍ନ ଦୃଷ୍ଟିରୁ ଶ୍ରେଣୀଭୁକ୍ତ କରି ଧ୍ୱନିଲିପିର ସୃଷ୍ଟି କରାଗଲା । ଏଥିରେ ଧ୍ୱନିର ଲିଖିତ ରୂପର ସୂକ୍ଷ୍ମବିଚାର ହେତୁ ଏହାକୁ ଅପ୍ରଶସ୍ତ ଲେଖନ (Narrow Transcription) କୁହାଯାଏ । ଭାଷାର ବର୍ଣ୍ଣନାତ୍ମକ ବିଶ୍ଳେଷଣ କଲାବେଳେ ଦେଖାଗଲା ଯେ, ଗୋଟିଏ ଧ୍ୱନି ବିଭିନ୍ନ ଧ୍ୱନି ପରିପ୍ରେକ୍ଷୀରେ ଭିନ୍ନ ରୂପେ ପ୍ରତୀତ ହୁଏ । ଇଂରାଜୀ PIN ରେ ଥିବା P ମହାପ୍ରାଣ, SPIN ରେ ଥିବା P ଅଳ୍ପପ୍ରାଣ ଓ napkin ରେ ଥିବା P ଅମୁକ୍ତ । ଓଡ଼ିଆରେ କା, କି, କୁ, କ ରେ ଥିବା **କ** ର ଉଚ୍ଚାରଣ ଭିନ୍ନ । **ନା**କରେ ଥିବା **ନ** ବର୍ତ୍ସ୍ୟ ହେଲାବେଳେ ଦାନ୍ତରେ ଥିବା **ନ** ଦନ୍ତ୍ୟ । ଏହିପରି ଭାବରେ ଧ୍ୱନିକୁ ଚିହ୍ନିବା ଓ ଚିହ୍ନେଇବାରେ କେତେକ ସୁବିଧା ରହିଛି । କିନ୍ତୁ ଏହିପରି ଭାବରେ ଧ୍ୱନିକୁ ଚିହ୍ନେଇ କୌଣସି ଭାଷା ଲେଖିବା ଏକପ୍ରକାର ଅସମ୍ଭବ ; ତେଣୁ ସାଧରଣତଃ ଧ୍ୱନିଗ୍ରାମଭିତ୍ତିରେ ଲିପି ସୃଷ୍ଟି କରିବା ଅଧିକ ସୁବିଧାଜନକ ବୋଲି ବିବେଚିତ ହୋଇଥାଏ । ଓଡ଼ିଆ ଓ ନାଗରୀ ଲିପି ଆଂଶିକ ଭାବରେ ଧ୍ୱନିଗ୍ରାମ ଭିତ୍ତିକ ଓ ଆଂଶିକ ଅକ୍ଷର ଭିତ୍ତିକ । ଚୀନ ଓ ଜାପାନୀ ଭାଷାରେ ଗୋଟିଏ ଗୋଟିଏ ଲିପି ଗୋଟିଏ ଗୋଟିଏ ଶବ୍ଦ । ପ୍ରାଚୀନ କାଳର ଚିତ୍ରଲିପିରେ ଗୋଟିଏ ଗୋଟିଏ ଚିତ୍ର ବାକ୍ୟାଂଶ ବା ପୂର୍ଣ୍ଣ- ବାକ୍ୟର ଦ୍ୟୋତକ । ସେ ଯାହା ହେଉନା କାହିଁକି, ଧ୍ୱନିଗ୍ରାମଭିତ୍ତିକ ଲିପି ଭାଷାରେ ସବୁ ଠାରୁ କ୍ଷୁଦ୍ର ମହତ୍ତ୍ୱପୂର୍ଣ୍ଣ ଅର୍ଥହୀନ ଏକକର ସୀମିତ ଆୟତନ ମଧ୍ୟରେ ପ୍ରସ୍ତୁତ ହେଉଥିବାରୁ ଲେଖିବାର ସଂରଚନା ଦୃଷ୍ଟିରୁ ଅଧିକ ସୁବିଧାଜନକ । ପୁଣି ଏଥିରେ ବିଭିନ୍ନ ଧ୍ୱନିକୁ ଗୋଟିଏ

ଗୋଟିଏ ଏକକର ସହଧ୍ୱନିରୂପେ ଶ୍ରେଣୀଭୁକ୍ତ କରି ଲେଖାଯାଉଥିବାରୁ ଏହାକୁ ପ୍ରଶସ୍ତ ଲେଖନ (Broad Transcription) କୁହାଯାଏ। ଧ୍ୱନିଲେଖକୁ ସାଧାରଣତଃ ([ ]) ମଧ୍ୟରେ ଓ ଧ୍ୱନିଗ୍ରାମୀୟ ଲେଖକୁ // ମଧ୍ୟରେ ଲେଖାଯାଇଥାଏ। ଉଦାହରଣ ସ୍ୱରୂପ, ଓଡ଼ିଆ ନଈ, ଯନ୍ତାକୁ ଅପ୍ରଶସ୍ତ ଧ୍ୱନିଲିପିରେ ଲେଖିଲେ [ନଈ], [ ଜନ୍ତା] ଓ ପ୍ରଶସ୍ତ ଧ୍ୱନିଲିପିରେ /ନଈ/ ଜନ୍ତା / ହୋଇପାରେ।

କୌଣସି ଭାଷାରେ ଧ୍ୱନିଗ୍ରାମ ଓ ବର୍ଣ୍ଣମାଳା ମଧ୍ୟରେ ସାରୂପ୍ୟ ଦେଖିବାକୁ ମିଳେ ନାହିଁ। ଗୋଟିଏ ଧ୍ୱନିର ପ୍ରକାଶ ପାଇଁ ବିଭିନ୍ନ ବର୍ଣ୍ଣ ଯେପରି ବ୍ୟବହାର ହେବା ସମ୍ଭବ, ଗୋଟିଏ ବର୍ଣ୍ଣ ବିଭିନ୍ନ ଧ୍ୱନିର ପ୍ରତିନିଧିତ୍ୱ କରିବା ମଧ୍ୟ ସମ୍ଭବ। ଇଂରାଜୀ ଭାଷାରେ a ଅକ୍ଷରର ମୂଲ୍ୟ ant, balm, paste, ball ଆଦି ଶବ୍ଦରେ ଭିନ୍ନ। ସେହିପରି ଚ ଧ୍ୱନିର ପ୍ରକାଶ ଇଂରାଜୀରେ c, ch, tch, tsch, ti, ts ଆଦି ଦ୍ୱାରା ହୋଇଥାଏ। ଓଡ଼ିଆରେ ଗୋଟିଏ ଧ୍ୱନିଗ୍ରାମ /ସ/ ; କିନ୍ତୁ ପୂର୍ବରୁ କୁହାଯାଇଛି, ବର୍ଣ୍ଣମାଳାରେ ସ, ଶ, ଷ ଭେଦରେ ତିନୋଟି ସଙ୍କେତ ଚିହ୍ନ ଅଛି। ସେହିପରି ଗୋଟିଏ ଧ୍ୱନିଗ୍ରାମ /ଜ/ । **ଯ** ଓ **ଜ** ଭେଦରେ ଦୁଇଟି ଅକ୍ଷର ଓଡ଼ିଆରେ ବହୁଳ ଭାବରେ ବ୍ୟବହାର ହୁଏ।

ଲିପି ସଂସ୍କାର ଭାଷାର ପରିବର୍ତ୍ତନ ସହିତ ତାଳ ରକ୍ଷା କରିପାରୁନାହିଁ। ଅନେକେ ଲିପିସଂସ୍କାର ଦୃଷ୍ଟିରୁ ଭାଷାର ବିଭିନ୍ନ ଅପ୍ରାସଙ୍ଗିକତା ବନାନରୁ ଦୂର କରିବାକୁ ଚେଷ୍ଟା କରିଥାନ୍ତି କିନ୍ତୁ ମନେରଖିବାକୁ ହେବ ଯେ, ଏଇ ବନାନ ଫଳରେ ଅର୍ଥର ବିଭିନ୍ନ ଐତିହାସିକ ସ୍ତର ସୁରକ୍ଷିତ ହୋଇଥାଏ। ଓଡ଼ିଆରେ ସର ଓ ଶର ଉଚ୍ଚାରଣ ଦୃଷ୍ଟିରୁ ଏକା ହେଲେ ମଧ୍ୟ ଦୁଇଟି ମଧ୍ୟରେ ଯେ ଅର୍ଥଗତ ଭିନ୍ନତା ରହିଛି, ଏହା ଅସ୍ୱୀକାର କରିହେବ ନାହିଁ। ଇଂରାଜୀ ଭାଷାରେ ବନାନ ସୁଧାରିବା ପାଇଁ ବର୍ଣ୍ଣାଡ଼' ସ ତାଙ୍କର ସମସ୍ତ ସଞ୍ଚୟ ଛାଡ଼ିଯାଇଛନ୍ତି। ଇଂରାଜୀର ବନାନ ଏପରି ବିଭ୍ରାଟ ଯେ, ghoti ଲେଖି fish ପଢିବା ନ୍ୟାୟ ବୋଲି ଲୋକେ କହିଥାନ୍ତି। gh in rough, o in women, ti in station - ଏହିପରି ଭାବରେ ମୂଲ୍ୟ ଗ୍ରହଣ କଲେ ghoti କୁ fish କହିବା ଅନ୍ୟାୟ ହେବନାହିଁ। ପ୍ରକୃତପକ୍ଷରେ କିନ୍ତୁ ଏପରି ବନାନବିଭ୍ରାଟ ମୁଖ୍ୟତଃ ଭାଷା ପରିବର୍ତ୍ତନ ହେତୁ ଘଟିଥାଏ।"

(ଓଡ଼ିଆ ଭାଷା ଓ ଭାଷାବିଜ୍ଞାନ, ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ, ଗ୍ରନ୍ଥମନ୍ଦିର, ପୃଷ୍ଠା -୫୮ ରୁ ୬୪)

ଭାରତ ସରକାରଙ୍କ ଦ୍ୱାରା ପବର୍ତ୍ତିତ ସମସ୍ତ ଗୁଣାବଳୀକୁ ଓଡ଼ିଆ ଭାଷା ଏହିପରି ପୁରଣ କରିଥିବାରୁ, ଭାରତ ସରକାର ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ପ୍ରଦାନ କରିଛନ୍ତି।

## ୩.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

### (୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ।

(କ) ଓଡ଼ିଆ ଭାଷାକୁ କେବେ ଶାସ୍ତ୍ରୀୟ ଭାଷାର ମାନ୍ୟତା ପ୍ରଦାନ କରାଯାଇଛି ?

(ଖ) ଶାସ୍ତ୍ରୀୟ ଭାଷା ମାନ୍ୟତା ପାଇଥିବା ଭାରତୀୟ ଭାଷାଗୁଡ଼ିକର ନାମ ଲେଖ।

(ଗ) ଶାସ୍ତ୍ରୀୟ ଭାଷା ମାନ୍ୟତା ପାଇବା ନିମିତ୍ତ ଯେ କୌଣସି ଗୋଟିଏ ଯୋଗ୍ୟତା ଲେଖ।

(ଘ) ଓଡ଼ିଆ ଲିପି କେଉଁ ଶିଳାଲେଖରେ ସଂପୂର୍ଣ୍ଣ ରୂପେ ବ୍ୟବହୃତ ହୋଇଛି ?

(ଙ) ଓଡ଼ିଆ ଲିପି କେଉଁ ଲିପିରୁ ଜନ୍ମ ନେଇଛି ?

(ଚ) କେଉଁ ଭିତ୍ତିରେ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ମିଳିଛି ?

**(୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ।**

(କ) ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇବା ନିମିତ୍ତ ଭାରତ ସରକାର କେଉଁ କେଉଁ ମାପଖଣ୍ଡ ଉଲ୍ଲେଖ କରିଛନ୍ତି ଓ ଓଡ଼ିଆ ଭାଷା ତାହାକୁ କିପରି ପୁରଣ କରିଛି, ଦର୍ଶାଅ ।

(ଖ) ପ୍ରାଚୀନ ଓଡ଼ିଆ ଭାଷାର ସ୍ୱରୂପ ଆଲୋଚନା କର ।

(ଗ) ଓଡ଼ିଆ ସାହିତ୍ୟ ବିବର୍ତ୍ତନର ଇତିହାସ ଦର୍ଶାଅ ।

(ଘ) ବିଭିନ୍ନ ଧର୍ମଧାରା ଓଡ଼ିଆ ସାହିତ୍ୟକୁ କିପରି ସମୃଦ୍ଧ କରିଛି ଆଲୋଚନା କର ।

## ୩.୬ ସହାୟକ ଗ୍ରନ୍ଥସୂଚୀ


- Classical Odia in Historical Perspective, Department of Culture, Govt. of Odisha, 2015 ।
- ଓଡ଼ିଆ ଭାଷା ଓ ଭାଷାବିଜ୍ଞାନ, ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ(ପଦ୍ମଶ୍ରୀ), ଗ୍ରନ୍ଥ ମନ୍ଦିର, କଟକ, ଓଡ଼ିଶା, ୨୦୦୭ ।

# ଚତୁର୍ଥ ଏକକ
# ଓଡ଼ିଶାର ଉପଭାଷା

**ବିଷୟ ଗଠନ :**

୪.୧ ପଠନର ଉଦ୍ଦେଶ୍ୟ
୪.୨ ଶିକ୍ଷଣୀୟ ବିଷୟ
୪.୩ ବିଷୟ ପ୍ରବେଶ
୪.୪ ଓଡ଼ିଆ ଭାଷାର ଉପଭାଷା
୪.୫ ସମ୍ବଲପୁରୀ ଉପଭାଷା
୪.୬ ଦକ୍ଷିଣାଞ୍ଚଳୀୟ ଉପଭାଷା
୪.୭ ଉତ୍ତରାଞ୍ଚଳୀୟ ଉପଭାଷା
୪.୮ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ
୪.୯ ସହାୟକ ଗ୍ରନ୍ଥସୂଚୀ

## ୪.୧ ପଠନର ଉଦ୍ଦେଶ୍ୟ

ଭାଷାର ବିଭିନ୍ନ ରୂପ ରହିଛି। ଯେତେବେଳେ ଭାଷା ଗୋଟିଏ ବିରାଟ କ୍ଷେତ୍ର ଅଞ୍ଚଳରେ କଥିତ ହୁଏ, ସେତେବେଳେ ତାହାକୁ ମାନକ ବା ପ୍ରାମାଣିକ ଭାଷା Standard Language କୁହାଯାଏ। ଏହା ହେଉଛି ଯେ କୌଣସି ଭାଷାର ଏକ ଆଦର୍ଶ ରୂପ। ଏହି ମାନକ ଭାଷାକୁ ଉଚ୍ଚଶିକ୍ଷିତ, ଆଭିଜାତ୍ୟ ସମ୍ପନ୍ନ ଜନସାଧାରଣ ବ୍ୟବହାର କରିଥାନ୍ତି। ଏହି ପ୍ରାମାଣିକ ଭାଷାକୁ ଶିକ୍ଷାର ମାଧ୍ୟମ, କୋର୍ଟ କଚେରିର ଭାଷା ରୂପେ ଗ୍ରହଣ କରାଯାଇଛି। ଏହି ଭାଷାରେ ମଧ୍ୟ ସାହିତ୍ୟ ସର୍ଜନା କରାଯାଏ।

ପ୍ରାମାଣିକ ଭାଷା ବ୍ୟତୀତ ଭାଷାର ଅନ୍ୟ ରୂପଟି ହେଉଛି ଆଞ୍ଚଳିକ। ଏହି ଆଞ୍ଚଳିକ ଭାଷାକୁ ଉପଭାଷା କୁହାଯାଏ। ଉପଭାଷାକୁ ଇଂରାଜୀରେ 'Dialect' କୁହାଯାଏ। ଷ୍ଟାଣ୍ଡାର୍ଡ ବା ମାନକ ଭାଷାର ଯେପରି ଗୁରୁତ୍ୱ ରହିଛି ଉପଭାଷାର ମଧ୍ୟ ସେତିକି ଗୁରୁତ୍ୱ ରହିଛି। ଲକ୍ଷ୍ୟ କରାଯାଇଛି ଯେ ଯୁଗେ ଯୁଗେ ଉପଭାଷା ଭାଷାର ପରିବର୍ତ୍ତନ ଓ ପରିପୁଷ୍ଟିରେ ସାହାଯ୍ୟ କରିଥାନ୍ତି। ତେଣୁ ଉପଭାଷାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରି Maxmullar କହିଛନ୍ତି - "Dialects are the feed of the language" ଏହା ସମ୍ପୂର୍ଣ୍ଣ ଭାବରେ ଯଥାର୍ଥ। ଉପଭାଷାଗୁଡ଼ିକ ମୁଖ୍ୟଭାଷାକୁ ସମୃଦ୍ଧି କରିଥାନ୍ତି। ଆଞ୍ଚଳିକ ଭାଷା ବା ଉପଭାଷାମାନଙ୍କରେ ଭାଷାର ଯଥାର୍ଥ ପ୍ରାକୃତିକ ପ୍ରାଣସ୍ପନ୍ଦନ ନିହିତ।

ଓଡ଼ିଆ ଭାଷାର ଉଭୟ ପ୍ରାମାଣିକ ରୂପ ଓ ଆଞ୍ଚଳିକ ରୂପ ରହିଛି। ଓଡ଼ିଆ ଭାଷାର ଆଞ୍ଚଳିକ ରୂପ ଗୁଡ଼ିକୁ ଉପଭାଷା ନାମରେ ଅଭିହିତ କରାଯାଇଛି। ଯେପରି ଦକ୍ଷିଣାଞ୍ଚଳୀୟ ଓଡ଼ିଆ, ପଶ୍ଚିମାଞ୍ଚଳୀୟ ଓଡ଼ିଆ ବା ସମ୍ବଲପୁରୀ, ଉତ୍ତରାଞ୍ଚଳୀୟ ଓଡ଼ିଆ ଇତ୍ୟାଦି। ବିଦ୍ୟାର୍ଥୀମାନେ ଏହି ସବୁ ଉପଭାଷା ଗୁଡ଼ିକୁ ଅଧ୍ୟୟନ କଲେ ଓଡ଼ିଆ ଭାଷାର ବିଭିନ୍ନ ରୂପ, ସେମାନଙ୍କର ଲକ୍ଷଣ, ଧ୍ୱନିତତ୍ତ୍ୱ, ରୂପତତ୍ତ୍ୱ, ଶବ୍ଦ ବୈଚିତ୍ର୍ୟ ସମ୍ପର୍କରେ ସମ୍ପୂର୍ଣ୍ଣ ରୂପେ ଅବଗତ ହୋଇପାରିବେ।

## ୪.୨ ଶିକ୍ଷଣୀୟ ବିଷୟ

ଏହି ଏକକରେ ବିଦ୍ୟାର୍ଥୀମାନେ ନିମ୍ନଲିଖିତ ପ୍ରସଙ୍ଗ ଗୁଡ଼ିକ ଜାଣିପାରିବେ :

- ବିଭିନ୍ନ ଉପଭାଷା ସମ୍ପର୍କରେ ଜ୍ଞାନ ଆହରଣ କରିପାରିବେ।
- ଉପଭାଷା ଗୁଡ଼ିକର ଧ୍ୱନିତତ୍ତ୍ୱ ଓ ରୂପତତ୍ତ୍ୱ ସମ୍ପର୍କରେ ଅବଗତ ହୋଇପାରିବେ।
- ବିଭିନ୍ନ ଉପଭାଷାର ଶବ୍ଦଭଣ୍ଡାର ସମ୍ପର୍କରେ ଅବଧାରଣା ହୋଇପାରିବ।
- ଉପଭାଷା ଗୁଡ଼ିକ ମଧ୍ୟରେ ତୁଳନାତ୍ମକ ଜ୍ଞାନଲାଭ ହୋଇପାରିବ।

## ୪.୩ ବିଷୟ ପ୍ରବେଶ

ଭାଷାର ବିଭିନ୍ନ ଆଞ୍ଚଳିକ ରୂପ ରହିଛି। ଏହି ଆଞ୍ଚଳିକ ରୂପ ହେଉଛି ଉପଭାଷା। ଓଡ଼ିଆ ଭାଷାର ଯେଉଁସବୁ ଉପଭାଷା ରହିଛି ତନ୍ମଧ୍ୟରେ ପଶ୍ଚିମାଞ୍ଚଳୀୟ ଓଡ଼ିଆ ବା 'ସମ୍ବଲପୁରୀ' ଅନ୍ୟତମ। ପଶ୍ଚିମ ଓଡ଼ିଶା କହିଲେ ସାଧାରଣତଃ ସୁନ୍ଦରଗଡ଼ ଜିଲ୍ଲାଠାରୁ କଳାହାଣ୍ଡି ଜିଲ୍ଲା ଏବଂ ଦେବଗଡ଼ ଜିଲ୍ଲାଠାରୁ ନୂଆପଡ଼ା ଜିଲ୍ଲା ପର୍ଯ୍ୟନ୍ତ ପରିବ୍ୟାପ୍ତ ଅଞ୍ଚଳକୁ ବୁଝାଏ। ଭୌଗୋଳିକ ଅବସ୍ଥିତି ଦୃଷ୍ଟିରୁ ଏହି ଅଞ୍ଚଳକୁ ପଶ୍ଚିମାଞ୍ଚଳ ବୋଲି କୁହାଯାଉଛି। ପଶ୍ଚିମାଞ୍ଚଳର ଜିଲ୍ଲାଗୁଡ଼ିକ ହେଲେ – ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ସମ୍ବଲପୁର, ବୌଦ୍ଧ, ସୁବର୍ଣ୍ଣପୁର, ବରଗଡ଼, ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି। ଏହି ଦଶଗୋଟି ଅଞ୍ଚଳ ପଶ୍ଚିମାଞ୍ଚଳ ଓଡ଼ିଆ ବା 'ସମ୍ବଲପୁରୀ'ର ଭାଷା କ୍ଷେତ୍ର। ଉତ୍ତରାଞ୍ଚଳୀୟ ଓଡ଼ିଆ ଭାଷା କ୍ଷେତ୍ର ହେଉଛି – ଉତ୍ତର ବାଲେଶ୍ୱର, ମୟୂରଭଞ୍ଜ, ମେଦିନୀପୁର, ଷଢ଼େଇକଳା ଓ ଖରସୁଆଁ ଅଞ୍ଚଳ। ବର୍ତ୍ତମାନ କେବଳ ବାଲେଶ୍ୱର ଓ ମୟୂରଭଞ୍ଜ ଓଡ଼ିଶା ପ୍ରଦେଶର ଅନ୍ତର୍ଗତ। ଉଭୟ ଜିଲ୍ଲା ହେଉଛି ଉତ୍ତରାଞ୍ଚଳୀୟ ଓଡ଼ିଆ ଭାଷାକ୍ଷେତ୍ର, ଓଡ଼ିଶାର ଦକ୍ଷିଣ ଭାଗରେ ରହିଥିବା ଜିଲ୍ଲାଗୁଡ଼ିକ ହେଉଛନ୍ତି ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ନବରଙ୍ଗପୁର ଓ ମାଲକାନାଗିରି। ଏହି ଛଅଗୋଟି ଜିଲ୍ଲାକୁ ଦକ୍ଷିଣ ଓଡ଼ିଶା ଭାବରେ ଗ୍ରହଣ କରାଯାଇଛି। ତେଣୁ ଏହି ଛଅଗୋଟି ଜିଲ୍ଲା ପରିମିତ ଅଞ୍ଚଳକୁ ଦକ୍ଷିଣାଞ୍ଚଳୀୟ ଓଡ଼ିଆ ଭାଷାକ୍ଷେତ୍ର ରୂପେ ଚିହ୍ନଟ କରାଯାଇଛି।

## ୪.୪ ଓଡ଼ିଆ ଭାଷାର ଉପଭାଷା

ପ୍ରତ୍ୟେକ ମାନକ ଭାଷା (Standard Language) ର କିଛି ନା କିଛି ଉପଭାଷା ରହିଥାଏ। ଭାଷାତତ୍ତ୍ୱବିତ୍‌ମାନଙ୍କ ମତରେ ହିନ୍ଦୀର ସତରଗୋଟି ଉପଭାଷା, ବଙ୍ଗଳାର ଚାରିଗୋଟି, ବିହାରୀର ତିନିଗୋଟି, ଆସାମିଜ୍‌ର ଦୁଇଗୋଟି ଉପଭାଷା ରହିଛି। ଭାଷା ଓ ଉପଭାଷା ସମ୍ପର୍କରେ ଡକ୍ଟର ବଂଶୀଧର ମହାନ୍ତି ଲେଖିଛନ୍ତି – " କୌଣସି ଭାଷାକୁ ଯଦି ପର୍ବତ ସହିତ ତୁଳନା କରାଯାଏ, ତାହାହେଲେ ଉପଭାଷା ହେବ ତାହାର ନିମ୍ନଦେଶସ୍ଥ ଏକ କ୍ଷୁଦ୍ର ପାହାଡ଼, ଭାଷା ବିଶାଳକାୟ ମହାନଦୀ ହେଲେ ଉପଭାଷା ତାହାର ଶାଖାନଦୀ।"

ସାର୍ ଜର୍ଜ ଗ୍ରୀୟାରସନ୍ ଓଡ଼ିଆ ଭାଷା ସମ୍ପର୍କରେ ମତ ରଖିଛନ୍ତି – ("Oriya is remarkably free from dialectic Variation") ଅର୍ଥାତ୍ ଓଡ଼ିଆ ଭାଷାର ଉପଭାଷା ନାହିଁ। କିନ୍ତୁ ପରବର୍ତ୍ତୀ କାଳରେ ଏହା

ସତ୍ୟବୋଲି ଗୃହୀତ ହୋଇନାହିଁ । ଓଡ଼ିଆ ଭାଷାର ଯେ ଉପଭାଷା ରହିଛି ଏହା ସର୍ବାଦୌ ଭାଷାବିତ୍‌ମାନଙ୍କ ଦ୍ୱାରା ସାର୍ବଜନୀନ ଭାବରେ ଗୃହୀତ ହୋଇଛି । ପୁନଶ୍ଚ ସେ ମତ ରଖିଛନ୍ତି ଯେ ଘୁମୁସର ଓ ଖୋର୍ଦ୍ଧା ଅଞ୍ଚଳର ଓଡ଼ିଆ ଭାଷାକୁ ଖାଣ୍ଟି ଓଡ଼ିଆ ଭାଷା (Standard Oriya) ବୋଲି କୁହାଯିବ । କିନ୍ତୁ ଉପର୍ଯ୍ୟୁକ୍ତ ମତାମତ ବିଷୟରେ ଭାଷାବିତ୍‌ମାନେ ଏକମତ ନୁହନ୍ତି ।

ଉପଭାଷା ସମ୍ପର୍କରେ ଡକ୍ଟର ଧନେଶ୍ୱର ମହାପାତ୍ର ଲେଖିଛନ୍ତି – "ଗୋଟିଏ ଅଞ୍ଚଳର ଭାଷା ଲିଖିତ ରୂପ ଧାରଣ କଲେ ତାହା ଷ୍ଟାଣ୍ଡାର୍ଡ୍ ବା ମାନକ ଭାଷା ରୂପେ ଗୃହୀତ ହୁଏ ଏବଂ ଯେଉଁ ଅଞ୍ଚଳର ଭାଷା ସେହିମାନଙ୍କ ଭାଷାଠାରୁ ପୃଥକ୍ ହୋଇଉଠେ, ତାହାକୁ ଉପଭାଷା ନାମ ଦିଆଯାଏ ।" ଉପଭାଷାର ସୃଷ୍ଟି ହେବାର ହେତୁ ସମ୍ପର୍କରେ ଡକ୍ଟର ଧନେଶ୍ୱର ମହାପାତ୍ର ଲେଖିଛନ୍ତି । – "ଭାଷାର ପରିବର୍ତ୍ତନରେ ସ୍ଥାନ ଓ କାଳ ଦୁଇଟି ମୁଖ୍ୟ ହେତୁ, ଗୋଟିଏ ଭାଷାଭାଷୀ ଲୋକମାନେ ଯଦି ବିସ୍ତୃତ ଅଞ୍ଚଳରେ ବାସ କରନ୍ତି, ତେବେ ସେମାନଙ୍କର ଭାଷାରେ କ୍ରମେ ପାର୍ଥକ୍ୟ ଆସିଥାଏ । ଦୂରତା ହେତୁ ଏବଂ ବଣଜଙ୍ଗଲ, ପାହାଡ଼ ପର୍ବତ ନଦୀ ସମୁଦ୍ର ପ୍ରଭୃତି ପ୍ରାକୃତିକ ପ୍ରତିବନ୍ଧକ ହେତୁ ସେମାନଙ୍କ ମଧରେ ଯୋଗାଯୋଗ ଶିଥିଳ ହୋଇପଡ଼େ । ତେଣୁ ଭାଷାର ପାର୍ଥକ୍ୟ ଆସିବା ସ୍ୱାଭାବିକ । ତା' ଛଡ଼ା, ଗୋଟିଏ ଭାଷାଭାଷୀ ଲୋକମାନେ ସୀମିତ ଅଞ୍ଚଳରେ ରହିଲେ ମଧ ଏବଂ ସେହି ଅଞ୍ଚଳର କୌଣସି ପ୍ରାକୃତିକ ପ୍ରତିବନ୍ଧକ ନ ଥିଲେ ମଧ ସେମାନଙ୍କ ଭାଷାରେ କାଳକ୍ରମେ ସ୍ୱତଃ ପରିବର୍ତ୍ତନ ଘଟେ । ପୁନଶ୍ଚ ଅନ୍ୟ ଭାଷାର ସଂସ୍ପର୍ଶରେ ଆସିଲେ ଭାଷା ପରିବର୍ତ୍ତିତ ହୁଏ ।

ଓଡ଼ିଆ ଭାଷା ଅଞ୍ଚଳ ଭେଦରେ ବିଭିନ୍ନ ରୂପ ଧାରଣ କରୁଛି । ଓଡ଼ିଆ ଭାଷା ପଶ୍ଚିମରେ ହିନ୍ଦୀ ଭାଷା ସଂସ୍ରବରେ, ଦକ୍ଷିଣରେ ତେଲୁଗୁଭାଷା ସଂସ୍ରବରେ ଏବଂ ଉତ୍ତରରେ ବଙ୍ଗଳା ଭାଷା ସଂସ୍ରବରେ ଆସୁଛି । ଫଳରେ ପଶ୍ଚିମ ଓଡ଼ିଶା, ଦକ୍ଷିଣ ଓଡ଼ିଶା ଓ ଉତ୍ତର ଓଡ଼ିଶାରେ ଓଡ଼ିଆ ଭାଷା ଆଉ ସମାନ ଆକାରରେ ନାହିଁ ।" ଏହା ସମ୍ପୂର୍ଣ୍ଣ ସତ୍ୟ ।

ଓଡ଼ିଆ ଉପଭାଷା ସମ୍ପର୍କରେ ଯେଉଁ ଭାଷାବିତ୍‌ମାନେ ଅଧ୍ୟୟନ କରି ପୁସ୍ତକ ପ୍ରଣୟନ କରିଛନ୍ତି, ସେମାନଙ୍କ ମଧରେ ଜର୍ଜ ଗ୍ରୀୟାରସନ୍, ସତ୍ୟ ନାରାୟଣ ରାଜଗୁରୁ, ଖଗେଶ୍ୱର ମହାପାତ୍ର, ଧନେଶ୍ୱର ମହାପାତ୍ର, ପ୍ରମୁଖ ଉଲ୍ଲେଖଯୋଗ୍ୟ । ଭାଷାବିତ୍‌ମାନେ ଓଡ଼ିଆ ଭାଷାର ଉପଭାଷା ଭାବରେ ଯାହାକୁ ଗ୍ରହଣ କରିଛନ୍ତି, ସେଗୁଡ଼ିକ ହେଉଛି –

(୧) ସମ୍ବଲପୁରୀ ଉପଭାଷା

(୨) ଦକ୍ଷିଣାଞ୍ଚଳୀୟ ଉପଭାଷା

(୩) ଉତ୍ତରାଞ୍ଚଳୀୟ ଉପଭାଷା

## ୪.୫ ସମ୍ବଲପୁରୀ ଉପଭାଷା

ସମ୍ବଲପୁରୀ ବା ପଶ୍ଚିମୀ ଓଡ଼ିଆ ସମ୍ପର୍କରେ ପ୍ରଫେସର ବଂଶୀଧର ମହାନ୍ତି ଯଥାର୍ଥରେ ଲେଖିଛନ୍ତି – " ଓଡ଼ିଆ ଭାଷାର ଉପଭାଷା କହିବାକୁ ଗଲେ 'ସମ୍ବଲପୁରୀ' ହେଉଛି ତାହାର ଏକମାତ୍ର ଯଥାର୍ଥ ଉପଭାଷା ।" ସମ୍ବଲପୁରୀ ଉପଭାଷା ଏକ ବିସ୍ତୀର୍ଣ୍ଣ ଅଞ୍ଚଳରେ କଥିତ ହୋଇଥାଏ । ପଶ୍ଚିମ ଓଡ଼ିଶା କହିଲେ ଓଡ଼ିଶାର ସୁନ୍ଦରଗଡ଼

ଜିଲ୍ଲାଠାରୁ କଳାହାଣ୍ଡି ଜିଲ୍ଲା ଏବଂ ଦେବଗଡ଼ ଜିଲ୍ଲାଠାରୁ ନୂଆପଡ଼ା ଜିଲ୍ଲା ପର୍ଯ୍ୟନ୍ତ ପରିବ୍ୟାପ୍ତ ଅଞ୍ଚଳକୁ ବୁଝାଏ। ମୁଖ୍ୟତଃ ଭୌଗୋଳିକ ଅବସ୍ଥିତି ଦୃଷ୍ଟିରୁ ଓଡ଼ିଶାର ଦଶଗୋଟି ଜିଲ୍ଲାକୁ ନେଇ ପଶ୍ଚିମାଞ୍ଚଳର ପରିକଳ୍ପନା କରାଯାଇଛି। ଏହି ଦଶଗୋଟି ଜିଲ୍ଲା ହେଲେ - ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ସମ୍ବଲପୁର, ବୌଦ୍ଧ, ସୁବର୍ଣ୍ଣପୁର, ବରଗଡ଼, ବଲାଙ୍ଗିର, ନୂଆପଡ଼ା ଓ କଳାହାଣ୍ଡି।

ପଶ୍ଚିମାଞ୍ଚଳ ବୋଲି କୁହାଯାଉଥିବା ଏହି ବିରାଟ ଭୂଖଣ୍ଡର ସୀମାବର୍ତ୍ତୀ ରାଜ୍ୟ ଭାବରେ ଛତିଶଗଡ଼ ଓ ଝାଡ଼ଖଣ୍ଡ ରାଜ୍ୟ ଅବସ୍ଥିତ। ଷଢ଼େଇକଳା, ଖରସୁଆଁ, ଫୁଲଝର ପ୍ରଭୃତି ବିଚ୍ଛିନ୍ନାଞ୍ଚଳ ସହିତ ପଶ୍ଚିମ ଓଡ଼ିଶାର ଯୋଗାଯୋଗ ମଧ୍ୟ ସାମାଜିକ ଓ ସାଂସ୍କୃତିକ ଦିଗରୁ ଗୁରୁତ୍ୱପୂର୍ଣ୍ଣ। ସର୍ବୋପରି ପଶ୍ଚିମାଞ୍ଚଳୀୟ ଓଡ଼ିଆ ଭାଷା ବିଭିନ୍ନ ତଫସିଲଭୁକ୍ତ ସମ୍ପ୍ରଦାୟର ଭାଷା, ସୀମାନ୍ତ ଅଞ୍ଚଳର ଭାଷା, ଛତିଶଗଡ଼ୀ ଭାଷା, ହିନ୍ଦୀ ଭାଷା, ମରାଠୀ ଏବଂ ତେଲୁଗୁ ପ୍ରଭୃତି ଭାଷାଦ୍ୱାରା ପ୍ରଭାବିତ ହୋଇ ଏକ ସ୍ୱତନ୍ତ୍ର କଥିତ ଓଡ଼ିଆ ଭାଷାରୂପେ ବିକାଶ ଲାଭ କରିଛି।

### (୧) ଧ୍ୱନିଗତ ବୈଶିଷ୍ଟ୍ୟ :

(କ) ଶବ୍ଦ ଶେଷରେ ଥିବା 'ଅ' ଉଚ୍ଚାରଣରେ ଲୋପପାଏ -

| | | |
|---|---|---|
| ଯଥା - | ଭାତ - ଭାତ୍ | ଧାନ - ଧାନ୍ |
| | ଘର - ଘର୍ | ଗୋରସ୍ - ଗୁରସ୍ |
| | ପାଣି - ପାଏନ୍ | କାଚ - କାଚ୍ |
| | କାମ - କାମ୍ | ବେଲ - ବେଲ୍ |
| | ମାଟି - ମାଏଟ୍ | ଜିଭ - ଜିଭ୍ |
| | ଶାଗ - ଶାଗ୍ | ଜୀବନ - ଜୀବନ୍ |
| | ନଖ - ନଖ୍ | ହାତ- ହାତ୍ |

(ଖ) 'ଳ' ଧ୍ୱନିଟି ସର୍ବଦା 'ଲ' ଉଚ୍ଚାରିତ ହୁଏ, ଅର୍ଥାତ୍ ଳ୍ > ଲ୍।

| | | |
|---|---|---|
| ଯଥା - | ଝଉଳ - ଝଉଲା/ଝଉଲ୍ | ଶାଳୀ - ଶାଲୀ |
| | ତାଳ - ତାଲ୍ | ଅଁଳା - ଅଁଏଲା |
| | ଆଳୁ - ଆଲୁ | ବଢ଼ିଆଳ - ବଢ଼ିଅଲ୍ |
| | ଡୁମାଳ - ଡୁମାଲ୍ | ଅମଳ - ଅମଲ୍ |
| | ଖଦାଳ - ଖଦାଲ୍ | ତଳ - ତଲ୍ |
| | ଯେତେବେଳେ - ଯେତେବେଲେ | କମଳା - କମ୍ଲା |

(ଗ) କେତେକ ସ୍ଥାନରେ 'ଇ' ପୂର୍ବକୁ ଆସି 'ଏ' ରେ ପରିଣତ ହୁଏ।

| | | |
|---|---|---|
| ଯଥା - | ପାଣି - ପାଏନ୍ | ରାତି - ରାଏତ୍ |

ମାଟି - ମାଏଟ୍     ବାଲି - ବାଏଲ୍

ଡାଲି - ଡାଏଲ୍

(ଘ) ସ୍ଥଳ ବିଶେଷରେ ଡ > ର ।

ଯଥା - ଦଉଡ଼ି - ଦଉରି     ମାଙ୍କଡ଼ - ମାକର୍

କାକୁଡ଼ି - କାକିର୍     କାଙ୍କଡ଼ - କାଙ୍କର୍

କୁକୁଡ଼ା - କୁକୁରା

(ଙ) କେତେକ ସ୍ଥଳରେ ଓ > ଉ ।

ଯଥା - ଓଦା > ଉଦା     କୋଶଳା > କୁଶ୍ଳା (ଶାଗ ବିଶେଷ)

ଓଡ଼ିଆ > ଉଡ଼ିଆ     ଥୋଇଲା > ଥୁଇଲା

ଓଳିଆ > ଉଳିଆ     ଗୋଟେ ଗୋଟେ > ଗୁଟେ ଗୁଟେ

ଶୋଇବ > ଶୁଇବ     ଧୋବା > ଧୁବା

ଜୋତା > ଜୁତା     କୋଇଲି > କୁଇଲି

(ଚ) ଅପିନିହିତ (ପରବର୍ତ୍ତୀ 'ଇ' ପଛକୁ ଚାଲିଆସେ )

ଯଥା - ଉଲି - ଉଇଲି     କାଲି - କାଇଲ୍

ଚୁଲି - ଚୁଇଲ୍     ଚିନାମାଳି - ଚିନାମାଏଲ୍ (ଧାନର ନାମ)

ଥାଳି - ଥାଇଲ୍

(ଛ) କେତେକ ସ୍ଥାନରେ 'ଣ' > 'ନ' ।

ଯଥା - ବଣ > ବନ୍     ଲୁଣ > ନୁନ୍

ଜଣ > ଜନ୍     ପାଣି > ପାଏନ୍

ଆପଣ > ଆପନ୍     ଅଣି > ଅନି

ଉକୁଣୀ > ଉକେନ୍ଅଲଣା > ଅଲନା

ଧାମଣା > ଧମ୍ନା (ସର୍ପବିଶେଷ)     ଘୋ ଘୋ ରାଣୀ > ଘୋ ଘୋ ରାନୀ

(ଜ) ଶବ୍ଦ ମଧ୍ୟବର୍ତ୍ତୀ 'ଇ' କେତେକ ସ୍ଥଳରେ ଅତିହ୍ରସ୍ୱ ଭାବରେ ଉଚ୍ଚାରିତ ହୁଏ ।

ଯଥା - ପଢ଼ିବି > ପଢ଼୍ବି     କରିବି > କରବି, କର୍ମି

ସବୁରି > ସବ୍ରି     ରାନ୍ଧିବା > ରାନ୍ଧ୍ବା

ଦେଖିବା > ଦେଖ୍ମା

(ଝ) ଏ > ଇ

ଯଥା - ଏଠାରେ > ଇଠାରେ

ଏସ୍ଥାନେ > ଇଥାନେ।

(ଞ) ଇ > ଏ

| | |
|---|---|
| ଯଥା - କଇଁଚି > କଏଁଚ୍ | କଇରା > କଏରା |
| କୋଇଲି > କୋଏଲ୍ | କୋଚିଲା > କୋଚେଲ୍ |
| ଗାଈ > ଗାଏ | ଘଇତା > ଘଏତା |
| ଘର ଜୋଇଁ > ଘର ଜୁଏଁ | |

**(୨) ବିଭକ୍ତିଗତ ବୈଶିଷ୍ଟ୍ୟ :**

(କ) ୨ୟା ଓ ୪ର୍ଥୀ ବିଭକ୍ତିରେ 'କେ' ଲାଗେ।

ଯଥା - ମୋତେ - ମୋକେ    ତୋତେ - ତୋକେ

(ଖ) ୫ମୀ ବିଭକ୍ତି ସ୍ଥାନରେ 'ନୁ', 'ଠାନୁ' ଯୋଗ କରାଯାଏ।

ଯଥା - ଗଛନୁ (ଗଛରୁ)    ରାମଠାନୁ (ରାମଠାରୁ)

(ଗ) ୭ମୀ ବିଭକ୍ତିରେ 'ନେ', 'ଠାନେ' ବ୍ୟବହୃତ ହୁଏ।

ଯଥା - ଗଛନେ (ଗଛପରେ)    ଇଠାନେ (ଏଠାରେ)

**(୩) ସର୍ବନାମଗତ ବୈଶିଷ୍ଟ୍ୟ :**

ଯଥା -

| ମାନକ ଓଡ଼ିଆ | | ସମ୍ବଲପୁରୀ |
|---|---|---|
| ମୁଁ | - | ମୁଇଁ |
| ତୁ | - | ତୁଇ |
| ସେ | - | ହେ |
| ଏ | - | ଇ |
| ଯେ | - | ଯେନ୍ |
| କେ, କିଏ | - | କେନ୍ |
| ସେମାନେ | - | ହେମାନେ |

**(୪) କ୍ରିୟାଗତ ବୈଶିଷ୍ଟ୍ୟ :**

| | |
|---|---|
| ଯଥା - କରୁଛି - କର୍‌ଛି | କଲି - କର୍‌ଲି |
| କରୁଛନ୍ତି - କର୍‌ଛନ୍ | କଲା - କର୍‌ଲା |

କରନ୍ତି - କରନ୍      କରିବି - କର୍‌ବି

କରିବ - କର୍‌ବ      କରିଥିଲି - କର୍ ଥାଇଲି

କରୁଥିବୁ - କର୍‌ଥାଇବ      ପଢୁଛନ୍ତି - ପଢୁଛନ୍

(କ) ନାସ୍ତିବାଚକ ଅର୍ଥରେ 'ନାଇଁ' ଶବ୍ଦଟି କ୍ରିୟାପଦର ପୂର୍ବରୁ ଲାଗେ।

ଯଥା - ନାଇଁ ହୁଏ। (ହୁଏ ନାହିଁ)

ନାଇଁ କରେ। (କରେ ନାହିଁ)

ନାଇଁ କର୍‌ବି। (କରିବି ନାହିଁ)

ନାଇଁ ଖାଏ। (ଖାଏ ନାହିଁ)

ନାଇଁ କର। (କର ନାହିଁ)

ନାଇଁ ଯାଉଛନ୍। (ଯାଉ ନାହିଁ)

ନେଇଁ ପାର୍‌ଲା। (ପାରିଲା ନାହିଁ)

(ଖ) କେତେକ ସ୍ଥାନରେ ଭବିଷ୍ୟତ କାଳ ଅର୍ଥରେ ବ୍ୟବହୃତ ଶବ୍ଦର ଶେଷରେ ରହିଥିବା 'ବ' > 'ମ'।

ଯଥା -

ଯିବି > ଯିମିଁ      ଦେଖିବା > ଦେଖମାଁ

କରିବି > କର୍‌ମିଁ      ଦେବି > ଦେମିଁ

ବନାଇବି > ବନାଇମିଁ      ରଖିବା > ରଖ୍‌ମାଁ

(ଗ) କେତେକ ସ୍ଥାନରେ କୁ > କେ।

ଯଥା - ଯିବାକୁ > ଯିବାକେ      ଖାଇବାକୁ > ଖାଇବାକେ

କରିବାକୁ > କର୍‌ବାକେ

(ଘ) କେତେକ ସ୍ଥାନରେ 'ଛ' 'ସ' ରେ ପରିଣତ ହୁଏ।

ଯଥା - ମୁଁ କରୁଛି > ମୁଇଁ କରସି

ତୁ କରୁଛି > ତୁଇ କରସୁ

ସେମାନେ କରୁଛନ୍ତି > ହେମାନେ କର୍‌ସନ୍

**(୫) ଶବ୍ଦଗତ ବୈଶିଷ୍ଟ୍ୟ :**

ଯଥା - ଅଏଁଲା - ଅଁଳା      ଅସରଲା - ଅସରପା

ଅକ୍‌ସା - ଅଘଷା      ଆଏଁଖ୍ - ଆଖି

ଅଣ୍ଡ୍‌ରା - ଅଣ୍ଡିରା      ଆଏଜ୍ - ଆଜି

ଅଛେଁ - ଅଛି

ଅଥା - ହାଲିଆ

ଅଁଧୁ - ଅଳନ୍ଧୁ

ଅଠିପର୍ - ଅଷ୍ଟପ୍ରହରି

ଆନ୍‌ମାନ - ଅନୁମାନ

ଅଫା - ଝିଣ୍ଟିକା

ଅର୍‌ସା - ଆରିସା ପିଠା

ଇଲା - ଦାଆ

ଇଲାଚି - ଅଳେଇଚ

ଇହଦେ - ବର୍ତ୍ତମାନ

ଉଆଁସ - ଅମାବାସ୍ୟ

ଉକିଆ - ଆଳୁଅ

ଉକିଲ୍ - ଓକିଲ

ଉକୁନ୍ - ଉକୁଣି

ଉଦୁଆ - ମେଳା

ଉପମୁନି - ଏକୁଟିଆ

ଉଫଲ୍ - ମାହାଲିଆ

ଆକାଭୁତ୍ - ଆଶ୍ଚର୍ଯ୍ୟ

ଆଁକେଲ - ଆଙ୍କୁଲ ଗଛ

ଆମ୍ - ଆମ୍ବ

ଇଖିନି - ଏହିକ୍ଷଣି

ଇଛେନ୍ - ଏକ୍ଷଣି

ଇନ - ଏହିଠାରେ

ଇନୁ - ଏଠାରୁ

କାଁଣା - କ'ଣ

କୁଅଁର - ଅବିବାହିତ ଯୁବକ

କୁଇଲି - କୋଇଲି

କୁହ୍ଲିଆ - ବିଲୁଆ

କୁମ୍‌ଡ଼ା - ପାଣି କଖାରୁ

କୁଲ୍‌ଥା - କୋଳଥ

କେଁରାଟା - ଏଣ୍ଡୁଅ

ଖମନ୍ - ଜଙ୍ଗଲ

ଖରସି - ଗୋବର

ଖାର୍ - ପାଉଁଶ

## ୪.୬ ଦକ୍ଷିଣାଞ୍ଚଳୀୟ ଉପଭାଷା

ଦକ୍ଷିଣ ଓଡ଼ିଶା ବହୁ ପୂର୍ବେ ମାଡ୍ରାସ୍ ପ୍ରେସିଡେନ୍‌ସିର ଅନ୍ତର୍ଭୁକ୍ତ ଥିଲା । ଓଡ଼ିଶାର ଦକ୍ଷିଣ ଭାଗରେ ରହିଥିବା ଜିଲ୍ଲାଗୁଡ଼ିକ ହେଉଛନ୍ତି ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି । ଏହି ଛଅଗୋଟି ଜିଲ୍ଲାକୁ ଦକ୍ଷିଣ ଓଡ଼ିଶା ଭାବରେ ଗ୍ରହଣ କରାଯାଇଛି । ସୁତରାଂ ଏହି ଛଅଗୋଟି ଜିଲ୍ଲା ପରିମିତ ଅଞ୍ଚଳକୁ ଦକ୍ଷିଣାଞ୍ଚଳୀୟ ଓଡ଼ିଆ ଭାଷାକ୍ଷେତ୍ର ରୂପେ ଚିହ୍ନଟ କରାଯାଇଛି । ଏହି କ୍ଷେତ୍ର ତିନିଗୋଟି ସଂସ୍କୃତିର ମିଳନସ୍ଥଳ । ତାହା ହେଉଛି ଆର୍ଯ୍ୟ ସଂସ୍କୃତି, ଦ୍ରାବିଡ଼ ସଂସ୍କୃତି ଓ ଶାବର ସଂସ୍କୃତି । ସେହିପରି କଥିତ ଭାଷାର କ୍ଷେତ୍ରରୂପେ ଦକ୍ଷିଣ ଓଡ଼ିଶା ତିନିଗୋଟି ଭାଷାର ମିଳନକ୍ଷେତ୍ର । ଏଠାରେ ଆର୍ଯ୍ୟ, ଦ୍ରାବିଡ଼ ଓ ମୁଣ୍ଡା ଗୋଷ୍ଠୀର ଭାଷା ପ୍ରଚଳିତ । ଆର୍ଯ୍ୟଗୋଷ୍ଠୀ ମଧ୍ୟରେ ଏଠାରେ ପ୍ରଧାନ ଭାଷା ଓଡ଼ିଆ ସହିତ ଦେଶିଆ, ଭତ୍ରୀ, ଝରିଆ (ଏହି ତିନିଗୋଟି ଓଡ଼ିଆ ଭାଷାର ଉପଭାଷା), ହାଲ୍‌ବୀ, ଲରିଆ (ଛତିଶଗଡ଼ୀ ଉପଭାଷା) ପ୍ରଚଳିତ । ସେହିପରି ଏଠାରେ ପ୍ରଚଳିତ ଥିବା ମୁଖ୍ୟ ଦ୍ରାବିଡ଼ ଭାଷା ହେଉଛି ତେଲୁଗୁ । ଏହି ତେଲୁଗୁ ଭାଷା ପ୍ରଭାବରେ ଦକ୍ଷିଣ ଓଡ଼ିଶାର ଓଡ଼ିଆ ଭାଷା ବହୁପରିମାଣରେ

ପ୍ରଭାବିତ। ଦକ୍ଷିଣ ଓଡ଼ିଶାର ପ୍ରମୁଖ ସହର, ବ୍ରହ୍ମପୁର, ପାରଳାଖେମୁଣ୍ଡି, ଜୟପୁର, ନବରଙ୍ଗପୁର, ରାୟଗଡ଼ା, ବିଷମ କଟକ, କୋଟପାଡ଼, ଉମରକୋଟ, ପ୍ରଭୃତି ପ୍ରଧାନ ବାଣିଜ୍ୟିକ ପେଣ୍ଠ। ଏହିସବୁ ସହର ଗୁଡ଼ିକରେ ସଂଖ୍ୟାଧିକ ତେଲୁଗୁ ଭାଷାଭାଷୀ ବାସ କରନ୍ତି। ସେମାନଙ୍କର ଚଳିଚଳଣି, ସଂସ୍କୃତି, ଭାଷା ଇତ୍ୟାଦି ଓଡ଼ିଆ ଭାଷାଭାଷୀଙ୍କୁ ବହୁପରିମାଣରେ ପ୍ରଭାବିତ କରିଛି। ଏହା ସହିତ ଆନ୍ଧ୍ର ପ୍ରଦେଶର ବିଶାଖାପାଟଣା, କାକିନଡ଼ା, ବିଜୟନଗରମ୍, ଇଛାପୁରମ୍, ହାଇଦ୍ରାବାଦ୍, ସୋମପେଟା, ବିଜୟୱାଡ଼ା ପ୍ରଭୃତି ପ୍ରସିଦ୍ଧ ସହରଗୁଡ଼ିକ ସହିତ ଦକ୍ଷିଣ ଓଡ଼ିଶାର ପ୍ରତ୍ୟକ୍ଷ ଯୋଗାଯୋଗ ରହିଥିବାରୁ ତେଲୁଗୁ ପ୍ରଭାବ ଦକ୍ଷିଣ ଓଡ଼ିଶାରେ ଅବ୍ୟାହତ ରହିଛି। ସୁତରାଂ ଏହି ସବୁ କାରଣ ଯୋଗୁଁ ଦକ୍ଷିଣ ଓଡ଼ିଶାର ଭାଷା ସ୍ୱତନ୍ତ୍ର ରୂପରେଖ ନେଇ ବିକଶିତ ହୋଇଛି।

**(୧) ଧ୍ୱନିଗତ ବୈଶିଷ୍ଟ୍ୟ :**

(କ) କେତେକ ବୈଦେଶିକ ବ୍ୟଞ୍ଜନାନ୍ତ ଶବ୍ଦ ତେଲୁଗୁ ଉଚ୍ଚାରଣ ସଂସ୍ରବରେ 'ଉ' କାରାନ୍ତ ହୋଇଥାଏ।

ଯଥା -

| | | |
|---|---|---|
| ଆଲ୍‌ପିନ୍ > ଆଲପିନୁ | ଗ୍ୟାସ୍ > ଗ୍ୟାସୁ | ଟେବୁଲ୍ > ଟେବୁଲୁ |
| ବସ୍ > ବାସୁ | ଗେଟ୍ > ଗେଟୁ | ପେନ୍ > ପେନୁ |
| ହେଡ୍ > ହେଡୁ | ପିଅନ୍ > ପିଉନୁ | ଟାଇମ୍ > ଟାଇମୁ |
| ରଫ୍ > ରଫୁ | କଲେଜ > କାଲେଜୁ | ଗେଟ୍ > ଗେଟୁ |
| କରେକ୍ଟ > କାରାକ୍ଟୁ | ଅଫିସ୍ > ଆଫିସୁ | ସ୍କୁଲ > ଇସ୍କୁଲୁ |

(ଖ) ଇଂରାଜୀ ଭାଷାର ବ୍ୟଞ୍ଜନ ସନ୍ଧିଯୁକ୍ତ ଶବ୍ଦରେ ଥିବା 'd' କୁ ଗୁରୁତ୍ୱ ଦେଇ ଉଚ୍ଚାରର କରାଯାଏ। ଯଥା -

Lodge (ଲଜ୍) > ଲାଡ୍‌ଜ/ ଲଡ୍‌ଜ

Badge (ବ୍ୟାଜ୍) > ବ୍ୟାଡ୍‌ଜ

Budget (ବଜେଟ୍) > ବାଡ୍‌ଜେଟ୍

Judge (ଜଜ୍) > ଜଡ୍‌ଜ

Judgement(ଜଜ୍‌ମେଣ୍ଟ) > ଜଡ୍‌ଜମେଣ୍ଟ

Bridge (ବ୍ରିଜ୍) > ବ୍ରିଡ୍‌ଜ

(ଗ) ତେଲୁଗୁ ଧ୍ୱନି ପ୍ରକ୍ରିୟାର ପ୍ରଭାବରେ / ଆ / ଧ୍ୱନିଟି ଅପେକ୍ଷାକୃତ ଅଧିକ ପଶ୍ଚାତବର୍ତ୍ତୀ ହୋଇ ଉଚ୍ଚାରିତ ହୋଇଥାଏ। ଯଥା -

ଗାଁ > ଗଉର

ଜାଣି > ଜନି

ଦୟା > ଦୟ

(ଘ) ଶବ୍ଦର ଆଦ୍ୟରେ ଥିବା ବ୍ୟଞ୍ଜନ ସନ୍ନିହିତ ଅର୍ଦ୍ଧ - ସଂବୃତ ସ୍ୱରଧ୍ୱନି ଦକ୍ଷିଣ ଓଡ଼ିଶାରେ ସ୍ଥଳ ବିଶେଷରେ ସଂବୃତ ସ୍ୱରରେ ପରିଣତ ହୁଏ। ଯଥା : -

| | |
|---|---|
| ଗୋରୁ > ଗୁରୁ | ଗୋବର > ଗୁବର |
| ଶୋଇବା > ଶୁଇବା | ଏଠାରେ > ଇଠାର |
| ଗୋଇଠା > ଗୁଇଠା | ପୋଲିସ୍ > ପୁଲିସୁ |

(ଙ) ଦକ୍ଷିଣାଞ୍ଚଳୀୟ ଓଡ଼ିଆରେ ମୂର୍ଦ୍ଧନ୍ୟ ଧ୍ୱନି (ଡ,ଣ) ର ଉଚ୍ଚାରଣରେ ଅଧିକ ତୀବ୍ରତା ବା ଦୃଢ଼ତା ପରିଲକ୍ଷିତ ହୁଏ। ପଦର ପ୍ରାନ୍ତରେ ଥିବା / ଡ଼, ଢ଼/ ଯଥାର୍ଥ ତାଡ଼ିତ ବା ଉତ୍କ୍ଷିପ୍ତ (Flapped) ଧ୍ୱନି ରୂପେ ଉଚ୍ଚାରିତ ହୁଏ ନାହିଁ। ଏଭଳି ଉଚ୍ଚାରଣ ମୂଳରେ ତେଲୁଗୁ ସ୍ୱନ ପ୍ରକ୍ରିୟାର ମୂର୍ଦ୍ଧନୀକରଣ ପ୍ରବୃତ୍ତି କାର୍ଯ୍ୟକାରୀ ହୋଇଥାଏ।

(ଚ) ଦକ୍ଷିଣାଞ୍ଚଳୀୟ ଓଡ଼ିଆର ଏକ ମୁଖ୍ୟ ଲାକ୍ଷଣିକ ବୈଶିଷ୍ଟ୍ୟ ହେଉଛି ଉଚ୍ଚାରଣଗତ ଅନୁତାନ ପଦାନ୍ତରେ ଅଧିକ ବଳାଘାତ (Stress) ପ୍ରଦାନ। କଥିତ ଦକ୍ଷିଣାଞ୍ଚଳୀୟ ଓଡ଼ିଆ ଭାଷାର ସ୍ୱରଲହର (Intonation) ରେ ଅଧିକ କ୍ଷିପ୍ରତା ଲକ୍ଷଣୀୟ।

(ଛ) ଦକ୍ଷିଣାଞ୍ଚଳୀୟ ଓଡ଼ିଆର ତାଳବ୍ୟ ଧ୍ୱନି ସଂଘର୍ଷ ଧ୍ୱନି ଭାବରେ ଉଚ୍ଚାରିତ ହୋଇଥାଏ। ତେଲୁଗୁ ଭାଷାର ତାଳବ୍ୟ ଧ୍ୱନି /ଚ, ଜ/ର ଦୁଇପ୍ରକାର ଉପସ୍ୱନ ସୃଷ୍ଟି ହୋଇଥାଏ। ଯଥା - ପଶ୍ଚସ୍ୱର ପୂର୍ବରୁ ଦନ୍ତ୍ୟ - ସଂଘର୍ଷୀ ଓ ଅଗ୍ରସ୍ୱର ପୂର୍ବରୁ ତାଳବ୍ୟ - ସଂଘର୍ଷୀ ରୂପେ ଉଚ୍ଚାରିତ ହୋଇଥାଏ। ଏହି ପ୍ରବୃତ୍ତିଟି ଦକ୍ଷିଣାଞ୍ଚଳୀୟ ଓଡ଼ିଆ ଭାଷାରେ ପ୍ରଚଳିତ।

(ଜ) ବ୍ୟଞ୍ଜନ ସନ୍ନିହିତ ଅ > ଆ। ଯଥା : -

| | |
|---|---|
| ରସ୍ > ରାସୁ | କଫି > କାଫି |
| ବଲ୍ବ > ବାଲ୍ବା / ବାଲ୍ବୁ | ନର୍ସ > ନାର୍ସୁ |
| ଟର୍ଚ୍ଚ > ଟାର୍ଚ୍ଚ / ଟାର୍ଚ୍ଚୁ | |

(ଝ) ମଧ୍ୟ ସ୍ୱରାଗମ ଘଟେ। ଯଥା : -

| | |
|---|---|
| ଟେଲର > ଟେଇଲର | ମେନ୍‌ରୋଡ୍ > ମେଇନ୍ ରୋଡ଼ |
| ଏଟା > ଏଇଟା | |

| | |
|---|---|
| (ଞ) ଆ > ଏ | ଫାମିଲି > ଫେମିଲି |
| (ଟ) ଅ > ଏ | ଭାଉଚର > ଭାଉଚେର |
| (ଠ) ଓ > ଅ | ପାଥୋଲୋଜି > ପାଥଲଜି |

## (୨) ରୂପ ରଚନା - ପ୍ରକ୍ରିୟାଗତ ବୈଶିଷ୍ଟ୍ୟ :

(କ) ଦକ୍ଷିଣ ଓଡ଼ିଆ କଥିତ ଭାଷାରେ ତୃତୀୟ ପୁରୁଷ ବାଚକ ମାନ୍ୟାର୍ଥକ ସର୍ବନାମ ପଦ / ତାଙ୍କେ / ର ବହୁଳ ପ୍ରୟୋଗ । ସେହିପରି ଏହାର ସାଦୃଶ୍ୟରେ ନିକଟବର୍ତ୍ତୀ ତୃତୀୟ ପୁରୁଷ ନିର୍ଦ୍ଦେଶକ / ୟାଙ୍କେ / ପଦର ମଧ୍ୟ ବ୍ୟବହାର ହୁଏ ।

(ଖ) ସର୍ବନାମିକ ବ୍ୟୁତ୍ପାତିକ ଆଉ କେତେକ ପଦରେ ମଧ୍ୟ ବ୍ୟତିକ୍ରମ ଲକ୍ଷ୍ୟ କରାଯାଏ । ଯଥା : -

| | |
|---|---|
| ଏଠାରେ > ଇଠାରେ | ଏଟା > ଏଇଟା |
| ଏଥିରୁ > ଯାହିରୁ | ସେଟା > ସେଇଟା |
| ସେଥିରୁ > ତାହିଁରୁ | କାହିଁକି > କେଣେ |

(ଗ) ଦକ୍ଷିଣାଞ୍ଚଳୀୟ ଓଡ଼ିଆର କ୍ରିୟାରୂପ ରଚନାରେ ଏକ ପ୍ରଧାନ ବୈଶିଷ୍ଟ୍ୟ ଏହି ଯେ ଏଥିରେ କ୍ରିୟା / ଥା/ ର ବିବିଧ ରୂପର ପ୍ରୟୋଗ ହୋଇଥାଏ । ଯଥା - ଥାଉଛି, ଥାଉ - ଥିବାର, ରହିଥାଉଛି ।

(ଘ) ଦକ୍ଷିଣାଞ୍ଚଳୀୟ ଓଡ଼ିଆରେ କେତେକ ବିଶିଷ୍ଟ ପ୍ରକାର୍ଯ୍ୟାତ୍ମକ ଶବ୍ଦର ବହୁଳ ପ୍ରୟୋଗ ଓ ବ୍ୟବହାର ହୋଇଥାଏ ।

ଯଥା - / ହେଲେ / - ବିକଳ୍ପ ମୂଳକ, ସର୍ତ୍ତମୂଳକ

/ ବୋଇଲେ / - ଉଦ୍ଧୃତି ବୋଧକ

/ ଏକ୍‌କା / - ନିଶ୍ଚିତାତ୍ମକ ଅର୍ଥରେ ପ୍ରୟୋଗ

/ ଟି / - ଉଦ୍‌ବୋଧନ ମୂଳକ

(ଙ) ସକର୍ମକ ଧାତୁରୁ ଏକ ବିଶେଷ ଧରଣର ପ୍ରେରଣାର୍ଥକ କ୍ରିୟାର ଉତ୍ପନ୍ନ ଓ ପ୍ରୟୋଗ ଦକ୍ଷିଣାଞ୍ଚଳୀୟ ଓଡ଼ିଆର ଅନ୍ୟତମ ବୈଶିଷ୍ଟ୍ୟ । ଯଥା -

ପଠାଇବା > ପାଠିଆଇବା

ବଟାଇବା > ବାଟିଆଇବା

ରହିବା > ରୁହାଇବା

କାଖେଇବା > କାଖିଆଇବା

(ଚ) ଦକ୍ଷିଣାଞ୍ଚଳୀୟ ଓଡ଼ିଆ ଭାଷାର ବାକ୍ୟ ରୀତିରେ ଏକ ଉଲ୍ଲେଖଯୋଗ୍ୟ ବୈଶିଷ୍ଟ୍ୟ ହେଉଛି ବର୍ତ୍ତମାନ ଓ ଭବିଷ୍ୟତ କାଳର ସମାପିକା କ୍ରିୟା ପରିବର୍ତ୍ତେ କ୍ରିୟା ବିଶେଷ୍ୟର ସମ୍ବନ୍ଧ କାରକରେ ପ୍ରୟୋଗ । ଯଥା -

/ଏ କାମ ସେ କରିବ/ - / ଏ କାମ ସେ କରିବାର /

/ ଏ ଭାତ ସେ ଖାଇବ / - / ଏ ଭାତ ସେ ଖାଇବାର /

/ ସେ କଟକ ଯାଉଅଛି / - / ସେ କଟକ ଯିବାର /

/ ମୋତେ ସେ ଥଙ୍ଗା କରୁଛି / - / ମୋତେ ସେ ଟିକଲ କରିବାର /

/ ବସ୍ ଚଲି ଗଲାଣି / - / ବାସୁ ଫିଟିଯିବାର /

/ ସେ ପାଖରେ କ'ର କରୁଛ ? / - / ସେକାନି କ୍ୟଣ କରିବାର ?/

/ ମୋତେ ସେ ଟଙ୍କା ନିଶ୍ଚୟ ଦେବ / - ମୋତେ ସେ ଡାବୁ ଦେବାର ଏକା/

/ ଏ ପାଖକୁ ଆସ / - / ଏ କାନିକୁ ଆସ ହେ /

**ଶବ୍ଦ ସମ୍ଭାର :**

ଦକ୍ଷିଣାଞ୍ଚଳୀୟ ଓଡ଼ିଆରେ ନିମ୍ନ ଶବ୍ଦ ସମ୍ଭାର ବ୍ୟବହୃତ ହୁଏ ।

| | |
|---|---|
| ଅପିବା - ରାଜିହେବା | ଅଠାଣି - ଅଠାନବେ |
| ଅଣ - ଝୋଳ | ଅଇତପଇତ - ଅପବାୟ |
| ଅଞ୍ଜନା - ହରଗଉରା ଫୁଲ | ଆଖର - ଶେଷ |
| ଅସଲଟ - ଅଡୁଆ | ଆଟଙ୍ଗ - ଅଟକ |
| ଅସୁସାର - ମନ୍ଦ / ଦୁଷ୍ଟ | ଆସ୍ତି - ଧନସମ୍ପତ୍ତି |
| ଅସ୍କିଆ - ଅପରିଷ୍କାର | ଆଟା -ମୋଟା କାଗଜ |
| ଅସ୍କାର - ଆବର୍ଜନା | ଆଟାପେଡ଼ି - କାଟୁନ୍ |
| ଅଙ୍ଗୀ - ସାର୍ଟ / କାମିଜ | ଆପ୍ଚି / ଆପଚ୍ଚ - ତେନ୍ତୁଳି ମଞ୍ଜି |
| ଆପ୍ଡାଲୁ - ପାମ୍ପଡ଼ | ଏକୁଟି ବାହାରି - ସ୍ୱାର୍ଥପର |
| ଆପୁ - ଅଫିମ | ଏତା - ଏହା |
| ଆପୁମଞ୍ଜି - ପୋସ୍ତକ | ଏବକୁ - ଏବେ |
| ଆବା ! - ଆଶ୍ଚର୍ଯ୍ୟ ଜନକ ଅର୍ଥରେ | ଏଣ୍ଡୁରି - ବଡ ଇଡଲି ପିଠା |
| ଆଚୁ - ଅଳତା | ଓଷ - ଔଷଧ |
| ଆଙ୍କେ - ସେ (ମାନ୍ୟାର୍ଥରେ) | ଓଷବଟି - ଔଷଧ ବଟିକା |
| ଆଣ୍ଟୁ - ଜୋର, ଟାଣ | ଓଡ଼ିବା - ଢାଙ୍କିହେବା |
| ଆଲେରା - ଅସୁବିଧା, ଝାମେଲା | ଓରା - ଭାଡି |
| ଆଦରିବା - ଗର୍ଭବତୀ ହେବା | ଓରସିଲୁ - ଓରଭସିଅର |
| ଇରା - ରାଗ | ୱାଚି - ୱାଚ (Watch) |
| ଇଡ଼ିଯିବା - ଢଳିଯିବା | ୱାଲି - ଭଲିବଲ୍ |

ଇଚ୍ଛାଳିନେବା - ଢଳିଯିବା
ଇଚ୍ଛାଳିନେବା - ସମ୍ଭାଳିନେବା
ଇଟାଳା - ଇଟିଅଁଳା ଫୁଲ
ଇସ୍ତୀପେଡ଼ି - ଇସ୍ତ୍ରୀ କରିବା ବାକ୍ସ
ଇଞ୍ଚପଟା - ସ୍କେଲ
ଉଆ - ଅରୁଆ
ଉକୁଡେଇବା - ଚିଡ଼େଇବା
ଉପୁରାଣ - ଓଢ଼ଣା
ଉଦିବତୀ - ଧୂପବତୀ
ଉଦିକାଠି - ଧୂପକାଠି
ଉପ୍ରୋଳି - ଉପରବେଳା
ଉପର ଆଖିଆ - ଗର୍ବୀ
ଏକା - ନିଶ୍ଚିତ ଅର୍ଥରେ
ଏକାନି - ଏ ପାର୍ଶ୍ୱରେ
କାକୁର୍ତ୍ତି - ବ୍ୟସ୍ତ, ଅଧୈର୍ଯ୍ୟ
କାଉଳିଆ - ବ୍ୟସ୍ତ
କଣ୍ଠ ପଇଟ - ମୁଖସ୍ଥ
କଣ୍ଟ - ମିଆଦ
କାଣ୍ଟି - ମଇଳା ଲୁଗା
କଣ୍ଟିକି - ହିସାବ କରି
କିସ୍‌ଟା - କ'ଣ ପାଇଁ
କିଳିବା - ବନ୍ଦ କରିବା
କିଅଣ - କ'ଣ
କିରାପିନ୍ - ମୁଣ୍ଡର ସୁନ୍ଥା
କାବା - ଆଶ୍ଚାର୍ଯ୍ୟ
କାମ୍ପି - କୃପଣ
କଦଳେଇବା - ହଲାଇବା

ଓ୍ୱାଲି - ଭଲିବଲ୍
ଓ୍ୱାଡିକା - ମାସିକିଆ ବାକିଖିଆ ଗରାଖ
କରୁଣା - କାନ୍ଧିଆ
କ୍ୟଣ - କ'ଣ
କଲକଟ୍ର - କଲେକ୍ଟର
କମଢମ - ସୂକ୍ଷ୍ମ କାରୁକାର୍ଯ୍ୟ
କିସ - କ'ଣ
କାଣେ - କ'ଣ ପାଇଁ
କାତି - କଟୁରୀ
କାଦ - କାଦୁଅ
କାଉପଥର - କୁଆପଥର
କାକତ - କାଗଜ
କାକର ପେଡ଼ି - ଫ୍ରିଜ୍
କାଇଲା - ଦୁର୍ବଳ
କୋଦା - ମୋଟା
କୟାଁ - ତେନ୍ତୁଳି
ଖଗା - ବାମ
ଖନ୍ଦ - ଫସଲ
ଖଟିବା - ଯୋଗଦେବା
ଖଳବୀ - ରାଗୀ ସ୍ତ୍ରୀ
ଖଣି ଚଉଳି - ମାଟିତଳେ ପୋତା ଯାଇଥିବା ଧାନରୁ ପ୍ରସ୍ତୁତ ଚଉଳ
ଖାରାମସଲା - ଗୁଣ୍ଡି
ଖାଦି - ଖାଦ୍ୟ
ଖଣ୍ଡାଖାଇ - ରାଗ ସ୍ତ୍ରୀ
ଖାଇବାହାତି କାନି - ଦକ୍ଷିଣ ପାର୍ଶ୍ୱ
ଗଣ୍ଡିଆ - ମୋଟା, ସ୍ୱାସ୍ଥ୍ୟବାନ
ଗନ୍ଥା - କନ୍ଥା

| | |
|---|---|
| କଣମଛା - କାନ୍ଥଭିତରେ ଦୀପ ରଖିବା ସ୍ଥାନ | ଗନ୍ଧିଆତେଲ - କିରାସିନି |
| କାନି - ପାର୍ଶ୍ୱ / ପାଖ | ଗାଟି - କୃପଣ |
| କୁହାଁର - ଗାଈ ରଖିବା ସ୍ଥାନ | ଗାରୁ - ବାବୁ (ଯଥା - ପ୍ରେମାନନ୍ଦ ଗାରୁ) |
| କାଠମେଣ୍ଟୁ - କାଠଗୋଲା | ଗାରି - ବରା |
| କ୍ରାସିନ୍ - କିରୋସିନି | ଗାଡ଼ି ବାହିଁବା - ଗାଡ଼ି ଚଳାଇବା |
| କ୍ରାଷ୍ଟାଇଟୁ - କଷ୍ଟାକ୍ଟର | ଗୁଣ୍ଡି - ବୋତାମ |

## ୪.୭ ଉତ୍ତରାଞ୍ଚଳୀୟ ଉପଭାଷା

ଉତ୍ତରାଞ୍ଚଳୀୟ ଓଡ଼ିଆ ଭାଷାର ଭାଷାକ୍ଷେତ୍ର ହେଉଛି ଉତ୍ତର - ବାଲେଶ୍ୱର, ମୟୂରଭଞ୍ଜ, ମେଦିନୀପୁର, ଷଢ଼େଇକଳା ଓ ଖରସୁଆଁ ଅଞ୍ଚଳ। ବର୍ତ୍ତମାନ କେବଳ ବାଲେଶ୍ୱର ଓ ମୟୂରଭଞ୍ଜ ଓଡ଼ିଶା ପ୍ରଦେଶର ଅନ୍ତର୍ଭୁକ୍ତ। ମେଦିନୀପୁର ପଶ୍ଚିମବଙ୍ଗର ଏବଂ ଷଢ଼େଇକଳା ଓ ଖରସୁଆଁ ଝାଡ଼ଖଣ୍ଡ ପ୍ରଦେଶର ଅନ୍ତର୍ଭୁକ୍ତ ହୋଇଛି। ମାତ୍ର ଏକଦା ଓଡ଼ିଶା ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିବାବେଳେ ଏହିସବୁ ଅଞ୍ଚଳ ଓଡ଼ିଶାର ଅଂଶ ଥିଲା। ତଥାପି ଏହିସବୁ ଅଞ୍ଚଳର ଅନେକାଂଶରେ ଓଡ଼ିଆ ଭାଷା କଥିତ ହେବାର ଲକ୍ଷ୍ୟ କରାଯାଉଛି।

ଓଡ଼ିଶାର ଉତ୍ତରାଞ୍ଚଳ କହିଲେ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାକୁ ବୁଝାଇଥାଏ। ବାଲେଶ୍ୱରର ଓଡ଼ିଆ ଭାଷା ବଙ୍ଗଳା ସଂସ୍ରବରେ ଆସି ବହୁଳ ଭାବରେ ପ୍ରଭାବିତ ହୋଇଛି। ସେହିପରି ମୟୂରଭଞ୍ଜର ଭାଷା ଉଭୟ ବଙ୍ଗଳା ଓ ହିନ୍ଦୀ ଭାଷାର ସଂସ୍ରବରେ ଆସି ପ୍ରଭାବିତ। ତେଣୁ ଉତ୍ତର - ବାଲେଶ୍ୱର ଓ ମୟୂରଭଞ୍ଜ ଉତ୍ତରାଞ୍ଚଳୀୟ ଓଡ଼ିଆ ଭାଷାକ୍ଷେତ୍ର ହେଲେ ହେଁ ଉଭୟରେ କିଛିଟା ଭିନ୍ନତା ପରିଲକ୍ଷିତ ହୁଏ। ନିମ୍ନରେ ଉତ୍ତର ବାଲେଶ୍ୱର ଓ ମୟୂରଭଞ୍ଜର ଭାଷାଗତ ବୈଶିଷ୍ଟ୍ୟକୁ ପୃଥକ୍ ଭାବରେ ଆଲୋଚନା କରାଯାଇଛି -

ଉତ୍ତର - ବାଲେଶ୍ୱରର ଭାଷାଗତ ବୈଶିଷ୍ଟ୍ୟ

### (୧) ଧ୍ୱନିଗତ ବୈଶିଷ୍ଟ୍ୟ :

(କ) ଶବ୍ଦର ଆଦ୍ୟ ବ୍ୟଞ୍ଜନରେ ରହିଥିବା 'ଓ' ସ୍ୱରଧ୍ୱନି 'ଉ'ରେ ପରିଣତ ହୁଏ।

| | | |
|---|---|---|
| ଯଥା - | ଓକିଲ - ଉକିଲ | ପୋଇ - ପୁଇ |
| | ଓଜନ - ଉଜନ | କୋଡ଼ିଏ - କୁଡ଼ିଏ |
| | ଓଟ - ଉଟ | ଗୋଡ଼ - ଗୁଡ଼ |
| | ଓଲିଆ - ଉଲିଆ | ପୋଖରୀ - ପୁଖୁରୀ |
| | କୋଡ଼ି - କୁଡ଼ି | ପୋଥି - ପୁଥି |
| | ଗୋରୁ - ଗୁରୁ | ଚୋର - ଚୁର |
| | ଗୋଟେ - ଗୁଟେ | ଖୋଜ - ଖୁଜ |

ଗୋଇଠା - ଗୁଇଠା　　କୋଦାଳ - କୁଦାଳ

ଗୋବର - ଗୁବର　　ଦୋକରି - ଦୁକୁରି

ତୋଡ଼ି - ତୁଡ଼ି　　ଦୋକତା - ଦୁକ୍ତା

ଭୋଗ - ଭୁଗ　　ଶୋଇବା - ଶୁଇବା

ଘୋଡ଼ା - ଘୁଡ଼ା　　ଦୋଷ - ଦୁଷ

(ଖ) 'ଲ' ସ୍ଥାନରେ 'ନ' ର ବ୍ୟବହାର -

ଲତା - ନତା　　ଲଣ୍ଡା - ନଣ୍ଡା

ଲବଙ୍ଗ - ନବଙ୍ଗ　　ଲୁଗା - ନୁଗା

ଗଲି - ଗନି　　ଲେଖା - ନେଖା

ଲୁଣ - ନୁଣ　　ଲଗାଣ - ନଗାଣ

ଲଙ୍ଗଳ - ନଙ୍ଗଳ　　ଲାଗିବା - ନାଗିବା

ଲଗ୍ନ - ନଗ୍ନ　　ଲଙ୍କା - ନଙ୍କା

ଲାଜ - ନାଜ　　ଲାଉ - ନାଉ

କଲି - କନି

(ଗ) 'ଘ' ର 'ହ' ପରିଣତି -

ଆମଘର - ଆମହର　　ତୋ ଘର - ତହର

କାହାଘର - କାହାହର　　ଘିନିଏ - ହିନିଏ

(ଘ) ଭବିଷ୍ୟତ କାଳର କ୍ରିୟା / ଇବି / ସ୍ଥାନରେ / ଇମି / ହୁଏ ।

ଖାଇବି - ଖାଇମି　　ଦେବି - ଦେମି

ଲେଖିବି - ନେଖିମି　　ମାଗିବି - ମାଗିମି

ଯିବି - ଯିମି　　କାଟିବି - କାଟିମି

(ଙ) / ଅ/ ଏବଂ / ଆ/ ର ଦୀର୍ଘ ଉଚ୍ଚାରଣ ଦେଖାଯାଏ ।

ଯଥା - ଧର - ଧଅର　　ଖଡ଼ା - ଖଅଡ଼ା

ଦାନ୍ତ - ଦାଆନ୍ତ

(ଚ) ଅର୍ଦ୍ଧସଂବୃତ ସ୍ୱରଧ୍ୱନି > ବିବୃତ ସ୍ୱରଧ୍ୱନି ।

ଯଥା - ତୋର > ତର　　ବୋହୂ > ବହୁ

ମୋର > ମର　　ଗୋଟେ > ଗାଟେ

(ଛ) ଅର୍ଦ୍ଧସଂବୃତ ସ୍ୱର ସଂବୃତ ସ୍ୱରରେ ପରିଣତ ହୁଏ।

ଯଥା - ଦେହ > ଦିହ ଏକ୍ଷଣି > ଇଚ୍ଛୁଣି

(ଜ) କେତେକ ସ୍ଥଳରେ ସ୍ୱରର ଅନୁପ୍ରବେଶ ଘଟିଥାଏ।

ଯଥା - ଫସଲ > ଫଇସଲ

(ଝ) ସଂଯୁକ୍ତ ଅନୁନାସିକ୍ୟ ଧ୍ୱନି ଚନ୍ଦ୍ରବିନ୍ଦୁ ପରି ଉଚ୍ଚାରିତ ହୋଇଥାଏ।

ଯଥା - ରାନ୍ଧିବା > ରାଂଧିବା ପାଞ୍ଚ > ପାଁଚ

(ଞ) ମଧ୍ୟ ବ୍ୟଞ୍ଜନାଗମ -

କମଳ > କମ୍ୱଳ

(ଟ) ମଧ୍ୟ ବ୍ୟଞ୍ଜନ ଲୋପ -

ଡାହୁକ > ଡାଉକ

(ଠ) ବେଗି > ବେଏଗି

(ଡ) ମହାପ୍ରାଣୀଭବନ > ଅଳ୍ପପ୍ରାଣୀ ଭବନ

ଯଥା - ଅବସ୍ଥା > ଅବସ୍ତା ଅସ୍ଥି > ଅସ୍ତି

ଆସ୍ଥା > ଆସ୍ତା ବ୍ୟବସ୍ଥା > ବେବସ୍ତା

(ଢ଼) କେତେକ ସ୍ଥାନରେ ଶବ୍ଦ ମଧ୍ୟରେ ରହିଥିବା ବ୍ୟଞ୍ଜନ ସନ୍ନିହିତ ସ୍ୱରଧ୍ୱନି ଲୋପ ପାଇଥାଏ।

ଯଥା - କତିର > କତ୍‌ର ମଣିଷ > ମଣ୍‌ଷ

ଶୁଖିଲା > ଶୁଖ୍‌ଲା

(ଣ) ବେଳେବେଳେ 'ହ' ଲୋପପାଇ 'ଇ' ହୋଇଥାଏ। ଯଥା: -

ନାହାକପୁଅ > ନାଇକ ପୁଅ

ବହି > ବଇ

ମୋ ଦେହି > ମ ଦେଇ

**(୨) ରୂପଗତ ବୈଶିଷ୍ଟ୍ୟ :**

(କ) ବଙ୍ଗଳା ଭାଷାର ପ୍ରଭାବ ଯୋଗୁଁ ଅସମାପିକା କ୍ରିୟାର ବ୍ୟବହାର ଲକ୍ଷ୍ୟ କରାଯାଏ। ଯଥା: -

ଖାଇତେ, ଯାଇତେ, ଶୁଇତେ, ଧୁଇତେ, ଲେଖିତେ

(ଖ) ସପ୍ତମୀ ବିଭକ୍ତି ସ୍ଥାନରେ ଷଷ୍ଠୀ ବିଭକ୍ତିର ବ୍ୟବହାର ହୁଏ।

ଯଥା - ଗଛରେ > ଗଛର ବଳିରେ > ବିଲର

ପୋଖରୀରେ > ପୁଖୁରୀର ରାତିରେ > ରାତିର

**(ग) କ୍ରିୟାଗତ ବୈଶିଷ୍ଟ୍ୟ :**

ଯଥା - ଖାଉଛି - ଖାଉଚୁ          ହୋଇନାହିଁ - ହୋଇନି

ଦେଇଥାନ୍ତି - ଦେଇଥାତି

(ଘ) କେତେକ ବିଶିଷ୍ଟ ପ୍ରକାର୍ଯ୍ୟାତ୍ମକ ଶବ୍ଦର ବ୍ୟବହାର -

/ କାତେ / - ପରିମାଣ ଅର୍ଥରେ - ମତେ ସେରେ କାତେ ଚଉଳ ଦିଅ ।

(ଙ) ଭିନ୍ନ ସର୍ବନାମର ବ୍ୟବହାର -

ଯଥା - ଏଟା - ଇଟା          କେଉଁଠି - କେଇଠି, କେଠି

ସେହିଟା - ହିଆଟା          କ'ଣ - କି (କି ହାଲ ? / କି କହୁଚୁ)

ସେଟା - ସିଟା          କି - କାହିଁକି

କାହିଁକି - କେଣେ

(ଚ) ନିମିତ୍ତାର୍ଥ ବିଭକ୍ତି / ପାଇଁ / ସ୍ଥାନରେ / ଜୁଗୁରୁ / ବା / ନିଗି / ର ପ୍ରୟୋଗ ହୁଏ ।

ଯଥା - ତଅରି ଜୁଗୁରୁ ମର ସର୍ବନାଶ ହେଲା ।

ତଅରି ନିଗି ମର ଏତେ ଘଟି ହେଲା ।

(ଛ) ପଞ୍ଚମୀ ବିଭକ୍ତି 'ର' ସ୍ଥାନରେ, 'ନୁ' ର ପ୍ରୟୋଗ -

ଯଥା - ଗାତରୁ > ଗାତନୁ          ଯାତ୍ରାରୁ > ଯାତ୍ରାନୁ

ପାହାନ୍ତାରୁ > ପାହାନ୍ତାନୁ

(ଜ) ସମବୟସ୍କ ଓ କନିଷ୍ଠମାନଙ୍କୁ ସମ୍ବୋଧନାତ୍ମକ କ୍ଷେତ୍ରରେ 'ବେ'ର ପ୍ରୟୋଗ ।

ଯଥା - କିବେ କିସ ହେଲା ?

ବେ ଆଉ ଖାଆନା ।

ସେତେବେଳେ ତୁ କିସ କରୁଥିଲୁ ବେ ?

(ଝ) ବହୁବଚନରେ 'ଗା' ର ପ୍ରୟୋଗ ।

ଯଥା - ଏତେଗା, ସେତେଗା

(ଞ) ପ୍ରଶ୍ନସୂଚକ ଅର୍ଥରେ 'ନିକି' ର ପ୍ରୟୋଗ ।

ଯଥା - ତୁମେ ସ୍କୁଲ ଯିବ ନିକି ?

**(୪) ଶବ୍ଦ ସମ୍ଭାର :**

ଅକଳିଆ - ଅସୁବିଧା          ଅକୁଳାନ - ନିଅଣ୍ଟ

ଅଡ଼ତ - ମାଛରପ୍ରାନୀ କେନ୍ଦ୍ରଅଙ୍ଗିତା - ଟଙ୍କା ପଇସା ହାତ କରିବା

ଅଙ୍ଗରା - ଅଙ୍ଗାର
ଅଂଗା - ଜାମା, କୁରୁତା

ଅଘା - ଲକ୍ଷ୍ୟ
ଅଚକରା - ତୀବ୍ର

ଅନିଶା - ନଜର
ଅଣ - ଝୋଳ

ଅଭିଆଡ଼ା - ଅବିବାହିତ
ଅନ୍ଧୁଲି / ଅନ୍ଧ୍‌ଲି - ମୁଗୁରା

ଅତା - ଆତ
ଅଫିସାର - ଅଫିସର

ଅଟଙ୍ଗା - ଶକ୍ତ ନଡ଼ାଗୁଚ୍ଛ
ଅଣ୍ଟାପଇଁଚି - ଅଣ୍ଟାସୂତା

ଅଦଉତି - ହଇରାଣ
ଅଧରିଯିବା - ତଳକୁ ଖସି ଆସିବା

ଅବାହୁଳା - ଅଭିଆଡ଼
ଅଶୁଳ - ରୋଗୀ

ଅଶୁଦିଆ - ଅଶୌଚ
ଅଶୁଦ୍ - ଔଷଧ

ଅଷ୍ଟଘଡ଼ି - ସର୍ବଦା
ଅସ୍‌ଲା - ଅସରପା

ଅହିଆ - ଚୁଲି
ଅସା - ଅଗାଡ଼ି / ନିଷ୍ଫଳ

ଅହନ୍ତା - ପ୍ରତିହିଂସା
ଅହଣବେଳ - ଉପରଓଳି

ଆଇବାସ - ଅଭ୍ୟାସ
ଆକ - ଆଳୁଅ

ଆଡ଼ିଆ - ଉଚ୍ଚଭୂମି
ଆଭଣ୍ଡିବା - ଘାଣ୍ଟିବା

ଆସିମି - ଆସିବି
ଆଲ - ଆଳୁଅ

ଆଣ୍ଟିବା - ଆକଟ କରିବା, ଶାସନ କରିବା
ଇଖୁଣି - ବର୍ତ୍ତମାନ

ଉଜୁଆଁ ପର୍ବ - ଏକ ପର୍ବବିଶେଷ (ବିସର୍ଜନ)
ଉଲ - ଓଲୁଅ

ଉତା - ଓଳି
ଉତିଆଣି - ଦୁଧଖିଆ ଛୁଆ

ଉପିବା - ଚିକ୍କଣ କରିବା
ଉଦ୍‌କୁଖୁଳୀ - ଅଧୈର୍ଯ୍ୟହେବା

ଉପୁଚେଇ - ଉଛୁଳି ଆସିବା
ଉଦୁଆ - ମେଳା

ଉଡାକଳ - ଉଡାଜାହାଜ
ଉଡାଯାତ୍ରା - ଦଣ୍ଡାଯାତ୍ରା

ଏଣ୍ଡି - ଏରୁଣ୍ଡି
ଏସନ - ଏ ବର୍ଷ

ଏକ୍ଷୁଣ - ବର୍ତ୍ତମାନ
କକରଧନ - ହଇରାଣ

କତି - ପାଖ
କଳଖୁର ପାତିଆ - ବ୍ଲେଡ୍‌ପାତିଆ

ଲୁସେଇବା - ଶୀଘ୍ର ଶେଷ କରିବା
ସରିସୁରା ଯିବା - ଶେଷ ହୋଇଯିବା

ସଙ୍ଗ ସାରିଷା - ସାଙ୍ଗସାଥୀ
ସେରା - ଶ୍ରେଷ୍ଠ

ହିସ୍‌ମିସ୍ - ରାଗ　　　　　　ହୁଣ୍ଟୁରି ପଡ଼ିବା - ଝୁଣ୍ଟିବା

ହେଙ୍ଗିବା - ଦେଖିବା　　　　　　ହେଣ୍ଡା - ବୋକା

**ମୟୂରଭଞ୍ଜର ଭାଷାଗତ ବୈଶିଷ୍ଟ୍ୟ :**

**(୧) ଧ୍ୱନିଗତ ବୈଶିଷ୍ଟ୍ୟ :**

(କ) କେତେକ ଶବ୍ଦର ଅନ୍ତସ୍ୱର ଲୋପ ପାଏ।

ଯଥା : - ବାଉଁଶ > ବାଁଶ୍　　　ଘର > ଘର୍

(ଖ) କେତେକ ଶବ୍ଦର ଅନୁନାସିକ ଧ୍ୱନିର ପ୍ରୟୋଗ।

ଯଥା : - କୂଅ > କୂଅଁ

(ଗ) 'ଣ' ର 'ନ' ରେ ପରିଣତ ହେବା।

ଯଥା : - ଶ୍ରାବଣ > ଶ୍ରାବନ୍

**(୨) ରୂପଗତ ବୈଶିଷ୍ଟ୍ୟ :**

(କ) ଦ୍ୱିତୀୟା ବିଭକ୍ତିରେ କେ ର ପ୍ରୟୋଗ ହୋଇଥାଏ।

ଯଥା - ଆସିଲାବେଳେ ସୀତାକୁ ଦେଖିଲି।

ଆସବାର୍ ଖଣେ ସୀତାକେ ଦେଖ୍‌ଲି।

(ଖ) ବାକ୍ୟ ମଧ୍ୟରେ କ୍ରିୟାର ପରିବର୍ତ୍ତନ ଘଟେ।

ଯଥା - ଗୋବିନ୍ଦ ସେଠାକୁ ଗଲା ନାହିଁ - ଗୋବିନ୍ଦ ସେଠାକେ ନାଇଁ ଗଲା।

ପ୍ରଫୁଲ୍ଲ ଦାଣ୍ଡରେ ଛିଡ଼ା ହୋଇଛି - ପ୍ରଫୁଲ୍ଲ କୁହ୍ନିରେ ଠିଆଡ଼ ହୋଇଚି।

ତୁମେ ଆଜି ଭଲ ଦେଖା ଯାଉଚ - ତୋକେ ଆଜ୍ ଭଲ୍ ଦେଖେଉଛି।

(ଗ) ସର୍ବନାମ -

ମୁଇଁ (ମୁଁ), ତୁଇ (ତୁ), ସେଇମାନେ (ସେମାନେ)

(ଘ) ସମ୍ବୋଧନରେ 'ଆଗୋ', 'ଗୋ', 'ଏ', 'ବେ' ପ୍ରଭୃତିର ବ୍ୟବହାର।

(ଙ) ବାକ୍ୟ ଗଠନ ପଦ୍ଧତି -

ମୁଁ ଘରକୁ ଯାଉଛି - ଘର୍ ଯାଉଚି ମୁଇଁ।

କୋଉଠିକାର ଚେର - ତୁର କାଇଁକାର।

**(୩) ଶବ୍ଦଗତ ବୈଶିଷ୍ଟ୍ୟ :**

ଅଣପରଖଶ - ଅଣରଖ　　　　　　କାନ୍ଦେଇଦେବା - କନ୍ଦେଇଦେବା

ଆୟନ - ଆସେ　　　　　　କାଟ୍‌ଖିଆ - ଏକପ୍ରକାର ଗାଳି

କି - କ'ଣ
କଟୁରୀ - ଟାଙ୍ଗିଆ
କାଇଁଯିବୁ - କୁଆଡ଼େ ଯିବୁ
ଆଜକାଲ୍ - ଆଜିକାଲି
ଏଇଗା, ଏଗା - ଏଗୁଡ଼ାକ
କହାଁ - କାହିଁକି
କର୍ଲି - କଲି
କିସ - କ'ଣ
ଝୁମ୍ର - ଲୋକଗୀତ
ତୁମେଗା - ତୁମେମାନେ
ଦାଦା - ଅଜା
ନାଡ଼ି - ସଜନା ଛୁଇଁ
ପାଢୁ - ଖେଳରେ ହାରିଯାଇଥିବା କୁକୁଡ଼ା
ମକେ - ମୋତେ
ହଇକି ଗୋ - ଏକ ପ୍ରକାର ସମ୍ବୋଧନ
ସେଗା - ସେଗୁଡ଼ିକା
କେ ଆଡ଼େ - କେଉଁଆଡ଼େ
ଘାଣ୍ଟିଆ - ଘାଣ୍ଟ ତରକାରୀ
ଛଣ୍ଡି - ଝିଅ
ଟାଣ୍ଡି - ପଡ଼ିଆ
ନାନା - ଆଇ
ଡିଙ୍ଗିଲା - କଖାରୁ

କି କହୁଚୁ - କ'ଣ କହୁଛୁ
କି ଗୋ - ସମ୍ବୋଧନ ସୂଚକ
କେନେ - କାହିଁକି
ଖୁସୁଣି - ପିଠାଖଡ଼ି
ଗୁଇଠା - ଗୋଇଠା
ଚୁର - ଚୋର
ଚଲୁଥିଲାନି - ଚଳୁ ନଥିଲା
ଜ୍ୟାକିଟ୍ - ବ୍ଲାଉଜ୍
ଟୁସପରବ - ମାହାନ୍ତ ସମ୍ପ୍ରଦାୟର ଏକ ପର୍ବ
ତୁକେ, ତକେ - ତତେ
ନାହିଁ ହବ - ହବ ନାହିଁ
ପରୋଛୁନ୍ - ପଚାରୁଛ
ପିନ୍ଧା - ଧୋତି
ହଁ ଗୋ - ସମ୍ମାନ ଅର୍ଥରେ ହଁ କରିବା
ଲୁକ - ଲୋକ
କି' ଯେ - କ'ଣ ଯେ
ଗେଲି - ଗଲି
ଚୁଆ - କୂଅ
ଖସାତେଲ - ରାଶିତେଲ
ତୁଇ - ତୁ
ଲୁକୁଛି - ଲୁଚୁଛି

## ୪.୮ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

### (୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ ।

(କ) ଉପଭାଷା କାହାକୁ କୁହାଯାଏ ?

(ଖ) ଓଡ଼ିଶାରେ କେତୋଟି ଉପଭାଷା ରହିଛି ?

(ଗ) ଉପଭାଷା ଭାଷାର.......... ଓ ......... ରେ ସାହାଯ୍ୟ କରିଥାନ୍ତି ?

(ଘ) ପଶ୍ଚିମାଞ୍ଚଳୀୟ ଓଡ଼ିଆ ଉପଭାଷା କେଉଁ କେଉଁ ଜିଲ୍ଲାମାନଙ୍କରେ ବ୍ୟବହୃତ ହେଉଥିବା ଦେଖିବାକୁ ମିଳେ ?

(ଙ) ସାର ଜର୍ଜ ଗ୍ରୀୟାରସନ୍‌ଙ୍କ ମତରେ ଓଡ଼ିଶାର କେଉଁ ଅଞ୍ଚଳର ଭାଷାକୁ ଖାଣ୍ଟି ଓଡ଼ିଆ ଭାଷା (Standard Oriya) ବୋଲି କୁହାଯିବ ?

(ଚ) ଓଡ଼ିଆ ଉପଭାଷା ସଂପର୍କରେ ଅଧ୍ୟୟନ କରି ସେ ବିଷୟରେ ପୁସ୍ତକ ରଚନା କରିଥିବା ପ୍ରମୁଖ ଚାରିଜଣ ବ୍ୟକ୍ତିଙ୍କ ନାମ ଲେଖ ।

(ଛ) ବଙ୍ଗଳା ଭାଷାର ପ୍ରଭାବରେ ବ୍ୟବହୃତ ପାଞ୍ଚୋଟି ଅସମାପିକା କ୍ରିୟାର ଉଦାହରଣ ଦିଅ ।

**(୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ।**

(କ) ଉପଭାଷାର ସଂଜ୍ଞା ନିର୍ଦ୍ଧାରଣ କରି ଓଡ଼ିଆ ଭାଷାର ଉପଭାଷା ସଂପର୍କରେ ସୂଚନା ପ୍ରଦାନ କର ।

(ଖ) ଦକ୍ଷିଣାଞ୍ଚଳ ଓଡ଼ିଆ ଉପଭାଷା ଓ ତା'ର ବୈଶିଷ୍ଟ୍ୟ ସଂପର୍କରେ ଆଲୋଚନା କର ।

## ୪.୯ ସହାୟକ ଗ୍ରନ୍ଥସୂଚୀ


- ଭାଷା ଓ ଭାଷାବିଜ୍ଞାନ : ଡକ୍ଟର ପ୍ରେମାନନ୍ଦ ମହାପାତ୍ର ।
- ଓଡ଼ିଆ ଭାଷାର ବିଭବ : ଡକ୍ଟର ବିଜୟ ପ୍ରସାଦ ମହାପାତ୍ର ।
- ଓଡ଼ିଆ ଭାଷାର ଉତ୍ପତ୍ତି ଓ କ୍ରମବିକାଶ : ଡକ୍ଟର ବଂଶୀଧର ମହାନ୍ତି ।


❑❑❑



ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

Odisha State Open University, Sambalpur

www.osou.ac.in
e-mail: info@osou.ac.in